

‘ପଠାନ୍ ୨’ରେ ଜୁନିୟର୍ ଏନ୍‌ଟିଆର୍

▶ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-172 ◆THURSDAY ◆18 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୭୨ ◆ଗୁରୁବାର ◆୧୮ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ୧୦ ଡିଗ୍ରୀ ତଳେ ୧୦ ସହର; ଜାରି ରହିବ ଶୀତ ଲହରୀ

■ ଭୁବନେଶ୍ୱର, ୧୭ ।୧୨ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ଜାରି ରହିଛି । ତଳମୁହାଁ ପାରଦ ଯୋଗୁଁ ସାରା ରାଜ୍ୟ ଜାଡ଼ରେ ଥରୁଛି । ରାତିର ତାପମାତ୍ରା ଅହେତୁକ ହ୍ରାସ ପାଇବା କାରଣରୁ ସନ୍ଧ୍ୟାରୁ ଶୀତ ମାଡ଼ି ଆସୁଛି । ଗତ ୨୪ ଘଣ୍ଟାରେ ରାଜ୍ୟର ୧୦ ଟି ସହର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ଏହି ସ୍ଥିତି ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ର କହିଛି ଯେ ଗତ ୨୪ ଘଣ୍ଟାରେ ୫.୭ ଡିଗ୍ରୀ ସହ ସେମିଳିଗୁଡା ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । କୋରାପୁଟରେ ତାପମାତ୍ରା ୬ ଡିଗ୍ରୀ ଜି.ଉଦୟଗିରି ୬.୬, ଝାରସୁଗୁଡା ୭.୨, ଦାରିଙ୍ଗବାଡି ୮, ବୌଦ୍ଧ ୯.୪, ଚିପିଲିମା ୧୦, ଅନୁଗୁଳ ୧୦, ରାୟଗଡ଼ା ୧୦ ଓ ନବରଙ୍ଗପୁରରେ ମଧ୍ୟ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି । କୋରାପୁଟରେ ତାପମାତ୍ରା ସ୍ୱାଭାବିକ ଠାରୁ ୫.୨ ଡିଗ୍ରୀ କମ୍ ଥିବା ବେଳେ ଝାରସୁଗୁଡ଼ାରେ ଏହା ୪.୫ ଡିଗ୍ରୀ ତଳେ ରହିଛି । ଗତ ଦୁଇଦିନ ହେବ କିଛି କିଛି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇଥିବାରୁ ଶୀତ ଅପେକ୍ଷାକୃତ ବଢ଼ିଛି ।

ଗତ ୨୪ ଘଣ୍ଟାରେ କିଛି କିଛି ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହୋଇଥିବା ବେଳେ ଆଗାମୀ ଦୁଇଦିନ ଏହି ସ୍ଥିତି ଜାରି ରହିବ । କୋରାପୁଟ, କନ୍ଧମାଳ, ସୁନ୍ଦରଗଡ ଜିଲ୍ଲାକୁ ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, ସମ୍ବଲପୁର, ସୋନପୁର ଓ କୋରାପୁଟରେ ମଧ୍ୟମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି ।

## ଦିଲ୍ଲୀରେ ପ୍ରଦୂଷଣ ଅସହ୍ୟ; ଗାଡ଼ି ଚଳାଚଳରେ କଟକଣା

### ଘରୁ କାମ କରିବେ ୫୦% କର୍ମଚାରୀ

### ପ୍ରଭାବିତ ଶ୍ରମିକଙ୍କୁ ୧୦ ହଜାର କ୍ଷତିପୂରଣ



■ ନୂଆଦିଲ୍ଲୀ, ୧୭ ।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ବିଷାକ୍ତ ପ୍ରଦୂଷଣ କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ସବୁ ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀ ୱାର୍କ ଫ୍ରମ୍ ହୋମ ଅର୍ଥାତ ଘରୁ କାର୍ଯ୍ୟ କରିବା ବାଧ୍ୟତାମୂଳକ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି । ତେବେ ସ୍ୱାସ୍ଥ୍ୟସେବା, ଅଗ୍ନିସମ ସେବା, ଜେଲ ପ୍ରଶାସନ, ସାର୍ବଜନୀନ ପରିବହନ ଓ ବିପର୍ଯ୍ୟ ପରିଚାଳନା ଭଳି କ୍ଷେତ୍ରକୁ ଏହି ନିୟମରୁ ବାଦ୍ ଦିଆଯାଇଛି । ସୂଚନାଯୋଗ୍ୟ ଯେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି-୩) ତୃତୀୟ ପର୍ଯ୍ୟାୟ ଦିଲ୍ଲୀରେ ୧୬ ଦିନ ପାଇଁ କାର୍ଯ୍ୟକାରୀ ▶ପୃଷ୍ଠା-୭

### ଦେଶରେ ୨୫ ସହରରେ ଗଡ଼ୁଛି ମେଟ୍ରୋ ରେଳ

# ଓଡ଼ିଶାରେ ମେଟ୍ରୋ ଭବିଷ୍ୟତ ଅନ୍ଧାର

■ ଭୁବନେଶ୍ୱର, ୧୭।୧୨ (ସମିସ): ସମଗ୍ର ଦେଶରେ ମେଟ୍ରୋ ରେଳ ନେଟୱାର୍କ ଧୀରେଧୀରେ ବଢ଼ିବାରେ ଲାଗିଛି । କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ ଏଯାବତ୍ ଦେଶର ୨୫ଟି ସହରରେ ମେଟ୍ରୋ ରେଳ କାର୍ଯ୍ୟକ୍ଷମ ହେଲାଣି । ମାତ୍ର ଏହି ସମୟରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି । ପୂର୍ବରୁ ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ଆଗକୁ ବଢ଼ିଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ବର୍ତ୍ତମାନ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଏକପ୍ରକାର ଶୀତଳଭଣ୍ଡାରକୁ ଚାଲି ଯାଇଛି । ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରିଛନ୍ତି । ମେଟ୍ରୋ ସେବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନୀତି ଆଦୌ ଜନ ହିତକର ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଆସନ୍ତା ୨୧ ତାରିଖରେ ମଧ୍ୟପ୍ରଦେଶରେ ଭୋପାଳ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ



ଯାଉଛି । ଏହି ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିସି ଯୋଗେ ଉଦଘାଟନ କରିବେ । କେବଳ ଭୋପାଳ ନୁହେଁ, ବର୍ତ୍ତମାନ ଦେଶର ଏକାଧିକ ରାଜ୍ୟରେ ମୋଟ୍ରୋ ପ୍ରକଳ୍ପ ଜାରି ରହିଛି । ଦକ୍ଷିଣ ଭାରତରେ ବର୍ତ୍ତମାନ କର୍ଣ୍ଣାଟକ, କେରଳ, ତାମିଲନାଡୁ ଓ ତେଲେଙ୍ଗାନାରେ ପ୍ରାୟ ୨୫୧ କିଲୋମିଟର ବିଶିଷ୍ଟ ନୂଆ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ପୂର୍ବରୁ ଉପରୋକ୍ତ ୪ ରାଜ୍ୟରେ ୨୪୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଲାଇନ

### ୨୧ରେ ଭୋପାଳ ମେଟ୍ରୋ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

### ଦକ୍ଷିଣ ଭାରତରେ ନିର୍ମାଣ ଚାଲିଛି ୨୫୧ କିମି ମେଟ୍ରୋ ଲାଇନ

କାର୍ଯ୍ୟକ୍ଷମ ହୋଇ ସାରିଥିବା ବେଳେ ଏହି ନୂତନ ରେଳ ଲାଇନ ଦକ୍ଷିଣ ଭାରତରେ ମେଟ୍ରୋ ରେଳ ସେବାକୁ ନୂଆ ଉଚ୍ଚତା ପ୍ରଦାନ କରିବ । ଉପରୋକ୍ତ ପ୍ରକଳ୍ପଗୁଡ଼ିକ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟନ୍ୱୟନ ହେଉଥିବା ଜଣାପଡ଼ିଛି । ଏତଦବ୍ୟତୀତ ଆନ୍ଧ୍ର ପ୍ରଦେଶ ସରକାର ଭାଇଜାଗ, ବିଜୟୱାଡାରେ ନିଜସ୍ୱ ଉଦ୍ୟମରେ ମେଟ୍ରୋ ସେବା ଆରମ୍ଭ କରିବାକୁ ଯାଉଛନ୍ତି । ସମାନ ସମୟରେ ରାଜ୍ୟ ବିଜେପି ସରକାରଙ୍କ ମେଟ୍ରୋ ରେଳ ପ୍ରତି ଉଦାସୀନତା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି । ବିହାର, ଉତ୍ତର ପ୍ରଦେଶ, ହରିୟାଣା ପରି ରାଜ୍ୟରେ ଭୁବନେଶ୍ୱରଠାରୁ ଅପେକ୍ଷାକୃତ ଅନୁନ୍ନତ ସହରରେ ମେଟ୍ରୋ ସେବା ଆରମ୍ଭ ହୋଇ ସାରିଥିବା ବେଳେ କେଉଁ କାରଣରୁ ରାଜ୍ୟ ବିଜେପି ସରକାର ଭୁବନେଶ୍ୱର ମେଟ୍ରୋ ସେବାକୁ ନେଇ ଆଗକୁ ବଢୁନାହାନ୍ତି, ତାହାର ଉତ୍ତର କାହା ପାଖରେ ନାହିଁ । ସରକାରଙ୍କ ଯୁକ୍ତି ଅନୁଯାୟୀ ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ପାଇଁ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି । କମିଟିର ରିପୋର୍ଟ ଏବଂ ସୁପାରିଶ ଆଧାରରେ ସରକାର ଆଗାମୀ ଦିନରେ ଅନ୍ତିମ ସିଦ୍ଧାନ୍ତ ନେବେ । ତେବେ ▶ପୃଷ୍ଠା-୭

## ବିଗୁଡ଼ୁଛି ବାଂଲାଦେଶ ସ୍ଥିତି; ଭାରତୀୟ ହାଇକମିସନକୁ ବିପଦ

■ ନୂଆଦିଲ୍ଲୀ, ୧୭ ।୧୨ (ଏଜେନ୍ସି): ବାଂଲାଦେଶରେ ଆସନ୍ତାବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ସାରା ଦେଶରେ ଏବେ ହିଂସା ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ବାଂଲାଦେଶରେ କେତେକ ଚରମପନ୍ଥୀ ଭାରତ ବିରୋଧରେ ବିଷ ଉଗାରୁଛନ୍ତି । କେବେ ଭାରତକୁ ଭାଗ ଭାଗ କରିବାକୁ କହୁଛନ୍ତି ତ କେବେ ଢାକା ସ୍ଥିତ ଭାରତୀୟ ହାଇକମିସନ ଉପରେ ଆକ୍ରମଣ କରିବାକୁ ଧମକ ଦେଉଛନ୍ତି । ଭାରତ ସରକାର ଏହାକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ବାଂଲାଦେଶ ହାଇକମିସନରଙ୍କୁ ସମନ୍ କରିଛନ୍ତି । ଭାରତୀୟମାନଙ୍କ ନିରାପତ୍ତା ପ୍ରତି ଗୁରୁତ୍ୱ ଦେବାଲାଗି ତାଙ୍କୁ ଭାରତ ସରକାର ପରାମର୍ଶ ଦେଇଛନ୍ତି । ଏହାସହିତ ନିରାପତ୍ତା କାରଣରୁ ରାଜଧାନୀ ଢାକାସ୍ଥିତ ଭାରତୀୟ ଭିସା ଆବେଦନ କେନ୍ଦ୍ର (ଆଇଭିଏସି) କୁ ବନ୍ଦ କରି ଦିଆଯାଇଛି ।

ଆଜି କେତେକ ଚରମପନ୍ଥୀ ସଂଗଠନ ପକ୍ଷରୁ ଭାରତର ହାଇକମିସନ ଅଫିସ ଘେରାଉ କରାଯିବା ଲାଗି ଉଦ୍ୟମ ହୋଇଥିଲା । ସଂଗଠନର କର୍ମୀମାନେ ହାଇକମିସନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା । ସେମାନେ ବାରିକେଡ ଭାଙ୍ଗି ଅଗ୍ରସର ହେଉଥିବା ବେଳେ ପୁଲିସ ଆଗକୁ ବଢ଼ିବାକୁ ଦେଇନଥିଲା । ସେମାନେ ଭାରତ ବିରୋଧୀ ସ୍ଲୋଗାନ ଦେବା ସହିତ ବିତାଡ଼ିତ

### ବାଂଲା ହାଇକମିସନରଙ୍କୁ ସମନ୍

### ଢାକାରେ ଭାରତ ଭିସା କେନ୍ଦ୍ର ବନ୍ଦ

ପ୍ରଧାନମନ୍ତ୍ରୀ ହସିନାଙ୍କୁ ତୁରନ୍ତ ଫେରାଇବା ଲାଗି ଦାବି କରିଥିଲେ । ବାଂଲାଦେଶ ନ୍ୟାସନାଲ ସିଟିଜେନ ପାର୍ଟି (ଏନ୍‌ସିପି) ନେତା ହସନାତ ଅବଦୁଲ୍ଲା ଧମକ ଦେବାର ଗୋଟିଏ ଦିନ ପରେ ଗତକାଲି ଭାରତୀୟ ହାଇକମିସନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ▶ପୃଷ୍ଠା-୭

## ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ

■ ପୁରୀ, ୧୭।୧୨ (ସମିସ): ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ, କ୍ୟାମେରା ନେବା ଉପରେ କଟକଣା ରହିଛି । ସୁରକ୍ଷା ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଥିଲେ ହେଁ ଏହି କଟକଣାକୁ ଅନେକ ନାଲିଆଖି ଦେଖାଉଛନ୍ତି । ଫଳରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତରର ସମ୍ବେଦନଶୀଳ ଫଟୋ ବାହାରେ ବୁଲୁଛି । ଏବେ ଗର୍ଭଗୃହ ଏବଂ ରତ୍ନସିଂହାସନରେ ମହାପ୍ରଭୁଙ୍କ ଫଟୋ ଏ ମୋବାଇଲରୁ ସେ ମୋବାଇଲକୁ ଘୂରି ବୁଲୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିରକୁ ନେଇ କୌଣସି କଟକଣା କିମ୍ବା ନିୟମ ହେଲେ କିଛିଦିନ ଧରପଗଡ଼ ହୋଇଥାଏ । ଧୀରେ ଧୀରେ ତା’ ଉପରୁ ନଜର ହଟିବା ପରେ ପୁଣି ପୂର୍ବାବସ୍ଥାକୁ ସ୍ଥିତି ଫେରିଆସେ । ମୋବାଇଲ କଟକଣା ବର୍ତ୍ତମାନ ସେହିଭଳି ସ୍ଥିତିରେ ରହିଥିବା ଚର୍ଚ୍ଚା ହେଉଥିବା ବେଳେ ବଡ଼ ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ▶ପୃଷ୍ଠା-୭



### ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

## ମହିଳା ମହାବିଦ୍ୟାଳୟ ଅତିଥି ଅଧ୍ୟାପିକାଙ୍କୁ ହତ୍ୟା

■ କେନ୍ଦୁଝର, ୧୭।୧୨ (ସମିସ): କେନ୍ଦୁଝର ସହରରେ ବୁଧବାର ଜଣେ ଅଧ୍ୟାପିକାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଟାଉନ ପୁଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତାଙ୍କର ପୁରୁଷ ବନ୍ଧୁ ରୁଦ୍ରନାରାୟଣ ମିଶ୍ରଙ୍କୁ ଗିରଫ କରିଛି । ଅଧ୍ୟାପିକା ଗତକାଲି ଛୁଟିରେ ଥିବାବେଳେ ଆଜି ତାଙ୍କର ମୃତ୍ୟୁ ଘଟଣା ଅଧିକ ଚର୍ଚ୍ଚାର ବିଷୟ ହୋଇଛି । ପରିବାର ପକ୍ଷରୁ ମୃତା ଅଧ୍ୟାପିକାଙ୍କ ଦାଦା ହେମେନ୍ଦ୍ର ପ୍ରସାଦ ଦାଶ ଟାଉନ ଥାନାରେ ଏତଲା ଦେଇଛନ୍ତି । ଟାଉନ ପୁଲିସ ଏକ ମାମଲାରେ ଓଡି୦୯-ଏମ୍-୩୧୩୨ ନମ୍ବର ବିଶିଷ୍ଟ ମାରୁତି ସ୍ୱିଫ୍ଟ ଡିଜାୟାର କାର୍‌କୁ ଜବତ କରିଛି । ଅଭିଯୁକ୍ତ ଜଣକ ଡାକ୍ତରଖାନାରେ ଅଧ୍ୟାପିକାଙ୍କ ମୃତଦେହ ଛାଡି ଉକ୍ତ କାର୍ ଯୋଗେ ଫେରାର୍ ହୋଇଯାଉଥିବା ସମୟରେ ପୁଲିସ ପିଛା କରି କେନ୍ଦୁଝର ସହରର ବିଜୁ ପଟ୍ଟନାୟକ ଛକ ନିକଟରୁ କାର୍‌ଟିକୁ ଜବତ କରିଥିବା ସୂଚନା ମିଳିଛି ।

### ପୁରୁଷ ବନ୍ଧୁ ଗିରଫ, କାର୍ ଜବତ

କେନ୍ଦୁଝର ଟାଉନ ଥାନା ମାଇନିଂରୋଡସ୍ଥିତ ନିର୍ମଳା କନଭେଣ୍ଟ ସ୍କୁଲ ପାଖରେ ଏକ ଘରେ ରହୁଥି ।ଲେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ପ୍ରିୟଙ୍କା ଦାଶ (୨୫) । ସେ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ତାଳପଦା ଗ୍ରାମର ଧିରେନ୍ଦ୍ର ପ୍ରସାଦ ଦାଶଙ୍କ ଝିଅ ଏବଂ ଦୁଇ ବର୍ଷ ▶ପୃଷ୍ଠା-୭

## ସ୍କୁଲ୍ ସୂଚନା ଫଳକ ପଡ଼ି ଛାତ୍ର ମୃତ

■ କୋଟପାଡ଼, ୧୭।୧୨ (ସମିସ): କୋଟପାଡ଼ ଥାନା ଅନ୍ତର୍ଗତ ଡାମନାହାଣ୍ଡି ପଞ୍ଚାୟତ ସରକାରୀ ଉନ୍ନୀତ ଆଶ୍ରମ ବିଦ୍ୟାଳୟ ଗାନ୍ଧୀନଗରଠାରେ ସୂଚନା ଫଳକ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ଏଥିରେ ଅନ୍ୟ ୨ ଜଣ ଛାତ୍ର ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ମୃତକ ଛାତ୍ର ହେଲେ ଗୁମୁଡ଼ା ପଞ୍ଚାୟତ ସୁଉନିଗୁଡ଼ା ଗ୍ରାମର ପ୍ରେମାନନ୍ଦ ଭତ୍ରା । ସେ ତୃତୀୟ ଶ୍ରେଣୀ ରେ ପାଠ ପଢୁଥିଲେ । ସୂଚନା ମୁତାବକ ଆଜି ସକାଳେ ପ୍ରେମାନନ୍ଦ ଓ ତାଙ୍କର ଦୁଇଜଣ ସାଙ୍ଗ ସ୍କୁଲ ଭିତରେ ଥିବା ଇଟା ତିଆରି ସୂଚନା ଫଳକକୁ ଲାଗି ବସି ଦାନ୍ତ ଘସୁଥିଲେ । ହଠାତ୍ ସୂଚନା ଫଳକ ପ୍ରେମାନନ୍ଦଙ୍କ ଉପରେ ପଡ଼ିଥିଲା । ଫଳରେ ସେ ଫଳକ ତଳେ ଦବି ଯାଇଥିଲେ । ▶ପୃଷ୍ଠା-୭

### ୨ ଗୁରୁତର; କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତାରୋକ

### ବନ ବିଭାଗରେ ‘ଥର୍’ କମ୍ପନ

# ‘ମୋଡିଫିକେସନ୍’ର ତଦନ୍ତ ହେବ: ମନ୍ତ୍ରୀ

■ ଭୁବନେଶ୍ୱର, ୧୭ ।୧୨ (ସମିସ): ଜଙ୍ଗଲ ବିଭାଗ କିଣିଥିବା ୫୧ଟି ମହିନ୍ଦ୍ରା ଥର ଗାଡ଼ି କିଣା ଓ ପ୍ରତି ଗାଡ଼ିରେ ୧୦ ଲକ୍ଷ ଟଙ୍କାର ମୋଡ଼ିଫିକେସନ ଖର୍ଚ୍ଚକୁ ନେଇ ସୃଷ୍ଟି ହୋଇଛି କମ୍ପନ । କିଣାଯାଇଥିବା ଥର ଗାଡ଼ିଗୁଡ଼ିକର ସବୁଠାରୁ ଟପ୍ ମଡ଼େଲର ମୂଲ୍ୟ ୧୯ ଲକ୍ଷ ଟଙ୍କା ହୋଇଥିବାବେଳେ ୧୪ ଲକ୍ଷ ଟଙ୍କାର ଗାଡ଼ି କିଣି ଏଥିରେ ପୁଣି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପ୍ରସଙ୍ଗ ଲୋକମାନଙ୍କ ମଗଜରେ ପଶୁନାହିଁ । ଏମିତି କି ମୋଡ଼ିଫିକେସନ ହେଲା ଯେ ପ୍ରତି ଗାଡ଼ିରେ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେଲା, ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି । ଏ ସଂକ୍ରାନ୍ତରେ ‘ସକାଳ’ରେ ଖବର ପ୍ରକାଶ ପରେ ବିଭାଗରେ ହଇଚଇ ସୃଷ୍ଟି ହୋଇଛି ।

ଏହାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ମୁହଁ ଖୋଲିଛନ୍ତି ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ବୁଧବାର ମନ୍ତ୍ରୀ କହିଛନ୍ତି ଯେ, ଗାଡ଼ିଗୁଡ଼ିକର ମୋଡିଫିକେସନର ଆବଶ୍ୟକତା ଥିବା ଦୃଷ୍ଟିରୁ ହେଇ ଥାଇପାରେ । କିନ୍ତୁ ଯଦି ଆବଶ୍ୟକତା ଠାରୁ ଅଧିକ ହୋଇଥାଏ, ଖର୍ଚ୍ଚ ଅଧିକ ହୋଇଥାଏ ତା ହେଲେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବ । ଏହି ଗାଡ଼ିଗୁଡ଼ିକ ବର୍ତ୍ତମାନ ପିସିସିଏଫ୍‌ଙ୍କ ଅଧୀନରେ ରହିଛି । କ’ଣ ପାଇଁ ଅଧିକ ଖର୍ଚ୍ଚ ହୋଇଛି ତାହାର ତଦନ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ବିଭାଗୀୟ ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ବନ ବିଭାଗରେ ଭାଳେଣି ପଡ଼ିଛି । କାରଣ ଏହି ଗାଡ଼ିଗୁଡ଼ିକ କିଣାଯିବା ଓ ଏହାର ଉଦ୍‌ଘାଟନ ହେବାକୁ ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ବିବାଦ ଏବେ ଉଷ୍ମ ହୋଇଛି । ବଡ଼ କଥା ହେଉଛି ଯେ, ରାସ୍ତା ଘାଟ ନ ଥିବା ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ବନ କର୍ମଚାରୀ ଓ ସ୍କ୍ୱାଡଙ୍କ ନିୟୋଜନ ପୂର୍ବକ ବନ୍ୟଜନ୍ତୁ ସୁରକ୍ଷା, ଅନିୟମିତ କାର୍ଯ୍ୟ ଉପରେ ନିୟନ୍ତ୍ରଣ, ବାଘ ଏବଂ ▶ପୃଷ୍ଠା-୭




### ୧୪ ଲକ୍ଷର ଗାଡ଼ିରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚକରି ହୋଇଥିଲା ମୋଡିଫିକେସନ


C. V. Raman Global University
ODISHA BHUBANESWAR INDIA

CGU ODISHA

ADMISSION OPEN

**Engineering & Technology**

B.TECH. IN :
- Computer Science (CSE, CS &IT, CS - AI & ML, CSE-Data Sc., IoT & Cyber Security, Robotics & AI, AI & Data Sc.)
- Chemical Engg.
- Civil Engg.
- Electrical Engg.
- Electronics & Commun. Engg.
- Mechanical Engg.
- BCA

MARINE ENGINEERING
- B. Tech
- GP Rating
- STCW
- GME
- High Voltage
- CCMC

M TECH IN :
- Compuer Sc. & Engg.
- Civil Engg.
- Mechatronics Engg.
- Electronics & Commun. Engg. (Signal Processing & Commun.)
- M.Sc in Computer Sc
- Chemical Engg.
- Electrical Engg.
- Heat Power Engg.
- MCA

Ph.D. (DOCTORAL) PROGRAMS
- CSE
- Civil Engg.
- Electrical Engg.
- Chemical Engg.
- ECE
- Mechanical Engg

INTEGRATED PH.D. (iPHD) PROGRAMS

DIPLOMA ENGINEERING
- Comp. Sc. & Engg
- Electrical Engg
- Electronics & Telecom. Engg
- Civil Engg
- Mechanical Engg

**Physical & Mathematical Sc**
- M. Sc. in : Applied Mathematics & Computing, Chemistry, Physics
- Ph.D. in : Physics, Chemistry, Mathematics

**Tourism and Hospitality**
- B.Sc in Hotel & Hospitality Admin.
- Bachelor of Hotel Management & Catering Technology
- M.Sc. in Hotel Administration
- Ph.D. in Tourism & Hospitality
- Diploma in Hotel Management
- Certificate Course in : Bakery & Patisserie, Food production

**Management & Law**
- BBA (Bachelor in Business Administration)
- MBA (Master in Business Administration )
- Ph.D. in Business Management

**Pharmacy**
- Diploma in Pharmacy
- Bachelor of Pharmacy
- Bachelor of Pharmacy (LE)
- Ph.D. in Pharmacy

**Forensic Sciences**
- B.Sc. in Forensic Sciences
- M.Sc. in Forensic Sciences
- Certificates courses -
  - Finger Print & Question Document
  - Forensic Auditing & Accounting
  - Crime Scene Management
  - Digital Forensics
  - Forensic DNA

**Agriculture and Allied Sc**
- B.Sc. in Agriculture
- M.Sc in - Zoology, Botany, Bio-tech

**Humanities and Social Sc.**
- M.A. in English
- Ph.D. in English

CGET 2026
(for UG,PG and Ph.D. programs)
Apply ONLINE
No Application Fee/No Exam Fee



Scan the code to APPLY Now

www.cgu-odisha.ac.in
admission@cgu-odisha.ac.in

CAMPUS :
C. V. Raman Global Unversity,
Bidyanagar, Janla, Bhubaneswar-752054, Odisha

0674-6636555
+91-9040021102
+91-9040021100/101/103

୧୭/୧୨/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୫୨,୪୨୫/- ସୁନା: ୦୧.୯୬୦ ଗ୍ରାମ୍ ରୁପା: ୧୩୨.୩୮୦ ଗ୍ରାମ୍





## ● ପୁରୀ କୋର୍ଟ ସ୍ଥାନାନ୍ତର ପାଇଁ ମସୁଧା
# ପ୍ରତିବାଦରେ ଆଜି କୋର୍ଟ ବନ୍ଦ

ପୁରୀ,୧୭।୧୨(ସମିସ): ବାଲୁଖଣ୍ଡ ଅଭୟାରଣ୍ୟ, ମଧୁର ଜଳ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତର କରାଯିବା ପାଇଁ ମସୁଧା ଚାଲିଛି। ଏହାକୁ ବିରୋଧ କରି ଓକିଲ ସଂଘ ପକ୍ଷରୁ ଚାଲିଥିବା ସତ୍ୟାଗ୍ରହ ୨୯୩ ଦିନରେ ପହଞ୍ଚିଲା ପରେ ମଧ କୌଣସି ସୁଫଳ ମିଳିପାରି ନାହିଁ। ବର୍ତ୍ତମାନ ଯେଉଁଠି କୋର୍ଟ ଚାଲୁଛି ସେହିଠାରେ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଉଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ସରକାରଙ୍କ ପାଖରେ ଓକିଲ ସଂଘ ପ୍ରସ୍ତାବ ରଖିଛି। ଲୋକଙ୍କ ସୁବିଧା ପାଇଁ ଗଢି ଉଠିଥିବା କୋର୍ଟ ଆଉ କଚେରୀ ଗୋଟିଏ ସ୍ଥାନରେ ରହିଲେ ଲୋକଙ୍କୁ ସୁବିଧା ହେବ। ଏଠାରୁ କୋର୍ଟ ଉଠାଇ ଏହି ସ୍ଥାନ କେଉଁ କାର୍ଯ୍ୟରେ ଲାଗିବ ବୋଲି ପ୍ରଶ୍ନ କରିଛି ଓକିଲ ସଂଘ? ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ସ୍ଥାନକୁ କୋର୍ଟ ଉଠାଇ ନେବାକୁ ମସୁଧା ଚାଲିଛି ସେଠାରେ ସଧାରଣ ଲୋକଙ୍କ ପାଇଁ ଘର କରିବା ମନା। କୋର୍ଟ କିପରି ହେବ? ଗତ ମଙ୍ଗଳବାର ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓକିଲ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ବରିଷ୍ଠ ଓକିଲ ଜୟଦେବ ମିଶ୍ର, ଜ୍ୟୋତି ପ୍ରକାଶ ମିଶ୍ର, କୃଷ୍ଣ ତ୍ରିପାଠୀ, ଗିରିଜା ମହାପାତ୍ର, ବିଜୟ ମିଶ୍ର, ପୁଷ୍କର ମହାପାତ୍ର, ପ୍ରଶାନ୍ତ ମିଶ୍ର, ସୋମନାଥ ଦାସ, ରମେଶ ପ୍ରସାଦ ସିଂହ, ବିଶ୍ୱ କେଶନ ମହାପାତ୍ର, ବିଭୁ ଦତ୍ତ ପଟ୍ଟନାୟକ, ସମିର ଘୋଷ, ଅନିଲ ସାହୁ, ଭାଗବତ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତିବାଦ ଆନ୍ଦୋଳନକୁ ଆଉ ଏକ ପାଦ ଆଗେଇ ନେବା ପାଇଁ ଗୁରୁବାର ଓକିଲ ସମୂହ କାର୍ଯ୍ୟରେ ଯୋଗଦେବେ ନାହିଁ। ଏହି ଆନ୍ଦୋଳନ ମହକିଲମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ହେଉଥିବାରୁ ସମସ୍ତ ଜନ ସାଧାରଣ ଏଥିରେ ସହମତି ହୋଇ ପ୍ରତିବାଦକୁ ଶାଣିତ କରିବାକୁ ଓକିଲ ସଂଘ ନିଷ୍ପତ୍ତି ନେଇଛି।

## ପୁରୀ ପୁଲିସର ବଡ଼ଦିନ ଓ ନୂଆବର୍ଷ ପ୍ରସ୍ତୁତି
# ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ

ପୁରୀ,୧୭।୧୨(ସମିସ)

ଚାଲିଛି ପର୍ଯ୍ୟଟନ ଋତୁ। ମହାପ୍ରଭୁଙ୍କ ଦର୍ଶନ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବା ପାଇଁ ପୁରୀକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନ ହେଉଛି। ଆଗକୁ ଆସୁଛି ବଡ଼ଦିନ ଓ ନୂଆବର୍ଷ। ଆହୁରି ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବଢିବ। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛି ପୁରୀ ପୁଲିସ। ଶ୍ରୀମନ୍ଦିର ସମେତ ପୁରୀ ବେଳାଭୂମି, କୋଣାର୍କ, ଚନ୍ଦ୍ରଭାଗା, ସାତପଡ଼ା ଆଦି ପୁରୀ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ ବେଳାଭୂମିରେ ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପର୍ଯ୍ୟଟନସ୍ଥଳୀଗୁଡିକରେ ପାଟ୍ରୋଲିଂ କରିବା ସହିତ ଦାଗୀ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

ବଡ଼ଦିନ ଓ ନୂଆବର୍ଷ ପ୍ରସ୍ତୁତି ସମ୍ପର୍କରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପୁରୀ ସହରର ସମସ୍ତ ପ୍ରବେଶ ପଥ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପୁଲିସ ପକ୍ଷରୁ ନାକା ଲଗାଯାଇ ଗାଡ଼ିଗୁଡିକୁ କଡ଼ାକଡ଼ି ଯାଞ୍ଚ

**ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଏବଂ ପର୍ଯ୍ୟଟନସ୍ଥଳୀରେ ଅଧିକ ଫୋର୍ସ ମୁତୟନ**

କରିବା ଲାଗି ନିଷ୍ପତ୍ତି ହୋଇଛି। ସେହିପରି ହୋଟେଲରେ ରହୁଥିବା ପ୍ରତ୍ୟେକ ଯାତ୍ରୀଙ୍କ ସଠିକ୍ ପରିଚୟ ପତ୍ର ରଖିବା ପାଇଁ ହୋଟେଲ ଆସୋସିଏଶନ ସହିତ ଆଲୋଚନା କରାଯାଇଛି। ଅନ୍‌ଲାଇନରେ ହୋଟେଲ ବୁକିଂ ବେଳେ ପର୍ଯ୍ୟଟକ ଯେଭଳି ସାଇବର ଠକେଇର ଶିକାର ନ ହୁଅନ୍ତି ସେ ନେଇ ସମସ୍ତ ହୋଟେଲ ସତର୍କ ରହିବା ସହିତ ନିଜର ହୋଟେଲ ୱେବସାଇଟକୁ ନିୟମିତ ଯାଞ୍ଚ କରିବାକୁ ପୁଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଫୋକସ ରଖାଯାଇଛି। ବଡ ଦିନ ଓ ଇଂରାଜୀ ନୂଆବର୍ଷ ପାଇଁ ପୁଲିସ ପ୍ରଶାସନର ଆଗୁଆ ପ୍ରସ୍ତୁତି ହୋଇଛି। ବଡଦିନ ଓ ଇଂରାଜୀ ନବବର୍ଷରେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଭକ୍ତ। ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରିବେ। ପୁଲିସ ପକ୍ଷରୁ ୬୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ।

ହୋଲ୍ଡିଂ ଏରିଆକୁ ବଢାଯିବା ସହ ଟ୍ରାଫିକ ଓ ଏନ୍‌ଫୋର୍ସମେଣ୍ଟକୁ ଦିଆଯାଇଛି ଗୁରୁତ୍ୱ। ୨୫ ତାରିଖରୁ ଭିଡ ଓ ଜାନୁଆରୀ ୧ରେ ଭକ୍ତଙ୍କ ଭିଡ ସର୍ବାଧିକ ରହିବ ବୋଲି ଆକଳନ କରୁଛୁ। ପୂର୍ବରୁ ପୁଲିସ ଡିଜି ସମୀକ୍ଷା କରିଛନ୍ତି। ଦର୍ଶନ ପାଇଁ ଡିଟେଲ୍ସ ଏସ୍‌ଓପି ପ୍ରସ୍ତୁତି କରାଯାଉଛି। ଶୃଙ୍ଖଳିତ ଦର୍ଶନ ଲାଗି ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ଼ ପ୍ରସ୍ତୁତ ହେଉଛି। ଆବଶ୍ୟକ ପଡିଲେ ବ୍ୟାରିକେଡ଼ ସମ୍ପ୍ରସାରିତ ହେବ। ଅନ୍ୟପଟରେ ୬ଟି କ୍ୱିକ ରେସ୍ପନ୍ସ ଟିମ୍, ଫାୟାର ରେସିକ୍ୟୁ ଟିମ୍ ସହିତ ପ୍ରସ୍ତୁତ ହୋଇରହିଛି। ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଳାଭୂମିରେ ବୁଲାବୁଲି କରିବେ। ପୁରୀ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ମଧ ବୁଲାବା ପାଇଁ ଯିବେ। ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀରେ ଆମେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିଛୁ। ପର୍ଯ୍ୟଟକମାନେ ଯେଭଳି କିଛି ଅସୁବିଧା ସମ୍ମୁଖୀନ ହେବେ ନାହିଁ ସେ ଦିଗରେ ପୁଲିସ କାର୍ଯ୍ୟ କରୁଛି। ପର୍ଯ୍ୟଟକଙ୍କ କିଛି ଅସୁବିଧା ହେଲେ ସେମାନଙ୍କୁ ସହଯୋଗ କରିବାକୁ ସବୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହୋଟେଲରେ ରହୁଥିବା ବ୍ୟକ୍ତି ସଠିକ୍ ପରିଚୟ ପତ୍ର ରଖିବା, ପୁଲିସର ନିର୍ଦ୍ଦେଶ ମାନିବାକୁ କୁହାଯାଇଥିବା ସୂଚନା ଦେଇଛନ୍ତି ଏସ୍‌ପି ଶ୍ରୀ ସିଂ।

## ● ଶ୍ରୀମନ୍ଦିରରେ ହେଲା ଦିବା ପହୁଡ଼
# ଦିନରେ ୩ ଘଣ୍ଟା ଶୋଇଲେ ଠାକୁର

ପୁରୀ,୧୭।୧୨(ସମିସ): ଶ୍ରୀମନ୍ଦିରରେ ବୁଧବାର ନିର୍ଘଣ୍ଟ ସମୟରେ ନୀତି ଅନୁଷ୍ଠିତ ହୋଇ ଠାକୁରଙ୍କ ଦିବା ପହୁଡ଼ ସମ୍ପନ୍ନ ହୋଇଛି। ଅପରାହ୍ନ ୨ଟା ୫୫ରେ ପହୁଡ଼ ହୋଇ ସନ୍ଧ୍ୟା ୬ଟା ୫ରେ ଦ୍ୱାର ଫିଟା ଯାଇଥିଲା। ଫଳରେ ମହାପ୍ରଭୁ ଦିନରେ ୩ ଘଣ୍ଟା ଶୋଇଥିଲେ। ଏହି ସମୟରେ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ଦିବା ପହୁଡ଼ ନୀତି ରହିଛି। କିନ୍ତୁ କୌଣସି କାରଣକୁ ନେଇ ଯଦି ନୀତି କାନ୍ତି ବିଳମ୍ବ ହୁଏ କିମ୍ବା ଭକ୍ତଙ୍କ ଅଧିକ ଗହଳି ଥାଏ ତେବେ ଦିବା ପହୁଡ଼ ହୋଇ ନ ଥାଏ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଧନୁ ମାସରେ ପହିଲି ଭୋଗ ନୀତି ଲାଗି ହୋଇଥିବା ସ୍ୱତନ୍ତ୍ର ନୀତି ନିର୍ଘଣ୍ଟରେ ଦିବା ପହୁଡ଼ କରାଯିବା ଲାଗି ଧାର୍ଯ୍ୟ କରାଯାଇଛି। ଅପରାହ୍ନ ୨ଟା ୩୦ରେ ଦିବା ପହୁଡ଼ ଲାଗି ସ୍ଥିର ହୋଇଥିଲା ବେଳେ ପ୍ରଥମ ଦିନ ନୀତିକାନ୍ତିରେ ବିଳମ୍ବ ଏବଂ ଭକ୍ତଙ୍କ ଗହଳି ଯୋଗୁଁ ଏହା ସମ୍ଭବ ହୋଇ ନ ଥିଲା। କିନ୍ତୁ ବୁଧବାର ନୀତିକାନ୍ତି ନିର୍ଘଣ୍ଟ ଅନୁସାରେ ଚାଲିଥିବାରୁ ଭକ୍ତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ। ସୂଚନାଥାଉ କି, ବୁଧବାର ଭୋର ୩ଟା ୫ରେ ଦ୍ୱାର ଫିଟା ଯାଇଥିବାବେଳେ ପୂର୍ବାହ୍ନ ୧୧ଟା ୪୫ ସୁଦ୍ଧା ମଧାହ୍ନ ଧୂପ ସରିଥିଲା। ଏହାପରେ ଦ୍ୱିତୀୟ ଭୋଗମଣ୍ଡପ ଉଠିଥିଲା। ଅପରାହ୍ନ ୧ଟା ୫୦ରେ ଭୋଗମଣ୍ଡପ ପୂଜା ବସି ୨ଟାରେ ଭୋଗମଣ୍ଡପ ବଢିଥିଲା। ଏହାପରେ ୨ଟା ୫୫ରେ ଦିବା ପହୁଡ଼ ହୋଇଥିଲା।

# ଦୁର୍ଘଟଣାରେ ଜଣେ ମୃତ, ଦମ୍ପତି ଗୁରୁତର

ପୁରୀ,୧୭।୧୨(ସମିସ): ପୁରୀ-କୋଣାର୍କ ବେଳାଭୂମି ରାସ୍ତାର ଲିଆଖିଆ ବ୍ରିଜ ନିକଟରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା। ଏଥିରେ ଜଣେ ସ୍କୁଟି ଚାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ବାଇକ୍‌ରେ ଥିବା ଦମ୍ପତି ଗୁରୁତର ହୋଇଛନ୍ତି। ମୃତକଙ୍କ ପରିଚୟ ଜଣାପଡି ନ ଥିବାବେଳେ ଗୁରୁତର ସ୍ୱାମୀ ସ୍ତ୍ରୀ ହେଉଛନ୍ତି କୋରାପୁଟର ବିଶ୍ୱନାଥ ନାୟକ ଓ ମଧୁସ୍ମିତା ସିଂହଦେଓ।

ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ରହୁଥିବା ବିଶ୍ୱନାଥ ଓ ମଧୁସ୍ମିତା ବାଇକ୍ ଯୋଗେ ବୁଧବାର ପୁରୀ ବୁଲିବାକୁ ଆସିଥିଲେ। ଅପରାହ୍ନରେ ସେମାନେ ପୁରୀରୁ କୋଣାର୍କ ଅଭିମୁଖେ ଯାଉଥିଲେ। ତେବେ ଲିଆଖିଆ ବ୍ରିଜ୍ ନିକଟରେ ବିପରୀତ ଦିଗରୁ ଆସୁଥିବା କାର୍ ଓ ସ୍କୁଟି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ଗାଡିରୁ ଛିଟିକି ପଡିଥିବା ବେଳେ ସ୍କୁଟି ଚାଳକ ମଧ ପଡିଯାଇଥିଲେ। ପୁରୀ ଜେଲ୍ ଏସ୍କର୍ଟ ପାର୍ଟି ସେମାନଙ୍କୁ ଉଦ୍ଧାର କରି କୋର୍ଟ ଭ୍ୟାନରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସ୍କୁଟି ଚାଳକଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଦମ୍ପତିଙ୍କ ଚିକିତ୍ସା କରିଥିଲେ। ଉଭୟ କାର ଏବଂ ସ୍କୁଟି ଚାଳକ ମଦ୍ୟପାନ କରିଥିବା ବାଇକ୍ ଚାଳକ ବିଶ୍ୱନାଥ ନାୟକ ଅଭିଯୋଗ କରିଛନ୍ତି।

# ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ପାଇଁ ଛାତ୍ରଛାତ୍ରୀଙ୍କ ସଂକଳ୍ପ

ପୁରୀ,୧୭।୧୨(ସମିସ): ସଦର ବ୍ଲକର ପ୍ରମୁଖ ଶିକ୍ଷାନୁଷ୍ଠାନ ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରୀତା ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ପାଇଁ ସଂକଳ୍ପ ନେଇଥିଲେ। ସଭାରେ ଅଧ୍ୟାପକ ପ୍ରଜ୍ଞାପ୍ରକାଶ ପରିଡା, ଅଧ୍ୟକ୍ଷା ରୀତା ମହାନ୍ତି ଓ କମଳ କୁମାର ଦାଶ ସମସ୍ତଙ୍କୁ ସ୍ୱଦେଶୀ ଭାବନାରେ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ପବିତ୍ର ମୋହନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏ କାର୍ଯ୍ୟକ୍ରମରେ ପରିବେଶ ଅନୁକୂଳ ଉତ୍ପାଦର ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ସହାୟତା କରିଥିଲେ ଅଧ୍ୟାପିକା ସୁନୀତା ମହାନ୍ତି, ସୁଶାନ୍ତ କୁମାର ଭୂୟାଁ ଓ ସୁଜାତା ସ୍ୱାଇଁ।



ପୁରୀ ସମୁଦ୍ର ବେଳାଭୂମିରେ ଡଙ୍ଗାରୁ ମାଛ ସଂଗ୍ରହ କରୁଛନ୍ତି ମତ୍ସ୍ୟଜୀବୀ

## ୨୫ରେ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ
# ଦାଶ ବେନହୁର ପାଇବେ ସ୍ୱତନ୍ତ୍ର ଶିଶୁ ସାହିତ୍ୟ ସମ୍ମାନ

ପୁରୀ,୧୭।୧୧(ସମିସ): ବିଶିଷ୍ଟ କଥାକାର, ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ, ଶିଶୁ-କିଶୋର ସାହିତ୍ୟ ଏକାଡେମୀ ଓଡ଼ିଶାର ସଭାପତି ପ୍ରଫେସର ଡ. ଜିତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର)ଙ୍କୁ ସ୍ୱତନ୍ତ୍ର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ ପାଇଁ ମନୋନୀତ କରାଯାଇଛି। ଆସନ୍ତା ୨୫ ତାରିଖରେ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ୩୩ତମ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀରେ ଏହି ସମ୍ମାନ ପ୍ରଦାନ କରାଯିବ। ଏହାବ୍ୟତୀତ ଡ. ରଜନୀ ରଞ୍ଜନ ଦାଶ, (ବାଲକାଟୀ), ଡ. ପ୍ରବୀଣା ପରିଡ଼ା (ଭଦ୍ରକ), ଇଂ. ମାୟାଧର ସ୍ୱାଇଁ (କଟକ), ତୁଳସୀ ସ୍ୱାଇଁ (ନୟାଗଡ), ଡ. ରଘୁ ସାହୁ (ଜଗତ୍‌ସିଂହପୁର), ପ୍ରଫୁଲ୍ଲ କୁମାର ସାହୁ (ମାହାଙ୍ଗା) ଏବଂ ଅଜୟ କୁମାର ସେଠୀ (କଣାସ, ପୁରୀ)ଙ୍କୁ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ ନିମନ୍ତେ ସ୍ଥିର କରାଯାଇଛି।

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ବତନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ, ଭାଷାବିତ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳ ସିଂହ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରମୁଖ ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅବସରରେ ଦୀର୍ଘ ୩୨ବର୍ଷ ଧରି ଚାଲିଆସୁଥିବା ଏହି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ଶିଶୁ ସାହିତ୍ୟିକ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ସଭାପତି ବୀରେନ୍ଦ୍ର ମହାନ୍ତି ଏବଂ ସମ୍ପାଦକ ମହେନ୍ଦ୍ର ବିଶୋଇ ଏହି ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ୨୮୮ ନୂଆ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୧୭।୧୨(ସମିସ): ନିମାପଡ଼ାସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ୨୮୮ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ମଧୁବାବୁ ପେନସନ୍ ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ନୂତନ ଭାବେ ଅନୁମୋଦିତ ହିତାଧିକାରୀଙ୍କୁ ଏହି ଭତ୍ତା ଦିଆଯାଇଛି। ମଧୁବାବୁ ପେନସନ୍ ଯୋଜନା ଅଧୀନରେ ୧୯୪ ଜଣ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ୯୪ ଜଣ, ମୋଟ ୨୮୮ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ, "ସାମାଜିକ ସୁରକ୍ଷା ପ୍ରତି ଆମ ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ମଧ ଖୁବ୍‌ଶୀଘ୍ର ସାମାଜିକ



ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ କରାଯିବ। ଏହି ବଣ୍ଟନ ମେଳାରେ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଉପାଧ୍ୟକ୍ଷ ଅନୁସ୍?ୟା ମହାନ୍ତି, ସଂ।ସଦଙ୍କ ଏନ ଏସି ପ୍ରତିନିଧି ମିନାଲତା ମହାନ୍ତି, ଯତିନ୍ଦ୍ର ସ୍ୱାଇଁ, ସାଇ ପ୍ରୀତମ ପଟ୍ଟନାୟକ, ସନ୍ତୋଷ ପରିଡ଼ା, ଦିଲୀପ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ପରେ ତମ୍ପାଳ ଗ୍ରାମପଞ୍ଚାୟତର ଚଢ଼େଇଗାଁଠାରେ ୩ କୋଟି ୧୮ ଲକ୍ଷ ୨୩ ହଜାର ଟଙ୍କା ବ୍ୟୟରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା।

# ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସଭା



ନୟାହାଟ,୧୭।୧୨(ସମିସ): ଦୀର୍ଘ ୩୭ ବର୍ଷ ହେବ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କଲ୍ୟାଣୀ କୁମାରୀ ଦେଇ ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟ ରେ ଚାକିରି କରିବା ପରେ ଡିସେମ୍ବର ୧୭ ତାରିଖ ଦିନ ଚାକିରିରୁ ଅବସର ଗ୍ରହଣ କରିଥିଲେ।

ଏହି ଅବସରରେ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅବସର କାଳୀନ ସମ୍ବର୍ଦ୍ଧନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧୂମାଳ ପଞ୍ଚାୟତର ଯୁବ ସମାଜସେବୀ ଅଭିମନ୍ୟୁ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପତିତପାବନ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଚିତ୍ରା ନନ୍ଦ ପାତ୍ର ଯୋଗଦେଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଷ୍ଣୁ ଚରଣ ଦାସ, ଶିକ୍ଷକ ଧନଞ୍ଜୟ ମହାପାତ୍ର, ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ରାଉତରାୟ ଏହାକୁ ପରିଚାଳନା କରିଥିଲେ। କଲ୍ୟାଣୀ ଦେଇଙ୍କ ସ୍କୁଲ ପ୍ରତି ଅବଦାନ ନିଷ୍ଠା ଓ ବିଦ୍ୟାଳୟର ଗରିବ ଶ୍ରେଣୀ ଛାତ୍ରୀଙ୍କୁ ଆର୍ଥିକ ସାହାଯ୍ୟ କରୁଥିବାରୁ ଏହିଭଳି କାର୍ଯ୍ୟକୁ ଉପସ୍ଥିତ ଥିବା ଅତିଥି ଓ ଅଭିଭାବକ ମାନେ ପ୍ରଶଂଶା କରିଥିଲେ।

## ଜାତୀୟ ପେନ୍‌ସନ୍ ଦିବସ ପାଳିତ
# ପୁରୀରେ କେନ୍ଦ୍ରୀୟ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ଦାବି




ପୁରୀ,୧୭।୧୨(ସମିସ)

ସ୍ଥାନୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ କେନ୍ଦ୍ର ସରକାରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ପୁରୀ ଆନୁକୁଲ୍ୟରେ ବୁଧବାର ଜାତୀୟ ପେନ୍‌ସନ ଦିବସ ପାଳିତ ହୋଇଯାଇଛି। ଏହି ଅନୁଷ୍ଠାନର ପ୍ରାକ୍ତନ ଆଧୁନିକ ବିଷୟ ମୁଖ୍ୟଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ଅନୁଷ୍ଠାନର ବର୍ତ୍ତମାନ ମୁଖ୍ୟ ଡ. ପ୍ରଭାତ କୁମାର ମହାପାତ୍ର ମୁଖ୍ୟଅତିଥି, ରାଷ୍ଟ୍ରୀୟ ଆକାଉଣ୍ଟ ଆଣ୍ଡ ଅଡିଟ କର୍ମଚାରୀ ସଂଘର ପୂର୍ବତନ ସେକ୍ରେଟାରୀ ଜେନେରାଲ ଓ ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା ମୁଖ୍ୟବକ୍ତା, ସ୍ଥାନୀୟ ଜିଏସ୍‌ଟି ଅତିରିକ୍ତ କମିଶନର କାନନବାଳା ନାୟକ ସମ୍ମାନିତ ଅତିଥି, ପୁରୀ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ବିଶେଷ ଅତିଥି, ଜିଏସ୍‌ଟି ଡେପୁଟି କମିଶନର ପଦ୍ମଲୋଚନ ରାଉତ ଅତିଥି ରୂପେ ଯୋଗ ଦେଇ ନିଜର ଅନୁଭବ ଓ ଅଭିଜ୍ଞତା, ଅବସର ପରବର୍ତ୍ତୀ ସମୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ପୁରୀରେ ଏକ କେନ୍ଦ୍ରୀୟ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରାଯାଇଥିଲା।ପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠ ଅବସରପ୍ରାପ୍ତ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ସୁଧାଂଶୁ ମୋହନ ମହାପାତ୍ର, ବନମାଳୀ ଷଡ଼ଙ୍ଗୀ, ଡ. ଶ୍ରୀନିବାସ ଆଚାର୍ଯ୍ୟ, ବାସୁଦେବ ସାହୁ, ଜଗନ୍ନାଥ ରାୟ, ପ୍ରଶାନ୍ତ କୁମାର ଦାସ, ଡ. ରବିନାରାୟଣ ମହାପାତ୍ର, ଲୋକପ୍ରିୟ ଶଲ୍ୟ ଚିକିତ୍ସକ ଡା. ବାମଦେବ ମହାନ୍ତିଙ୍କୁ ବିଶିଷ୍ଟ ଓ ବରିଷ୍ଠ ପେନ୍‌ସନଧାରୀ ସମ୍ମାନରେ ବିଭୂଷିତ କରାଯାଇଥିଲା। ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା ବିମଳ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଲୋକନାଥ ମିଶ୍ର, ଦର୍ପେନ୍ଦ୍ର ନାରାୟଣ ଦାସ, ମନୋଜ କୁମାର ସାମଲ, ବିଜୟ କୁମାର ପାତ୍ର, ଭାଗିରଥି ବାରିକ ମଞ୍ଚ ପରିଚାଳନା କରିଥିଲେ। ଭୁବନେଶ୍ୱର ର ନାରାୟଣ ମହାପାତ୍ରଙ୍କ ଅନୁଷ୍ଠାନ ତରଫରୁ ଭଜନ ପରିବେଷଣ ପରେ ଉପସଭାପତି ଆନୁଷ୍ଠାନିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ପ୍ରସ୍ତୁତି ବୈଠକ



ପୁରୀ,୧୭।୧୨(ସମିସ): ଚଳିତବର୍ଷ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କ ୨୦୪ତମ ଜୟନ୍ତୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳନ କରାଯିବ। ପ୍ରତିବର୍ଷ ଶାମ୍ବ ଦଶମୀ ତିଥିରେ ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ଜିଲ୍ଲା ପ୍ରଶାସନ ଓ ଚାଖି ଖୁଣ୍ଟିଆ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ପାଳନ କରାଯାଇଥାଏ। ଏ ବର୍ଷ ଡିସେମ୍ବର ୩୦ ତାରିଖରେ ଶାମ୍ବ ଦଶମୀ ପଡୁଥିବାରୁ ଚାଖିଙ୍କ ଜୟନ୍ତୀ ସେହିଦିନ ପାଳନ ହେବ। ଏହି ଉତ୍ସବକୁ ଶୃଙ୍ଖଳାର ସହ ପାଳନ କରିବା ଲାଗି ଏକ ପ୍ରସ୍ତୁତି ବୈଠକ ବୁଧବାର ସର୍କିଟ ହାଉସ୍ ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଚାଖି ଖୁଣ୍ଟିଆ କେବଳ ଜଣେ ସଂଗ୍ରାମୀ ଭାବେ ନୁହନ୍ତି ମହାପ୍ରଭୁଙ୍କ ଜଣେ ଶ୍ରେଷ୍ଠ ଭକ୍ତ ଭାବେ ବେଶ୍ ପରିଚିତ। ତାଙ୍କ ଜୟନ୍ତୀଙ୍କୁ ସୁନ୍ଦର ଭାବେ ପାଳନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ବିସ୍ତୃତ ଆଲୋଚନା ପରେ ସ୍ଥିର ହୋଇଥିଲା ଯେ, ଡିସେମ୍ବର ୩୦ ତାରିଖ ପୂର୍ବାହ୍ନ ୯ଟାରେ ପିକେଡିଏସ୍ଥିତ ଚାଖିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ମାଲ୍ୟାର୍ପଣ କରିବେ। ବିଗତ ବର୍ଷମାନଙ୍କ ପରି ସ୍କାଉଟ, ଗାଇଡ ପିଲାମାନେ ଯୋଗଦେବେ। ପରେ ସମସ୍ତେ ସଦ୍‌ଭାବନା ସଭାଗୃହଠାରେ ଆୟୋଜିତ ସମାରୋହରେ ଉପସ୍ଥିତ ରହିବେ। ଅତିଥିଙ୍କ ଉଦ୍‌ବୋଧନ ପରେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ଅବସରରେ ଏକ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହେବ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସ୍ମୃତି ପରିଷଦର ସଭାପତି ମାୟାଧର ମହାରଣା, ସମ୍ପାଦକ ଧ୍ରୁବ ଚରଣ କର, କାର୍ଯ୍ୟକାରୀ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଚାଖି ଖୁଣ୍ଟିଆଙ୍କ ଦାୟାଦ ନୀଳକଣ୍ଠ ହଜୁରୀ, ସଦସ୍ୟ ସୁକାନ୍ତ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଦାନା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ




ତୁରୁମୁଙ୍ଗା, ୧୭।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ସାହାରପଡ଼ା ବିଲା ରାସ୍ତାର ବିଲାଶାଳ ଜଙ୍ଗଲ ନିକଟରେ ବୁଧବାର ଅପରାହ୍ଣରେ ଏକ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛକୁ ଧକ୍କା ଦେବା ଫଳରେ ଗାଡ଼ି ଭିତରେ ଡ୍ରାଇଭର ଚାପି ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରି ୧୦୮ ସହାୟତାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ପରିଚୟ ମିଳି ପାରିନାହିଁ। ପିକ୍‌ଅପ୍ ଭ୍ୟାନ୍‌ରେ ଦାନା ବୋଝେଇ କରି ସାହାରପଡ଼ାରୁ ବିଲା ଛକ ପଟକୁ ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଛି।

## ଶିକ୍ଷକଙ୍କ ଅକାଳ ବିୟୋଗ

ଠାକୁରମୁଣ୍ଡା,୧୭।୧୨(ସମିସ): ଠାକୁରମୁଣ୍ଡା ବ୍ଲକ୍ ପଡ଼ିଆବେଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନିଶାପୋଷି ଗ୍ରାମର ଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତଙ୍କ ବୁଧବାର ଅକାଳ ବିୟୋଗ ହୋଇଛି। ତାଙ୍କ ମୃତ୍ୟୁରେ ଠାକୁରମୁଣ୍ଡା ବ୍ଲକ୍ ଶିକ୍ଷକମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ରାଜେନ୍ଦ୍ର ଶିକ୍ଷକତା କରୁଥିବାବେଳେ ମୃତ୍ୟୁ ସମୟରେ ସେ ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। ପୂର୍ବରୁ ସେ ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସିଆର୍‌ସିସି ଭାବରେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ। ସେ କିଛି ମାସ ପୂର୍ବରୁ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଶେଷରେ ତାଙ୍କ ଘରେ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ସରପଞ୍ଚ ଧର୍ମାନନ୍ଦ ନାଏକ, ଶିକ୍ଷକ ନେତା ତରଣୀସେନ ନାଏକଙ୍କ ସହ ଅନ୍ୟ ଶିକ୍ଷକ ଓ ଗ୍ରାମବାସୀମାନେ ଶୋକବ୍ୟକ୍ତ କରିଥିଲେ। ସେହିପରି ସହକର୍ମୀ ଶିକ୍ଷକମାନେ ଓ ସ୍ଥାନୀୟ ଲୋକେ ତାଙ୍କ ନିଶାପୋଷି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶିକ୍ଷକ ରାଜେନ୍ଦ୍ରଙ୍କ ସ୍ତ୍ରୀ ଓ ଦୁଇ ଜଣ ଝିଅ ଅଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା।

## କାଠ ଚୋରା ଚାଲାଣ; ଭ୍ୟାନ୍ ଜବତ



ତୁରୁମୁଙ୍ଗା, ୧୭।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଉଦୟପୁର ବିଟ୍ ଅନ୍ତର୍ଗତ ମଲାରପଦା ଗ୍ରାମ ନିକଟ ରାସ୍ତାରୁ ବୁଧବାର ଏକ ଚୋରା ଗମ୍ଭାରୀ କାଠଗଣ୍ଡି ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ବନ ବିଭାଗ ଜବତ କରିଛି। ଗାଡ଼ିରେ ଗମ୍ଭାରୀ କାଠ ବୋଝେଇ କରି ଚୋରା ଚାଲାଣ କରାଯାଉଥିବା ଖବର ପାଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କ ନିର୍ଦ୍ଦେଶରେ ବନ ବିଭାଗର ପାରାଷ୍ଟାଫ୍ ଚଢ଼ଉ କରିଥିଲେ। ମାଫିଆମାନେ ଗାଡ଼ି ଛାଡ଼ି ଫେରାର ମାରିଥିଲେ। ଗାଡିରୁ ୨୩ଖଣ୍ଡ ଗମ୍ଭାରୀ ଗଣ୍ଡି ଜବତ ହୋଇଛି। ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କାରୁ ଅଧିକ ହେବ। ସାହାରପଡା ବନପାଳ ଶ୍ରୀମନ୍ତ ବେହେରା, ବନରକ୍ଷୀ ଝରଣାରାଣୀ ସାହୁ, ଦୀପକ ରଣାଙ୍କ ସମେତ ପାରା ଷ୍ଟାଫ୍ ଅଟଳ ସେଠୀ, ଏମ୍‌ଡି ୱାସିମ୍, ସଞ୍ଜୟ ମହାନ୍ତ ପ୍ରମୁଖ ସାମିଲ ଥିଲେ।

## ପୁଣି ଥରେ ଦିଲ୍ଲୀରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ଉଦଳା ମାଟିର ପୁଅ କିଶନ କୁମାର



ଉଦଳା,୧୭।୧୨(ସମିସ): ପୁଣି ଥରେ ନିଜର ଓଜସ୍ୱିନୀ କୀର୍ତ୍ତିରୁ ପ୍ରଶଂସା ଏବଂ ଚର୍ଚ୍ଚା ସାଉଁଟିଛନ୍ତି ଉଦଳା ମାଟିର ଗୌରବ କିଶନ କୁମାର ସାହୁ। ଆସନ୍ତା ଜାନୁଆରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଭାରତ ମଣ୍ଡପମ୍‌ରେ ଆୟୋଜିତ ହେବାକୁ ଯାଉଛି ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଇଲଗ୍‌ର ଦ୍ୱିତୀୟ ସଂସ୍କରଣ। ଯେଉଁଥିରେ ଦେଶ ସାରାରୁ ଚୟନୀତ ଯୁବ ପ୍ରତିଭାମାନେ ୨୦୪୭ ସୁଦ୍ଧା ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତକୁ ବିକଶିତ କରିବାର ମୂଳମନ୍ତ୍ର ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନା କରିବେ। ଦେଶରୁ ୨.୫ କୋଟି ଯୁବ ପ୍ରତିଯୋଗିତା କରିଥିବାବେଳେ ସେଥିରୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇ ଉଦଳା ମାଟିକୁ ପୁଣି ଗୌରବାନ୍ୱିତ କରିଛନ୍ତି ସୁବକ୍ତା କିଶନ କୁମାର ସାହୁ। ତାଙ୍କ ବିଷୟ ରହିଛି 'ଓଘଓଓଇ'ଝ ଗ୍ୱକ୍ଟଲଗ୍ୱ କ୍ତକ୍ଟଙ୍ଗରକ୍ସ : ମଙ୍କକ୍ଷଗ୍ୱଙ୍କକ୍ସବକ୍ଷ ଯସକ୍ଟକ୍ଷକ୍ଟଙ୍କବମଛ ବଭୟ ଶକ୍ଷକ୍ଟଭବକ୍ଷ ସଭଲକ୍ଷଙ୍କରଭମର ଲକ୍ଟକ୍ସ ଝସଲଗ୍ୱସଗ୍ୱ ଭଷବକ୍ସବଗ୍ୱ'। ଆସନ୍ତା ୮ ତାରିଖରେ କିଶନ ଓଡ଼ିଶା ଦଳର ପ୍ରତିନିଧି ରୂପେ ଭୁବନେଶ୍ୱରରେ ରାଜ୍ୟପାଳଙ୍କୁ ସାକ୍ଷାତ୍ କରି ଦିଲ୍ଲୀ ଅଭିମୁଖେ ବାହାରିବେ ଏବଂ ୧୨ ତାରିଖରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସୂଚନାନୁଯାୟୀ, କିଶନ କୁମାର ଏହା ପୂର୍ବରୁ ୩ ଥର ଓଡ଼ିଶା ରାଜ୍ୟର ପ୍ରତିନିଧିତ୍ୱ କରି ଓଡ଼ିଶା ଏବଂ ନିଜ ମାତୃଭୂମିକୁ ଗୌରବାନ୍ୱିତ କରିଛନ୍ତି।

### ରାସ୍ତା ଦୁରବସ୍ଥାକୁ ନେଇ ଉତ୍ତେଜନା

# ସିଙ୍ଗଡ଼ା ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ

କରଞ୍ଜିଆ,୧୭।୧୨(ସମିସ)

ବୁଧବାର ମୟୂରଭଞ୍ଜ ଜିଲ୍ଲାର ସିଙ୍ଗଡ଼ା ଅଞ୍ଚଳରେ ରାସ୍ତା ଦୁରବସ୍ଥାକୁ ନେଇ ଭୟଙ୍କର ଜନଅସନ୍ତୋଷ ଦେଖାଦେଇଛି। କେନ୍ଦୁଝରେ ସିଙ୍ଗଡ଼ାକୁ ସଂଯୋଗ କରୁଥିବା ୪୯ ନମ୍ବର ଜାତୀୟ ରାଜପଥ ମରାମତି ହୋଇ ନ ଥିବା ପ୍ରତିବାଦରେ ସିଙ୍ଗଡ଼ା ରାମଚନ୍ଦ୍ରପୁର ଗ୍ରାମର ଗାଲୁ ସାହିର ଶତାଧିକ ମହିଳା ଓ ପୁରୁଷ ବୁଧବାର ରାସ୍ତା ଉପରେ ଧାରଣା ଦେଇ ଅବରୋଧ କରିଥିଲେ। ଦୀର୍ଘ ଦିନ ଧରି ରାସ୍ତା ଅତ୍ୟନ୍ତ ଖରାପ ଅବସ୍ଥାରେ ଥିବାରୁ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ତା' ସହିତ ପ୍ରତିଦିନ ହଜାର ହଜାର ଭାରୀଯାନବାହନ ଚଳାଚଳ କରୁଥିବାରୁ ରାସ୍ତା ଓ ନିକଟବର୍ତ୍ତୀ ସାହିଗୁଡ଼ିକରେ ଭୟଙ୍କର ଧୂଳି ଉଡୁଛି। ଏହି ଧୂଳିର ପ୍ରଭାବରେ ଘରଦ୍ୱାର, ପାଣି, ଖାଦ୍ୟ ସାମଗ୍ରୀ ସବୁ ଦୂଷିତ ହେଉଥିବା ସହ ବାୟୁପ୍ରଦୂଷଣ ଗୁରୁତର ଆକାର ନେଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ଏହାକୁ ନେଇ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ମିଳି ନ ଥିଲା। ଏହି କାରଣରୁ ବାଧ ହୋଇ ବୁଧବାର ସକାଳୁ ପ୍ରାୟ ୩ରୁ ୪ ଘଣ୍ଟା ଧରି ୪୯ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। ଯାହା ଦ୍ୱାରା ସାଧାରଣ ଲୋକ ଓ ଯାତ୍ରୀମାନେ ଭୟଙ୍କର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣାର ସୂଚନା ପାଇ ସିଙ୍ଗଡ଼ା ଫାଣ୍ଡି ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଯଥାଯଥ ବୁଝାସୁଝା ପରେ ପ୍ରତିବାଦକାରୀମାନେ ରାସ୍ତା ଅବରୋଧ ହଟାଇଥିଲେ। ଏହାପରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ଲୋକମାନେ ଶୀଘ୍ର ରାସ୍ତା ମରାମତି ସହ ଧୂଳି ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ପ୍ରଶାସନକୁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି।



## ଗରା, ବାଲ୍‌ଟି ଧରି ରାସ୍ତା ଅବରୋଧ କଲେ ଗ୍ରାମବାସୀ

### ତିନି ବର୍ଷ ଧରି ସମ୍ପୂର୍ଣ୍ଣ ହେଉନି ପାଣିଟାଙ୍କି ନିର୍ମାଣ



ମୋରଡ଼ା,୧୭।୧୨(ସମିସ): ପାନୀୟଜଳ ସମସ୍ୟାକୁ ନେଇ ରାସ୍ତା ଅବରୋଧ କରିବା ସହିତ ଧାରଣାରେ ବସିଛନ୍ତି ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ଅଧୀନ କୋହି ପଞ୍ଚାୟତର ରାଇଡିହା ଗ୍ରାମବାସୀ।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ଗତ ୩ ବର୍ଷ ତଳେ ଜଳ ଜୀବନ ମିଶନରେ ୩୦ ହଜାର ଲିଟର କ୍ଷମତା ସମ୍ପନ୍ନ ଏକ ଓଭରହେଡ୍ ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀମାନେ ବାରମ୍ବାର ପ୍ରଶାସନକୁ ଏ ବାବଦରେ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନ ଥିଲା। ଫଳରେ ବୁଧବାର ଗ୍ରାମବାସୀମାନେ ଗରା, ବାଲ୍‌ଟି ଧରି ଗଡ଼ିଆ-ବାରମାଇଲ ମୁଖ୍ୟ ରାସ୍ତାର ରାଇଡିହା ଛକ ନିକଟରେ ଧାରଣାରେ ବସିବା ସହିତ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧାରଣାରେ ବସିବା ପରେ ଘଟଣାସ୍ଥଳରେ ପୁଲିସ ପ୍ରଶାସନ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ତେବେ କନିଷ୍ଠ ଯନ୍ତ୍ରୀ ସସ୍ମିତା ପତି ପହଞ୍ଚି ଯଥାଶୀଘ୍ର ପାନୀୟଜଳ ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ ପତିଙ୍କୁ ପଚାରିବାରୁ ଏ ବାବଦରେ ସେ ଠିକାଦାରଙ୍କୁ ତାଗିଦ୍ କରିଛନ୍ତି। ଠିକାଦାର ୧୦ ଦିନ ଭିତରେ ସମସ୍ତ ସମସ୍ୟାର ସମାଧାନ କରି ଲୋକଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଉଠା ଜଳସେଚନ ବିଭାଗରେ ଅବ୍ୟବସ୍ଥା; ଚାଷୀ ହନ୍ତସନ୍ତ

ଆନନ୍ଦପୁର, ୧୭।୧୨(ସମିସ): ଆନନ୍ଦପୁର ଉଠା ଜଳସେଚନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀଙ୍କୁ ଦାୟିତ୍ୱରୁ ଅପସାରଣ କରାଯାଇ ଅନ୍ୟ ଜଣେ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦେବା ଘଟଣାରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି। ଅତିରିକ୍ତ ଦାୟିତ୍ୱ ନେଇଥିବା ଅଧିକାରୀ କେନ୍ଦୁଝର ଜିଲ୍ଲାର ଅନ୍ୟ ଚାରିଟି ଦାଇତ୍ୱରେ ଥିବାରୁ ଆନନ୍ଦପୁର କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଚାଷୀମାନେ ଫେରୁଥିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଇଛି। ନିହିତ ସ୍ୱାର୍ଥ ପାଇଁ ଏପରି ବେନିୟମ କରାଯାଇଛି ବୋଲି କେତେକ ଚାଷୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୨୨ ଡିସେମ୍ବରରେ ଯୋଗଦେଇଥିବା ସହକାରୀ ଯନ୍ତ୍ରୀ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଯନ୍ତ୍ରୀଙ୍କୁ ଚଳିତ ମାସ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗତ ୩ ତାରିଖରେ ଯୋଗଦେଇଥିବା ଯନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ଥରେ ମାତ୍ର ଆନନ୍ଦପୁରକୁ ଆସିଥିବା ଆଲୋଚନାରୁ ଜଣାଯାଇଛି। ଆନନ୍ଦପୁର ଉପଖଣ୍ଡର ଏହା ଏକମାତ୍ର କାର୍ଯ୍ୟାଳୟ ହୋଇଥିବାବେଳେ ଏପରି ବିଶୃଙ୍ଖଳା ଚାଷୀମାନଙ୍କ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିଛି। ଉପଖଣ୍ଡ ଉଠା ଜଳସେଚନ କାର୍ଯ୍ୟାଳୟ ଜଣେ ସହକାରୀ ଯନ୍ତ୍ରୀ, ୪ ଜଣ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ରହିବାର ବ୍ୟବସ୍ଥା ଥିବା ବେଳେ ମାତ୍ର ଜଣେ ସହକାରୀ ଯନ୍ତ୍ରୀ ଓ ଜଣେ ପମ୍ପ ଡ୍ରାଇଭରକୁ ନେଇ ଏହି କାର୍ଯ୍ୟାଳୟ କାମଚଳା ନୀତିରେ ଚାଲିଛି। ଗତ ୨୦୧୭ରୁ ସହକାରୀ ଯନ୍ତ୍ରୀ ପଦ ଖୋଲା ପଡ଼ିଥିବା ବେଳେ କେବଳ ଅତିରିକ୍ତ ଦାୟିତ୍ୱରେ ଚାଲିଥିବାରୁ ଆନନ୍ଦପୁର ଉପଖଣ୍ଡର ଚାଷୀମାନେ ନାହିଁ ନଥିବା ହିନସ୍ତା ହେଉଥିବା ଓ ସେଚ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଗୁରୁତର ଅଭିଯୋଗ ହୋଇଛି। ଆନନ୍ଦପୁର, ଘଷିପୁରା, ହାଟଡିହି ବ୍ଲକ ଓ ଆନନ୍ଦପୁର ପୌରାଞ୍ଚଳରେ ପ୍ରାୟ ୭ ଶହରୁ ଅଧିକ ଉଠା ସେଚପଏଣ୍ଟ ଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ଅଭାବରୁ ରକ୍ଷଣାବେକ୍ଷଣ ହୋଇ ନପାରି ଅନେକ ପଏଣ୍ଟ ଅଚଳ ହୋଇପଡ଼ିଲାଣି। ପ୍ରାୟ ୧.୫୦ ଏକର ପରିମିତ ନିଜସ୍ୱ ଜମିରେ ଥିବା ଏହି କାର୍ଯ୍ୟାଳୟ ଗତ ୨୦୦୧ରୁ ରକ୍ଷଣାବେକ୍ଷଣ ଓ ମରାମତି ହୋଇ ନଥିବାରୁ ଏହା ଧୀରେ ଧୀରେ ଭୁଶୁଡ଼ି ପଡ଼ିବା ପରିସ୍ଥିତି ସୃଷ୍ଟି ହୋଇଛି।

## ବିଶ୍ୱତାରିଣୀ ମହିଳା କଲେଜର ବାର୍ଷିକ କ୍ରୀଡ଼ା



ହାଟଡ଼ିହୀ,୧୭।୧୨(ସମିସ): ହାଟଡ଼ିହୀ ବ୍ଲକ୍ ଛେନାପଦି ଛକସ୍ଥିତ ବିଶ୍ୱତାରିଣୀ ଯୁକ୍ତ ୨ ମହିଳା କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅବସରରେ ଅଧକ୍ଷା ଶୁଭସ୍ମିତା ପଳିତାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ବିଡିଓ ରଞ୍ଜନ କୁମାର ପରିଡ଼ା, ଯୁକ୍ତ ୩ କଲେଜ ଅଧକ୍ଷ ପ୍ରଶାନ୍ତ କୁମାର ପହି ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୁରଭି ଦାସ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ଦୀପ୍ତିମୟୀ ସେନାପତି ସଭା ସଂଯୋଜନା କରିଥିଲେ। ଉଦଯାପନୀ ଅବସରରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥି ଭାବେ ବିଜେପି ନେତା ଆଲୋକ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବଉଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅଜୟ ଜେନା, ଶାଳବଣି ମହାବିଦ୍ୟାଳୟର ଅଧ୍ୟାପକ ନିହାର ରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଆଳତୀ ଦାସ, ଶିବାନୀ ଧଳ, ପଲିଶ୍ରୀ ପାଇକରାୟ, ଲୋପାମୁଦ୍ରା ପ୍ରଧାନ, ଶିବାନୀ ଧଳ, ସୁମିତ୍ରା ବେହେରା, ମନ୍ଦରଧର ରାଉତ, ସୁରଭି ଦାସ, ଅଣକର୍ମଚାରୀ ଅନାଦି ଚରଣ ଜେନା, ଦେବେନ୍ଦ୍ର ସା, ପ୍ରଦୀପ ମଲ୍ଲିକ, ଶିଶିର ସା, ଚନ୍ଦ୍ରମା ଜେନା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମୟୂରଭଞ୍ଜରେ ପୁଣି ଲଜ୍ଜା

## ୫ ବର୍ଷର ଶିଶୁକନ୍ୟା ଯୌନ ନିର୍ଯାତନା ଶିକାର

### ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି; ଆତ୍ମୀୟ ଗିରଫ

ବାରିପଦା,୧୭।୧୨(ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ଏକ ଗ୍ରାମରେ ଏକ ହୃଦୟବିଦାରକ ଘଟଣା ଘଟିଛି। ୧୫ ତାରିଖ ଅପରାହ୍ଣ ପ୍ରାୟ ୩ଟା ସମୟରେ ଏକ ୫ ବର୍ଷୀୟା ଶିଶୁକନ୍ୟାକୁ ପଡ଼ୋଶୀ ତଥା ଆତ୍ମୀୟ ଦିଲ୍ଲୀପ ହେମ୍ବ୍ରମ (୨୪) ଘର ପଛ ପଟର ଏକ ନିର୍ଜନ ସ୍ଥାନକୁ ନେଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଶିଶୁକନ୍ୟା ଜଣକ ଜୋର୍‌ରେ କାନ୍ଦିବାରୁ ପାଖରେ ଥିବା ତା'ର ମାଉସୀ ଶୁଣି ଦୌଡ଼ି ଆସି ଅଭିଯୁକ୍ତ କବଳରୁ ତାକୁ ଉଦ୍ଧାର କରିଥିଲେ। ଏହାପରେ ଝିଅର ମାଆ ମଙ୍ଗଳବାର ବାରିପଦା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ତୁରନ୍ତ ଅଭିଯୁକ୍ତ ଦିଲ୍ଲୀପକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନାରେ ପୋକ୍ସୋ ଆଇନ ଓ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଏକ ମାମଲା ରୁଜୁ ହୋଇଛି। ଶିଶୁକନ୍ୟାର ବୟାନ ଭିଡିଓଗ୍ରାଫି ସହ ରେକର୍ଡ କରାଯାଇଛି। ତାକୁ ପିଆର୍‌ଏମ୍ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଉଭୟଙ୍କର ଡାକ୍ତରୀ ପରୀକ୍ଷା ପରେ ତଦନ୍ତ ଜାରି ରହିଛି। ଗ୍ରାମରେ ଏହି ଘଟଣାକୁ ନେଇ ତୀବ୍ର ଉତ୍କଣ୍ଠା ଓ କ୍ରୋଧ ପ୍ରକାଶ ପାଇଛି। ଶିଶୁକନ୍ୟାର ଶୀଘ୍ର ଆରୋଗ୍ୟ କାମନା କରିବା ସହିତ ଅଭିଯୁକ୍ତ ବିରୋଧରେ କଡ଼ା ଦଣ୍ଡବିଧାନ ଦାବି କରିଛନ୍ତି।

## ଜଗବନ୍ଧୁ ହାଇସ୍କୁଲର ବିଜ୍ଞାନ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ



ବଡ଼ସାହି,୧୭।୧୨(ସମିସ): ଏହି ବ୍ଲକ୍ ଅଧୀନ ବାଲିଯୋଡ଼ା ଗ୍ରାମସ୍ଥିତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ପ୍ରକଳ୍ପ ଚଳିତ ମାସରେ କରଞ୍ଜିଆଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଗଣିତ ଶିକ୍ଷକ ଦୀପକ ରାମ ଓ ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିକା ଗିରିଙ୍କ ମାର୍ଗଦର୍ଶନରେ ନିର୍ମିତ ନବମ ଶ୍ରେଣୀର ଛାତ୍ରୀ ସୀତା ମୁର୍ମୁଙ୍କ ପ୍ରକଳ୍ପ "ଫିମେଲ୍ ସେଭିୟର' ଉପବିଷୟବସ୍ତୁ ଏମାର୍‌ଜିଂ ଟେକ୍‌ନୋଲୋଜିସ୍‌ରେ ପ୍ରଥମ ହୋଇ ଜିଲ୍ଲାସ୍ତରକୁ ମନୋନୀତ ହେବାର ସୌଭାଗ୍ୟ ଅର୍ଜନ କରିଛି। ଏଥିପାଇଁ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ, ପିଇଟି ପାର୍ଥସାରଥୀ ଜେନା, ରେଖାରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ୍ ସହାୟକ ପଦ୍ମାବତୀ ମହାନ୍ତ, ଛାତ୍ରୀ ନିବାସର ମେଟ୍ରୋନ୍ ସୁକାନ୍ତି ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଆଲୁମ୍‌ନି କମିଟିର ସମସ୍ତ ସଦସ୍ୟ, ସିଆର୍‌ସିସି ଇନ୍ଦ୍ରଜିତ ଗିରି ପ୍ରମୁଖ ଛାତ୍ରୀ ସୀତା ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲାସ୍ତରରେ ତାଙ୍କର ସଫଳତା କାମନା କରିଛନ୍ତି।

## ଜଜପଶି ପଞ୍ଚାୟତ ପିଇଓଙ୍କ ବଦଳି

● 'ସକାଳ' ପ୍ରଭାବ

ତୁରୁମୁଙ୍ଗା, ୧୭।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତରେ ବ୍ୟାପକ ଅନିୟମିତତା ସହ ଅବ୍ୟବସ୍ଥା ହୋଇଆସୁଛି। ଏନେଇ ପଞ୍ଚାୟତର ପିଇଓ ଗଣେଶ୍ୱର ପ୍ରଧାନଙ୍କ ପୁଅ ହାତରେ ଗତକାଲି ଭତ୍ତା ବଣ୍ଟନ କରଯାଇଥିବା ସଂକ୍ରାନ୍ତ ଏକ ରିପୋର୍ଟ 'ସକାଳ'ରେ ବୁଧବାର ପ୍ରକାଶ ପାଇଲା ପରେ ବ୍ଲକ୍ ପ୍ରଶାସନ ତତ୍ପର ହୋଇଉଠିଛି। ସଂପୃକ୍ତ ପିଇଓ ଗଣେଶ୍ୱର ପ୍ରଧାନଙ୍କୁ ବିଡିଓ ବ୍ଲକ କାର୍ଯ୍ୟାଳୟକୁ ବଦଳି କରିଛନ୍ତି। ଏନେଇ ଚମ୍ପୁଆ ପଞ୍ଚାୟତସମିତି କାର୍ଯ୍ୟାଳୟର ଅର୍ଡର ନମ୍ବର ୭୨୪୦ରେ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ ବଦଳି କରିବା ସହ ଜଜପଶି ପଞ୍ଚାୟତରେ ନୂତନ ପିଇଓ ଭାବରେ ଅନୀଲ କୁମାର ମହାନ୍ତଙ୍କୁ ଯୋଗଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଗୋଚର ଜମିରେ ନିର୍ମାଣ କାର୍ଯ୍ୟକୁ ବିରୋଧ

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ରାଇରଙ୍ଗପୁର,୧୭।୧୨(ସମିସ)



ଗୋଚର ଜମିକୁ ଜବରଦଖଲ କରି ନିର୍ମାଣ କାର୍ଯ୍ୟ କରିବାକୁ ବିରୋଧ କରି ଗ୍ରାମବାସୀମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ବହଳଦା ତହସିଲ୍ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମସ୍ଥିତ ଗୋଚର ଜମିକୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଜବରଦଖଲ କରି କବର ସ୍ଥାନ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଯାହାକୁ ସ୍ଥାନୀୟ ଗ୍ରାମବାସୀମାନେ ଅନ୍ୟତ୍ର କରିବା ନେଇ ବାରମ୍ବାର କହିବା ସତ୍ତ୍ୱେ ଜୋର୍‌ଜବରଦସ୍ତ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଉକ୍ତ ଗ୍ରାମର ଏହା ଏକମାତ୍ର ଗୋଚର ଜମି ଥିବାବେଳେ ଗାଇଗୋରୁ, ଛେଳିମେଣ୍ଢା ଆଦି ଗୃହପାଳିତ ପଶୁ ଚରାଇଥାନ୍ତି। କିନ୍ତୁ ଉକ୍ତ ଜମିକୁ ଉଦ୍ଦେଶ୍ୟମୂଳକ ଭାବେ ଜବରଦଖଲ କରିବାକୁ ପ୍ରୟାସ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ଏନେଇ ରାଜସ୍ୱ ନିରୀକ୍ଷକ ସମେତ ବ୍ଲକ୍ ପ୍ରଶାସନ ଓ ଉପଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ। କିନ୍ତୁ କୌଣସି ସମାଧାନ ହେଲା ନାହିଁ। ଯାହାକୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବହଳଦା ତହସିଲ୍‌ଦାର ବୁଧବାର ଗମ୍ଭାରିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବାର ଖବର ପାଇ ଉତ୍ୟକ୍ତ ଗ୍ରାମବାସୀମାନେ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅଭିଯୋଗ ବାବଦରେ ତହସିଲ୍‌ଦାରଙ୍କୁ ଜଣାଇବା ସହ ରାଜସ୍ୱ ନିରୀକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି କହିଥିଲେ। ଯେପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହେବ ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ନେଇ ତହସିଲ୍‌ଦାର ଅନୁଧ୍ୟାନ କରିଥିଲେ। ତୁରନ୍ତ ଉକ୍ତ ସ୍ଥାନରୁ ସମସ୍ତ ଜବରଦଖଲ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ରବିବାର ସନ୍ଧ୍ୟା ସୁଦ୍ଧା ଜବରଦଖଲ ସ୍ଥାନରୁ ଖୁଣ୍ଟି ଓ ନିର୍ମାଣ କାର୍ଯ୍ୟ ହଟାଇ ନିଜ ଆୟତ୍ତକୁ ନେବାକୁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନଚେତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲ୍‌ଦାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ। ଆଗକୁ ଜମି ଜବରଦଖଲମୁକ୍ତ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

## ବାଣିଜ୍ୟ ମହୋତ୍ସବରେ ହସ୍ତଶିଳ୍ପ ସାମଗ୍ରୀର ଚାହିଦା



ଆନନ୍ଦପୁର,୧୭।୧୨ (ସମିସ): ଆନନ୍ଦପୁର ଷ୍ଟାଡିୟମରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଆଜି ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ବିଶେଷ କରି ଖାଦ୍ୟ ହସ୍ତଶିଳ୍ପ ଓ ମନୋହରୀ ସାମଗ୍ରୀ ବିକ୍ରି ହେଉଥିବା ଷ୍ଟଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ଅଧ୍ୟାପକ ବିଜୟ କୁମାର ସାହୁଙ୍କ ସଞ୍ଚାଳନ ଓ ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡ଼ ବିପିନି ବିହାରୀ ମିଶ୍ର ଉଦ୍ୟୋଗୀ ନବଜ୍ୟୋତି ପଟ୍ଟନାୟକ ଚିତ୍ରତାରକା ଅଶ୍ରୁମୋଚନ ମହାନ୍ତି, ପୂର୍ଣ୍ଣେନ୍ଦୁ ଦତ୍ତ, ରତ୍ନା ହସ୍ପିଟାଲର ଅଧକ୍ଷ ନଟବର ରଣା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗଗୁରୁ ଅନ୍ନଦା ଶଙ୍କର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଦେଇଥିଲେ। ନୃତ୍ୟଗୁରୁ ଜିତୁ ଦାଶଙ୍କ ତତ୍ତ୍ୱାବଧାନରେ ସରଗମ ନୃତ୍ୟାନୁଷ୍ଠାନ, ଢେଙ୍କାନାଳ ଓ ସାଇକଳା ନୃତ୍ୟାନୁଷ୍ଠାନ, ଯାଜପୁର ରୋଡର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବ୍ ସଦସ୍ୟ ନାରାୟଣ ପଣ୍ଡା, ଶତ୍ରୁଘ୍ନ ସାହୁ, ଦିଲ୍ଲୀପ ମିଶ୍ର, ସ୍ମିପ୍ଲେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଗୋପାଳ ରାଉତ, ଶ୍ରୀକୁମାର ମିଶ୍ର, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଂଜନ ବିହାରୀ, ଅନିଲ ସାହୁ, ଲିଟୁ ହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ସୁଶାନ୍ତ ସାହୁ, ପାର୍ଥସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ସହଯୋଗ କରିଥିଲେ।

## ରାଉରକେଲାକୁ ବିଭିନ୍ନ ସ୍ଥାନରୁ ନୂତନ ଟ୍ରେନ୍ ଚଳାଚଳ ଦାବି

ରାଉରକେଲା,୧୭।୧୨(ସମିସ): ରାଉରକେଲା ଏକ ଶିଳ୍ପ ସମୃଦ୍ଧ, ସର୍ବଭାରତୀୟ ସ୍ମାର୍ଟ ସିଟି ହୋଇଥିବାରୁ ଏହାର ଗୁରୁତ୍ୱ ଓ ଜନସାଧାରଣଙ୍କ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ବିଭିନ୍ନ ସ୍ଥାନକୁ ଏକାଧିକ ଟ୍ରେନ୍ ଚଳାଚଳ କରାଯିବାକୁ ଥିଙ୍କର୍ସ ଫୋରମ୍ ତରଫରୁ ଦାବି କରାଯାଇଛି। ଫୋରମ୍‌ର ଇଂ ଭରତ ଭୂଷଣ ମହାନ୍ତି, ଶଙ୍କର ପ୍ରସାଦ ତ୍ରିପାଠି, ସୁମନ ଦତ୍ତ, ନଳିନୀ କାନ୍ତ ଧର ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ସହ ସାଂସଦ, ବିଧାୟକ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଉରକେଲା-ସୁନ୍ଦରଗଡ଼-ଝାରସୁଗୁଡ଼ା ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରୁ ପ୍ରାତଃ କାଳରେ ଓ ରାଉରକେଲାରୁ ଅପରାହ୍ନରେ ଆଉ ଏକ ଇଣ୍ଟରସିଟି ଏକ୍ସପ୍ରେସ୍ ଚଳାଚଳ କରିବାକୁ ଫୋରମ୍ ପକ୍ଷରୁ ଦାବି କରାଯାଇଛି। ଏଥିସହ ପ୍ରାତଃକାଳରୁ ଇଣ୍ଟରସିଟି ବା ଜନଶତାବ୍ଦି ଭଳି ଦ୍ରୁତଗାମୀ ଟ୍ରେନ୍ ହାୱଡା ପର୍ଯ୍ୟନ୍ତ ପ୍ରଚଳନ କରିବା, ଭୁବନେଶ୍ୱର-ଆନନ୍ଦବିହାର ଏକ୍ସପ୍ରେସ୍‌କୁ ପ୍ରତିଦିନ କରିବା ସହ ରାଜଧାନୀ ଏକ୍ସପ୍ରେସ୍‌ର ଫ୍ରିକ୍ୱେନ୍‌ସିକୁ ବୃଦ୍ଧି କରିବା, ଜୟପୁର-ଅଯୋଧ୍ୟା-ଲକ୍ଷ୍ନୌ ପାଇଁ ସିଧାସଳଖ ଟ୍ରେନ୍ ଚଳାଚଳ ଆରମ୍ଭ କରିବା, ରାଞ୍ଚି-ଜାମସେଦ୍‌ପୁର-ଧାନବାଦରୁ ରାଉରକେଲା ଦେଇ ବାଙ୍ଗାଲୋର ଓ ହାଇଦ୍ରାବାଦକୁ ପ୍ରତ୍ୟହ ଟ୍ରେନ ଚଳାଚଳ କରିବା, ସହ ବନ୍ଦେ ଭାରତ ଶୟନ ଅଥବା ହମ୍‌ସଫର, ତେଜସ ଭଳି ଟ୍ରେନ୍ ଚଳାଚଳ ଆରମ୍ଭ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି ସମ୍ବଲପୁରରୁ ଧାନବାଦ ରାଞ୍ଚି ଦେଇ ଏକ ଦ୍ରୁତଗାମୀ ଇଣ୍ଟରସିଟି ଏକ୍ସପ୍ରେସ୍ ଚଳାଚଳ କରିବା ଫୋରମ୍ ଦାବିପତ୍ରରେ ଉଲ୍ଲେଖ କରିଛି। ସମ୍ବଲପୁର-ବନାରସ ଏକ୍ସପ୍ରେସ୍ ବିଶାଖାପାଟଣାକୁ ସଂପ୍ରସାରିତ ହେବା ପରେ ଯାତ୍ରୀ ସଂଖ୍ୟା ବଢୁଥିବାରୁ ଏହାର ଫ୍ରିକ୍ୱେନ୍ସିକୁ ବୃଦ୍ଧି କରିବା ସହ ହାଓଡ଼ାରୁ ମୁମ୍ବାଇ ଓ ପୁନେକୁ ଚଳାଚଳ କରୁଥିବା ଦୁଇ ଦୁରନ୍ତ ଏକ୍ସପ୍ରେସ୍‌ର ରହଣୀ ରାଉରକେଲାରେ କରାଯିବା, ବିଳାସପୁର-ଇନ୍ଦୋର, ସମ୍ବଲପୁର-ନାନ୍ଦେଡ, ରାଞ୍ଚି-ନୂଆଦିଲ୍ଲୀ ଗରିବ ରଥ ଇତ୍ୟାଦି ଟ୍ରେନ୍‌କୁ ରାଉରକେଲା ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଉ, ଯାହା ଫଳରେ ହାଇଦ୍ରାବାଦ, ଭୋପାଳ, ଇନ୍ଦୋର, ନୂଆଦିଲ୍ଲୀ ସହ ଗମନାଗମନର ସୁବିଧା ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବନ୍ଧମୁଣ୍ଡାଠାରେ ଓ ରାଉରକେଲାରେ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିବାରୁ ରେଳ ବିଭାଗ ଏହାକୁ ବିନିଯୋଗ କରି ମରାମତି, ନିର୍ମାଣ, ଟ୍ରେନିଂ, ପରୀକ୍ଷା ଭଳି ଯାନ୍ତ୍ରିକ ଓ ଶିକ୍ଷା ସ୍ୱାସ୍ଥ୍ୟ, ବାସଗୃହ ଇତ୍ୟାଦିର ସାମାଜିକ ଭିତ୍ତିଭୂମିର ବିକାଶ କରିବାକୁ ଫୋରମ୍ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

## ସରକାରୀ ଜମି ବିକ୍ରି ନାଁରେ ଠକେଇ

### ୨ ଦଲାଲ ଗିରଫ

ରାଉରକେଲା,୧୭।୧୨(ସମିସ): ସରକାରୀ ଜମି ବିକ୍ରି ନାଁରେ ଝିରପାଣି ଥାନା ପୁଲିସ ୨ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କୋଏଲ ନଗର ବି/୩୩୭ ଘରର ବିଜୟକେତନ ରାଉତରାୟ(୫୨) ଓ ଦାଣ୍ଡିଆପାଲି ଦୟାନନ୍ଦ ନଗର ବିଭାନ ହାଇଟର ବିରେନ୍ଦ୍ର ନାୟକ (୩୨)। ସେମାନଙ୍କ ଠାରୁ ୨ଟି ମୋବାଇଲ ସମେତ ଜମି ସମ୍ପର୍କିତ ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଥାନା ପଛ ପାଖରେ ଥିବା ସରକାରୀ ଜମିକୁ ବିକ୍ରି ତଥା ପଟ୍ଟା କରାଇ ଦେବାକୁ କୋଏଲ ନଗର ସି/୫୭୮ ଘରର ସଞ୍ଜୀବ କୁମାର ନାୟକଙ୍କୁ ପ୍ରଲୋଭନ ଦେଖାଇ ଥିଲେ। ଅଭିଯୁକ୍ତଙ୍କ କଥାରେ ଶ୍ରୀ ନାୟକ ବିଶ୍ୱାସ କରି ୪ ଲକ୍ଷ ୮୫ ହଜାର ଟଙ୍କା ଦେଇଥିଲେ। ହେଲେ ଅଭିଯୁକ୍ତ ଦ୍ୱୟ ବିଭିନ୍ନ କଥା କହି ଆଉ ଧରାଛୁଆଁ ଦେଉ ନଥିଲେ। ଠକେଇ ହେବାର ଜାଣି ୨୪ ଅକ୍ଟୋବରରେ ଶ୍ରୀ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେବେଠାରୁ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମଙ୍ଗଳବାର ଗିରଫ କରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତ ଦ୍ୱୟ ପେଶାରେ ଜମି ଦଲାଲ ବୋଲି ତଦନ୍ତରୁ ଜଣାପଡ଼ିଥିବା ବେଳେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

ରାଉରକେଲା,୧୭।୧୨(ସମିସ): ସ୍ଥାନୀୟ ଭବାନିପୁର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଚଳିତ ଡିସେମ୍ବର ୧୩ ତାରିଖରୁ ଚାଲିଥିବା ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଆନ୍ତର୍ଜାତୀୟ ଧାବିକା ସୁଶ୍ରୀ ଦୁତି ଚାନ୍ଦ, ଆନ୍ତର୍ଜାତୀୟ ସାଇକଲିଷ୍ଟ ମିନତୀ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବରେ ୧୫ ଗୋଟି ବର୍ଗରେ ପଞ୍ଚାୟତସ୍ତର, ବ୍ଲକସ୍ତର ଦେଇ ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକ, ଓଡ଼ିଶା ତୀରନ୍ଦାଜ୍ ସଙ୍ଘର ଉପ ସଭାପତି ତଥା ସାଂସଦ ଖେଳ ମହୋତ୍ସବ ଜିଲ୍ଲା ସଂଯୋଜକ ବଟକିଶୋର ମିଶ୍ର, ବରିଷ୍ଠ ନେତ୍ରୀ ସୁକେଶି ଓରାମ, ସହ ସଂଯୋଜକ ଅଭୟ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସ, ନରସିଂହ ମିଞ୍ଜ ଯୋଗ ଦେଇଥିଲେ।




### ରାଜ୍ୟ ଉନ୍ନୟନ କମିଶନର ଓ ବାଣିଜ୍ୟ, ପରିବହନ ସଚିବଙ୍କ ରାଉରକେଲା ଗସ୍ତ

# ସମ୍ପ୍ରସାରଣ ପରେ ରାଉରକେଲାରୁ ଉଡ଼ିବ ଇଣ୍ଡିଗୋ ବିମାନ

ରାଉରକେଲା,୧୭।୧୨(ସମିସ)



ରାଉରକେଲା ବିମାନବନ୍ଦରକୁ ସଂପ୍ରସାରଣ ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଥିବା ବେଳେ ଖୁବଶୀଘ୍ର ଏହାକୁ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବା ନିମନ୍ତେ କଥାବାର୍ତ୍ତା ଆଗେଇଛି। ସମ୍ପ୍ରସାରଣ ପରେ ରାଉରକେଲା ବିମାନ ବନ୍ଦରରୁ ଇଣ୍ଡିଗୋ ବିମାନ ଉଡିବା ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ମଧ୍ୟ ଆଲୋଚନା ଆରମ୍ଭ କରିଛନ୍ତି ବୋଲି ଆଜି ରାଉରକେଲା ଗସ୍ତରେ ଆସିଥିବା ପ୍ରମୁଖ ଶାସନ ସଚିବ ତଥା ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢୀ କହିଛନ୍ତି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ପ୍ରମୁଖ ଶାସନ ସଚିବ ତଥା ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢୀ ଦୁଇ ଦିନିଆ ରାଉରକେଲା ଗସ୍ତରେ ଆସି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ସେଗୁଡିକର ସମୀକ୍ଷା କରିଛନ୍ତି। ଏହି ସମୟରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ମହାନଗର ନିଗମ କମିଶନର ଦୀନା ଦସ୍ତଗୀର୍ ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ପ୍ରଥମେ ଛେଣ୍ଡ ସ୍ଥିତ ବାୟୋ ମାଇନିଂ ସ୍ଥଳ ପରିଦର୍ଶନ କରି ସେଠାରେ ଚାଲିଥିବା ପ୍ରକ୍ରିୟାକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରକ୍ରିୟାକରଣ କାର୍ଯ୍ୟ ସାରିବା ପରେ ଉକ୍ତ ଜାଗାର ପୁନଃରୁଦ୍ଧାର ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ପରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପରିଦର୍ଶନ କରି ସେଠାକାର ପରିଚାଳନା ବାବଦରେ ଉପସ୍ଥିତ ଅଧିକାରୀଙ୍କ ଠାରୁ ପଚାରି ବୁଝିଥିଲେ। ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର ହକି ଗ୍ୟାଲେରୀ ସ୍ଥାନିତ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଶ୍ୱକପ ସମୟର ସ୍ମରଣୀୟ ମୁହୂର୍ତ୍ତର ଫଟୋଚିତ୍ର ଗୁଡିକୁ ଉକ୍ତ ଗ୍ୟାଲେରୀରେ ସାମିଲ୍ କରିବା, ମାସ୍କଟ ଓଲିର ଏକ ପ୍ରତିକୃତି ଷ୍ଟାଡିୟମରେ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ସେ ଛେଣ୍ଡ ସ୍ଥିତ ସୁଲଭ ବାସଗୃହ ପ୍ରକଳ୍ପ ପରିଦର୍ଶନ କରି ଉପଲବ୍ଧ ସୁବିଧାର ସମୀକ୍ଷା କରିଥିଲେ। ଟିସ୍କୋ ପୋଖରୀର ପୁନଃରୁଦ୍ଧାର କାର୍ଯ୍ୟ କରି ତାହାକୁ ଏକ ପ୍ରମୁଖ ପିକନିକ ସ୍ଥଳ ଭାବେ ତିଆରି କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏଥିପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ କହିବା ସହ ନିର୍ମାଣ ସମୟରେ ପ୍ରାକୃତିକ ସୌନ୍ଦର୍ଯ୍ୟଗୁଡିକର ଯେପରି କ୍ଷତି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ସେ ଉଦିତ ନଗରଠାରେ ଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରି ସେଠାରେ ଭୋଜନ କରିଥିଲେ। ନିର୍ମାଣାଧୀନ କୋଏଲ ନଗର ସ୍ଥିତ ବୃହତ୍ ମନୋରଞ୍ଜନ ଉଦ୍ୟାନ (ବିଗ୍ ରିକ୍ରିଏସନାଲ ପାର୍କ) ପରିଦର୍ଶନ କରି ଆଗାମୀ ଦିନରେ ଏହା ରାଉରକେଲାର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବ ବୋଲି କହିଥିଲେ। ପରେ ସେ ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ ପରିଦର୍ଶନ କରି ସେଠାରେ ଉପସ୍ଥିତ ଖେଳାଳିଙ୍କ ସହ ଆଲୋଚନା କରିଥିଲେ। ବାଲୁଘାଟଠାରେ ପ୍ରତିଷ୍ଠା ହୋଇଥିବା ବାୟୋ-ମାସ ପେଲେଟ ପ୍ଲାଣ୍ଟ ପରିଦର୍ଶନ କରି ପ୍ରସ୍ତୁତି ପ୍ରଣାଳୀ ଓ ସାମଗ୍ରୀର ବିକ୍ରିବଟା ବାବଦରେ ପଚାରିଥିଲେ। ପୁରାଣ ପ୍ରସିଦ୍ଧ ବେଦବ୍ୟାସ ମନ୍ଦିର ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ପରେ ରାଉରକେଲା ୱାନ ଠାରେ ନିର୍ମାଣାଧୀନ ଜନଜାତି ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ସମନ୍ୱିତ ରାଉରକେଲା ୱାନ ଠାରେ ନିର୍ମାଣାଧୀନ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କକ୍ଷ (ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର) ପରିଦର୍ଶନ କରି ଏହା ସହରର ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ ତଥା ସୁବ୍ୟବସ୍ଥିତ କରିବା ସହ ଅପରାଧ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଏହା ପରେ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ରାଉରକେଲା ମହାନଗର ନିଗମ ଓ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଗୁଡ଼ିକର ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବର୍ଷ ବର୍ଷ ଧରି ଅଟକି ରହୁଥିବା ପ୍ରକଳ୍ପ ଗୁଡିକୁ ତ୍ୱରିତ ସାରିବା ଓ ନୂତନ ପ୍ରକଳ୍ପ ଗୁଡିକର ତ୍ୱରିତ ଆରମ୍ଭ ସହ ପ୍ରକଳ୍ପ ଗୁଡ଼ିକରୁ ଅଧିକରୁ ଅଧିକ ରାଜସ୍ୱ ଯେପରି ସୃଷ୍ଟି ହୋଇପାରିବ ସେ ଦିଗରେ ଧ୍ୟାନ ଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଉପସ୍ଥିତ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ବାଣିଜ୍ୟ ଓ ପରିବହନ ବିଭାଗର ସଚିବ ଉଷା ପାଢୀ ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବା ନେଇ ସୂଚନା ଦେବା ସହ ଏହାକୁ ଏକ ବଡ଼ ବିମାନ ବନ୍ଦର ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଥିବା ପ୍ରକାଶ କରିଥିଲେ। ଏହାକୁ ସଫଳତାର ସହ କାର୍ଯ୍ୟକ୍ଷମ କରାଇବା ନେଇ ରାଉରକେଲା ଇସ୍ପାତ କାରଖାନାର ଅଧିକାରୀଙ୍କ ସହ ଆଲୋଚନା ହୋଇଥିବା ସେ କହିବା ସହ ବିଭିନ୍ନ ସହରକୁ ସଂଯୋଗ କରିବା ପାଇଁ ଇଣ୍ଡିଗୋ ସଂସ୍ଥା ସହ ଆଲୋଚନା ହୋଇଥିବା ସୂଚନା ଦେଇଥିଲେ।

## ୨୦ରୁ ୩୬ତମ ଜାତୀୟ ନାଟ୍ୟ ମହୋତ୍ସବ

ରାଉରକେଲା,୧୭।୧୨(ସମିସ): ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସ୍ପନ୍ଦନ, ରାଉରକେଲା ପକ୍ଷରୁ ଡିସେମ୍ବର ୨୦ ରୁ ୨୭ ତାରିଖ ପର୍ଯ୍ୟନ୍ତ ସିଭିକ୍ ସେଣ୍ଟରଠାରେ ଆୟୋଜନ କରିବାକୁ ଯାଉଛି ୩୬ତମ ସର୍ବ ଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ୨୦୨୫। ବିଭିନ୍ନ ଭାଷାଭାଷୀ ଲୋକମାନେ ବସବାସ କରୁଥିବା ତଥା ମିନି ଇଣ୍ଡିଆ କୁହାଯାଉଥିବା ଇସ୍ପାତ ନଗରୀ ରାଉରକେଲାଠାରେ ଦୀର୍ଘ ଆଠ ଦିନ ବ୍ୟାପୀ ଆୟୋଜିତ ହେବାକୁଥିବା ଏହି ଜାତୀୟ ମହାପର୍ବର ଉଦ୍‌ଘାଟନ ଦିବସ ସଂଧ୍ୟାରେ କଳା,ସାହିତ୍ୟ ଓ ସଂସ୍କୃତିର ଅନୁଷ୍ଠାନ ସ୍ପନ୍ଦନ,ରାଉରକଲାର କଳାକାରଙ୍କ ଦ୍ୱାରା ଓଡିଆ ନାଟକ "ଜହର ଜହ୍ନ' ମଞ୍ଚସ୍ଥ ହେବ। ଡିସେମ୍ବର ୨୧ରେ ଭୁବନେଶ୍ୱରସ୍ଥିତ ବିଦ୍ୟାକନକ ସୃଜନାନୁଷ୍ଠାନ ଦ୍ୱାରା ଅନ୍ୟ ଏକ ଓଡିଆ ନାଟକ "କୁହୁଡି' ମଞ୍ଚସ୍ଥ ହେବ। ମହୋତ୍ସବର ୩ୟ ଦିବସ ତଥା ୨୨ଡିସେମ୍ବର ସଂଧ୍ୟାରେ ଭୁବନେଶ୍ୱରର ବାଗଦେବୀ ଲିଟେରେଚର ଟ୍ରଷ୍ଟର "ଏବଂ କିଏ', ୪ର୍ଥ ସଂଧ୍ୟା ଡିସେମ୍ବର୨୩ରେ ବାରାଣାସୀର ମଂଚଦୂତମ୍ ନାଟ୍ୟାନୁଷ୍ଠାନର ହିନ୍ଦୀ ନାଟକ "ମଧ୍ୟାନ୍ତର" ଏବଂ ୨୪ ତାରିଖ ସଂଧ୍ୟାରେ ପଶ୍ଚିମବଙ୍ଗର ଗୋବରଡଂଗା ଶିଳ୍ପାୟନ ନାଟ୍ୟ ସଂସ୍ଥା ପକ୍ଷରୁ ବଙ୍ଗଳା ଭାଷାର ନାଟକ 'ଉତ୍ତମ ପୁରୁଷ' ମଞ୍ଚସ୍ଥ ହେବ। ଡିସେମ୍ବର ୨୫ ତାରିଖ ସଂଧ୍ୟାରେ ଆସାମର ସିରସା ଅନଷ୍ଠାନ ପକ୍ଷରୁ ଆସାମୀ ଭାଷାର ନାଟକ 'ବିରଳ ତପସ୍ୱୀ', ଡିସେମ୍ବର ୨୬ ତାରିଖରେ ଗୋଆଲିୟରର ଆଇ ଟି ଏମ୍ ପରଫରମିଂଗ ଆର୍ଟସ କ୍ଲବ ପକ୍ଷରୁ ହିନ୍ଦୀ ଭାଷାର ବହୁ ଚର୍ଚ୍ଚିତ ନାଟକ "ସମସାନ ଏକ ମହାପର୍ବ' ମଞ୍ଚସ୍ଥ ହେବ। ଏହି ମହୋତ୍ସବର ଉଦଯାପନୀ ସଂଧ୍ୟାରେ ଭାରତବର୍ଷର ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ପ୍ରତିଯୋଗିତା ଏବଂ ପରେ ନାଟକ କ୍ଷେତ୍ରରେ ପ୍ରତିଭାମାନଙ୍କ ପାଇଁ ସମ୍ବର୍ଦ୍ଧନା ପର୍ବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ସ୍ପନ୍ଦନ ପକ୍ଷରୁ ସୂଚାଯାଇଛି।

## ୪ ଇନ୍ସପେକ୍ଟରଙ୍କ ବଦଳି

ରାଉରକେଲା,୧୭।୧୨(ସମିସ): ରାଉରକେଲା ଜିଲ୍ଲା ପୁଲିସ ଅଧୀନରେ ଥିବା ବିଭିନ୍ନ ଥାନାରେ କାର୍ଯ୍ୟରତ ୪ ଜଣ ଇନ୍ସପେକ୍ଟରଙ୍କ ବଦଳି ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ବନ୍ଧମୁଣ୍ଡା ଥାନା ଇନ୍ସପେକ୍ଟର ଶ୍ରୀକାନ୍ତ ଖମାରୀଙ୍କ ଚାନ୍ଦିପୋଷ ଥାନା, ସେକ୍ଟର -୧୯ ଥାନାର ରଞ୍ଜନ କୁମାର ନାୟକଙ୍କ ବନ୍ଧମୁଣ୍ଡା ଥାନା, ଲାଠିକଟା ଥାନାର ବୈଦ୍ୟନାଥ ସାହୁଙ୍କ ସେକ୍ଟର -୧୯ ଥାନା ଓ କଳୁଙ୍ଗା ଫାଣ୍ଡିର ବିକ୍ରମ କୁମାର ଭୂୟାଁଙ୍କ ଲାଠିକଟା ଥାନାକୁ ବଦଳି ହୋଇଛି।

## ବିଏମ୍‌ଏସ୍ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଉରକେଲା,୧୭।୧୨(ସମିସ): ସାରନଗରୀଠାରେ ବିଏମ୍‌ଏସ୍‌ର କାର୍ଯ୍ୟାଳୟ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ପ୍ରଚାରକ ବିଷ୍ଣୁ ଚରଣ ପାତ୍ରଙ୍କ କରମକଳରେ ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରମରେ ଆରଆଇକେକେଏସ୍ ବରିଷ୍ଠ କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ ହୋଇଥିଲା। ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ବିଷ୍ଣୁ ପାତ୍ର ଯୋଗଦେଇ ବାବୁ ଚେନୁଙ୍କ ବଳିଦାନର ସ୍ମୃତିଚାରଣ କରିବା ସହିତ ଉକ୍ତ ଅଞ୍ଚଳରେ କାର୍ଯ୍ୟାଳୟ ନେଇ ଲୋକଙ୍କ ସ୍ୱପ୍ନ ପୂରଣ ହୋଇଛି ବୋଲି କହିଥିଲେ। ଗାଙ୍ଗପୁର ମଜଦୂର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ ଯୋଗ ଦେଇଥିଲେ। ପ୍ରଦୋଷ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଉମାକାନ୍ତ ସାମଲ, ବିକାଶ ପ୍ରଧାନ, ସଞ୍ଜୟ ଦାସ, ପ୍ରତାପ ପଟ୍ଟନାୟକ, ବାସୁ ନାଥ, ନରନାଥ କୁଅଁର, ଉତ୍ତମ ଜେନା, ରବି ଗୁପ୍ତା, ଅନିଲ ଗୁପ୍ତା, ଗାନ୍ଧୀ ନାୟକ, ବୁଟୁ ସାମଲ, ବୈକୁଣ୍ଠ ପାତ୍ର, ରବି ଘଡେଇ ଉପସ୍ଥିତ ଥିଲେ। ବିବେକାନନ୍ଦ ମହନ୍ତ ଧନ୍ୟବାଦ ଦେଇଥିଲେ।




## ୩ ଦିନ ଧରି ପରିବାର ସହ ଧାରଣାରେ ଖଣି ପ୍ରଭାବିତବାସୀ

### ● ଦାବି ପୂରଣ ନ ହେଲେ ପରିବହନ ବନ୍ଦ ଚେତାବନୀ




କୋଇଡା,୧୭।୧୨(ସମିସ): ବିଭିନ୍ନ ଦାବି ନେଇ କୋଇଡ଼ା ଖଣି ମଣ୍ଡଳ ଜିଭିପିଆର ମାଇନ୍ସ ସମ୍ମୁଖରେ ତିନିଦିନ ହେଲା ଖଣି ପ୍ରଭାବିତ ଗ୍ରାମବାସୀମାନେ ଛୁଆ ପିଲାଙ୍କୁ ଧରି ଧାରଣାରେ ବସିଛନ୍ତି। ଖଣି ପ୍ରଭାବିତଙ୍କୁ ସ୍ଥାନୀୟ ଖଣିରେ ନିଯୁକ୍ତି ସହ ଯୁବକ ଯୁବତୀମାନଙ୍କୁ ନିଜର ଦକ୍ଷତା ଅନୁସାରେ ନିଯୁକ୍ତି, ସ୍ଥାନୀୟ ପରିବହନ ସଂସ୍ଥାକୁ ଖଣିରେ ପରିବହନ ଯୋଗାଇଦେବା ଏବଂ ବାହାର ଖଣି ପରିବହନ ସଂସ୍ଥାକୁ ତୁରନ୍ତ ଖଣିରୁ ବହିଷ୍କାର ପାଇଁ ଖଣି ପ୍ରଭାବିତ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଥମ ଦିନ ଧାରଣା ସ୍ଥଳକୁ ସ୍ଥାନୀୟ ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ ପହଞ୍ଚି ଖଣି ପ୍ରଭାବିତଙ୍କୁ ବୁଝାସୁଝା କରିଥିଲେ। ଶେଷରେ ୭ ଦିନ ମଧ୍ୟରେ ଆନ୍ଦୋଳନକାରୀଙ୍କ ସମସ୍ତ ଦାବି ସମ୍ପୂର୍ଣ୍ଣ କରିବା ପାଇଁ ଖଣି କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ଆନ୍ଦୋଳନକାରୀ ୭ ଦିନ ପର୍ଯ୍ୟନ୍ତ ଶାନ୍ତି ପୂର୍ଣ୍ଣ ଧାରଣାରେ ବସି ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଶାନ୍ତି ପୂର୍ଣ୍ଣ ଧାରଣାରେ ନୂଆଗାଁ, କାଦଡିଆ, ବାଲିଯୁଡ଼ି, ହରିଶ୍ଚନ୍ଦ୍ରପୁର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ନିଜର ଛୁଆ ପିଲାଙ୍କୁ ଧରି ସାମିଲ ହୋଇଛନ୍ତି। ସାତ ଦିନ ମଧ୍ୟରେ ଦାବି ପୂରଣ ନହେଲେ ଜିଭିପିଆର୍ ଖଣିରୁ ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଖଣି ପ୍ରଭାବିତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଫୁଟବଲ୍ ଖେଳ ଉପରେ ଆଲୋଚନାଚକ୍ର

ରାଉରକେଲା,୧୭।୧୨(ସମିସ): ସୁନ୍ଦରଗଡ ସ୍ଥିତ ଭବାନୀପୁରଠାରେ ସାଂସଦ ଖେଳ ମହୋତ୍ସବର ସମସ୍ତ ଖେଳର ଆୟୋଜନ କରାଯାଇଥିଲା। ଅପରାହ୍ନରେ ଏହାର ଉଦଘାଟନ ହେବା ପୂର୍ବରୁ ସକାଳ ୧୦ଟାରେ ଫୁଟବଲ ଖେଳର ଦାୟିତ୍ୱ ତୁଲାଉଥିବା ମ୍ୟାଚ କମିଶନର ତଥା ଜାତୀୟ ରେଫରୀ ଭାସ୍କର ନନ୍ଦଙ୍କ ଅଧକ୍ଷତାରେ ସମସ୍ତ ରେଫରୀମାନଙ୍କୁ ନେଇ ନୂତନ ନିୟମ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ନିୟମାବଳୀ ସହ ଖେଳ ଗୁଡିକ ସୁପରିଚାଳନା କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିରେ ବରିଷ୍ଠ ରେଫରୀ ପ୍ରଦିପ୍ତ ମହାନ୍ତି, କେଶବ ଚନ୍ଦ୍ର ପ୍ରଧାନଙ୍କ ସମେତ ରାଜେଶ ଭସାଇ, ଥବୀର ଗରୁଡ଼, ରାଜକୁମାର ପାଣିଗ୍ରାହୀ, ସୁଶାନ୍ତ ଧରତୀ, ସାମୁ ହାସଦା, ଜୁଧୀଷ୍ଠୀର କୁଲସୁରୀ, ହେମନ୍ତ ହାସଦା, ରଂଜିତ ଓରାମ, ବିଜୟ ତିକୀ, ସରୋଜ ବାଗ, ସାଗର ନାଏକ ପ୍ରମୁଖ ଯୋଗଦେଇଥିଲେ। ଏଥିପାଇଁ ସୁଯୋଗ ପାଇଥିବାରୁ ସାଂସଦ ଖେଳର ସଭ୍ୟମାନଙ୍କୁ ମ୍ୟାଚ କମିଶନର ଧନ୍ୟବାଦ ଜଣାଇଛନ୍ତି।

## ଆର୍‌ଏସ୍‌ପିରେ ସାମିଲ ହେଲା ୪ ଅତ୍ୟାଧୁନିକ ଦମକଳ



ରାଉରକେଲା, ୧୭।୧୨(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଅଗ୍ନିଶମ ସେବା ବିଭାଗ ଚାରୋଟି ଅତ୍ୟାଧୁନିକ ଫାୟାର ଟେଣ୍ଡର ସାମିଲ କରିଛି। ଏହାର ଜରୁରୀକାଳୀନ ଅଗ୍ନି ନିର୍ବାପନ ବାହନ ସମୂହକୁ ଅଧିକ ସୁଦୃଢ କରିଛି। ଏହି ଶକ୍ତିଶାଳୀ ଫାୟାର ଟେଣ୍ଡରଗୁଡ଼ିକ ମଧ୍ୟରେ ଦୁଇଟି ଫୋମ୍ ଫାୟାର ଟେଣ୍ଡର, ଗୋଟିଏ ଡିସିପି କମ ମଲ୍ଟି-ପର୍ପଜ୍ ଫାୟାର ଟେଣ୍ଡର ଏବଂ ୧୮ ମିଟର ବିଶିଷ୍ଟ ବୁମ୍ ଟାୱାର ସହିତ ଗୋଟିଏ ୱାଟର ବାଉଜର ଅନ୍ତର୍ଭୁକ୍ତ ରହିଛି। ବୁଧବାର ଏନେଇ କେନ୍ଦ୍ରୀୟ ଅଗ୍ନିଶମ ଷ୍ଟେସନରେ ଆୟୋଜିତ କାର୍ଯ୍ୟକ୍ରମରେ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ରଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପଲାଇ ନୂତନ ଅଗ୍ନି ନିର୍ବାପକ ବାହନ ଗୁଡିକର ବିଶେଷ ଉପକରଣ ଏବଂ ଆନୁଷଙ୍ଗିକ ସାମଗ୍ରୀ ପରିଦର୍ଶନ କରିଥିଲେ। ଅଗ୍ନିଶମ ସେବା ବିଭାଗର ଜିଏମ ପିଏସ୍ ଥାକରେଙ୍କ ନେତୃତ୍ୱରେ ଅଗ୍ନିଶମ ସେବା ଦଳ ଦ୍ୱାରା ଅଗ୍ନିଶମ ଟେଣ୍ଡରଗୁଡ଼ିକର କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବା ସହିତ ସେଗୁଡିକର ପରାକାଷ୍ଠା ଏବଂ ପ୍ରଭାବଶାଳୀତା ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ଅଗ୍ନିଶମ ସେବା ବିଭାଗର ଡିଜିଏମ ଏମ୍ ଆଇ ସୋଙ୍ଗସାରେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଉଲ୍ଲେଖନୀୟ ଯେ, ଅତ୍ୟାଧୁନିକ ନୂତନ ଅଗ୍ନି ନିର୍ବାପକ ଗାଡି ଗୁଡ଼ିକରେ ଶୁଷ୍କ ରାସାୟନିକ ପାଉଡର (ଡିସିପି) ତଥା ବହୁମୁଖୀ ଅଗ୍ନିଶମ ଟେଣ୍ଡରରେ ୧୦୦୦ କିଲୋଗ୍ରାମ ବିଶିଷ୍ଟ ଡ଼ିସିପି, ୭୦୦୦ ଲିଟର ଫୋମ୍ ଏବଂ ୩୫ କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ କ୍ଷମତାର ଅତୁଳନୀୟ ମିଶ୍ରଣ ରହିଛି। ଏହାର ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ୧୪୦୦୦ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି, ୧୮ ମିଟର ଉଚ୍ଚତାରେ କାର୍ଯ୍ୟ ଦକ୍ଷତା ସହ ୩୬୦ ଡିଗ୍ରୀ ଘୂର୍ଣ୍ଣନ ଏବଂ ସୁଦୂରରୁ କାର୍ଯ୍ୟ କରିବା କ୍ଷମତା ଅନ୍ତର୍ଭୁକ୍ତ ଅଛି। ଏଥିସହିତ ଦୁଇଟି ଫୋମ୍ ଫାୟାର ଟେଣ୍ଡରରେ ୫୦୦୦ ଲିଟର ପାଣି ଟାଙ୍କି ଏବଂ ୧୦୦୦ ଲିଟର ଫୋମ୍ ଟ୍ୟାଙ୍କ କ୍ଷମତା ରହିଛି। ଜରୁରୀକାଳୀନ ପରିସ୍ଥିତିରେ ସ୍ଥାୟୀତ୍ୱ ଏବଂ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ଅଗ୍ନିଶମ ଇଞ୍ଜିନରେ ଦୃଢ଼ ଏବଂ ଶକ୍ତିଶାଳୀ ଚେସିସ୍ ରହିଛି।

### କୁଆଁରମୁଣ୍ଡାରେ ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ

# ମାଳତି ଓରାମ ନୃତ୍ୟ ଦଳ ଚାମ୍ପିଅନ୍

ରାଉରକେଲା,୧୭।୧୨(ସମିସ)



ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସଆର ବିଭାଗ ଦ୍ୱାରା ଜନାଜାତୀୟ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ପ୍ରୟାସ ସ୍ୱରୂପ କୁଆଁରମୁଣ୍ଡା ଗ୍ରାମ ପଞ୍ଚାୟତ ନାଇକେନବାହାଲ ଗ୍ରାମରେ ଜୋନାଲସ୍ତରୀୟ ପ୍ରତିଯୋଗିତା ଓ ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରୁ ୩୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ।

ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପିର ଖଣି ଓଜିଓଏମ-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଖଣି ବିଭାଗର ଜିଏମ ତିଳକ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସ ଆର ବିଭାଗର ଜିଏମ ଇନ ଚାର୍ଜ ମୁନମୁନ ମିତ୍ର, ଡିଜିଏମ ଟି.ବି. ଟପ୍ପୋଙ୍କ ସମେତ ସି ଏସଏସ ଆର ବିଭାଗର ଅନ୍ୟ ବହୁ ଅଧିକାରୀ, ଏସଏଚଜି ଗ୍ରୁପ ସଦସ୍ୟ ଉପସ୍ଥିତ ଥିଲେ। ଏମ୍‌ପି ସିଂହ ଆଦିବାସୀ ଏବଂ ଗ୍ରାମୀଣ ସମ୍ପ୍ରଦାୟର ସାଂସ୍କୃତିକ ପରିଚୟ ସଂରକ୍ଷଣରେ ଲୋକ ପରମ୍ପରାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏପରି ପଦକ୍ଷେପ କେବଳ ପାରମ୍ପରିକ ଲୋକକଳାକୁ ପୋଷଣ କରେ ନାହିଁ ବରଂ ଗ୍ରାମାଞ୍ଚଳ ମଧ୍ୟରେ ସାମ୍ପ୍ରଦାୟିକ ବନ୍ଧନ ଏବଂ ଗର୍ବଭାବନାକୁ ମଧ୍ୟ ସୁଦୃଢ଼ କରିଥାଏ ବୋଲି ସେ କହିଥିଲେ। ତିଳକ ପଟ୍ଟନାୟକ କଳାକାରମାନଙ୍କୁ ସେମାନଙ୍କର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବାର ପ୍ରୟାସକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ବ୍ୟକ୍ତିମାନେ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କଚାରୁ ଗ୍ରାମର ମାଳତି ଓରାମ ନୃତ୍ୟ ଦଳ ଚାମ୍ପିଅନ୍ ହୋଇ ୧୦,୦୦୦ ଟଙ୍କା ଏବଂ ଟ୍ରଫି ହାସଲ କରିଥିଲା। ନାଇକେନବାହାଲ ଗ୍ରାମର ଜୟ କରମ ନୃତ୍ୟ ଦଳ ଦ୍ୱିତୀୟ ସ୍ଥାନରେ ରହି ୮,୦୦୦ ଟଙ୍କାର ପୁରସ୍କାର ସହ ଟ୍ରଫି ହାସଲ କରିଥିଲା।

ସେହିପରି ତୃତୀୟ ସ୍ଥାନ ଜୱାକୁଦୁର ଗ୍ରାମର ପୁଷ୍ପା ନୃତ୍ୟ ଦଳକୁ ୬,୦୦୦ ଟଙ୍କା ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହିତ ଏଥିରେ ଅଂଶଗ୍ରହଣ କରି ଥିବା ପ୍ରତ୍ୟେକ ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୨,୫୦୦ ଟଙ୍କା ମଧ୍ୟ ପ୍ରଦାନ କରାଯାଇଥିଲା। ଆରଏସପିର ସିଏସଆର ବିଭାଗ, ଶୁଭଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ, ସୁରଭି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଶର୍ମା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ସହଯୋଗ କରିଥିଲେ। ସୁଶ୍ରୀ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିବା ବେଳେ ଟିବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସଆର ବିଭାଗର ସେକ୍ସନ ଅଫିସର ବିଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୨ତମ ବାର୍ଷିକ ଉତ୍ସବ

# ‘ସରସ୍ୱତୀ ଶିଶୁ ମନ୍ଦିରକୁ ଆସିଲେ ଘର ବାହୁଡ଼ା ଭଳି ମନେହୁଏ’



ବ୍ରହ୍ମପୁର,୧୭।୧୨(ସମିସ):

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୨ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ନିଜ ଶିକ୍ଷକତା ଦିନଗୁଡିକୁ ମନେ ପକାଇ ଭାବବିହ୍ୱଳ ହୋଇ, ଯେକୌଣସି ସରସ୍ୱତୀ ବିଦ୍ୟା ମନ୍ଦିରକୁ ଆସିଲେ ତାଙ୍କୁ ନିଜର ଘର ବାହୁଡା ଭଳି ମନେ ହୋଇଥାଏ ବୋଲି କହିଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର ସମୂହ ପ୍ରତିଭା ସମ୍ପନ୍ନ ବିଦ୍ୟାର୍ଥୀ ସୃଷ୍ଟି କରିବା ସହିତ ଭାରତୀୟ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ସଚେତନତା ସୃଷ୍ଟି କରି ଉତ୍ତମ ନାଗରିକ ଗଠନ କରିଥାନ୍ତି ବୋଲି ମତବ୍ୟକ୍ତ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ରାଜ୍ୟରେ ନୂତନ ଶିକ୍ଷାନୀତି ୨୦୨୦ ଲାଗୁ କରାଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ

### ସରକାରୀ ଚାକିରି ଏକମାତ୍ର ବିକଳ୍ପ ନୁହେଁ
### କ୍ୟାରିୟର ଗଠନ ପାଇଁ ଛାତ୍ରଛାତ୍ରୀ ହିଁ ନିଷ୍ପତ୍ତି ନିଅନ୍ତୁ

ସୃଜନଶୀଳତା ଓ ସ୍ୱାବଲମ୍ବୀ ଭାବ ବୃଦ୍ଧି ଉଦ୍ଦେଶ୍ୟରେ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଆଧାରରେ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚାକୁ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରାଥମିକସ୍ତରରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏଥିରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ସ୍ଥାପନ କରି ପ୍ରଥମ ପର୍ଯ୍ୟାୟରେ ୨୨୦୦ଟି ବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସିବିଏସଇ ଏବଂ ଆଇସିଏସ୍ଇ ଢାଞ୍ଚାରେ ମାଧ୍ୟମିକ ଶିକ୍ଷାବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାବୋର୍ଡକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରାଯିବ। ଏହାଦ୍ୱାରା ଶିକ୍ଷାର ଗୁଣାତ୍ମକମାନ ଆହୁରି ବୃଦ୍ଧି ପାଇବ ବୋଲି କହିଥିଲେ। ଉତ୍ତମ ଶିକ୍ଷା ପରିବେଶ ଓ ଗୁଣାତ୍ମକମାନର ଶିକ୍ଷାପ୍ରଦାନ ପାଇଁ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରାଜ୍ୟରେ ସୁନାମ ରହିଛି। ସରସ୍ୱତୀ ବିଦ୍ୟାମନ୍ଦିର ସମୂହ କେବଳ ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀଙ୍କୁ ନେଇ ନଥାଏ। ବିଦ୍ୟାର୍ଥୀଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଶିକ୍ଷାଦାନ କରି ଉତ୍ତମ ନାଗରିକ ମଧ୍ୟ ଗଠନ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସଫଳ ଓ ସୁନ୍ଦର କ୍ୟାରିୟର ଚୟନ କରିବାରେ ବିଦ୍ୟାଳୟ ଗୁଡ଼ିକରେ ଅଭିଭାବକ କିମ୍ବା ଶିକ୍ଷକ ଶିକ୍ଷୟିତ୍ରୀ ବଦଳରେ ଛାତ୍ରଛାତ୍ରୀ ହିଁ ନିଷ୍ପତି ନେବା ଆବଶ୍ୟକତା ରହିଛି। ରୋଜଗାର ପାଇଁ ସରକାରୀ ଚାକିରି ଏକମାତ୍ର ବିକଳ୍ପ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ପରାମର୍ଶ ଦେଇଛନ୍ତି।

ସେହିପରି ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ ଓ ପଶ୍ଚିମ ପ୍ରାନ୍ତ ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ ଯୋଗଦେଇ ଭାରତକୁ ପରମ ବୈଭବଶାଳୀ ରାଷ୍ଟ୍ର ରୂପେ ଗଢ଼ିତୋଳିବା ପାଇଁ ସରସ୍ୱତୀ ‘ଶିଶୁ ବିଦ୍ୟାମନ୍ଦିର ଯୋଜନା’ ଅନ୍ତର୍ଭୁକ୍ତ ଶିଶୁମାନଙ୍କର ଭୂମିକାକୁ ପ୍ରଶଂଶା କରି ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଦାୟିତ୍ୱ ମହତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଭିନ୍ନ କାର୍ଯ୍ୟରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀମାଝି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ସ୍ୱାଧୀନତା ସଂଗ୍ରାମୀ ମୋହନ ନାୟକ, ସମାଜସେବୀ ଶିବରାମ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଆସିକା ବିଧାୟକ ସରୋଜ ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ।





## ଶାଶ୍ୱତୀ ରଙ୍ଗ ମହୋତ୍ସବ ଉଦ୍‌ଘାଟିତ

ବ୍ରହ୍ମପୁର,୧୭।୧୨(ସମିସ): ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟସଂସ୍ଥା ପକ୍ଷରୁ ବୁଧବାର ଶାଶ୍ୱତୀ ରଙ୍ଗ ମହୋତ୍ସବ ତଥା ୩୫ତମ ପ୍ରତିଷ୍ଠା ଦିବସ ବ୍ରହ୍ମପୁର କବିସୂର୍ଯ୍ୟ ରଙ୍ଗମଞ୍ଚରେ ଉଦ୍‌ଘାଟିତ ହୋଇଯାଇଛି। ଶାଶ୍ୱତୀ ନାଟ୍ୟସଂସ୍ଥାର ସଭାପତି ରାମଚନ୍ଦ୍ର ସାସମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଅଶୋକ କର, ସାହିତ୍ୟିକ ଇଂ. ଯାମିନି କାନ୍ତ ଦାଶ, ବରିଷ୍ଠ ଚକ୍ଷୁ ଚିକିତ୍ସିକ ସଞ୍ଜୟ ଲେଙ୍କା ଓ ଆୟୋଜକ ସଂସ୍ଥାର ଉପଦେଷ୍ଟା ରବି ନାରାୟଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ରାଜ ଗୋପାଳ ପାଢ଼ୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାଟ୍ୟସଂସ୍ଥା ସମ୍ପାଦକ ସୁନିଲ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ୨ଟି ନାଟକ ମଞ୍ଚସ୍ଥ ହୋଇଥିଲା। ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲ୍ଲା ମଞ୍ଜୁଷାର ସୁହାନି କ୍ରିଏସନ୍ ପକ୍ଷରୁ ଡା. ତିରୁପତି ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ ତେଲୁଗୁ ନାଟକ "କଂନୀଟୀ ବ୍ରାତୁକୁ’ ମଞ୍ଚସ୍ଥ ହୋଇଥିଲା। ସେହିପରି ୨ୟ ନାଟକ ଓଡ଼ିଆ ଭାଷାରେ ସାରନା ନବଯୁବକ ସଂଘ ରାଉରକେଲା ପକ୍ଷରୁ ପ୍ରଦୀପ କୁମାର ପଣ୍ଡାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ "ଚନ୍ଦ୍ରାଦିତ୍ୟ’ ନାଟକ ପରିବେଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭବାନୀ ବେହେରା, ପ୍ରଦୀପ ପଣ୍ଡା, ଆରତୀ ସାମଲଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




## ସେବାନିବୃତ୍ତ ବିକାଶ ମଞ୍ଚ ପକ୍ଷରୁ ପେନ୍‌ସନର୍ସ ଦିବସ



ବ୍ରହ୍ମପୁର,୧୭।୧୨(ସମିସ): ଗେଟ୍‌ବଜାର ସ୍ଥିତ ଏନ୍‌ଜିଓ ହଲରେ ଗଞ୍ଜାମ ଜିଲ୍ଲା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ପେନସେନର୍ସ ଦିବସ ପାଳିତ ହୋଇଯାଇଛି। ମଞ୍ଚର ସଭାପତି ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ଓ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ରାଜ୍ୟ ଅଧ୍ୟକ୍ଷ କାମରାଜୁ ମହାରଣା ଯୋଗଦେଇ ପେନସନ ଏକ ଅଧିକାର ସମ୍ପର୍କରେ କହିଥିଲେ। ଦାବି ହାସଲ ପାଇଁ ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ମିଳିତ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିବା ବେଳେ ସମସ୍ତ ବର୍ଗର କର୍ମଜୀବୀଙ୍କୁ ପେନସେନ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଆସନ୍ତା ୨୧ତାରିଖରେ ଆନ୍ଧ୍ରପ୍ରଦେଶରେ ହେବାକୁ ଥିବା ସର୍ବଭାରତୀୟ ପେନସନର୍ସ ଫେଡେରେସନ କାର୍ଯ୍ୟକାରୀ କମିଟି ବୈଠକରେ ଓଡିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ନିଷ୍ପତି ହୋଇଛି। ଗୁରୁବାର ମଞ୍ଚ ପକ୍ଷରୁ ଏନଜିଓ ହଲରୁ ଏକ ବାଇକ ରାଲି ବାହାରି ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ଦେବା ପାଇଁ ସମସ୍ତେ ସହଯୋଗ କରିବା ପାଇଁ ନିବେଦନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଅଶୋକ କୁମାର ଦଳେଇ ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ପ୍ରଫୁଲ୍ଲ କୁମାର ରଥ, ଶୁଳପାଣି ଶତପଥି, ବିଭୁତି ଭୂଷଣ ଜେନା, ଉପେନ୍ଦ୍ର ନାୟକ, ମିହିର କୁମାର ଆଚାର୍ଯ୍ୟ, ଇ. କନ୍ୟାକୁମାରୀ, ବିଜୟ ବିଷୋୟୀ, ଶାନ୍ତିଲତା ଦେବୀ, ଅମର ବିଳାସ ବେହେରା, ଗୌରୀଶଙ୍କର ଦାଶ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ୨୦୨୫ମସିହା ଭ୍ୟାଲିଡେସନ ବିଲକୁ ବିରୋଧ କରିଥିଲେ। ଶେଷରେ ସୁବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୌର ନିର୍ଦ୍ଦେଶକଙ୍କ ପକ୍ଷରୁ ନିର୍ଦ୍ଦେଶ

# ଶିକ୍ଷାନୁଷ୍ଠାନ ଇଲାକାରେ ରହିବେନି ବୁଲା କୁକୁର

ବ୍ରହ୍ମପୁର,୧୭।୧୨(ସମିସ):



### ରାଜ୍ୟବ୍ୟାପୀ ମହାନଗର ନିଗମ, ପୌରାଞ୍ଚଳ ଓ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଚିଠି
### କମିଟି ଗଠନ କରି ୨୮ ତାରିଖ ସୁଦ୍ଧା ପ୍ରାଥମିକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ ଓ ଗୁଟ୍‌ଖା ଭଳି ମାଦକ ଦ୍ରବ୍ୟ ବିକ୍ରି ଉପରେ ଜାରି ହୋଇଥିବା ନିଷେଧାଦେଶ ସଦୃଶ ଏଣିକି ବୁଲାକୁକୁରଙ୍କ ଉପସ୍ଥିତି ଉପରେ ମଧ୍ୟ କଟକଣା ଜାରି ହୋଇଛି। ଏନେଇ ରାଜ୍ୟ ପୌର ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରସଂସ୍ଥା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟ ଗୃହନିର୍ମାଣ ଓ ସହରାଞ୍ଚଳ ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏନେଇ ଗତ ୧୬ତାରିଖରେ ସମସ୍ତଙ୍କୁ ଚିଠି ଜାରି କରିଛନ୍ତି।

ବୁଲା କୁକୁରଙ୍କ ଯୋଗୁ ନିରୀହ ଶିଶୁଙ୍କୁ ବହୁମୂଲ୍ୟ ଦେବାକୁ ପଡୁଥିବା ଭଳି ଏକ ରିଟ୍ ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ଗତ ନଭେମ୍ବର ୭ରେ ଦେଇଥିବା ରାୟ ପରେ ଦେଶବ୍ୟାପୀ (ଏବିସି) ବା ‘ଆନିମଲ ବାର୍ଥ କଣ୍ଟ୍ରୋଲ’ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ନିଗମରେ ଅତିରିକ୍ତ କମିସନର ଅଥବା ଡେପୁଟି କମିସନର ଏବଂ ପୌରାଞ୍ଚଳ ଓ ଏନଏସିରେ ନିର୍ବାହୀ ଅଧିକାରୀଙ୍କୁ ଆନିମଲ ୱେଲଫର କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ନେବାକୁ କୁହାଯାଇଛି। ଏପରିକି ନୋଡାଲ ଅଧିକାରୀଙ୍କ ସମ୍ପର୍କରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ସୂଚନା ଫଳକ ଜରିଆରେ ଅବଗତ କରାଇବାକୁ ମଧ୍ୟ ସ୍ପଷ୍ଟ ନିର୍ଦ୍ଦେଶ ରହିଛି।

୨୦୨୩ ଏବିସି ନିୟମ ପ୍ରକାରେ ତାଲିମପ୍ରାପ୍ତ କୁକୁରଧରାଳିଙ୍କୁ ନେଇ ଏକାଧିକ ସ୍କ୍ୱାଡ୍ ଗଠନ କରି ବୁଲା କୁକୁରଙ୍କୁ ଧରିବା ଉତ୍ତମ ପରିଚାଳନା ସେମାନଙ୍କ ପରିବହନ ଓ ଅସ୍ତ୍ରୋପଚାର ସହିତ ଭ୍ୟାକ୍ସିନ ଦେଇ ପୁଣି ନିଜ ସ୍ଥାନରେ ଛାଡ଼ିବା ଭଳି କାର୍ଯ୍ୟ କରିବାକୁ କୁହାଯାଇଛି। ଏପରିକି ଗଠିତ ସ୍ୱତନ୍ତ୍ର କମିଟି ପ୍ରତି ୩ ମାସରେ ଥରେ ସମୀକ୍ଷା ବୈଠକ କରି କିଭଳି ଭାବେ ସହରାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଆଖପାଖରେ ଓ କ୍ୟାମ୍ପସରେ ବୁଲା କୁକୁର ନ ରୁହନ୍ତି ସେଥିପ୍ରତି ଯତ୍ନବାନ ହେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ପ୍ରତି ଅଞ୍ଚଳର ନୋଡାଲ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପକ୍ଷରୁ ବୈଠକ କରାଯାଇ ଆସନ୍ତା ୨୮ ତାରିଖ ସୁଦ୍ଧା ସ୍ଥିତି ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାକୁ ତୁରନ୍ତ ତଥା କଡ଼ାକଡ଼ି ପାଳନ କରିବା ନେଇ ମଧ୍ୟ ନିର୍ଦ୍ଦେଶ ରହିଛି। ଏହି ଚିଠିର ନକଲ ସମସ୍ତ ଜିଲ୍ଲାପାଳ ଓ ଡୁଡୁର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମଧ୍ୟ ପ୍ରଦାନ କରାଯାଇଥିବା ଜଣାପଡିଛି। ଦିନକୁ ଦିନ ସହରାଞ୍ଚଳରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ବେଳେ ଏଭଳି ନିର୍ଦ୍ଦେଶନାମାକୁ ସାଧାରଣରେ ସ୍ୱାଗତ କରାଯାଇଛି। ତେବେ ବ୍ରହ୍ମପୁର ଭଳି ସହରରେ ଏବିସି ଭଳି କାର୍ଯ୍ୟକ୍ରମ ଏପର୍ଯ୍ୟନ୍ତ ଆରମ୍ଭ ହୋଇନଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରୁ ମାଦକଦ୍ରବ୍ୟ ବିକ୍ରୀବଟା ଉପରେ ରୋକ ଲଗାଯାଇପାରିନାହିଁ। ଏଣୁ ଏଭଳି ନିର୍ଦ୍ଦେଶନାମା ଜରି କରିବାର ଯଥାର୍ଥତା କିଛି ନୁହେଁ ବରଂ ଏହାକୁ କଡାକଡି ଭାବେ କାର୍ଯ୍ୟକାରୀ କରାଗଲେ ଜନସାଧାରଣ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଏପାଖ ସେପାଖ...

### ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷତି ସହିଲେ ବ୍ୟବସାୟୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିନିକିଆ ଗସ୍ତ ଯୋଗୁ ବ୍ରହ୍ମପୁର ସହରର ମୁଖ୍ୟ ବଜାର ଅନ୍ନପୂର୍ଣ୍ଣା ମାର୍କେଟକୁ ବନ୍ଦ ରଖିବାକୁ ପଡିଥିଲା। ମାର୍କେଟରେ ଶତାଧିକ ଦୋକାନ ରହିଛି। ଯେଉଁଠି ବ୍ୟବସାୟୀମାନେ ଦୈନିକ ପ୍ରାୟ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରୁଥିଲେ। କିନ୍ତୁ ବଜାର ବନ୍ଦ ଯୋଗୁ ସେମାନଙ୍କୁ କ୍ଷତି ସହିବାକୁ ପଡିଛି। ମୁଖ୍ୟମନ୍ତ୍ରୀ ଶ୍ରୀମାଝି ଅନ୍ନପୂର୍ଣ୍ଣା ମାର୍କେଟ ଛକ ଦେଇ ଯିବାକୁ ପୂର୍ବରୁ ଯୋଜନା ରହିଥିଲା। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତପୂର୍ବରୁ ଫେରିବା ପର୍ଯ୍ୟନ୍ତ ମାର୍କେଟ ବନ୍ଦ ରହିଥିଲା। ଯାହାକୁ ନେଇ ବ୍ୟବସାୟୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ପୂର୍ବରୁ ଏଭଳି କେବେ ହୋଇନଥିଲା।

### ମଳିନ ମହାପୁରୁଷ; ଦୁଃଖ ବୁଝିଲେନି କେହି



ମୁଖ୍ୟମନ୍ତ୍ରୀ ଦିନିକିଆ ଗସ୍ତରେ ବ୍ରହ୍ମପୁର ଆସିଥିଲେ। ପ୍ରଥମ ସିଟି ହାଇସ୍କୁଲ ଖେଳପଡ଼ିଆରେ ଓହ୍ଲାଇ କାର୍ଯ୍ୟସୂଚୀ ପ୍ରକାରେ ବିଭିନ୍ନ ସ୍ଥାନକୁ ଗସ୍ତ କରିଥିଲେ। ଗସ୍ତକାଳରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ସ୍ୱାଧୀନତା ସଂଗ୍ରାମୀ ମୋହନ ନାୟକ ଓ ସମାଜସେବୀ ଶିବରାମ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତେବେ ସ୍ୱାଧୀନତା ସଂଗ୍ରାମୀ ମୋହନ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଥିବା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସମତେ ଅନ୍ୟ ୩ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ଭୁଲି ଯାଇଥିଲେ। ଏହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ତ ଦୂରର କଥା, ଉକ୍ତ ମୂର୍ତ୍ତିଗୁଡିକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସଫା ମଧ କରାଯାଇନଥିବା ଦେଖିବାକୁ ମିଳିଥିଲା। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାଳରେ ମହାପୁରୁଷଙ୍କ ପ୍ରତି ପାତରଅନ୍ତ କରାଯାଇଥିବା ଅଭିଯୋଗ ହୋଇଛି। ଜଣଙ୍କ ପ୍ରତିମୂର୍ତ୍ତିରେ ମାଳମାଳ ଫୁଲ ରହିଥିବା ବେଳେ ଅନ୍ୟମାନଙ୍କୁ ଉପେକ୍ଷିତ କରାଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ହଇରାଣ ହେଲେ ଓଟିଇଟି ପରୀକ୍ଷାର୍ଥୀ



ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସହରର ବିଭିନ୍ନ ରାସ୍ତାକୁ ବନ୍ଦ କରାଯାଇଥିଲା। ତେବେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ବୁଧବାର ଦିନ ସହରର ବିଭିନ୍ନ କେନ୍ଦ୍ରରେ ଓଟିଇଟି ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଥିଲା। ସେହିକ୍ରମରେ ସ୍ଥାନୀୟ ସିଟି ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ-୨ରେ ପରୀକ୍ଷା କେନ୍ଦ୍ର ରହିଥିଲା। ଏହି ବିଦ୍ୟାଳୟ ନିକଟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବାରୁ ଏହି କେନ୍ଦ୍ରକୁ ଯୋଗାଯୋଗ କରୁଥିବା ସମସ୍ତ ରାସ୍ତା ବନ୍ଦ ରହିଥିଲା। ସହର ବାହାରୁ ଏଠାକୁ ଆସିଥିବା ବହୁ ପରୀକ୍ଷାର୍ଥୀଙ୍କୁ କେନ୍ଦ୍ରରେ ପହଞ୍ଚିବାରେ କଷ୍ଟକର ହୋଇଥିଲା। ପରୀକ୍ଷା କେନ୍ଦ୍ରକୁ ଯିବା ରାସ୍ତାରେ ବହୁ ପରୀକ୍ଷାର୍ଥୀଙ୍କୁ ପୁଲିସ ଅଟକାଇଥିବା ଭଳି ସମସ୍ୟା ମଧ ଦେଖିବାକୁ ମିଳିଥିଲା। ଏଥିଯୋଗୁ ବହୁ ଓଟିଇଟି ପରୀକ୍ଷାର୍ଥୀ ମାନସିକ ସ୍ତରରେ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରିଛନ୍ତି।

### କାର୍‌କେଡ୍‌ରେ ଇନ୍‌ସ୍ୟୁରାନ୍ସ ବିହୀନ ଆମ୍ବୁଲାନ୍ସ







ମୁଖ୍ୟମନ୍ତ୍ରୀ ଗସ୍ତ ସମୟରେ ତାଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର କାରକେଡ଼ ବା ସୁରକ୍ଷା ବଳୟର ବ୍ୟବସ୍ଥା ହୋଇଥାଏ। ଏଥିରେ ସୁରକ୍ଷାକର୍ମୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକର୍ମୀ ରହିଥାନ୍ତି। ତେବେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ରହ୍ମପୁର ଗସ୍ତ ସମୟରେ ତାଙ୍କ କାରକେଡ଼ରେ ଥିବା ଆମ୍ବୁଲାନ୍ସର ଇନ୍‌ସ୍ୟୁରାନ୍ସ ନଥିବା ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ କାରକେଡ଼କୁ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ (ଓଡ଼ି୦୨ସିପି-୯୬୪୭)ର ଇନ୍‌ସ୍ୟୁରାନ୍ସ ଅବଧି ଗତ ୨୦୨୪ ଡ଼ିସେମ୍ବର ଠାରୁ ଶେଷ ହୋଇଥିବା ଜଣାପଡ଼ିଛି। ତେବେ ମୁଖ୍ୟମନ୍ତ୍ରୀ କାରକେଡ଼ରେ ଯଦି ଏଭଳି ଆମ୍ବୁଲାନ୍ସର ବ୍ୟବହାର କରାଯାଉଛି। ତେବେ ଜିଲ୍ଲାର ଅନ୍ୟ ଆମ୍ବୁଲାନ୍ସର ସ୍ଥିତିକୁ ନେଇ ଉଠିଛି ପ୍ରଶ୍ନ।

### ମୋହନଙ୍କ ଗସ୍ତରେ ନବୀନଙ୍କ ଗୁଣଗାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ସାମିଲ ଏକାଧିକ ମହିଳା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାକୁ ପ୍ରଶଂଶା କରିଥିବା ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ; ବରଂ ମୋହନ ସରକାର ଅମଳରେ ସେମାନଙ୍କୁ କିଛି ମିଳି ନଥିବା ଅଭିଯୋଗ କରିଛନ୍ତି। ସମାବେଶରେ ଯୋଗଦେଇ ସେମାନଙ୍କୁ ପାଣି ଓ ବିସ୍କୁଟ ପକେଟରେ ସନ୍ତୁଷ୍ଟ ହେବାକୁ ପଡିଥିବା କହି ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ।

# କଟକ ସିଟି









## କଟକ ସିଏମ୍‌ସି କାଉନ୍‌ସିଲ ବୈଠକ

# ଟାଟାପାୱାର ଅତିରିକ୍ତ ଜମା ରାଶିକୁ ନେଇ ହଟ୍ଟଗୋଳ

କଟକ,୧୭।୧୨(ସମିସ):

ଆଜି ସିଏମସିର ୩୭ତମ କାଉନସିଲ ବୈଠକ ମେୟର ସୁବାସ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନସାଧାରଣଙ୍କ ସମସ୍ୟାକୁ ନେଇ କର୍ପୋରେଟରମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ବିଶେଷ କରି ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଦେୟକୁ ଦଳମତ ନିର୍ବିଶେଷରେ ସମସ୍ତ ପ୍ରତିନିଧି ବିରୋଧ କରିବା ସହ ଏହାକୁ ପ୍ରତ୍ୟାହାର ନ କଲେ ଜନସାଧାରଣଙ୍କ ସହ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲେ। ଟାଟାପାୱାରର ଏଏସଡି ପ୍ରସଙ୍ଗକୁ ନେଇ ଖୁବଶୀଘ୍ର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଆଲୋଚନା ହେବ ବୋଲି ମେୟର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତ ଶାନ୍ତ ପଡ଼ିଥିଲା। ଏଥିସହ ସହରର ପ୍ରାୟ ୫୦୦୦ରୁ ଅଧିକ ବୟସ୍କ ବ୍ୟକ୍ତି ଦେଢ଼ ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିଲେ ସୁଦ୍ଧା ଅନୁମୋଦନ ମିଳୁ ନ ଥିବାରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ସହରରେ ବିନା ସୂଚନାରେ ରାସ୍ତା ଖୋଳି ହୋର୍ଡିଂ ଲଗାଯିବା ଏବଂ ଏହାଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜିବା ସହ ରାଜସ୍ୱ ହାନୀ ହେଉଥିବା ପ୍ରସଙ୍ଗରେ ମଧ କର୍ପୋରେଟରମାନେ ଗର୍ଜିଥିଲେ। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟରେ, ଛତ୍ରବଜାର ଅର୍ବାନ ହାଟର ପରିଚାଳନା ଦାୟିତ୍ୱ ଖୁବଶୀଘ୍ର ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ହସ୍ତାନ୍ତର କରିବା ଏବଂ ବାରବାଟୀ ଫୁଡ୍‌କୋର୍ଟକୁ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରି କାର୍ଯ୍ୟକ୍ଷମ କରିବା ପାଇଁ ପାଚେରୀ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସହରର ସୁରକ୍ଷା ପାଇଁ କମିଶନରେଟ ପୁଲିସ ପକ୍ଷରୁ ୧୦୭ଟି ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଉଥିବା ନେଇ କମିଶନର କିରଣଦୀପ କୌର ସୂଚନା ଦେଇଛନ୍ତି।

### ୫୦୦ କୋଟିର ବିକାଶ ପ୍ୟାକେଜ୍ ଉପରେ ଆଲୋଚନା

ଚୌଧୁରୀ ବଜାରସ୍ଥିତ ବିଜୁ ଭବନ ପରିସରରେ ଆୟୋଜିତ ଏହି ବୈଠକରେ ସହରର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଛି। ଏହି ଯୋଜନା ଅଧୀନରେ ସହରର ୫୯ଟି ଯାକ ୱାର୍ଡର ସୌନ୍ଦର୍ଯ୍ୟକରଣ ଓ ମୌଳିକ ସମସ୍ୟାର ସମାଧାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୬୬ କୋଟି ଟଙ୍କାର ୬୬ଟି ପ୍ରକଳ୍ପକୁ ଅନୁମୋଦନ ମିଳିଥିବା ବେଳେ, କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୫ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ପ୍ରକଳ୍ପଗୁଡ଼ିକୁ ବିନା ଟେଣ୍ଡରରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପ୍ରାୟ ୩୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ ବିଶ୍ୱନାଥ ପଣ୍ଡିତ ପାଠାଗାର ଆସନ୍ତା ଜାନୁଆରୀ ୨୦ରୁ ୨୫ ତାରିଖ ମଧ୍ୟରେ ଲୋକାର୍ପିତ ହେବ ବୋଲି ମେୟର ସୂଚନା ଦେଇଛନ୍ତି। ବୈଠକର ଶେଷ ପର୍ଯ୍ୟାୟରେ କର୍ପୋରେଟରମାନଙ୍କ ଦରମା କାର୍ଯ୍ୟକ୍ଷମ କରିବା ଦାବି ଉପରେ ମେୟର ଏକ ସରକାରୀ ପ୍ରସ୍ତାବ ପଠାଇବାକୁ ପ୍ରତିଶ୍ରୁତି ଦେବା ସହ ସମସ୍ତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର



କଟକ,୧୭।୧୨(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ''ଗାଁ ମଜଲିସ, ସହଭାଗୀ ଶାସନ ଏବଂ ଆର୍ଥିକ ଉନ୍ନତି' ଶୀର୍ଷକ ଏକ ବିଶେଷ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଘାଳୟର ନର୍ଥ ଇଷ୍ଟର୍ଣ୍ଣ ହିଲ୍ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଚିତ୍ତରଞ୍ଜନ ନାୟକ ଡ. ହରେକୃଷ୍ଣ ମହତାବଙ୍କ କାଳଜୟୀ ରଚନା 'ଗାଁ ମଜଲିସ'ର ଅର୍ଥନୈତିକ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ତାଙ୍କ ଅଭିଭାଷଣରେ ସ୍ଥାନୀୟ ବିତ୍ତ ଏବଂ ସହଭାଗୀ ସରକାରଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଅନୁଶୀଳନ କରିବା ସହ ତୃଣମୂଳସ୍ତରରେ ଶାସନର ବିକେନ୍ଦ୍ରୀକରଣ ଉପରେ ଜୋର୍ ଦେଇଥିଲେ। ବିଶେଷ କରି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଅଧିକ ଆର୍ଥିକ ଓ ପ୍ରଶାସନିକ କ୍ଷମତା ପ୍ରଦାନ କରିବା ଦ୍ୱାରା ହିଁ ପ୍ରକୃତ ଗଣତନ୍ତ୍ର ଶକ୍ତିଶାଳୀ ହୋଇପାରିବ ବୋଲି ସେ ମତ ବ୍ୟକ୍ତ କରିଥିଲେ। ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ସମ୍ପ୍ରଦାୟର ସହଭାଗିତା ଏବଂ ସାମୂହିକ ଉଦ୍ୟମ ହିଁ ଆଞ୍ଚଳିକ ବିକାଶର ମୂଳଦୁଆ ବୋଲି ଏହି ଅବସରରେ ଆଲୋଚନା ହୋଇଥିଲା। ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ଡ.ମନୋଜ ଦାସ ଏହି କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ଉମ୍ମେ ଐମନ୍ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ଶେଷରେ ସ୍ଥିତିପ୍ରଜ୍ଞା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ପିଏଚ୍‌ଡି ସ୍କଲାର ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ତୃଣମୂଳସ୍ତରର ବିକାଶ ଓ ସାମଗ୍ରିକ କଲ୍ୟାଣ ଉପରେ ନିଜର ମତାମତ ରଖିଥିଲେ। ମହତାବଙ୍କ ଦୃଷ୍ଟିକୋଣ ଆଜିର ସମୟରେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ କିଭଳି ସହାୟକ ହୋଇପାରିବ, ସେ ନେଇ ଏହି ବୈଠକରେ ବ୍ୟାପକ ଚର୍ଚ୍ଚା ହୋଇଥିଲା।

## ଜଷ୍ଟିସ ଆର.କେ ଦାସଙ୍କ ୩୦ତମ ଶ୍ରାଦ୍ଧବାର୍ଷିକୀ

# 'ସେ ଥିଲେ ଓଡ଼ିଆ ଅସ୍ମିତା ଓ ନ୍ୟାୟିକ ଦକ୍ଷତାର ପ୍ରତୀକ'

କଟକ,୧୭।୧୨(ସମିସ): ବିଶିଷ୍ଟ ଆଇନ ବିଶାରଦ ତଥା ଓଡ଼ିଆ ସାହିତ୍ୟ-ସଂସ୍କୃତିର ପୃଷ୍ଠପୋଷକ ଜଷ୍ଟିସ ରାଜକିଶୋର ଦାସଙ୍କ ୩୦ତମ ଶ୍ରାଦ୍ଧବାର୍ଷିକୀ ସାରଳା ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକ କହିଛନ୍ତି ଯେ ଜଷ୍ଟିସ ଦାସଙ୍କ ଭଳି ଦକ୍ଷ ଆଇନଜ୍ଞ ଆଜିର ସମୟରେ ବିରଳ। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ ଏବଂ ତାଙ୍କର ଦୂରଦର୍ଶୀ ଉପଦେଶକୁ ରାଜ୍ୟର ବହୁ ପ୍ରତିଷ୍ଠିତ ରାଜନେତାମାନେ ବିଶେଷ ଗୁରୁତ୍ୱ ଦେଉଥିଲେ। ଓଡ଼ିଆଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇବା ପାଇଁ ତାଙ୍କର ନିଷ୍ଠାପର ପ୍ରୟାସ ଅବିସ୍ମରଣୀୟ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ଜଷ୍ଟିସ ଦାସଙ୍କୁ ଏକ ବହୁମୁଖୀ ପ୍ରତିଭା ଭାବେ ବର୍ଣ୍ଣନା କରିବା ସହ ତାଙ୍କ ଜୀବନ ଦେଶ ଓ ଜାତି ପାଇଁ ଉତ୍ସର୍ଗୀକୃତ ଥିଲା ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଜଷ୍ଟିସ ଦାସ ଓଡ଼ିଆ ଅସ୍ମିତାର ପ୍ରତୀକ ଥିଲେ। ତାଙ୍କ ଲିଖିତ ଆତ୍ମଜୀବନୀ ''ଅନେକ ଦିନର ଅନେକ କଥା'' ଓଡ଼ିଆ ସାହିତ୍ୟ ପାଇଁ ଏକ ଅନବଦ୍ୟ ସୃଷ୍ଟି ବୋଲି ସେ ମତବ୍ୟକ୍ତ କରିଥିଲେ। ସ୍ମୃତି ପରିଷଦର ସଭାପତି ଜଗନ୍ନାଥ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡଃ କୁଳମଣି ପରିଡ଼ା, ଆଇନଜୀବୀ ଗୁରୁ ପ୍ରସାଦ ମହାନ୍ତି, ସାରସ୍ୱତ ସାଧକ ଡଃ ଦାଶ ବେନହୁର ଏବଂ ସାମ୍ବାଦିକ ଦେବ ପ୍ରସାଦ ଚାଟାର୍ଜୀଙ୍କୁ 'ରାଜ କିଶୋର ଦାସ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଯୁବ ଆଇନଜୀବୀ ନିତ୍ୟବ୍ରତ ବେହୁରିଆ ଓ ଲତିକା ସ୍ୱାଇଁଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଡଃ ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ଡଃ ସତ୍ୟ ରାୟ ବିବରଣୀ ପାଠ କରିଥିଲେ ଏବଂ ସମ୍ପାଦକ ପ୍ରକାଶଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।



## ଶଙ୍ଖତ୍ରାସ ବଜାରରେ ଯୁବକଙ୍କୁ ଆକ୍ରମଣ ଘଟଣା

# ଅଟକ ଥିବା ମୁଖ୍ୟ ଅଭିଯୁକ୍ତ ଗିରଫ

କଟକ,୧୭।୧୨(ସମିସ): କଟକ ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ବଜାରରେ ଗତ ମଙ୍ଗଳବାର ଘଟିଥିବା ରକ୍ତାକ୍ତ ସଂଘର୍ଷ ମାମଲାରେ ପୁଲିସକୁ ସଫଳତା ମିଳିଛି। ଜଣେ ଯୁବକଙ୍କୁ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣାର ମୁଖ୍ୟ ଅଭିଯୁକ୍ତ ବସନ୍ତକୁ ସଦର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ ସୁଜିତ୍ ଓରଫ ଲକି ରାଉତଙ୍କୁ ଶଙ୍ଖତ୍ରାସ ବଜାରରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା, ଯାହା ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପୁଲିସ ଗତକାଲି ଅଭିଯୁକ୍ତ ବସନ୍ତକୁ ଅଟକ ରଖି ପଚରାଉଚରା କରିବା ପରେ ଆଜି ତାକୁ ଗିରଫ କରିଛି। ଆହତ ଲକି ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏହି ସମ୍ବେଦନଶୀଳ ମାମଲା ସମ୍ପର୍କରେ ସୂଚନା ଦେଇ କଟକ ଅତିରିକ୍ତ ଡିସିପି କହିଛନ୍ତି ଯେ, ଏହି ଆକ୍ରମଣରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେ ନେଇ ପୁଲିସ ଛାନଭିନ୍ ଜାରି ରଖିଛି। ଘଟଣା ପଛର ପ୍ରକୃତ କାରଣ ଏବଂ ଅନ୍ୟାନ୍ୟ ସହଯୋଗୀଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ସ୍ୱାଗତ କରାଯାଇଛି।

# ଦରମା ଦାବିରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଧାରଣା



କଟକ,୧୭।୧୨(ସମିସ): କଟକ ସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ବୁଧବାର ଠିକା କର୍ମଚାରୀଙ୍କ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଦୀର୍ଘ ଦିନର ଦରମା ବାକି ଥିବା ଅଭିଯୋଗରେ ହସ୍ପିଟାଲର ପ୍ରାୟ ୨୦୦ ଠିକା କର୍ମଚାରୀ ସକାଳ ସମୟରୁ ମେଡିକାଲ ପରିସରରେ ଥିବା ସହାୟତା କେନ୍ଦ୍ର ନିକଟରେ ଧାରଣାରେ ବସିଥିଲେ। ଏହି ଆନ୍ଦୋଳନରେ ଆଟେଣ୍ଡାଣ୍ଟ, ଟେକ୍ନିସିଆନ ଏବଂ ସୁଇପରମାନେ ସାମିଲ ହୋଇଥିବା ବେଳେ ଗୋଟିଏ ଦିନ ପାଇଁ ମେଡିକାଲର ଅନେକ ଜରୁରୀ କାର୍ଯ୍ୟ ଠପ୍ ହୋଇଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି କର୍ମଚାରୀମାନେ 'କ୍ୟୁଏସ୍ ସଂସ୍ଥା' ନାମକ ଏକ ଘରୋଇ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଛନ୍ତି। ସାଧାରଣତଃ ମାସର ପ୍ରଥମ ସପ୍ତାହରେ ସେମାନେ ଦରମା ପାଉଥିବା ବେଳେ, ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ସେମାନଙ୍କୁ ପାରିଶ୍ରମିକ ମିଳି ନ ଥିଲା। ଫଳରେ କର୍ମଚାରୀମାନେ ବାଧ ହୋଇ ଧାରଣାକୁ ଓହ୍ଲାଇଥିଲେ। ପ୍ରାୟ ୫ ଘଣ୍ଟା କାଳ ଆନ୍ଦୋଳନ ଚାଲିବା ପରେ ଠିକା ସଂସ୍ଥା ପକ୍ଷରୁ ଗୁରୁବାର ସୁଦ୍ଧା ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଆଶ୍ୱାସନା ପରେ ସନ୍ଧ୍ୟା ସମୟରେ କର୍ମଚାରୀମାନେ ନିଜର ଧାରଣା ପ୍ରତ୍ୟାହାର କରିଥିବା ସୂଚନା ମିଳିଛି। ଦିନସାରା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଏହି କାର୍ଯ୍ୟ ବନ୍ଦ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖାଦେଇଥିଲା।

**ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ**

# ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

କଟକ,୧୭।୧୨(ସମିସ): ଓଡ଼ିଶା ଯୁବ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ରେଭେନ୍ସା ସରକାରୀ ବାଳିକା ବିଦ୍ୟାଳୟରେ ୧୬ତମ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୌଦାମିନୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ଅଭିଭାବକ କମିଟିର ସଭାପତି ହୃଷିକେଶ ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏଭଳି ପ୍ରତିଯୋଗିତା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପ୍ରତିଯୋଗିତାରେ ମିନି ସବ୍-ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ଶତାଧିକ ବିଦ୍ୟାର୍ଥୀ ଚିତ୍ରାଙ୍କନ, ଏକକ ଅଭିନୟ, ଓଡ଼ିଶୀ, ଲୋକନୃତ୍ୟ, ଭଜନ ଏବଂ ଆଧୁନିକ ନୃତ୍ୟ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ସଂଘ ପକ୍ଷରୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ସଙ୍ଘର ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିବା ବେଳେ ବରିଷ୍ଠ ଉପଦେଷ୍ଟା ପଦ୍ମଲୋଚନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡାକ୍ତର ଦୁର୍ଗା ଚରଣ ଦାଶ, ସବିତା ମହାନ୍ତି, ପଦ୍ମାଳୟା ବ୍ରହ୍ମଚାରୀଙ୍କ ସମେତ ସଙ୍ଘର ଅନେକ ସଦସ୍ୟ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୭ ଓ ୨୮ ତାରିଖରେ ଯୋବ୍ରା ସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟରେ ଅନୁଷ୍ଠିତ ହେବାକୁ ଥିବା ସଙ୍ଘର ୧୬ ତମ ବାର୍ଷିକ ଉତ୍ସବ ତଥା ରାଜ୍ୟ ସେବା ପ୍ରତିଭା ଗୌରବ ସମ୍ମାନ ସମାରୋହରେ ପୁରସ୍କୃତ କରାଯିବ।

# ନ୍ୟୁ ଏଲ୍‌ଆଇସି କଲୋନୀ ଆଦର୍ଶ ଆବାସିକ ସଙ୍ଘର ନୂତନ କର୍ମକର୍ତ୍ତା

କଟକ,୧୭।୧୨(ସମିସ): କଟକ ବାଦାମବାଡ଼ିସ୍ଥିତ ନ୍ୟୁ ଏଲଆଇସି କଲୋନୀର ଆଦର୍ଶ ଆବାସିକ ସଙ୍ଘ ପକ୍ଷରୁ ଗତକାଲି କଲୋନୀ କ୍ଲବ୍ ଗୃହରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆସନ୍ତା ତିନି ବର୍ଷ ପାଇଁ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସୁଧାଂଶୁ ଭୂଷଣ ମହାପାତ୍ରଙ୍କୁ ସଭାପତି ଏବଂ ସାରଦା ମହାନ୍ତିଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଚନ୍ଦନ ରାଉତଙ୍କୁ ଉପସଭାପତି, ମୀନକେତନ ସାହୁଙ୍କୁ ସହସମ୍ପାଦକ, ମନୋଜ ତ୍ରିପାଠୀଙ୍କୁ ପରିଚାଳନା ସମ୍ପାଦକ, ଦୀପକ ଦାସଙ୍କୁ ସାଂସ୍କୃତିକ ସମ୍ପାଦକ ଏବଂ ଅସିତ ମାଝୀଙ୍କୁ କୋଷାଧକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ଅବସରରେ ସଂଗ୍ରାମ ସାହୁ, ଉଦ୍ଧବ ଚନ୍ଦନ ଏବଂ ଶ୍ରବଣ ଜେନାମଣୀଙ୍କୁ ସଙ୍ଘର ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ବୈଠକ ଶେଷରେ ପ୍ରତାପ ସାହାଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି ଯେ ଆସନ୍ତା ଜାନୁଆରୀ ୧୦ ତାରିଖ ଶନିବାର କଲୋନୀରେ ଏକ ସାମୂହିକ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସମସ୍ତ ସଭ୍ୟ ଓ କଲୋନୀ ବାସିନ୍ଦା ଉପସ୍ଥିତ ରହି ଏହାକୁ ସୁରୁଖୁରୁରେ ସମାପ୍ତ କରିବାକୁ ଅନୁରୋଧ କରାଯାଇଛି।

## ବସ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ପରେ ଆକ୍ସନ ମୋଡ୍‌ରେ ପୁଲିସ

# ବେଆଇନ ପାର୍କିଂ ଉପରେ କଡ଼ା ନଜର





କଟକ,୧୭।୧୨(ସମିସ):

କଟକ ସର୍ବୋଦୟପୁର ଅଞ୍ଚଳରେ ଗତ ମଙ୍ଗଳବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍ ଚକା ତଳେ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟଣା ପରେ ପୁଲିସ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ୟକ୍ତ ଲୋକେ ବସ୍ ଭଙ୍ଗାରୁଜା କରିଥିଲେ। ଏହି ଘଟଣାର ପରଦିନ ଅର୍ଥାତ୍ ବୁଧବାର ସକାଳୁ ପୁଲିସ ଆକ୍ସନ ମୋଡକୁ ଆସି ନେତାଜୀ ବସ୍ ଟର୍ମିନାଲ୍‌ଠାରୁ ଲିଙ୍କ ରୋଡ୍ ପର୍ଯ୍ୟନ୍ତ ରାସ୍ତା କଡ଼ରେ ମନଇଚ୍ଛା ଠିଆ ହେଉଥିବା ବସ୍ ଗୁଡ଼ିକୁ ଘଉଡ଼ାଇବା ସହ କଡ଼ା ଚେତାବନୀ ଦେଇଛି। ବିଶେଷ କରି ମଲା ଚଣ୍ଡିଆ ଛକରୁ ଛତ୍ରଗଡ଼ା ମଧ୍ୟରେ ଅନଧିକୃତ ଭାବେ ବସ୍ ରଖି ଯାତ୍ରୀ ଉଠାଇବାକୁ ବାରଣ କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ବସ୍ ଟର୍ମିନାଲ୍‌ରେ ସମସ୍ତ ସୁବିଧା ଥିବା ସତ୍ତ୍ୱେ ବସ୍ କର୍ମଚାରୀମାନେ ଅଧିକ ଯାତ୍ରୀ ପାଇବା ଆଶାରେ ରାସ୍ତା ଉପରେ ଗାଡ଼ି ରଖୁଛନ୍ତି, ଯାହା ଫଳରେ ନାହିଁ ନ ଥିବା ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ଘଟୁଛି।

ଏହି ଅବସରରେ ଜୋନ୍-୬ ଏସିପି ଅଶୋକ କୁମାର ଗିରି କହିଛନ୍ତି ଯେ ବରିଷ୍ଠ ଅଧିକାରୀମାନେ ନିଜେ ସ୍ଥିତି ତଦାରଖ କରୁଛନ୍ତି ଏବଂ ଏହି କଟକଣା ପ୍ରତ୍ୟେକ ଦିନ କାର୍ଯ୍ୟକାରୀ କରାଯିବ। ତେବେ ପୁଲିସର ଏହି ତତ୍ପରତା କେବଳ ଦୁର୍ଘଟଣା ପରବର୍ତ୍ତୀ କିଛି ଦିନ ପାଇଁ ସୀମିତ ନ ରହି ଦୀର୍ଘମିଆଦି ହେବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। କେବଳ ହେଲମେଟ୍ ଯାଞ୍ଚରେ ସୀମିତ ନ ରହି ଟ୍ରାଫିକ ପୁଲିସ ଭିଡ଼ ନିୟନ୍ତ୍ରଣ ଓ ଦୁର୍ଘଟଣା ରୋକିବା ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି।

## ଖରିଫ ଧାନମଣ୍ଡି ତୁରନ୍ତ କାର୍ଯ୍ୟକାରୀ ହେଉ

# ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ





ଜୟପୁର,୧୭ ।୧୨(ସମିସ):

କୋରାପୁଟ ଜିଲ୍ଲାରେ ଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଚାଷୀଙ୍କ ଧାନ କ୍ରୟ ହୋଇପାରିନାହିଁ । ଏହିପରି ତୁରନ୍ତ ଧାନ ମଣ୍ଡିକୁ କାର୍ଯ୍ୟକାରୀ କରିବା ଏବଂ ଟୋକେନ ପ୍ରଦାନ କରାଯାଇଥିବା ଚାଷୀଙ୍କ ଧାନ କ୍ରୟ ଦାବି ନେଇ ଜିଲ୍ଲାର ଜୟପୁର ଉପଖଣ୍ଡର ୫ଟି ବ୍ଲକର ଚାଷୀ ମାନେ ଆଜି ସ୍ଥାନୀୟ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରିବା ସହିତ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି । ଏଥିରେ ଜିଲ୍ଲାରେ ଉଭୟ ଧାନ ସମେତ ମକା ମଣ୍ଡିକୁ ମଧ୍ୟ ତୁରନ୍ତ କାର୍ଯ୍ୟକାରୀ କରାଯାଇ ଚାଷୀଙ୍କ ଅମଳ ଧାନ ଓ ମକା ଫସଲ କ୍ରୟ କରିବାକୁ ଦାବିପତ୍ରରେ

### ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଉଲ୍ଲେଖ କରାଯାଇଛି । ସରକାର ଓ ପ୍ରଶାସନ ପକ୍ଷରୁ ଉଭୟ ଫସଲ ମଣ୍ଡିକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଲେ ଚାଷୀ ମାନେ ଅଭାବୀ ବିକ୍ରିର ଶିକାର ହେବା ସହିତ ବ୍ୟବସାୟୀ ଓ ଦଲାଲଙ୍କ ଦ୍ୱାରା ଶୋଷିତ ହୋଇ ବାଧ୍ୟବାଧକତା ହୋଇ କମ ମୂଲ୍ୟରେ ଉଭୟ ଫସଲ ବିକ୍ରି କରିବାକୁ ବାଧ ହେବେ । ତେଣୁ ଜିଲ୍ଲା ପ୍ରଶାସନ ଓ ସରକାର ତୁରନ୍ତ ଏଥିପ୍ରତି ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି । ଗତ ୧୧ ତାରିଖରେ ଚାଷୀ ମାନଙ୍କ ଅମଳ ଧାନ କ୍ରୟ ନିମନ୍ତେ ଜିଲ୍ଲାରେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । କିନ୍ତୁ ଏକ ସପ୍ତାହରୁ ଅଧିକ ସମୟ ହେବ ଚାଷୀଙ୍କ ଗୋଟିଏ କିଲୋ ଧାନ କ୍ରୟ ହୋଇପାରିନାହିଁ । ତେଣୁ ଚାଷୀ ମାନଙ୍କୁ ତୁରନ୍ତ ଟୋକେନ ପ୍ରଦାନ କରାଯାଇ ଆସନ୍ତା ଜାନୁୟାରୀ ମାସ ଶେଷ ସୁଦ୍ଧା ଚାଷୀଙ୍କ ସମସ୍ତ ଧାନ କ୍ରୟ କରାଯାଉ । ଯେଉଁ ଦିବସରେ ଚାଷୀଙ୍କ ଧାନ କ୍ରୟ କରାଯିବା ନେଇ ଦିନ ଧାର୍ଯ୍ୟ ହେବ ଉକ୍ତ ଦିନ ହିଁ ଧାନ ଉଠାଯାଇ ଚାଷୀଙ୍କୁ ଭେଣ୍ଡର ରସିଦ ପ୍ରଦାନ କରାଯାଉ । ନିୟମ ଅନୁଯାୟୀ ମଣ୍ଡିରେ ଧାନ ଓଜନ କରାଯାଇ ସେଠାରେ କ୍ରୟ ଫସଲକୁ ଢଳେଇ କରାଯାଇ କ୍ରୟକାରୀ ସଂସ୍ଥା ପକ୍ଷରୁ ମିଲର କିମ୍ବା ଯୋଗାଣ ବିଭାଗର ଖାଲି ଅଖାରେ ଧାନ ଭରି କରାଯାଇ ପ୍ରଦାନ କରାଯାଉ । ସେହିପରି ଗତବର୍ଷ ଖରିଫ ଓ ରବି ମଣ୍ଡିର ଖାଲି ଅଖା ଓ ହେଣ୍ଡେଲିଙ୍ଗ ଚାର୍ଜ ଚାଷୀଙ୍କୁ ପ୍ରଦାନ କରାଯାଉ ଯାହାରକି ଆନୁମାନିକ ମୂଲ୍ୟ ୧୨ କୋଟିରୁ ଉକାଟ ହେବ ସରକାର ଚାଷୀଙ୍କୁ ନିଜର ଘୋଷଣା ମୁତାବକ ୩୧୬୯ ଟଙ୍କା କ୍ୱିଣ୍ଟାଲ ପିଛା ପ୍ରଦାନ କରନ୍ତୁ ଏବଂ ଜିଲ୍ଲାପାଳଙ୍କୁ ଧାନ କ୍ରୟର ସମସ୍ତ କ୍ଷମତା ପ୍ରଦାନ କରାଯାଉ । ମଣ୍ଡିରେ ଚାଷୀଙ୍କ ଟୋକେନ ଅନୁଯାୟୀ ବିକ୍ରି କଳାପରେ ଚାଷୀଙ୍କ ବଳକା ଧାନ ସରକାର ପକ୍ଷରୁ ହିଁ କ୍ରୟ କରାଯାଉ । ପରିବହନ ଗାଡିରେ ଭିଟିଏସ୍ (ଜିପିଆରଏସ) ଲଗାଯିବା ସହିତ ଦଲାଲ ମୁକ୍ତ ମଣ୍ଡି କରାଯାଉ । ଏଫଏକ୍ୟୁ ନାମରେ ଅଧିକ ଧାନ ଦାବି କରାଯାଇ ଚାଷୀଙ୍କ ପ୍ରତି ହେଉଥିବା ଶୋଷଣ ବନ୍ଦ କରାଯାଉ, ବର୍ତ୍ତମାନ ଜିଲ୍ଲାରେ ଧାନ ଓ ମକା କ୍ୱିଣ୍ଟାଲ ପ୍ରତି ୧୬୦୦ ରୁ ୧୭୦୦ ଟଙ୍କା ମଧ୍ୟରେ ବ୍ୟବସାୟୀଙ୍କ ଦ୍ୱାରା କ୍ରୟ ଚାଲିଛି । ଏଣୁ ତୁରନ୍ତ ଧାନ ଓ ମକା ମଣ୍ଡି ଜିଲ୍ଲା ମହୋତ୍ସବ ପରବ ପୂର୍ବରୁ ଆରମ୍ଭ କରାଯାଉ । ବିଗତ ଦିନରେ ହୋଇଥିବା ମଣ୍ଡି ହ୍ୟାଣ୍ଡଲିଂ ଚାର୍ଜ ରାଶି ଚାଷୀଙ୍କୁ ପ୍ରଦାନ କରାଯାଉ । ଏହି ଅବସରରେ କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ବିପଦ ଭଞ୍ଜନ ଦାସ, ସୁଧୀର ରାଉତ, ସଞ୍ଜୟ ବେହେରା, ସୁରେନ୍ଦ୍ର ନାୟକ, ଗୋପାଳକୃଷ୍ଣ ମଣ୍ଡଳ, ଯୁଧିଷ୍ଠିର ପୂଜାରୀ, ସନ୍ତୋଷ କୁମାର ରାୟ, ଗଙ୍ଗାଧର ପାଣିଗ୍ରାହୀ, ସୁଦର୍ଶନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ରକ୍ତଦାନ କରି ଜୀବନ ବଞ୍ଚାଇଲେ କୃଷ୍ଣ ମାଝୀ



କୋରାପୁଟ,୧୭।୧୨(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ହସପିଟାଲରେ ଚିକିତ୍ସିତ ହେଉଥିବା କୋରାପୁଟ ଭାଣ୍ଡି ସାହିର ଜଣେ ୧୧ ବର୍ଷୀୟା ଆଦିବାସୀ ବାଳିକାଙ୍କ 'ବି' ନେଗେଟିଭ୍ ବର୍ଗର ରକ୍ତର ଆବଶ୍ୟକତା ରହି ଥିବା ବେଳେ ପରିବାର ଲୋକେ ରକ୍ତ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କୋରାପୁଟର ସମାଜସେବୀ ତଥା ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍‌ର ସକ୍ରିୟ ସଦସ୍ୟ ପ୍ରବୀଣ କୁମାର ବେହେରା, ଖବର ପାଇବା ପରେ 'ବି ' ନେଗେଟିଭ ରକ୍ତଦାତା କୋରାପୁଟ ମହାଦେଇପୁଟର କୃଷ୍ଣଚନ୍ଦ୍ର ମାଝୀଙ୍କ ସହିତ ଯୋଗାଯୋଗ କରିଥିଲେ । କୃଷ୍ଣଚନ୍ଦ୍ର ମାଝୀଙ୍କର ପୀଡ଼ିତାଙ୍କ ସହ କୌଣସି ସମ୍ପର୍କ ନଥାଇ ମଧ୍ୟ ଶୀତ କାକରରେ ମଙ୍ଗଳବାର ରାତିରେ ରକ୍ତଦାନ କରିବା ପାଇଁ ଆଗେଇ ଆସିଥିଲେ । କୋରାପୁଟ ରକ୍ତ ଭଣ୍ଡାରକୁ ଆସି ରକ୍ତଦାନ କରି ଚିକିତ୍ସିତ ବାଳିକାଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥିଲେ । ଯୁବକଙ୍କ ଏଭଳି ମହତ ପଣିଆ ପାଇଁ ଡିବିଡିଏମଏଫ୍‌ର ବରିଷ୍ଠ କର୍ମକର୍ତ୍ତା ଶେଖ ଇବ୍ରାହିମ, ସ୍ୱରାଜ ରାୟ ଏବଂ ନବୀନ କୁମାର ଚୌଧୁରୀ କୋରାପୁଟ ରକ୍ତ କେନ୍ଦ୍ରରେ ପହଞ୍ଚି କୃଷ୍ଣ ଚନ୍ଦ୍ର ମାଝୀଙ୍କୁ ଉତ୍ସାହିତ କରିବା ସହିତ ନିୟମିତ ଭାବେ ଅସହାୟ ରୋଗୀ ମାନଙ୍କୁ ରକ୍ତ ଯୋଗାଇବାର ମହତ୍ କାର୍ଯ୍ୟ କରୁଥିବା ପ୍ରବୀଣ କୁମାର ବେହେରାଙ୍କ ଭୂୟସୀ ପ୍ରଶଂସା କରିଥିଲେ ।

## ରେନ୍‌ବୋ ମଣ୍ଟେସରୀ ସ୍କୁଲର ବାର୍ଷିକ କ୍ରୀଡ଼ା



ସୁନାବେଡା,୧୭।୧୨ (ସମିସ): ସୁନାବେଡା -୩ ସ୍ଥିତ ରେନ୍‌ବୋ ମଣ୍ଟେସରି ସ୍କୁଲର ଚତୁର୍ଥ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ଖେଳ ପଡିଆରେ ଆୟୋଜିତ ହୋଇଯାଇଛି । ସ୍କୁଲର ନିର୍ଦ୍ଦେଶିକା ସୁଚରିତା ବାଘ ଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶାରୀରିକ ଶିକ୍ଷା ଅଧ୍ୟାପକ ସନ୍ଦୀପ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଜନ ସି. ଭର୍ଗିଜ ଓ ଗଙ୍ଗାଧର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସହ କୁନି କୁନି କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ କ୍ରୀଡା ପ୍ରତି ଉତ୍ସର୍ଗୀକୃତ ଅବଦାନ ପାଇଁ ଶ୍ରୀ ସନ୍ଦୀପ ପଟ୍ଟନାୟକଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସ୍କୁଲରେ ଦିବ୍ୟାଙ୍ଗ ପିଲା ମାନଙ୍କୁ ମଧ୍ୟ ଶିକ୍ଷାଦାନ କରାଯାଉଥିବା ଯୋଗୁଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିଥିଲେ ।

## ରେଡ଼କ୍ରସର ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି



କୋଷାଗୁମୁଡା,୧୭।୧୨(ସମିସ): ଅଷ୍ଟମ ଜିଲ୍ଲା ଜୁନିଅର ରେଡ଼କ୍ରସର ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ର ପୂର୍ବ ପ୍ରସ୍ତୁତି ବୈଠକ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୧୮ ଡିସେମ୍ବର ଦିନ ଆରମ୍ଭ ହେବ ଏହି ପ୍ରଶିକ୍ଷଣ ଶିବିର । ପୂର୍ବରୁ ମଧ୍ୟ ଏହି ବିଦ୍ୟାଳୟରେ ବହୁ ସୁନ୍ଦର ଭାବରେ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବର୍ତ୍ତମାନ ତାଠାରୁ କିଛି ଉଚ୍ଚ ପ୍ରଦର୍ଶନ କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ଓ ଶିକ୍ଷା ବିଭାଗ ପକ୍ଷରୁ ପୂର୍ବରୁ ପ୍ରସ୍ତୁତ ଆରମ୍ଭ ହୋଇଥିଲା । ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ଗୋଷ୍ଠୀ ଶିକ୍ଷାଧିକାରୀ ସମରେନ୍ଦ୍ର ଭୌମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର ହାଲଦାର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଗାମ୍ବର ହରିଜନ, ହେମନ୍ତ କୁମାର ମାଝୀ, ଜିଲ୍ଲା ରେଡ଼କ୍ରସ ଅଧିକାରୀ ଶ୍ରୀମତୀ ପ୍ରକାଶିନୀ ଚୌଧୁରୀ, ଜିଲ୍ଲା ଶାରୀରିକ ଅଧିକାରୀ ତଥା ରେଡ଼କ୍ରସ ସମ୍ପାଦକ ପ୍ରଭାତ କୁମାର ପଟ୍ଟନାୟକ, ରେଡ଼କ୍ରସ ଯୁଗ୍ମ ସମ୍ପାଦକ ନଳିନୀକାନ୍ତ ପାତ୍ର ଉପସ୍ଥିତ ଥିଲେ ଓ ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଏବଂ ଦାୟିତ୍ୱରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀ, ଖେଳ ଶିକ୍ଷକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ଶିକ୍ଷାଧିକାର ପ୍ରସ୍ତୁତି ପାଇଁ ତ୍ୱରାନ୍ୱିତ କାର୍ଯ୍ୟର ସମୀକ୍ଷା କରିବା ସହିତ କାର୍ଯ୍ୟକ୍ରମ ସ୍ଥଳୀ ବୁଲି ଦେଖିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ଲକ ପ୍ରଶାସନ ତରଫରୁ ସମସ୍ତ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ । ଶେଷରେ କାର୍ଯ୍ୟକ୍ରମ ର ସଫଳତା ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଖ୍ରୀଷ୍ଟମାସ୍ ଉପଲକ୍ଷେ ଶୋଭାଯାତ୍ରା



ସେମିଳିଗୁଡ଼ା,୧୭।୧୨ (ସମିସ) :

କୋରାପୁଟ ଜିଲ୍ଲାର ସେମିଳିଗୁଡା ଓ ସୁନାବେଡ଼ାର ଖ୍ରୀଷ୍ଟୀୟ ସମାଜ ଓ ପାଳକୀୟ ସମ୍ମିଳନ ଆନୁକୂଲ୍ୟରେ ଖ୍ରୀଷ୍ଟ ମାସ ଆଗମନର ପର୍ବରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପାଳକୀୟ ସମ୍ମିଳନୀର ସଭାପତି ରେଭ ଦାନିଏଲ ଖରା ଓ ସମ୍ପାଦକ ରେଭ୍ ସୁନିଲ କ୍ଷତ୍ରିୟଙ୍କ ନେତୃତ୍ୱରେ ବିଶପ ସିନ୍ଧୁ ପାଣି ପ୍ରାର୍ଥନା କରି ଶୁଭାରମ୍ଭ କରିଥିଲେ । ଏକ ବିଶାଳ ଶୋଭାଯାତ୍ରା ସେମିଳିଗୁଡା ନୂଆହାଟ ପଦାଠାରୁ ଆରମ୍ଭ ହୋଇ ଏହା ସେମିଳିଗୁଡା ଲାଇଟ୍ ହାଉସ୍ ଚର୍ଚ୍ଚରେ ଶେଷ ହୋଇଥିଲା । ଏଥିରେ ସୁନାବେଡା ଓ ସେମିଳିଗୁଡା ଦାମନଯୋଡି ଅଞ୍ଚଳର ହଜାର ହଜାର ଖ୍ରୀଷ୍ଟଧର୍ମ ବିଶ୍ୱାସୀ ଭାଇ,ଭଉଣୀ ଅଂଶ ଗ୍ରହଣ କରିଥିଲେ । ସୁନାବେଡାରୁ ସନ୍ଦୟ କୁମାର ଡ଼ଙ୍ଗରି, ବିପୁଲ ଟିକ୍ରି, ନିରଞ୍ଜନ ବାଘ, ରମେଶ କୁଲ୍ ଦିପ ଯୋଗ ଦେଇଥିଲେ । ଦାମନଯୋଡିରୁ ରଜତ ବାଘ, ଜଗତ ହିଆଲ୍, ଅମିତ ଚେଟି, ଆର୍ କେ ଛିନଛାଣ ଅଂଶ ଗ୍ରହଣ କରିଥିଲେ । ଗୀତ ସଙ୍ଗୀତରେ ପାଳକ ମଜେସ ରାଜକୁମାର ସଲମନ କୁଲ ଦିପ୍ ଓ ଡଲସ୍ ଖ୍ରୀଷ୍ଟୀୟନ ଗେଲେରି ଦଳ କାର୍ଯ୍ୟକ୍ରମ ତୁଳାଇ ଥିଲେ । ଅନ୍ୟ ମାନଙ୍କ ମଧ୍ୟ ରେଭ, ଏକେ ଡେଭିଡ଼ ରାଜ, ରମେଶ ଖସ୍ଲା , ବି .କରୁଣାକର, ଜି ସାମୁଏଲ, ରାଜେନ୍ଦ୍ର ଧଡ଼କା, ହୋନକ ଭତ୍ରା, ,ସମ୍ପଦ ଖରା ରଞ୍ଜିତ ଶ୍ରୀ ହରିଆ, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ରେଭ ସୁନୀଲ କ୍ଷତ୍ରିୟ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷ ପ୍ରାର୍ଥନା କରି ଦାନିୟଲ ଖରା ଓ ଏନ୍‌ଭି ରାଭବାଲୁ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଓ ପାଳକ ଚେତନ୍ ନାୟକ, ପ୍ରଶାନ୍ତ ଶାଙ୍ଗୁଡୁ ଏ ଗିଦିୟୋନ ଯୋଗ ଦେଇଥିଲେ ।

## ହିକିମ୍‌ପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ନନ୍ଦପୁର,୧୭।୧୨(ସମିସ): ନନ୍ଦପୁର ବ୍ଲକ ହିକିମ୍‌ପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପନୀ ହୋଇଯାଇଛି । ଉଦଯାପନୀ ଉତ୍ସବ ପ୍ରଧାନ ଶିକ୍ଷକ ବସନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡା ଉତ୍ସବରେ ସ୍କୁଲ ପରିଚାଳନା ସଭାପତି ଜୟରାମ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଉପସଭାପତି କାଶିନାଥ ଗୋଲରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରୀ ଗିରିବାଳା ତ୍ରିପାଠୀ, କୌସ୍ତୁଭ ଚୌହାନ, ରାଧିକା ଭୋଇ ଓ ରାମାରାଓ ତାଳଧାରୀ ମଧ୍ୟ ଉପସ୍ଥିତ ରହିଥିଲେ । ଦୁଇ ଦିନ ଧରି ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ସମାରୋହରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ ହେବାରେ ଶିକ୍ଷକଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ସହଯୋଗ ପ୍ରଶଂସନୀୟ ଥିଲା ।

## ଖୋସଲା ବ୍ରଦର୍ସ ପକ୍ଷରୁ ପ୍ରି ଖ୍ରୀଷ୍ଟମାସ ପାଳନ



କୋରାପୁଟ,୧୭।୧୨(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ଖୋସଲା ବ୍ରଦସ୍‌ର୍ ପକ୍ଷରୁ ମଙ୍ଗଳବାର ରାତିରେ ସ୍ଥାନୀୟ ଏକ ହୋଟେଲରେ ପ୍ରି ଖ୍ରୀଷ୍ଟମାସ ୨୦୨୫ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ୨୦୦ରୁ ଅଧିକ ସଦସ୍ୟ ସାମିଲ ହୋଇଥିଲେ । ପାଷ୍ଟର ବିରଞ୍ଚି ଖୋସଲାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନୀଲ ଚାନ୍ଦ ଖୋସଲା, ରମେଶ ଖୋସଲା, ଜଗଦୀଶ ଖୋସଲା, ମନୋଜ ଖୋସଲା, ରଜନୀ ଖୋସଲା, ପ୍ରକାଶ ଖୋସଲା, ଅମିତ ଖୋସଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଦୀପ ଖୋସଲା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ବିଷମ କଟକ,୧୭।୧୨(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା ମାର୍କାମା ଯୁକ୍ତ ତିନି ମହାବିଦ୍ୟାଳୟ ପରିସରରେ ଆଜି ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ପାଠ୍ୟଚକ୍ର ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଲୋଚନାଚକ୍ରର ଶୀର୍ଷକ ଥିଲା, "ଭାରତ ସମ୍ବିଧାନର ମୂଳବୋଧ ଓ ସୁଶାସନ' । ଏହି ସଭାକୁ ପରିଚାଳନା କରିଥିଲେ ରାଜନୀତି ବିଜ୍ଞାନ ବିଭାଗର ଛାତ୍ର ରୋହନ କୁମାର ଦାସ ଓ ଛାତ୍ରୀ ସିଂଧା ଦାସ୍ । ଆଜିର ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ଅଶ୍ୱନୀ କୁମାର ପଣ୍ଡା ଆରମ୍ଭ କରିଥିଲେ । ଅଧ୍ୟକ୍ଷ ଶ୍ରୀ ପଣ୍ଡା ଆଲୋଚନାଚକ୍ରର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ଆଲୋଚନାଚକ୍ରର ମୁଖ୍ୟବକ୍ତା ଭାବେ ରାୟଗଡ଼ା ଜିଲ୍ଲା ବିଶିଷ୍ଟ ଶିକ୍ଷାବିତ୍ ଅବସପ୍ରାପ୍ତ ପ୍ରଫେସର ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି ଯୋଗ ଦେଇ ଭାରତୀୟ ସମ୍ବିଧାନରେ ଥିବା ବିଭିନ୍ନ ମୂଲ୍ୟବୋଧ, ସମାଜବାଦୀ , ଧର୍ମ ନିରପେକ୍ଷ, ନ୍ୟାୟ, ସମାନତା, ସ୍ୱତନ୍ତ୍ରତା, ଭାତୃତା, ମୌଳିକ ଅଧିକାର କିପରି ସୁଶାସନ ପ୍ରତିଷ୍ଠା ପାଇଁ ସହାୟ ହୋଇଥାଏ ତାହା ବର୍ଣ୍ଣନା କରିଥିଲେ । ବିଭାଗର ମୁଖ୍ୟ ନିରଞ୍ଜନ ପାଢ଼ୀ ସୁଶାସନର ଅର୍ଥ, ବୈଶିଷ୍ଟ ଓ ପ୍ରକାରଭେଦ ବିଷୟରେ ଆଲୋଚନା କରିଥିଲେ । ଇଂରାଜୀ ଅଧ୍ୟାପକ ସଞ୍ଜୟ କୁମାର ତ୍ରିପାଠୀ ଆଲୋଚନଚକ୍ରରେ କିପରି ଉପସ୍ଥାନ କରାଯାଏ ଓ ଏହାର ଗୁରୁତ୍ୱକୁ ଜଣାଇଥିଲେ । ବିଭାଗୀୟ ଅଧ୍ୟାପକ ବିନନ୍ତ ଡଙ୍ଗ୍ରି ମଧ୍ୟ ସାମ୍ବିଧାନିକ ମୂଲ୍ୟବୋଧ ସହ ସୁଶାସନ କିପରି ଜଡ଼ିତ ଅଟେ ତାହା କହି ଧନ୍ୟବାଦ ପ୍ରଦାନ କରିଥିଲେ । ବିଭାଗର ଛାତ୍ରୀ ଝଂଶି ହିଆଲ, ଛାତ୍ର ରାଜା ହିକକା ଓ କ୍ରିଷ୍ଣା କେତକୀ ଆଲୋଚନା ଚକ୍ରରେ ଉପସ୍ଥାପନା କରିଥିଲେ ।

## ଶେଷ ହେଲା ଲୋକ ମହୋତ୍ସବ ମଣ୍ଡେଇ ୨୦୨୫

# ପଲ୍ଲୀଶ୍ରୀ ମେଳାରେ ୧୦ କୋଟିରୁ ଅଧିକ ବ୍ୟବସାୟ





ନବରଙ୍ଗପୁର,୧୭।୧୨(ସମିସ) : ଲୋକ ମହୋତ୍ସବ 'ମଣ୍ଡେଇ' ଓ ପଲ୍ଲୀଶ୍ରୀ ମେଳାର ୫ମ ଦିନରେ ସ୍ଥାନୀୟ ସାଂସ୍କୃତିକ କାର୍ଯ୍ୟକ୍ରମ , ଲୋକକଳା , ଲୋକ ନୃତ୍ୟ ମଣ୍ଡେଇ ମଞ୍ଚକୁ ଦୁଲୁକାଇ ଦେଇଛି । ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ୫ଦିନିଆ ଲୋକ ମହୋତ୍ସବ ମଣ୍ଡେଇ ଏବଂ ପଲ୍ଲୀଶ୍ରୀ ମେଳା କାର୍ଯ୍ୟକ୍ରମର ପଞ୍ଚମ ଦିନରେ ନବରଙ୍ଗପୁର ଜିଲ୍ଲା ସହିତ ଜିଲ୍ଲା ବାହାରୁ ମଧ୍ୟ ଆସି ବହୁ ପରିମାଣରେ କଳାକାର ଏବଂ ଜନ ସାଧାରଣ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଗୀତ, ଲୋକନୃତ୍ୟରେ ମଞ୍ଚ କମ୍ପିଥିବା ବେଳେ ବିଭିନ୍ନ ଅର୍କେଷ୍ଟ୍ରା ଟିମର ଅର୍କେଷ୍ଟ୍ରା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ୧୨,୧୩ ଓ ୧୪ ମୁଖ୍ୟ ମଣ୍ଡେଇ ଲୋକ ମହୋତ୍ସବ ଚାଲିଥିବା ବେଳେ ଆଉ ଦୁଇଦିନ ଅଧିକ ଅର୍ଥାତ୍ ୧୬ ତାରିଖ ପର୍ଯ୍ୟନ୍ତ ପଲ୍ଲୀଶ୍ରୀ ମେଳାକୁ ଏଥର ବିକଶିତ ଭାରତ ସ୍ୱଦେଶୀ ମେଳା ଭାବେ ନାମିତ କରାଯାଇଥିଲା । ଚଳିତ ମଣ୍ଡେଇ ପଲ୍ଲୀଶ୍ରୀ ମେଳାରେ ମୋଟ ୪ଶହ ଷ୍ଟଲ ଖୋଲା ଯାଇଥିବା ବେଳେ ସେଥି ମଧ୍ୟରୁ ଖାଦ୍ୟ ଷ୍ଟଲ ୧୦, ବିଭିନ୍ନ ସରକାରୀ ସଂସ୍ଥା ପାଇଁ ୯୦ଷ୍ଟଲ, ଅଫିସିଆଲ୍ ୧୫୦ ଷ୍ଟଲ, ୧୧୦ କମର୍ସିଆଲ ଷ୍ଟଲ ରହିଥିଲା । ଚଳିତ ମଣ୍ଡେଇ ଏବଂ ପଲ୍ଲୀଶ୍ରୀ ମେଳାର ୫ଦିନରେ ଯେଉଁ ୧୦ ଗୋଟି ଖାଦ୍ୟ ଷ୍ଟଲ୍ ରହିଥିଲା ସେଥିରେ ମୋଟ ୧ କୋଟି ୯୭ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ବେସରକାରୀ ବ୍ୟବସାୟିକ ଷ୍ଟଲ୍‌ରେ ମୋଟ ୫କୋଟି ୪୭ ଲକ୍ଷ ଟଙ୍କା ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଷ୍ଟଲ୍‌ରେ ୨ କୋଟି ୯୩ ଲକ୍ଷ ଟଙ୍କାର ବ୍ୟବସାୟ ମିଶି ମୋଟ ଚଳିତ ୫ଦିନିଆ ମଣ୍ଡେଇ ଓ ପଲ୍ଲୀଶ୍ରୀ ମେଳାରେ ପାଖାପାଖି ୧୦ କୋଟି ୩୭ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଓର୍ମାସ ଡେପୁଟି ମୁଖ୍ୟ ଉନ୍ନୟନ ଅଧିକାରୀ ରୋସନ କୁମାର କାର୍ତ୍ତିକ ସୂଚନା ଦେଇଛନ୍ତି । ଚଳିତ ମଣ୍ଡେଇ ପରିଚାଳନା ପାଇଁ ୧୨ ଗୋଟି ପରିଚାଳନା କମିଟି କାର୍ଯ୍ୟ କରୁଥିଲେ ଏବଂ ପ୍ରତି ବର୍ଷ ଭଳି ଟ୍ରାଫିକ ବ୍ୟବସ୍ଥା ସୁପରିଚାଳନା କରାଯାଇଥିବା ବେଳେ ୮ ପ୍ଲାଟୁନ ପୋଲିସ ଫୋର୍ସ, ୫୦ଜଣ ଅଫିସର ବିଭିନ୍ନ ଦାୟିତ୍ୱରେ ନିୟୋଜିତ ଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଥିଲେ । ଆଜିର ଏହି ଜିଲ୍ଲା ସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଓ ପଲ୍ଲୀଶ୍ରୀ ମେଳାର ୫ମ ଦିନରେ ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ୍ ବର୍ମନ୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ୍, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଆଇଟିଡିଏ ପିଏ ରାଜୀବ କୁମାର ସାହୁ ,ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ନବରଙ୍ଗପୁର ଏସ ଡି ପି ଓ କୃଷ୍ଣ ଚନ୍ଦ୍ର ଭତରା , ନବରଙ୍ଗପୁର ପିଡବ୍ଲୁଡି ଏସଇ ଖିରଧର ଖଣ୍ଡପ ।ନ, ଜିଲ୍ଲା ଯୋଗାଣ ଅଧିକାରୀ ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା, ନବରଙ୍ଗପୁର ତହସିଲଦାର କୁଶ ଗରଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ନବରଙ୍ଗପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଓର୍ମାସ ଡେପୁଟି ମୁଖ୍ୟ ଉନ୍ନୟନ ଅଧିକାରୀ ରୋଷନ୍ କୁମାର କାର୍ତ୍ତିକ, ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପଣ୍ଡା, ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ, ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନିଲ କୁମାର ଖୋରା, ନବରଙ୍ଗପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ନବରଙ୍ଗପୁର ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ରାଜେଶ ପଟ୍ଟନାୟକ , ନବରଙ୍ଗପୁର ଜରୁରୀ କାଳୀନ ବିଭାଗର ପ୍ରୋଗ୍ରାମ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ତ୍ରିପତି ବାଲାଜୀ ସାହୁ, ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲ୍ଲା ଆଇନଜୀବୀ ସଂଘର ପୂର୍ବତନ ସମ୍ପାଦକ ରାମ ପ୍ରସାଦ ପାତ୍ର, କାଳୀ କିଙ୍କର ପଟ୍ଟନାୟକ, ସିମ।ଞ୍ଚଳ ରଥ, ଅମିତାଭ ତ୍ରିପାଠୀ, କାଳି ପ୍ରସାଦ ପାତ୍ର, ଏମ୍‌ଡି ଫିରୋଜ, ଦିଲୀପ ମଲ୍ଲିକ, ବନମାଳୀ ଗଛ ନୀଳ କଣ୍ଠ ନାୟକ, ବିଘ୍ନରାଜ ମାଝୀ, ଏ ସନ୍ତୋଷ କୁମାର ପ୍ରମୁଖଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିବା ବେଳେ ବହୁ ପରିମାଣରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ମଣ୍ଡେଇ ପଡିଆ ପରିସର ଏବଂ ସହରରୁ ମଣ୍ଡେଇ ସ୍ଥଳକୁ ପହଞ୍ଚିବା ରାସ୍ତାର ହେଉଥିବା ଭୀଷଣ ଭିଡ ନିୟନ୍ତ୍ରଣ କରିଥିଲେ । ଯାହା ଫଳରେ କି ଜନସାଧାରଣ ସୁବିଧାରେ କାର୍ଯ୍ୟକ୍ରମ ସ୍ଥଳକୁ ପହଞ୍ଚି ସେଠାରେ ରହିଥିବେ ଷ୍ଟଲ୍ ଏବଂ ହେଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପଭୋଗ କରିପାରୁଥିଲେ । ଏହି ମଣ୍ଡେଇ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୫ ଦିନରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ ।

ସକାଳ
THE SAKALA



# ଜବରଦଖଲରେ ସଂକୁଚିତ ହେଉଛି ରାସ୍ତା, ସମସ୍ୟା ଦ୍ୱିଗୁଣିତ କରୁଛି ଡ୍ରେନ୍

## ଦୋବଲ-କାଳୀବଜାର ରାସ୍ତାରେ ବଢୁଛି ଟ୍ରାଫିକ ସମସ୍ୟା

ଦୋବଲ, ୧୭ ।୧୨(ସମିସ)

ଷେଣ୍ଡପୁର-ଧାମନଗର ମୁଖ୍ୟ ରାସ୍ତାର ଦୋବଲ ବସ୍‌ଷ୍ଟାଣ୍ଡଠାରୁ କାଳୀବଜାର ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧା ସୃଷ୍ଟି ହୋଇଛି । ପ୍ରାୟ ୮୦୦ ମିଟର ଲମ୍ବର ଏହି ରାସ୍ତାର ଡାହାଣ ପଟେ ନିର୍ମାଣ ହୋଇଥିବା କଂକ୍ରିଟ ଡ୍ରେନ୍ ଏବେ ସ୍ଥାନୀୟ ଲୋକ ଓ ପଥଚାରୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି । ଡ୍ରେନ୍ ନିର୍ମାଣରେ ତ୍ରୁଟି ଏବଂ ପରବର୍ତ୍ତୀ ସମୟରେ ବ୍ୟବସାୟୀଙ୍କ ଦ୍ୱାରା ହୋଇଥିବା ସ୍ଲୋପିଂ ଯୋଗୁଁ ପ୍ରାୟ ୩୦ ଫୁଟ୍ ଚଉଡ଼ାର ରାସ୍ତା ଏବେ ସଂକୁଚିତ ହୋଇ ମାତ୍ର ୨୦ ଫୁଟରେ ସୀମିତ ହୋଇଯାଇଛି । କିଛି ମାସ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ରାସ୍ତାର ଡାହାଣ ପାର୍ଶ୍ୱରେ ପ୍ରାୟ ୪ ଫୁଟ୍ ଚଉଡ଼ାର ଏକ କଂକ୍ରିଟ ଡ୍ରେନ୍ ନିର୍ମାଣ କରାଯାଇଛି । ମାତ୍ର ଏହି ଡ୍ରେନ୍‌ର ଉପର ଭାଗ ମୁଖ୍ୟ ରାସ୍ତାଠାରୁ ପ୍ରାୟ ୭ ଇଞ୍ଚ ଉଚ୍ଚା ରହିଛି । ଏହି ଅହେତୁକ ଉଚ୍ଚତା ଯୋଗୁଁ ଡ୍ରେନ୍‌ଟି ରାସ୍ତା କଡ଼ରେ ଏକ ବ୍ୟାରିକେଡ୍ ଭଳି ଛିଡ଼ା ହୋଇଛି । ଯାହା ଫଳରେ ଗାଡ଼ିମୋଟର ରାସ୍ତା କଡ଼କୁ ଯାଇପାରୁ ନାହିଁ । ଦୋକାନୀ ଓ ଦୋକାନକୁ ଆସୁଥିବା ଗ୍ରାହକ ଡ୍ରେନ୍ ଏପଟେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି ।



ଖାଲି ଏତିକି ନୁହେଁ, ଡ୍ରେନ୍ ଉଚ୍ଚା ହୋଇଥିବାରୁ ଡାହାଣ ପଟେ ଥିବା ଦୋକାନୀମାନେ ନିଜ ନିଜ ଦୋକାନକୁ ଗାଡ଼ି କିମ୍ବା ମାଲପତ୍ର ନେବା ପାଇଁ ଅସୁବିଧାରେ ପଡୁଥିଲେ । ଏଥିରୁ ରକ୍ଷା ପାଇବା ଲାଗି ସେମାନେ ରାସ୍ତା ଉପରୁ ଡ୍ରେନ୍ ପର୍ଯ୍ୟନ୍ତ ସିମେଣ୍ଟର 'ସ୍ଲୋପିଂ' କରିଦେଇଛନ୍ତି । ଏହି ସ୍ଲୋପିଂ ପାଇଁ ରାସ୍ତାର ମୁଖ୍ୟ ଅଂଶରୁ ଆଉ ୧ ରୁ ୨ ହାତ ପର୍ଯ୍ୟନ୍ତ ଜାଗା ନଷ୍ଟ ହେଉଛି । ଫଳସ୍ୱରୂପ, ବସ୍‌ଷ୍ଟାଣ୍ଡଠାରୁ କାଳୀବଜାର ଓ ଯଜ୍ଞ ପଡ଼ିଆ ପର୍ଯ୍ୟନ୍ତ ରାସ୍ତା ପ୍ରାୟ ୮ରୁ ୯ ଫୁଟ୍ ସଂକୁଚିତ ହୋଇଯାଇଛି । ବସ୍‌ଷ୍ଟାଣ୍ଡ ପାଖରୁ କାଳୀବଜାର ମଝିରେ ପ୍ରାୟ ୨୫୦ଟି ଦୋକାନ ରହିଛି । ତା' ଭିତରେ ୧୦ରୁ ଅଧିକ ଗ୍ରୋସରୀ ଦୋକାନ, ୩ରୁ ଅଧିକ ମାଲ୍ ଗୋଦାମ, ୩ଟି ଲୁହା, ସିମେଣ୍ଟ, ରଡ୍, ଚିପ୍ସ ଓ ଟାଇଲ୍ ଦୋକାନ ରହିଛି । ଅନେକଗୁଡ଼ିଏ ପାନ ଦୋକାନ ଓ ଚା' ଜଳଖିଆ ଦୋକାନ ଅଛି । ଏସବୁ ଦୋକାନରେ ସବୁବେଳେ ଲୋକଙ୍କ କାରବାର ଥାଏ । ଯିବା ଆସିବା ଲାଗି ରହିଥାଏ । ଗ୍ରୋସରୀ ମାଲଗୋଦାମର ମାଲିକ ମାନେ ବାହାର ରାଜ୍ୟରୁ ମାଲ୍ ଆଣୁଥିବାରୁ ଦିନ ସମୟରେ ମାଲ୍ ଅନଲୋଡିଂ କରିଥାନ୍ତି । ରାସ୍ତା ଉପରେ ୮ ଫୁଟ୍ ଚଉଡ଼ାର ମାଲ୍ ବୋଝେଇ ଟ୍ରକ୍ ଛିଡ଼ା ହେବାରୁ ରାସ୍ତା ଜାମ୍ ହୋଇଥାଏ । ସେହିପରି ମାର୍ବଲ, ସିମେଣ୍ଟ ରଡ଼ ଦୋକାନରେ ବି ମାଲ୍ ଲୋଡିଂ ଅନ୍‌ଲୋଡ଼ିଂ ପାଇଁ ସମୟ ଲାଗୁଥିବାରୁ ରାସ୍ତା ଉପରେ ଗାଡ଼ି ଛିଡ଼ା ହୋଇ ରହେ । ଫଳରେ ଟ୍ରାଫିକ ସମସ୍ୟା ଉପୁଜିଥାଏ । ସେହିଭଳି ୨ରୁ ୩ଟି ଗାଡ଼ି ସର୍ଭିସିଂ ଦୋକାନୀ ଡ୍ରେନ୍ କାରଣରୁ ରାସ୍ତା ଉପରେ ହିଁ ଗାଡ଼ି ଧୁଆଧୋଇ କରୁଛନ୍ତି । ଏହି କାରଣରୁ ରାସ୍ତାରେ ଅଧିକାଂଶ ସମୟରେ ପାଣି ଜମୁଛି । ରାସ୍ତା ସଂକୁଚିତ ହେବାରୁ ବିପରୀତ ଦିଗରୁ ଦୁଇଟି ବଡ଼ ଗାଡ଼ି ଆସିଲେ ପାର୍ଶ୍ୱ ଦେଇ ଯିବା ପାଇଁ ଜାଗା ନାହିଁ । ଏହି କାରଣରୁ ଛୋଟବଡ଼ ଦୁର୍ଘଟଣା ଏବେ ନିତିଦିନିଆ ଘଟଣା ପାଲଟିଛି । ବିଶେଷ କରି ସନ୍ଧ୍ୟା ସମୟରେ ଭିଡ଼ ଯୋଗୁଁ ପରିସ୍ଥିତି ଅସମ୍ଭାଳ ହେଉଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଏ ସମ୍ପର୍କରେ ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି । ରାସ୍ତାକୁ ପୂର୍ବ ସ୍ଥିତିକୁ ଫେରାଇ ଆଣିବା ସହ ଡ୍ରେନ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବିଦ୍ୟୁତ ତାର ଚୋରି ଅଭିଯୋଗରେ ୨ ଗିରଫ



ବନ୍ତ/ଆଗରପଡ଼ା, ୧୭।୧୨(ସମିସ): ବିଦ୍ୟୁତ ତାର ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ପୁଲିସ । ଚୋରିରେ ବ୍ୟବହୃତ ଏକ କାର ସହ ୧୧ ବଣ୍ଡଲ ଆଲୁମିନିୟମ ବିଦ୍ୟୁତ ତାର ପୁଲିସ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୯୫ହଜାରରୁ ଅଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି । ବନ୍ତ ଥାନା ସଖିପାଟଣା ଛକରେ ସନ୍ଧ୍ୟା ସମୟରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ କାର ଦ୍ରୁତ ଗତିରେ ନିମପଡ଼ା ପାର୍ଶ୍ୱରୁ ବନ୍ତ କେନାଲ ରାସ୍ତାରେ ଯାଉଥିଲା । ଏଥିରେ ସନ୍ଦେହ ହେବାରୁ କାରକୁ ପୁଲିସ ଯାଞ୍ଚ କରିବା ସମୟରେ ୧୧ ବଣ୍ଡଲ ଆଲୁମିନିୟମ ବିଦ୍ୟୁତ ତାର ପଛ ସିଟରେ ରହିଥିବା ଦେଖିବାକୁ ମିଳିଥିଲା । ଏହାର ଆବଶ୍ୟକ କାଗଜପତ୍ର ଅଭିଯୁକ୍ତ ଦ୍ୱୟ ଦେଖାଇ ପାରି ନଥିଲେ । ଥାନା କେସ ନଂ ୨୭୦/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟ ଚଣ୍ଡିପୁର ଗ୍ରାମର ମୀର କଲିମୁଦ୍ଦୀନଙ୍କ ପୁଅ ମୀର କମଲ ଉଦ୍ଦୀନ ଓ ବନ୍ତର ସମୀର ସାହାଙ୍କ ପୁଅ ସ୍ୱରାଜ ସଂଗ୍ରାମ ସାହାଙ୍କୁ ପୁଲିସ ଗିରଫ କରିଥିଲା । ଏଥିସହ ହାତ ଗ୍ଲୋଭ୍ସ, କଟର ଏବଂ ବ୍ୟବହୃତ କାର୍‌କୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି । ଚଢ଼ଉରେ ଏସ୍.ଆଇ ମନୋହର ପାତ୍ର, ଏସ୍.ଆଇ ରଞ୍ଜିତା ବେହେରା, ଏ.ଏସ୍.ଆଇ କମଳାକାନ୍ତ ନାୟକଙ୍କ ସହ ଏକ ସ୍ୱତନ୍ତ୍ର ଟିମ୍ ସାମିଲ ଥିଲେ ।

# ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେଲା ୬୧ ପ୍ରକଳ୍ପ

ବନ୍ତ/ଆଗରପଡ଼ା, ୧୭।୧୨(ସମିସ): ବନ୍ତ ଲକ୍ଷ୍ମୀବଜାରସ୍ଥିତ ଚାରୁଚନ୍ଦ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବିଜ୍ଞାନ ମେଳା ବିଦ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପରେ ବେଦପାଠ କରାଯାଇଥିଲା । ବେଦପାଠକରିଥିଲେ ବିଦ୍ୟାଳୟର ଛାତ୍ର ଶୁଭ୍ରାଂଶୁ ରଞ୍ଜନ ସ୍ୱାଇଁ ଓ ପ୍ରିୟାଂଶୁ ରଞ୍ଜନ ସ୍ୱାଇଁ । ପରେ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିରୁପେ ବନ୍ତ ବ୍ଲକ ବିଆରସିସି ହରେକୃଷ୍ଣ ଆପଟ, ଜାତୀୟ ପୁରସ୍କୃତ ଶିକ୍ଷକ ଶଶୀଶେଖର କର ଶର୍ମା, ପ୍ରାଧାପକ ସୁରେଶ କୁମାର ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯାକତ ଅଲ୍ଲୀ, ଜ୍ଞାନେନ୍ଦ୍ର ଜେନା



ପ୍ରମୁଖ ବର୍ତ୍ତମାନ ଯୁଗରେ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ଭୂମିକା ସମ୍ପର୍କରେ କହିଥିଲେ । ବିଜ୍ଞାନକୁ ଛାଡ଼ି ବଞ୍ଚିବା ଅସମ୍ଭବ ବୋଲି ସେ ଆହ୍ୱାନ ଦେଇଥିଲେ । ମେଳାରେ ୬୧ଟି ଷ୍ଟଲରେ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶିତ ହୋଇଥିଲା । ବନ୍ତ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ସୀମାଲିନ ପାତ୍ର ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା ଓ ସଭାପରିଚାଳନା କରିଥିଲେ ପ୍ରଶାନ୍ତ କୁମାର ଜେନା । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ କର୍ମଚାରୀ ସହଯୋଗ କରିଥିଲେ ।

# ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନା ଫେଲ୍

ବାରିକପୁର, ୧୭ ।୧୨(ସମିସ): ସରକାର ଆରମ୍ଭ କରିଥିବା ଗୋଦାବରୀଶ ମହାପାତ୍ର ଆଦର୍ଶ ବିଦ୍ୟାଳୟ ଯୋଜନା ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି । ସୂଚନା ମୁତାବକ ନୂଆ ସରକାର ଆସିବା ପରେ ୨୦୨୪/୨୫ ରେ ଏହି ଯୋଜନାଟି ଶୁଭାରମ୍ଭ ହୋଇଥିଲା । ଯୋଜନା ମୁତାବକ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଗୋଟିଏ କିମ୍ବା ଦୁଇଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ତଦନୁଯାୟୀ ଉତ୍ତମ ଭିତ୍ତିଭୂମିକୁ ଆଖି ଆଗରେ ରଖି ଭଣ୍ଡାରିପୋଖରୀ ବ୍ଲକର ୫ଟି ବିଦ୍ୟାଳୟ ମଧ୍ୟରୁ ଗୋଟିଏ ବିଦ୍ୟାଳୟକୁ ଯୋଜନାରେ ସାମିଲ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତାବ ଯାଇଥିଲା । ସରକାରୀସ୍ତରରେ ବାଲି ପୋଖରୀ ପଞ୍ଚାୟତ କୁମ୍ଭାରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ରୂପେ ଗଢ଼ିତୋଳିବା ପାଇଁ ନିଷ୍ପତ୍ତି ହୋଇଥିଲା । ବିଶେଷ କରି ୫ଟି ଢାଞ୍ଚାରେ ବିଦ୍ୟାଳୟ ରୂପରେଖ ତିଆରି ପାଇଁ ନକ୍ସା ପ୍ରସ୍ତୁତ



ହୋଇଥିଲା । ପରିତାପର ବିଷୟ ଇତିମଧ୍ୟରେ ଗୋଟିଏ ବର୍ଷ ବିତି ଯାଇଥିଲେ ମଧ୍ୟ ଯୋଜନାଟିର ଅଗ୍ରଗତି ହୋଇନାହିଁ । କେବଳ ସରକାରୀ ଚିଠିପତ୍ର ଓ ଫାଇଲ ମଧ୍ୟରେ ଆଦର୍ଶ ବିଦ୍ୟାଳୟ ଭାଗ୍ୟ ରହିଥିବା ଜଣାପଡ଼ିଛି । ଏପରିକି ଯୋଜନା ସକାଶେ ସାଧାରଣ ବୈଠକ ସହିତ ଭିତ୍ତିଭୂମି ପୂଜନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲେ ସୁଦ୍ଧା ତାହା କିନ୍ତୁ ଏଯାଏଁ ସମ୍ଭବ ହୋଇନାହିଁ । କେଉଁ କାରଣରୁ ଆଦର୍ଶ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ ହୋଇନାହିଁ ସେ ବିଷୟରେ ମଧ୍ୟ ଶିକ୍ଷା ଅଧିକାରୀ ମାନେ କିଛି କହିପାରୁ ନାହାନ୍ତି । ତେଣୁ ଯୋଜନାଟି ଆରମ୍ଭରୁ ବ୍ୟବସ୍ଥାପିକ ତ୍ରୁଟି ଯୋଗୁଁ ବନ୍ଦ ହୋଇଥିବା କୁହାଯାଉଛି ।

# ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପକ୍ଷରୁ ବିଜୟ ଉତ୍ସବ ପାଳିତ

ବାସୁଦେବପୁର, ୧୭।୧୨(ସମିସ): ବାସୁଦେବପୁର ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି । ଦୁଇଦିନ ଧରି ଚାଲିବାକୁ ଥିବା ଏହି ବିଜୟ ଉତ୍ସବର ପ୍ରାରମ୍ଭିକ ଦିବସରେ ସ୍ଥାନୀୟ ସହରର ନିଉଇଣ୍ଡିଆ ସାହି ନିକଟସ୍ଥ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସେଦିନର ୧୯୭୧ ମସିହା ପାକିସ୍ଥାନର ଯୁଦ୍ଧ ଡାକରାକୁ ଖାତିରି ନକରି ଭାରତ ମାତାର ସୁଯୋଗ୍ୟ ସୈନିକଙ୍କ ପରାକ୍ରମ ନିକଟରେ ହାର ମାନି ପଛଘୁଞ୍ଚା ଦେଇଥିଲା ପାକିସ୍ଥାନ । ପରେ ସମସ୍ତ ଅବସରପ୍ରାପ୍ତ ସୈନିକ ଭାଇମାନଙ୍କ ଦ୍ୱାରା ସ୍ଥାନୀୟ ସହରରେ ବିଜୟ ଉତ୍ସବର ଧ୍ୱନି ପରିକ୍ରମା କରା ଯାଇଥିଲା । ଜାତୀୟ ପତାକା ହାତରେ ଧରି ଶତାଧିକ ସଂଖ୍ୟାର ସୈନିକ ଭାଇମାନେ ସାଇକଲ ଜରିଆରେ ଏକ ରାଲି ସହରର ବିଭିନ୍ନ ପ୍ରାନ୍ତକୁ ପରିକ୍ରମା ସହିତ ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଭାରତ ମାତାର ରକ୍ଷକମାନଙ୍କର ବୀରତ୍ୱର ସନ୍ଦେଶ ଓ ଦେଶ ଭକ୍ତିର ଚେତନା ପ୍ରଦାନ କରିଥିଲେ । ଏଥିସହିତ ସହରର ଟାଉନହଲ ନିକଟରେ ସ୍ଥାପିତ ମହାତ୍ମା ଗାନ୍ଧିଜୀ ଓ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଆସନ୍ତାକାଲି ଏହି ଦିବସ ଅବସରରେ ଉଦ୍‌ଯାପନୀ ସମାରୋହ ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ସଂଘର ସଭାପତି ଶରତ କୁମାର ନାୟକ ଓ ସମ୍ପାଦକ କୈଳାସ ଚନ୍ଦ୍ର ନାଥଙ୍କ ସମେତ ସୈନିକ ସଂଘର କର୍ମକର୍ତ୍ତା ଗଣ ସୂଚନା ଦେଇଛନ୍ତି ।

● ଭଦ୍ରକରେ ଏବିଭିପିର ସୁବର୍ଣ୍ଣଜୟନ୍ତୀ ପ୍ରସ୍ତୁତି

# ଯୋଗଦେବେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରନେତା



ଭଦ୍ରକ, ୧୭ ।୧୨(ସମିସ): ଏବିଭିପି(ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ) ଓଡ଼ିଶା ପୂର୍ବ ପ୍ରାନ୍ତ ତରଫରୁ ଭଦ୍ରକରେ ଅନୁଷ୍ଠିତ ହେବ ସ୍ୱର୍ଣ୍ଣ ଜୟନ୍ତୀ । ଏହି ରାଜ୍ୟ ଅଧିବେଶନରେ ଓଡ଼ିଶା ପୂର୍ବ ପ୍ରାନ୍ତର ୨୩ ଟି ସାଙ୍ଗଠନିକ ଜିଲ୍ଲାରୁ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରନେତା, ଅଧ୍ୟାପକ ଓ ଶିକ୍ଷାବିତ୍ ଯୋଗ ଦେବାକୁ ଆସୁଛନ୍ତି । ଏହି ଅଧିବେଶନରେ ଭଦ୍ରକ ନଗରରେ ୧୫୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହିତ ରାଜ୍ୟର ଛାତ୍ରନେତାମାନେ ଉଦ୍‌ବୋଧନ ଦେବେ । ଏହି ଅଧିବେଶନ ଆସନ୍ତା ୨୩, ୨୪ ଓ ୨୫ ଡିସେମ୍ବର ୨୦୨୫ ଭଦ୍ରକ ଗାନ୍ଧୀ ପଡ଼ିଆ ଠାରେ ଆୟୋଜିତ ହେବ । ସମ୍ପୂର୍ଣ୍ଣ ଗାନ୍ଧୀ ପଡ଼ିଆକୁ ରକ୍ତତୀର୍ଥ ଇରମ ନଗର, ନିର୍ମଳ ଷଡ଼ଙ୍ଗୀ ସଭା ଗୃହ, ଲକ୍ଷ୍ମୀ ନାରାୟଣ ମହାପାତ୍ର ପ୍ରଦର୍ଶନୀ ନାମରେ ନାମିତ କରାଯାଇଛି । ଭଦ୍ରକ ଜିଲ୍ଲାର ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତା, ପୁରାତନ ଓ ଶୁଭେଚ୍ଛୁ କାର୍ଯ୍ୟକର୍ତ୍ତା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି । ଏ ନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏବିଭିପିର ସୁବର୍ଣ୍ଣ ଜୟନ୍ତୀ ରାଜ୍ୟ ଅଧିବେଶନ ଦ୍ୱାରା ବିଦ୍ୟାର୍ଥୀ ସମାଜରେ ଗୁଣାତ୍ମକ ଶିକ୍ଷା ଓ ରାଷ୍ଟ୍ରବାଦର ବାର୍ତ୍ତା ସାରା ରାଜ୍ୟବ୍ୟାପୀ ଯିବ ବୋଲି ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ବରିଷ୍ଠ ଶଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରଭାସ କୁମାର ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅଭ୍ୟର୍ଥନା ସମିତିର ପର୍ଯ୍ୟବେକ୍ଷକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଉପାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଇକଲ୍ ଧରି ଅଫିସ୍ ଗଲେ ଜିଲ୍ଲାପାଳ

ଭଦ୍ରକ, ୧୭ ।୧୨(ସମିସ): ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଆଜି ଭଦ୍ରକ ଗବସାହିସ୍ଥିତ ଆବାସିକ କାର୍ଯ୍ୟାଳୟରୁ କଲେକ୍ଟରିଏଟ୍ ଯାଏଁ ପ୍ରାୟ ୨କିମି ରାସ୍ତା ସାଇକଲରେ ଆସିଥିବା ଦେଖିବାକୁ ମିଳିଥିଲା । ଜିଲ୍ଲାପାଳଙ୍କ ଏହି ନୂଆ ପ୍ରୟାସକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି । ଏଭଳି ଅଭିନବ ଢଙ୍ଗରେ ସାଇକଲ ଚଳାଇବା ନେଇ ଜିଲ୍ଲାପାଳ ଶ୍ରୀ ରାଉତରାଏ ନିଜ ପ୍ରତିକ୍ରିୟାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ, ସାଇକଲ(ଶୂନ ଗାଡ଼ି) ହେଉଛି ସ୍ୱାସ୍ଥ୍ୟ, ସଞ୍ଚୟ ଓ ସୁରକ୍ଷାର ସନ୍ଦେଶ । ସାଇକଲ୍ ମାଧ୍ୟମରେ ସଚେତନତା



ସୃଷ୍ଟି କରିବା ମୂଳ ଲକ୍ଷ୍ୟ । ଆଉ ସାଇକଲ ଚାଳନା ଏକ ବ୍ୟାୟାମ । ସାଇକେଲ ଚଳାଇଥିଲେ ଶରୀର ସୁସ୍ଥ ରୁହେ । ଅପରପକ୍ଷରେ ଘର ଆଖପାଖ ଅଞ୍ଚଳକୁ ଚାଲିକରି କିମ୍ବା ସାଇକଲରେ ଗଲେ ଅର୍ଥ ଅପଚୟ ରୋକିହେବ । ଏହାଛଡ଼ା ପରିବେଶ ମଧ୍ୟ ସୁରକ୍ଷିତ ରହିବ । ଯେଉଁ ଦିନ ସୁବିଧା ହେବ ବା ସରକାରୀ ଟୁର୍ ନଥିବ ସେ ଏପରି ଭାବେ କାର୍ଯ୍ୟାଳୟକୁ ସାଇକଲରେ ଆସିବେ ବୋଲି କହିଛନ୍ତି । ମୁହଁରେ ମାସ୍କ ବାନ୍ଧି ଜିଲ୍ଲାପାଳଙ୍କ ସାଇକଲ ଚାଳନା ଦୃଶ୍ୟକୁ ସହରବାସୀ ବେଶ୍ ପସନ୍ଦ କରିଛନ୍ତି । ଜିଲ୍ଲାପାଳ ଆହୁରି କହିଛନ୍ତି ଯେ ଅନ୍ୟ ଅଧିକାରୀମାନେ ବି ଏଥିରୁ ପ୍ରେରିତ ହୁଅନ୍ତୁ ଏବଂ ସେମାନେ ବି ସାଇକଲରେ ଅଫିସ୍ ଆସନ୍ତୁ । ସୂଚନାଯୋଗ୍ୟ, ବିଶ୍ୱ ସାଇକଲ୍ ଦିବସରେ ବି ଭଦ୍ରକ ଜିଲ୍ଲାପାଳ ଶ୍ରୀ ରାଉତରାଏ ନିଜ ଆବାସିକ କାର୍ଯ୍ୟାଳୟରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସାଇକଲରେ ଆସିଥିଲେ ।

# ପୋଡ଼ି ହୋଇ ୨ ନାବାଳକ ଗୁରୁତର

ବାସୁଦେବପୁର, ୧୭।୧୨(ସମିସ): ବାସୁଦେବପୁର ବ୍ଲକ ସୁଦର୍ଶନପୁର ଗ୍ରାମର ଆଜି ଏକ ଅଭାବନୀୟ ଘଟଣା ଘଟିଛି । ପାଳ ନିଆଁରେ ପୋଡ଼ିହୋଇ ଦୁଇ ନାବାଳକ ସାଙ୍ଗ ଗୁରୁତର ଆହତ ହୋଇଛନ୍ତି । ଆହତମାନେ ହେଲେ ଉକ୍ତ ଗ୍ରାମର ଅନିରୁଦ୍ଧ ମଳିକଙ୍କ ପୁଅ ଶିବ(୧୧) ଓ ଉମାକାନ୍ତ ମଳିକଙ୍କ ପୁଅ ହେମନ୍ତ(୧୧) । ହେମନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଗାଁ ନିକଟସ୍ଥ ଏକ ଧାନ ବିଲରୁ ମେସିନ ସାହାଯ୍ୟରେ ଧାନ ଅମଳ କରି ନେଲା ପରେ ଚାଷୀ ପାଳ ନଡ଼ା ଗଦା କରି ରଖିଥିଲେ । ତେବେ ଏହି ପାଳରେ କେହି ନିଆଁ ଲଗାଇ ଚାଲି ଯାଇଥିବା ବେଳେ ଗାଁର କେତେକ ପିଲା ଏହା ନିକଟରେ ଖେଳିବାକୁ ଯାଇଥିଲେ । ଗଦାରେ ନିଆଁ ହୁତହୁତ ହୋଇ ଜଳୁଥିବା ସମୟରେ ହେମନ୍ତ ଅସାବଧାନତାରୁ ନିଆଁରେ ପଡ଼ିଯାଇଥିଲେ । ତାଙ୍କୁ ଉଦ୍ଧାରକରିବାକୁ ଯାଇ ଶିବ ମଧ୍ୟ ପୋଡ଼ିହୋଇଯାଇଥିଲେ । ପିଲାଙ୍କ ଚିତ୍କାର ଶୁଣି ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଶିବ ଓ ହେମନ୍ତଙ୍କୁ ତୁରନ୍ତ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଶିବଙ୍କୁ ଘରକୁ ପଠା ଯାଇଥିବାବେଳେ ହେମନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣପଡ଼ିଛି ।

# ରାଜସ୍ୱ କାର୍ଯ୍ୟାଳୟରେ ଦଲାଲ: ଲାଞ୍ଚ ନଦେଲେ ମିଳୁନି ସାର୍ଟିଫିକେଟ

ବାସୁଦେବପୁର, ୧୭।୧୨(ସମିସ): ବାସୁଦେବପୁର ତହସିଲଠାରୁ ଆରମ୍ଭ କରି ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିନା ଲାଞ୍ଚରେ ଫାଇଲ ଘୁଞ୍ଚୁନାହିଁ । ପୂର୍ବରୁ ବାସୁଦେବପୁର ତହସିଲର ଅତିରିକ୍ତ ତହସିଲଦାର ନାମରେ ଅଭିଯୋଗ ଆସିଥିବା ବେଳେ ଜଣେ ଦଲାଲ ଜଣେ ଦିବ୍ୟାଙ୍ଗଙ୍କ ଠାରୁ ଲାଞ୍ଚ ନେଉଥିବା ଚର୍ଚ୍ଚାର ବିଷୟ ହୋଇଛି । ଦଲାଲ ସରକାରୀ ଚେୟାରରେ ବସି ଟଙ୍କା ନେଉଥିବାର ଭିଡିଓଟି ଏବେ ମୋବାଇଲରୁ ମୋବାଇଲ୍ ଭାଇରାଲ ହେବାରେ ଲାଗିଛି । ବାସୁଦେବପୁର ତହସିଲ ଅଧୀନରେ ରହିଛି ୧୩ ଟି ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ । ସବୁଠି ଲୋକମାନଙ୍କୁ ଶୋଷଣ କରିବାକୁ ମାଳ ମାଳ ଦଲାଲ ଜଗି ବସିଛନ୍ତି । ରାଜସ୍ୱ ଅଧିକାରୀ ଏହି ଦଲାଲମାନଙ୍କ ମାଧ୍ୟମରେ ଲୁଟ୍ କରୁଛନ୍ତି । ପୂର୍ବରୁ ଅତିରିକ୍ତ ତହସିଲଦାର କେଶ ପିଛା ପାଞ୍ଚ ହଜାରରୁ କୋଡ଼ିଏ ହଜାର ପର୍ଯ୍ୟନ୍ତ ଦାବି କରୁଛନ୍ତି । ହାଟରେ ପଡ଼ି ଦାଣ୍ଡର ଗଡ଼ିବା ପରେ ଖୋଦ ଜିଲ୍ଲାପାଳ ତାଗିଦ କଲେ । ଫଳ କିଛି ଫରକ୍ ପଡ଼ିଲା ନାହିଁ । ସେହିପରି ଇରମ ରାଜସ୍ୱ ଅଧିକାରୀଙ୍କ ଅଧୀନରେ ମୁଗେଇପଦାର ସର୍ବେଶ୍ୱର ଦଳେଇ ଜଣେ ଦିବ୍ୟାଙ୍ଗ ଯୁବକ । ଜେଜେ ବାପାଙ୍କ ମୃତ୍ୟୁ ପରେ ସାର୍ଟିଫିକେଟ୍ ପାଇଁ ଆବେଦନ କରିଥିଲେ । ଇରମ ରାଜସ୍ୱ ଅଧିକାରୀ ରିପୋର୍ଟ ଦେବାକୁ ଏକାଧିକ ଥର ଦୌଡାଇଲେ । ଶେଷରେ ସର୍ବେଶ୍ୱର ଦଳେଇ ରାଜସ୍ୱ ଅଧିକାରୀଙ୍କ କାଯ୍ର୍ଯାଳୟର ବେସରକାରୀ ପିଅନ କାଳନ୍ଦୀ ଚରଣ ବେହେରା ଦୁଇ ଶହ ଟଙ୍କା ନେଉଥିବା ବେଳେ ଭିଡିଓ କଏଦ ହୋଇ ଥିଲା । ଯେଉଁ ଭିଡିଓ ଗୋଟିଏ ମୋବାଇଲରୁ ଅନ୍ୟ ମୋବାଇଲକୁ ଘୂରି ବୁଲୁଛି । ଗଣମାଧ୍ୟମର ପ୍ରତିନିଧିମାନେ କାଳନ୍ଦୀ ଚରଣ ଦଳେଇକୁ ପଚାରିବାରୁ ଚେୟାରୁ ଉଠି ଦୌଡ଼ି ପଳାଇ ଯାଇଥିଲେ । କେବଳ ଇରମ ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ ନୁହେଁ । ବାସୁଦେବପୁର ତହସିଲର ୧୩ ଟି ଆର୍‌ଆଇ ଅଫିସର ନକଲି ପିଅନ ଆସ୍ଥାନ ଜମାଇ ଲୋକମାନଙ୍କ ଠାରୁ ଶୋଷଣ କରୁଛନ୍ତି । ସେହିପରି ତହସିଲରେ ଅତିରିକ୍ତ ତହସିଲଦାରଙ୍କ ହାତ ଗୁଞ୍ଜା ଚାହା ଦୋକାନର ଚର୍ଚ୍ଚାର ବିଷୟ ହୋଇଛି । ଭଦ୍ରକ ଜିଲ୍ଲାପାଳ ହସ୍ତକ୍ଷେପ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସାଧାରଣ ଲୋକ ନ୍ୟାୟ ପାଇପାରନ୍ତେ ।

## ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଓ କାର୍ଯ୍ୟରେ ଅନିୟମିତତା ପ୍ରସଙ୍ଗ

# ତଦନ୍ତ ପାଇଁ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ବନ୍ତ/ଆଗରପଡ଼ା, ୧୭।୧୨(ସମିସ)

କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ରେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଓ କାର୍ଯ୍ୟରେ ଅନିୟମିତତା ଅଭିଯୋଗରେ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆୟୁଷ ନିର୍ଦ୍ଦେଶକଙ୍କୁ କାର୍ଯ୍ୟାଳୟ ପରିସରରେ ବିଶୃଙ୍ଖଳା ଆଚରଣ ପାଇଁ ଆୟୁଷ ଡାକ୍ତରଙ୍କୁ କୈଫିୟତ ତଲବ ନିମନ୍ତେ ଅନୁରୋଧ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ଗତ ଶୁକ୍ରବାର ବିଭିନ୍ନ ସୂତ୍ରରୁ ସ୍ୱାସ୍ଥ୍ୟକେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ସମୟ ଅନୁସାରେ ନ ଖୋଲିବା, ପରିସରରେ




କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)

ଥିବା ହାଇମାକ୍ସ ଲାଇଟ ଦିନ ୯ଟା ପର୍ଯ୍ୟନ୍ତ ଜଳିରହିବା, ରୋଗୀମାନେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ସେବା ନପାଇ ଫେରିବା ଆଦି ବିଭିନ୍ନ ଅଭିଯୋଗ ପାଇ ସାମ୍ବାଦିକ ବିନୋଦ କୁମାର ଧଳ ସାମନ୍ତ ଭଦ୍ରକ ଜିଲ୍ଲା ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ପରିସରକୁ ଯାଇଥିଲେ । ସେଠାରେ ଉପସ୍ଥିତ ଥିବା ମେଡିକାଲ ଅଫିସରଙ୍କୁ କାର୍ଯ୍ୟାଳୟରେ ହେଉଥିବା ଅନିୟମିତତା ଓ ଅଭିଯୋଗ ଉପରେ ପଚରାଉଚରା କରୁଥିବା ସମୟରେ ମେଡିକାଲ ଅଫିସର କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରୁନଥିବା ଜାଣିପାରି ସେଠାରେ ଉପସ୍ଥିତ ଥିବା ଆୟୁଷ ଡାକ୍ତର ଉତ୍‌କ୍ଷିପ୍ତ ହୋଇ ଶ୍ରୀ ଧଳ ସାମନ୍ତଙ୍କୁ ଅସଭ୍ୟ ବ୍ୟବହାର କରିଥିଲେ । ଏପରିକି ନିଜ ଭୁଲକୁ ଏଡ଼ାଇବାକୁ ଯାଇ ପୁଲିସ କେସ୍ ଦେବାର ଧମକ ଦେଇଥିଲେ । ଏପରିକି ସ୍ଥାନୀୟ ନେତାଙ୍କୁ ଫୋନ କରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଆସିବା ପାଇଁ କହିଥିଲେ । ଶ୍ରୀ ଧଳ ସାମନ୍ତ ଉକ୍ତ ସମସ୍ତ ଘଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଜଣାଇବା ପରେ ଅଧିକାରୀଙ୍କ ଅନୁରୋଧକୁ ରକ୍ଷା କରି ଘଟଣା ସ୍ଥଳରୁ ପଳାଇ ଆସିଥିଲେ । ପରେ ଗତ ସୋମବାର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟୁଥିବା ବିଭିନ୍ନ ଅନିୟମିତତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଉପରେ ବିଚାର କରିବା ପରେ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ଅଭିଯୋଗ ଉପରେ ତଦନ୍ତ କରି ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ସହ ଆୟୁଷ ନିର୍ଦ୍ଦେଶକଙ୍କୁ ଡାକ୍ତରଙ୍କ ଏହିପରି ବିଶୃଙ୍ଖଳା ଆଚରଣ ପାଇଁ କୈଫିୟତ ତଲବ ନିମନ୍ତେ ଅନୁରୋଧ କରିଥିବା ଜଣାପଡ଼ିଛି ।

# ଆକ୍ରମଣ ଓ ଗୁଳିଚାଳନା ଘଟଣାରେ ୪ ଗିରଫ

ଅନୁଗୋଳ,୧୭ ।୧୨(ସମିସ):



ଅନୁଗୋଳ ସହର ଶିକ୍ଷକପଡ଼ାଠାରେ ସଂଘଟିତ ଆକ୍ରମଣ ଏବଂ ଗୁଳିଚାଳନା ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ସେମାନେ ହାପି ଓରଫ ମାନସ ରଞ୍ଜନ ମଲ୍ଲିକ (୨୬), ଲିପୁ ଓରଫ ଧର୍ମାନନ୍ଦ ମଲ୍ଲିକ (୨୮), ଦିଲୀପ ମଲିକ (୪୨) ଓ ଚେଣ୍ଟି ଓରଫ ଶୁଭମ ରାଉତ (୨୧) । ଅଭିଯୁକ୍ତମାନେ କଟକ ଖୁଣ୍ଟୁଣି, ବ୍ରହ୍ମପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଏବଂ ଅନୁଗୋଳରେ ରହୁଥିଲେ । ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ମଧ୍ୟ ରହିଛି । ଶିକ୍ଷକପଡ଼ାର ରଞ୍ଜିତ ମିତ୍ର (୩୭)ଙ୍କ ଅଭିଯୋଗ କ୍ରମେ ଗତ ୧୦ ତାରିଖ ରାତିରେ ଏକ ଟ୍ୟୁରିଷ୍ଟ ବସ ଧୋଇବା ଦ୍ୱାରା ରାସ୍ତାରେ ପାଣି ବୋହିବାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ଆକ୍ରମଣ କରିବା ସହ ବନ୍ଧୁକରୁ ଗୁଳି ଫୁଟାଇଥିଲେ । ଆକ୍ରମଣରେ ରଞ୍ଜିତଙ୍କ ଭାଇ ବିଶ୍ୱଜିତ ମିତ୍ର ଏବଂ ଭବାନୀ ଶଙ୍କର ପ୍ରଧାନ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଅପରାଧ ଘଟାଇବା ପରେ ଅଭିଯୁକ୍ତମାନେ ନିଜକୁ ଲୁଚାଇବା ପାଇଁ ଭୁବନେଶ୍ୱର, ଢେଙ୍କାନାଳ, କଟକ ସମେତ ବିଭିନ୍ନ ସ୍ଥାନକୁ ଚାଲିଯାଇଥିଲେ । ଏପଟେ ପଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ଅନୁଗୋଳ ଏସପି ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରିଟି ପୁଲିସ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା । ଗୁଇନ୍ଦା ସୂଚନା ଏବଂ ନିରନ୍ତର ଡିଜିଟାଲ୍ ଏବଂ ଇଲେକ୍ଟ୍ରୋନିକ୍ ନିରୀକ୍ଷଣ ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ମାମଲାରେ ଜଡ଼ିତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି । ପୁଲିସ ତଦନ୍ତକାରୀ ଦଳରେ ଅନୁଗୋଳ ଥାନା ଆଇଆଇସି ଧୀରେଶ କୁମାର ଦାସ, ଗୋବିନ୍ଦା ଚନ୍ଦ୍ର ସାହୁ, ଇନ୍ସପେକ୍ଟର ଆୟେଶକାନ୍ତ ଜେନା, ମହେଶ ନାୟକ, ଲିଙ୍ଗରାଜ ବେହେରା, ନୀଳାମ୍ବର ଦଳବେହେରା ଏବଂ ସାଇବର ସେଲର କର୍ମଚାରୀ ସାମିଲ ଥିଲେ ବୋଲି ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମିଳନୀରେ ଏସଡିପିଓ ରମାକାନ୍ତ ମହାଳିକ ସୂଚନା ଦେଇଛନ୍ତି ।

## ବିକାଶ ଫାଉଣ୍ଡେସନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ଛେଣ୍ଡିପଦା,୧୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ କୁମ୍ଭାରସାହିରେ ବିକାଶ ଫାଉଣ୍ଡେସନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପୁଅ ନିଶାନ୍ତ ପ୍ରଧାନ, ଝିଅ ନୈମିଶା ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ବଲପୁର ସାଂସଦଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ ଗଡ଼ନାୟକ, ବ୍ଲକ ପ୍ରତିନିଧି ବିଜୟ ମାଝୀ, ସରପଞ୍ଚ ସୁଦୀପ୍ତ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବିଜେପି ସଂଯୋଜକ ଗୋପବନ୍ଧୁ ଗଡ଼ନାୟକ, ଆଇଟି ସେଲ ସଂଯୋଜକ ଅକ୍ଷୟପାଦ ବେହେରା, ଜଗଦୀଶ ସାହୁ, ଯୁଗଳ କିଶୋର ଦେହୁରୀ ପ୍ରମୁଖ ଯୋଗଦେଇ ଶତାଧିକ ଅସହାୟ ପୁରୁଷ ଓ ମହିଳାଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ । ଏ ନେଇ ଅଞ୍ଚଳବାସୀ ବିକାଶ ଫାଉଣ୍ଡେସନ ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



## ଗଣେଶ ପୂଜା କମିଟିର କର୍ମକର୍ତ୍ତା ଚୟନ

କିଶୋରନଗର,୧୭ ।୧୨(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗଣେଶ ପୂଜା କମିଟିର ବୈଠକ ଭାଗୀରଥିପୁରରେ ଅନୁଷ୍ଠିତ ହୋଇଛି । ପୂର୍ବତନ ସଭାପତି ଶୁଭକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ୫୦ ସଦସ୍ୟ ଯୋଗଦେଇଥିଲେ । ଏହିଅବସରରେକମିଟିରନୂତନକର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ଗଣେଶ ବିଶ୍ୱାଳ, ଉପସଭାପତି ରାଜୀବ ପ୍ରଧାନ, ସମ୍ପାଦକ ନରେଶ ପ୍ରଧାନ ଓ ଉପସମ୍ପାଦକ ଭାବେ ଭଗବାନ ଜେନାଙ୍କୁ ଚୟନ କରାଯାଇଛି । ଏହି ଅବସରରେ ଗତବର୍ଷର ଆୟବ୍ୟୟ ହିସାବ କରଯାଇଥିଲା । କମିଟି ସଭ୍ୟ ବୃନ୍ଦାବନ ସାହୁ, ରାହାସ ସାହୁ, ସୁକାନ୍ତ ମହାପାତ୍ର, କୁଶ ବେହେରା, ଲବ ବେହେରା, ବାବୁଲା ଲହରା, କୁନାଲ ସାହୁ, ସୁବାସ ଜେନା, ମନ ରଣା, ଦୁଃଖିଶ୍ୟାମ ସାହୁ, ଦିବାକର ଦେହୁରୀ, ଅନାଦି ବାଘ, ସୋମନାଥ ପ୍ରଧାନ, ହିମାଂଶୁ ପ୍ରଧାନ, ରଞ୍ଜନ ସାହୁ, ଅଶୋକ ପ୍ରଧାନ, ରାଜୁ ଖାଁ, ଶ୍ରୀମନ୍ତ ବେହେରା, ସୌରଭ ମିଶ୍ର, ଚିତ୍ତରଞ୍ଜନ ସାହୁ, ସୁଧାକର ପ୍ରଧାନ, ରମେଶ ପ୍ରଧାନ, କୃଷ୍ଣ ସାହୁ, ଦୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ଅଗ୍ନିବିପନ୍ନଙ୍କୁ ଭେଟିଲେ ବିଜେପି ପ୍ରତିନିଧି



ଅନୁଗୋଳ,୧୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଟାଇଁସି ପଞ୍ଚାୟତ କମାରସାହିର ବିଦ୍ୟାଧର ପେଣ୍ଟଇଙ୍କ ଘରେ ନିଆଁଲାଗି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ଦୁଃଖ ପ୍ରକାଶ କରିବା ସହ ବିଜେପିର ଏକ ପ୍ରତିନିଧି ଦଳକୁ ବିଦ୍ୟାଧରଙ୍କ ଘରକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୁଧବାର ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ସାତକୋଶିଆ ମଣ୍ଡଳ ସଭାପତି ରାଧାକାନ୍ତ ପଲେଇ, ଯୁବମୋର୍ଚ୍ଚା ସଭାପତି ଅନନ୍ତ ବେହେରା, ଟାଇଁସି ପଞ୍ଚାୟତ ସଭାପତି ବିଦ୍ୟାଧର ସାହୁ ପ୍ରମୁଖ ବିଦ୍ୟାଧରଙ୍କ ଘରକୁ ଯାଇ ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ, ବସ୍ତ୍ର, କମ୍ବଳ ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ତୁରନ୍ତ ସରକାରୀ ସୁବିଧା ଯୋଗାଇଦେବାକୁ ପ୍ରଶାସନକୁ କହିଥିଲେ ।

## କବାଡ଼ି ପ୍ରତିଯୋଗିତା; ବଁଅରପାଳ ଚାମ୍ପିଅନ

କଣିହାଁ,୧୭ ।୧୨(ସମିସ): ଜାତୀୟ କବାଡ଼ି ଖେଳାଳି ଧୀରେନ ପାଣିଙ୍କ ଶ୍ରାଦ୍ଧ ଦିବସରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜିଗୋଳ ଶ୍ରୀରାମ କ୍ଲବ ଆନୁକୂଲ୍ୟରେ ବିଜିଗୋଳ ରାମ ମନ୍ଦିର ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ୍ କୁଲାଡ଼ ଓ ବଁଅରପାଳ ବଜରଙ୍ଗୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବଁଅରପାଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି ।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏନଟିପିସି କଣିହାଁର ସିଜିଏମ ସତ୍ୟରାମ କ୍ରିଷ୍ଣା, କଣିହାଁ ଟ୍ରକ ମାଲିକ ସଂଘ ସଭାପତି ସୁନୀଲ ପ୍ରଧାନ, ସ୍ୱର୍ଗତ ଧୀରେନ ପାଣିଙ୍କ ସହଧର୍ମିଣୀ ପ୍ରୀତିଲତା ପାଣି ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ରେଫରି ଶୁଭେନ୍ଦୁ ଧୀର, ସୁଶାନ୍ତ କୁମାର ନାଥ, ପ୍ରତାପ କୁମାର ମହାନ୍ତି, ବୁଦ୍ଧଦେବ ପ୍ରଧାନ, ସୁଜିତ କୁମାର ଗଡ଼ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଶ୍ରୀରାମ କ୍ଲବ ସଭାପତି ପ୍ରଭାକର ପାଣି, ସମ୍ପାଦକ ସନ୍ତୋଷ କୁମାର ପାଣି, ଉପସଭାପତି ବୁଦ୍ଧଦେବ ପ୍ରଧାନ, କୋଷାଧ୍ୟକ୍ଷ ଆଶୋକ ସାହୁ, କାର୍ଯ୍ୟକାରୀ ସଦସ୍ୟ ସୁଧୀର କୁମାର ପାଣି ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ନିରୁପମା ଷଡ଼ଙ୍ଗୀ ମଞ୍ଚ ସଂଯୋଜନା କରିଥିଲେ ।

## ଅନୁଗୋଳ ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା



ଅନୁଗୋଳ,୧୭ ।୧୨(ସମିସ): ସ୍ଥାନୀୟ ଗାନ୍ଧିମାର୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇଦିନ ଧରି ଅନୁଗୋଳ ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି । ଅନୁଗୋଳ ସଙ୍କୁଳ ଅନ୍ତର୍ଗତ ୭ ବିଦ୍ୟାଳୟର ୧୫୦ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଶିଶୁ, ବାଲ, କିଶୋର, ତରୁଣ ବର୍ଗରେ ଦୌଡ଼, ଡିଆଁ, ବିଭିନ୍ନ ଥ୍ରୋ ପ୍ରତିଯୋଗିତା ହୋଇଥିଲା । ଅନୁଗୋଳ ଜିଲ୍ଲା ଶାରୀରିକ ପ୍ରମୁଖ ବିନୋଦ ଚନ୍ଦ୍ର ଦେହୁରୀ ଏହାକୁ ଉଦଘାଟନ କରି ଶିକ୍ଷା ଓ କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇ ପାଶ୍ୱର୍ ଭଳି ବୋଲି କହିଥିଲେ । ଅନୁଗୋଳ ସଙ୍କୁଳ ପ୍ରମୁଖ କାଶୀନାଥ ବେହେରା, ସଙ୍କୁଳ ସଂଯୋଜକ ଆଲୋକ ଭୋଇ, ଯୁକ୍ତଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ସହ ପ୍ରଧାନଆଚାର୍ଯ୍ୟ ସୁରେଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ସମାଜସେବୀ ରାମକୃଷ୍ଣ ତ୍ରିପାଠୀ ଓ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କୃତୀ ଶିଶୁଙ୍କୁ ପୁରସ୍କୃତ କରିଥିଲେ । ସଙ୍କୁଳ ଶାରୀରିକ ପ୍ରମୁଖ କନ୍ଦର୍ପ ସାହୁ ତଥା ସଙ୍କୁଳ ପ୍ରଧାନଆଚାର୍ଯ୍ୟ ଓ ସ୍ଥାନୀୟ ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କ ସହଯୋଗରେ କ୍ରୀଡ଼ା ପରିଚାଳିତ ହୋଇଥିଲା ।

## ଧାନଗଦା ଖାଇଗଲେ ହାତୀପଲ

କିଶୋରନଗର,୧୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ହଣ୍ଡପା ବନାଞ୍ଚଳ ଗାଁବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମ ଦଳିତସାହିର ନବୀନା ନାଏକଙ୍କ ଧାନଗଦାକୁ ମଙ୍ଗଳବାର ରାତିରେ ହାତୀପଲ ସମ୍ପୂର୍ଣ୍ଣ ଖାଇଦେଇଛନ୍ତି । ନବୀନ ସମସ୍ତ ଧାନ କାଟି ୨୦୦ରୁ ଉର୍ଦ୍ଧ୍ୱ ବିଡ଼ାବାନ୍ଧି ଗଦା ମାରି ରଖିଥିଲେ । ବୁଧବାର ମେସିନରେ ଅମଳ କରିବେ ବୋଲି ଯୋଜନା କରିଥିଲେ । ହେଲେ ହାତୀପଲ ରାତିଅଧରେ ଆସି ଧାନଗଦାକୁ ସମ୍ପୂର୍ଣ୍ଣ ଭାବେ ଖାଇଦେଇଛନ୍ତି । ଏ ସମ୍ପର୍କରେ ନବୀନା ହଣ୍ଡପା ବନାଞ୍ଚଳ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଅନଲାଇନ ମାଧ୍ୟମରେ ଡିଏଫଓଙ୍କୁ ଜଣାଇବାକୁ ପରାମର୍ଶ ଦେଇଛନ୍ତି ।



## କ୍ରିକେଟ ଟୁର୍ଣ୍ଣାମେଣ୍ଟ; ତାଳବେଡ଼ା ଚାମ୍ପିଅନ



କଣିହାଁ,୧୭ ।୧୨(ସମିସ): କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଝୁଲାଖୁଣ୍ଟିଆ ଗ୍ରାମ ବଡ଼ଦାଣ୍ଡ ସାହି ଦ୍ୱାରା ଆୟୋଜିତ ମା' ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଏଥିରେ ତାଳବେଡ଼ା ଦଳ ଚାମ୍ପିଅନ ଓ ଜୋରାଗାଡ଼ିଆ ରନର୍ସଅପ ହୋଇଛି । ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଯୁଗଳ କିଶୋର ସାହୁ, ବିଜେପି ନେତା ପ୍ରହ୍ଲାଦ ସାମଲ, ଗ୍ରାମ ସଭାପତି ବିଜୟ କୁମାର ସାହୁ, ସମାଜସେବୀ ବିନୋଦ କୁମାର ଜେନା, ହେମନ୍ତ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଅର୍ଜୁନ ସାମଲ, ପ୍ରଶାନ୍ତ ପ୍ରଧାନ, ସୁନୀଲ ପ୍ରଧାନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ସୁବାସ ବେହେରା ଧାରା ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ନିର୍ମଳ ନାୟକ ଓ ପ୍ରବୀଣ ସାମଲ ଖେଳ ପରିଚାଳନା କରିଥିଲେ ।

## ସାହିତ୍ୟିକା ଗାୟତ୍ରୀ ସିଂହଙ୍କୁ 'ସାହିତ୍ୟ ସାରଥି ସମ୍ମାନ'



ଅନୁଗୋଳ,୧୭ ।୧୨(ସମିସ): ଭୁବନେଶ୍ୱର ପ୍ରଦର୍ଶନୀ ଓଡ଼ିଆରେ ରାଜ୍ୟସ୍ତରୀୟ ୭ମ ପୁସ୍ତକ ମହୋତ୍ସବ ଅବସରରେ ରାଷ୍ଟ୍ରୀୟ ଶ୍ରୀ ଜଗନ୍ନାଥ ଚେତନା ଆଧ୍ୟାତ୍ମିକ ସାହିତ୍ୟ ସଂସଦ ଭୁବନେଶ୍ୱର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆଠମଲ୍ଲିକର ବିଶିଷ୍ଟ ସାହିତ୍ୟିକା ଗାୟତ୍ରୀ ସିଂହଙ୍କୁ ରାଜ୍ୟସ୍ତରୀୟ "ସାହିତ୍ୟ ସାରଥି" ସମ୍ମାନରେ ସମ୍ମାନିତ କରାଯାଇଛି । ଅନୁଷ୍ଠାନର ଅନୁଷ୍ଠାନର ଅଧ୍ୟକ୍ଷ ତଥା ଶ୍ରୀ ଜଗନ୍ନାଥ ଚେତନା ଗବେଷକ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ମୁଖ୍ୟଅତିଥି ସାଧୁ ବିଷ୍ଣୁ ଗିରି ମହାରାଜ, ମୁଖ୍ୟବକ୍ତା ବିରୁପାକ୍ଷ ରାୟ, ସମ୍ମାନିତ ଅତିଥି ଅନାମ ଚରଣ ମୁନି ମହାରାଜ, ବରିଷ୍ଠ କବି ସଚି ମିଶ୍ରଙ୍କ ଉପସ୍ଥିତିରେ ସିଂହଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ଗାୟତ୍ରୀ ସିଂହ ସନ୍ଥକବି ଭୀମଭୋଇ ସାହିତ୍ୟ ପରିଷଦର ରାଜ୍ୟ ସଭାନେତ୍ରୀ ଥିବାବେଳେ ଓଡ଼ିଶାର ବହୁ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ଅଛନ୍ତି ।

## ୪.୪ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ; ୨ ଗିରଫ

ଅନୁଗୋଳ,୧୭ ।୧୨(ସମିସ): ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଜିଲ୍ଲାର ଦୁଇଟି ସ୍ଥାନରେ ଚଢ଼ଉ କରି ୪ ଲକ୍ଷ ୪୦ ହଜାର ଟଙ୍କାର ବ୍ରାଉନସୁଗର ଜବତ କରିବା ସହ ୨ ବେପାରୀଙ୍କୁ ଗିରଫ କରିଛନ୍ତି । ମଙ୍ଗଳବାର ଅପରାହ୍ନରେ ଅନୁଗୋଳ ଅବକାରୀ ଇନ୍ସପେକ୍ଟର ମାନସୀ ସାହୁ, ଓଆଇସି ଗାୟତ୍ରୀ ମାଝୀ, ଏସଆଇ ଯୋଗେଶ୍ୱର ଜେନା ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ ବଁଅରପାଳ ଥାନା ଗୋତମରା ଗ୍ରାମର ଜଣେ ଯୁବକ ବ୍ରାଉନସୁଗର ବିକ୍ରି କରିବା ପାଇଁ ବଳରାମପ୍ରସାଦ ଲେବୁଲ କ୍ରସିଂଠାରେ ଗ୍ରାହକ ଅପେକ୍ଷାରେ ଛିଡ଼ା ହେଇଛି । ଅଧିକାରୀମାନେ ସେଠାରେ ଅତର୍କିତ ଚଢ଼ଉ କରି ଦେବେନ୍ଦ୍ର ବିଶ୍ୱାଳଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୯ ଗ୍ରାମ ବ୍ରାଉନସୁଗର ଜବତ କରିଥିଲେ । ଏହାର ମୂଲ୍ୟ ୨ଲକ୍ଷ ୯୦ହଜାର ଟଙ୍କା ହେବ ବୋଲି କୁହାଯାଇଛି । ସେହିପରି ବୁଧବାର ସକାଳ ସାଢ଼େ ୯ଟାରେ ଅବକାରୀ ଅଧିକାରୀମାନେ ବଁଅରପାଳ ଥାନା ଗିରାଙ୍ଗ ଛକରେ ଚଢ଼ଉ କରି ସାଲଗାଡ଼ିଆ ଗ୍ରାମର ଶଶିକାନ୍ତ ସାମଲଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୫ଗ୍ରାମ ବ୍ରାଉନସୁଗର ଜବତ କରିଥିଲେ । ଏହାର ମୂଲ୍ୟ ୧ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି କୁହାଯାଇଛି ।

## ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ



ଖମାର,୧୭ ।୧୨(ସମିସ): ପାଲଲହଡ଼ା ବ୍ଲକ୍ ପରାଛାଟ ପଞ୍ଚାୟତ କଣ୍ଟିଆପଶିଷ୍ଟିତ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠରେ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ତଥାଦ ୭ମ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସଂଘର ପ୍ରତିଷ୍ଠାତା ବିଜୟ କୁମାର ନନ୍ଦ, ସ୍ୱତନ୍ତ୍ର ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ଚିତ୍ତରଞ୍ଜନ ପରିଡ଼ା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଦନ ମୋହନ ପ୍ରଧାନ, ପ୍ରଧାନଶିକ୍ଷକ ପ୍ରଦୀପ୍ତ ପ୍ରଧାନ, ଆବାହକ ସଦାନନ୍ଦ ମହାନ୍ତି, ଉପସଭାପତି ବିଭୂତି ଭୂଷଣ ନାହାକ, ସମ୍ପାଦକ ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ଦେବେନ୍ଦ୍ର ଗଡ଼ନାୟକ ଯୋଗଦେଇଥିଲେ । ଦିବଂଗତ ଶିକ୍ଷକ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ବିଭୂତି ଭୂଷଣ ନାହାକ ଧନ୍ୟବାଦ ଦେଇଥିଲେ । ଏଥିରେ ଖମାର ଜୋନର ୧୪ ବିଦ୍ୟାଳୟର ୧୩୭ ଶିକ୍ଷକ ଉପସ୍ଥିତ ଥିଲେ । ଶ୍ରେଷ୍ଠ ୩ ଛାତ୍ରଛାତ୍ରୀଙ୍କୁ ୧୦୦୦ ଟହ୍‌କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଦିବଂଗତ ଶିକ୍ଷକ ଓ କର୍ମଚାରୀଙ୍କ ପରିବାରକୁ ସଂଘ ପାଣ୍ଠିରୁ ୧୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

## ପାଲଲହଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ କେନ୍ଦୁଝର ଦଳ



ପାଲଲହଡ଼ା,୧୭ ।୧୨(ସମିସ): ପାଲଲହଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପୁଲ୍-ଏର ପ୍ରଥମ ସେମିଫାଇନାଲ ମ୍ୟାଚ ୟୁନିକ କ୍ଲବ କେନ୍ଦୁଝର ଓ ପ୍ରୋଗ୍ରେସିଭ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହେଇଥିଲା । ଝାରସୁଗୁଡ଼ା ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୭୬ ରନ କରିଥିଲା । କେନ୍ଦୁଝର ଦଳ ୨୩.୪ ଓଭରରେ ୭ ଉଇକେଟ ହରାଇ ୧୭୭ ରନ କରି ବିଜୟୀ ହେବା ସହ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଗୁରୁବାର ପୁଲ୍-ବିର ପ୍ରଥମ ଲିଗ ମ୍ୟାଚ କବ୍ସ କ୍ଲବ ପାଲଲହଡ଼ା ଓ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ ।

## ଗୋତମରା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦଯାପିତ



ବଁଅରପାଳ,୧୭ ।୧୨(ସମିସ): ବଁଅରପାଳ ବ୍ଲକ ଗୋତମରା ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଛି । ପ୍ରଧାନଶିକ୍ଷକ ଅର୍ଜୁନ କୁମାର ସାହୁ କ୍ରୀଡ଼ା ପତାକା ଉତ୍ତୋଳନ କରି କ୍ରୀଡ଼ାର ଶୁଭାରମ୍ଭ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋତମରା ସରପଞ୍ଚ ମଣ୍ଟୁ ବରାହ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ମାଝୀ, ପଞ୍ଚସଖା ଶିକ୍ଷାସେତୁ ସଭାପତି ରଞ୍ଜିତ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ପୁରନ୍ଦର ବିଶ୍ୱାଳ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟଗୀତ ପରିବେଷଣ କରିଥିଲେ । ସୁରେନ୍ଦ୍ର ପରିଡ଼ା, ତନ୍ମୟ ମଲ୍ଲିକ କ୍ରୀଡ଼ା ସଭା ପରିଚାଳନା ଓ ହେମନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଅନସୂୟା ଖଟୁଆ, ନମିତା ମିଶ୍ର, ସଂଘମିତ୍ରା ପ୍ରଧାନ, ମନୀଷା ପଡ଼ିଆରୀ ଓ ଶିକ୍ଷକ ଅଶୋକ ନାଥ ସହଯୋଗ କରିଥିଲେ । ଶିକ୍ଷକ ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଆଡ଼େ ଗଲା ପୌରପରିଷଦ ଅଳିଆବୁହା ବ୍ୟାଟେରୀ ଗାଡ଼ି !

ତାଳଚେର,୧୭ ।୧୨(ସମିସ):



ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଆର୍ଥିକ ଅନୁଦାନରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ତାଳଚେର ସହରବାସୀଙ୍କ ସୁବିଧା ଲାଗି କ୍ରୟ କରାଯାଇଥିବା ବ୍ୟାଟେରୀଚାଳିତ ଯାତ୍ରୀ ଓ ଅଳିଆବୁହା ଗାଡ଼ି ଦୀର୍ଘଦିନ ହେବ କୁଆଡ଼େ ଉଭାନ ହୋଇଯାଇଛି । ଦୀର୍ଘଦିନ ଧରି ଉକ୍ତ ଗାଡ଼ିଗୁଡ଼ିକ ମଧ୍ୟରୁ କେତୋଟି ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖ ଗ୍ୟାରେଜ ଘରେ ପଡ଼ି ରହିଥିଲା । ଅନ୍ୟଗୁଡ଼ିକ ରାଣୀପାର୍କ ବସଷ୍ଟାଣ୍ଡ ପାଶ୍ୱର୍ରେ ଥିବା ପୌରଗୃହରେ ଅଚଳ ଅବସ୍ଥାରେ ପଡ଼ି ରହିଥଲା । କିନ୍ତୁ ସେଗୁଡ଼ିକ ଏବେ ଆଉ ଦେଖିବାକୁ ମଳୁନାହିଁ । ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜନେତା ଭାଷଣବାଜି କରୁଥିବା ବେଳେ ତାଳଚେରର ବିଭିନ୍ନ ସମସ୍ୟା କ୍ଷେତ୍ରରେ ନିରବତାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଠିଛି ପ୍ରଶ୍ନ ।

ଜୈବିକଖତ ପ୍ରସ୍ତୁତି ପାଇଁ ୱାର୍ଡବାସୀଙ୍କ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଆବର୍ଜନା ସଂଗ୍ରହ ପାଇଁ ଏହି ଗାଡ଼ିଗୁଡ଼ିକ ବ୍ୟବହାର ହେଉଥିଲା । ଏଥିରେ ଚାଳକ ଭାବେ କିନ୍ନରମାନଙ୍କୁ ନିଯୁକ୍ତ କରାଯାଇ ସେମାନଙ୍କୁ ରୋଜଗାର ପନ୍ଥା ମଧ୍ୟ ଯୋଗାଇ ଦିଆଯାଇଥିଲା । କିନ୍ତୁ ଏବେ ଏଗୁଡ଼ିକ ଗଲା କୁଆଡ଼େ, ଅଚଳାବସ୍ଥାରେ ପଡ଼ି ରହିଛି ନା ସରକାର ଏଗୁଡ଼ିକୁ ଚଳାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରାରମ୍ଭରେ ୨୧ଟି ୱାର୍ଡରେ ସକାଳ ସମୟରେ ଅଳିଆବୁହା କାର୍ଯ୍ୟରେ କିନ୍ନରମାନଙ୍କୁ ନିୟୋଜିତ କରାଯାଇଥିବାରୁ କିଛିକାଂଶରେ ବେରୋଜଗାର କିନ୍ନର ରୋଜଗାରକ୍ଷମ ହୋଇପାରିଥିଲେ । ତେଣୁ ସେହି କିନ୍ନରମାନେ ଏବେ କରୁଛନ୍ତି କ'ଣ ତାହା ମଧ୍ୟ ପ୍ରଶ୍ନବାଚୀ । ଏଠି ପ୍ରଶ୍ନ ଉଠେ, କେଉଁ ନୀତିନିୟମ ଆଧାରରେ କମ୍ପାନୀ ପକ୍ଷରୁ ପୌରପରିଷଦକୁ ଏହି ବ୍ୟାଟେରୀ ଚାଳିତ ଯାନ ଯୋଗାଇ ଦିଆଯାଇଥିଲା । କମ୍ପାନୀ ନା ପୌରପରିଷଦ ଏହି ଯାନଗୁଡ଼ିକୁ ମରାମତି କରିବା ଦିଗରେ କାହିଁକି ନିରବତା ଅବଲମ୍ବନ କରୁଛନ୍ତି ତାକୁ ନେଇ ସହରରେ ଚର୍ଚ୍ଚା ହେଉଛି । ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।



## ଗାଡ଼ି ଧକ୍କାରୁ ଗଣ୍ଡଗୋଳ; ଏୟାରପୋର୍ଟ ଛକରେ ଆତଙ୍କ

# କାର୍ ଚାଳକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଲେ

ଭୁବନେଶ୍ୱର, ୧୭।୧୨ (ସମିସ): ରାଜଧାନୀରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଗାଡ଼ି ଧକ୍କାରୁ ଗଣ୍ଡଗୋଳର ସୂତ୍ରପାତ ହୋଇ ରଣକ୍ଷେତ୍ର ପାଲଟିଛି ଏୟାରପୋର୍ଟ ଛକ। ସାମାନ୍ୟ ବଚସାରୁ ଆରମ୍ଭ ହୋଇଥିବା ବିବାଦ ଉଗ୍ରରୂପ ନେଇଛି। କାର୍ ଚାଳକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଛନ୍ତି ଅସାମାଜିକ ଯୁବକ। ତାଙ୍କୁ ବଞ୍ଚାଇବାକୁ ଯାଇ ଅଟୋ ଚାଳକ ମାନେ ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ିନାହାନ୍ତି। ଚାଳକ ବିକାଶ ସାହୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ୫ ଜଣ ଅଟୋ ଚାଳକ ଆହତ ହୋଇଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ସ୍ମାର୍ଟସିଟି ଅନଲାଇନ ଅଟୋ ଚାଳକ ସଂଘ ଏୟାରପୋର୍ଟ ଥାନା ଘେରାଉ କରିଛନ୍ତି। ପୁଲିସ ୩ ଜଣଙ୍କୁ ଉଠାଇ ଆଣିବା ସହ ଅନ୍ୟମାନଙ୍କୁ ମଧ୍ୟ ଗିରଫ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ସଙ୍ଘ ଆନ୍ଦୋଳନରୁ ହଟିଛି। ହେଲେ ୧୨ ଘଣ୍ଟା ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନକଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଙ୍ଘ ଚେତାବନୀ ଦେଇଛି।

**ଅନ୍‌ଲାଇନ ଅଟୋ ଚାଳକ ସଂଘର ଥାନା ଘେରଉ; ୩ ଅଟକ**



ଅଭିଯୋଗ ଅନୁସାରେ, କାର ଚାଳକ ବିକାଶ ଗାଡ଼ିଟିକୁ ଏୟାରପୋର୍ଟ ଗୋଲେଇ ଛକରେ ଛିଡ଼ା କରିଥିବା ବେଳେ ୨ ଜଣ ଯୁବକ ଏକ ବାଇକରେ ରଙ୍ଗ୍ ସାଇଡରୁ ଆସି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ଏହାକୁ ନେଇ ବିକାଶ ଓ ସମ୍ପୃକ୍ତ ଦୁଇ ଯୁବକଙ୍କ ସହ ବଚସା ହୋଇଥିଲା। ଅନ୍ୟ ଚାଳକ ମାନେ ବୁଝାସୁଝା କରିବା ପରେ ସମ୍ପୃକ୍ତ ଦୁଇ ଯୁବକ ଧମକଚମକ ଦେଇ ସେଠାରୁ ପଳାଇଥିଲେ।

ମାତ୍ର ୩୦ ମିନିଟ ପରେ ସେହି ଦୁଇ ଯୁବକ ତାଙ୍କର ୧୦/୧୨ ଜଣ ସହଯୋଗୀଙ୍କୁ ନେଇ ସେଠାରେ ପହଞ୍ଚିଥିଲେ। ହଠାତ୍ ବିକାଶଙ୍କୁ ଘେରି ସଙ୍ଘବଦ୍ଧ ଆକ୍ରମଣ କରିଥିଲେ। ବିକାଶ ମାଡ଼ ଖାଉଥିବା ଦେଖି ଅନ୍ୟ ଚାଳକ ମାନେ ତାଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିଥିଲେ। ହେଲେ ଅସାମାଜିକ ଯୁବକମାନେ କାଠ ଫାଳିଆ, ଲୁହା ଛଡ଼, ପ୍ଲାଷ୍ଟିକ ପାଇପ୍ ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଚାଳକ ମାନଙ୍କୁ ପିଟି ଚାଲିଥିଲେ। ଏୟାରପୋର୍ଟ ଭଳି ପ୍ରମୁଖ ଅଞ୍ଚଳରେ ପରିସ୍ଥିତି ଏମିତି ହୋଇଥିଲା ଯେ, ପୁଲିସ ହାତରୁ ଆଇନଶୃଙ୍ଖଳା ପରିସ୍ଥିତି ଏକପ୍ରକାର ଖସି ଯାଇଥିଲା। ପ୍ରାୟ ଅଧଘଣ୍ଟା ଧରି ଏୟାରପୋର୍ଟ ଛକରେ ଆତଙ୍କ ଖେଳାଇ ଘଟଣାସ୍ଥଳରୁ ପଳାଇଥିଲେ। ଅନ୍ୟ ଚାଳକମାନେ ଗୁରୁତର ବିକାଶ ଓ ୫ ଜଣ ଅଟୋ ଚାଳକଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ।

ସେପଟେ ମାଡ଼ ମାରିବା ପରେ ଅସାମାଜିକ ଯୁବକମାନେ ଏୟାରପୋର୍ଟ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ଚାଳକମାନେ ସେମାନଙ୍କୁ ଘେରି ଯାଇଥିଲେ। ଫଳରେ ଆକ୍ରମଣକାରୀ ଯୁବକମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଅସାମାଜିକଙ୍କୁ ଗିରଫ କରିବା ଦାବିରେ ଚାଳକ ମାନେ ଥାନା ଘେରାଉ କରିଥିଲେ। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ ଜୋନ୍ ଏସିପି ଓ ଅନ୍ୟ ଦୁଇ ଥାନାର ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ଚାଳକମାନେ ପ୍ରାୟ ୭ ଘଣ୍ଟା ଧରି ଜିଦରେ ଅଡ଼ି ବସିଥିଲେ। ଏୟାରପୋର୍ଟ ଥାନା ପୁଲିସ ୩ ଜଣଙ୍କୁ ଉଠାଇ ଆଣିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍‌ଦୋଳନ ପ୍ରତ୍ୟାହୃତ ହୋଇଥିଲା।

● ଚନ୍ଦକାରେ ପୁଣିଏକ ଦନ୍ତା ଅସୁସ୍ଥ

# ଗୋଡ଼ରେ ଟ୍ୟୁମର; ଛୋଟେଇ ବୁଲୁଛି ହାତୀ

ଭୁବନେଶ୍ୱର, ୧୭ ।୧୨(ସମିସ): ଚନ୍ଦକା ଜଙ୍ଗଲର ପୁଣି ଗୋଟିଏ ହାତୀର ଜୀବନ ପ୍ରତି ଦେଖା ଦେଇଛି ବିପଦ। ହାତୀଟି ବର୍ତ୍ତମାନ ଗଭୀର ଅସୁସ୍ଥତା ସହ ଘୂରି ବୁଲୁଛି। ଯଦି ହାତୀକୁ ତୁରନ୍ତ ଠାବ କରି ଚିକିତ୍ସା କରା ନ ଯାଏ ତେବେ ହାତୀର ଜୀବନ ପ୍ରତି ଗୁରୁତର ବିପଦ ରହିଥିବା ଆଶଙ୍କା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ବେଣ୍ଟଆ ନିକଟସ୍ଥ ଏସ୍‌ଓଜି ଟ୍ରେନିଂ ସେଣ୍ଟର ପଛପଟେ ଏକ ଦନ୍ତା ହାତୀ ୩-୪ ଦିନ ହେବ ଅସୁସ୍ଥ ଅବସ୍ଥାରେ ଘୁରି ବୁଲୁଛି। ଏହି ଦନ୍ତା ହାତୀର ବାମପଟ ପଛ ଗୋଡ଼ରେ ଏକ ବିରାଟ ଟ୍ୟୁମର ସଦୃଶ ମାଂଶପେଶୀ ବାହାରି ପଡ଼ିଛି। ବର୍ତ୍ତମାନ ହାତୀଟି ଛୋଟେଇ ଛୋଟେଇ ଚାଲୁଛି ଓ ଏହି ସମୟରେ କଷ୍ଟ ଅନୁଭବ କରୁଥିବା ଜଣାପଡ଼ିଛି। ଯେହେତୁ ଏହି ମାଂଶପେଶୀର ଆକାର ବହୁତ ବଡ଼ ରହିଛି, ତେଣୁ ହାତୀର ଜୀବନ ପ୍ରତି ବିପଦ ଆଶଙ୍କା ବୃଦ୍ଧି ପାଇଛି। ଗତ ବର୍ଷ ଚନ୍ଦକା ଜଙ୍ଗଲ ରାଜା କୁହାଯାଉଥିବା ଦନ୍ତା ହାତୀ 'ରାମୁ'ର ମୃତ୍ୟୁ ହୋଇଥିଲା। ବିଦ୍ୟୁତ୍ ଆହତରେ ଶିକାର ହୋଇ ରାମୁ ପ୍ରାଣ ହରାଇଥିଲା। ଏହା ପରେ ବନ ବିଭାଗର ଅବହେଳାକୁ ନେଇ ପ୍ରଶ୍ନ ଉଠିଥିଲା। ଏବେ ପୁଣି ଏକ ଦନ୍ତା ହାତୀର ଅସୁସ୍ଥତା ଖବର ପାଇବା ପରେ ମଧ୍ୟ ଦୁଇ ଦିନ ହେବ ବନ ବିଭାଗ ହାତୀକୁ ଟ୍ରାକ୍ କରି ଟ୍ରାଙ୍କୁଲାଇଜ୍ କରିବା ଓ ଚିକତ୍ସା ଆରମ୍ଭ କରିବାରେ ବିଫଳ ହୋଇଛି। ଯେହେତୁ ହାତୀର ଗୋଡ଼ରେ ବିରାଟ ଟ୍ୟୁମର ଆକାରରେ ମାଂଶପେଶୀ ବାହାରିଛି, ହୁଏତ ଏଥିରେ ପୁଜ ଜମିଥିବା ମଧ୍ୟ ଆଶଙ୍କା କରାଯାଉଛି। ତେଣୁ ତୁରନ୍ତ ହାତୀର ଚିକିତ୍ସା କରା ନଗଲେ ଏହା ସଂକ୍ରମଣ ବଢ଼ାଇ ପରବର୍ତ୍ତୀ ଅବସ୍ଥାରେ ହାତୀର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ତେବେ ଏ ସମ୍ପର୍କରେ ଚନ୍ଦକା ଏସିଏଫ୍ ସଂଗ୍ରାମ ମହାନ୍ତିଙ୍କ ସହ ଯୋଗାଯୋଗ ପରେ ସେ କହିଛନ୍ତି ଯେ ହାତୀଟିର ବାମ ଗୋଡ଼ରେ ମାଂଶପେଶୀ ବଢ଼ିଥିବା ନେଇ ସୂଚନା ରହିଛି। ଗତ ଦୁଇ ଦିନ ହେବ ହାତୀକୁ ଟ୍ରାକିଂ କରାଯାଉଛି।



ପ୍ରଥମ ଦିନରେ ଡ୍ରୋନ୍ ଉଡ଼ାଇ ହାତୀର ଗତିବିଧି ଉପରେ ନଜର ରଖାଯାଇଥିଲା। ବୁଧବାର ମଧ୍ୟ ବନ କର୍ମଚାରୀମାନେ ହାତୀକୁ ଟ୍ରାକ କରିବାରେ ଲାଗିଛନ୍ତି। ଖୁବ୍‌ଶୀଘ୍ର ହାତୀକୁ ଟ୍ରାକ କରାଯିବ ଓ ହାତୀର ଗୋଡ଼ରେ ପ୍ରକୃତରେ କ'ଣ ହୋଇଛି ତାହା ଅନୁଧ୍ୟାନ କରାଯାଇ ଚିକିତ୍ସା ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଛୁରାମାଡ଼ ଘଟଣାରେ ଆଉ ୩ ଗିରଫ



ଭୁବନେଶ୍ୱର, ୧୭।୧୨ (ସମିସ): ବିଶୃଙ୍ଖଳାକୁ ବିରୋଧ କରିବାରୁ ଘରେ ପଶି ସପରିବାରକୁ ଛୁରା ମାଡ଼ ଘଟଣାରେ ଆଉ ୩ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପଧାନସାହିର ପ୍ରିୟରଞ୍ଜନ ପ୍ରଧାନ ଓରଫ୍ ନଣ୍ଡା (୧୯), ଜିତେନ୍ଦ୍ର ପରିଡ଼ା ଓରଫ୍ ମାଥୁରୀ (୩୪) ଓ ଭବାନୀ ଶଙ୍କର ପ୍ରଧାନ ଓରଫ୍ ଅପୁ (୨୧)।

ପୁଲିସ ସୂଚନାନୁସାରେ, ଗତମାସ ୨୩ ତାରିଖ ରାତିରେ ବୀରବନ୍ଧସ୍ଥିତ ମା ଦକ୍ଷିଣକାଳୀଙ୍କ ରୌପ୍ୟ ଜୟନ୍ତୀ ଅବସରରେ ଅପେରା ଶୋ ଚାଲିଥିବା ବେଳେ ସେଠାରେ ନାବାଳକ ଜଣକ ମଦ୍ୟପାନ କରି ରାସ୍ତା ମଝିରେ କାଚ ବୋତଲ ଭାଙ୍ଗି ଅଶାନ୍ତି ସୃଷ୍ଟି କରିଥିଲା। ସିପୁ ଭୋଇ ଓ ଗ୍ରାମବାସୀମାନେ ବିରୋଧ କରିବାରୁ ନାବାଳକ ଘରକୁ ପଳାଇଥିଲା। ଘରେ ଘଟଣା ବିଷୟରେ କହିବା ପରେ ନାବାଳକ, ବାପା ଶଙ୍କର, ନଣ୍ଡା, ମାଥୁରୀ, ଅପୁ ଓ ଅନ୍ୟମାନେ ଛୁରି ଧରି ସିପୁ ଘରକୁ ଯାଇ ଗେଟ୍ ଭାଙ୍ଗି ଗାଳିଗୁଲଜ କରିଥିଲେ। ସିପୁର ବାପାଙ୍କୁ ଠେଲି ଦେବା ସହ ମାଆଙ୍କୁ ଛୁରା ମାଡ଼ କରିଥିଲେ। ସିପୁ ଓ ପପୁଙ୍କ ହାତକୁ ମଧ୍ୟ ଛୁରିରେ ଆକ୍ରମଣ କରିଥିଲେ। ସିପୁର ସମ୍ପର୍କୀୟ ଭାଇ ପୁତୁରା ଜଗବନ୍ଧୁଙ୍କୁ ଆକ୍ରମଣ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଘଟଣାରେ ସିପୁ, ପପୁ, ତାଙ୍କ ବାପା, ମାଆ ଓ ସମ୍ପର୍କୀୟ ଭାଇ ଜଗବନ୍ଧୁଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା। ଏନେଇ ସିପୁର ମାଆଙ୍କ ଅଭିଯୋଗ କ୍ରମେ ଏୟାରଫିଲ୍ଡ ଥାନା ପୁଲିସ ଶଙ୍କର ଓ ନାବାଳକ ପୁଅକୁ ଗିରଫ କରିଥିଲା। ଆଜି ନଣ୍ଡା, ମାଥୁରୀ ଓ ଅପୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। (ବରୁଣ)

# ଦୁଇ ମୋବାଇଲ୍ ଲୁଟେରା ଗିରଫ

● ଜେଜେବିରେ ହାଜର ହେଲେ ୨ ନାବାଳକ







ଭୁବନେଶ୍ୱର, ୧୭।୧୨ (ସମିସ): ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗରେ ଦୁଇ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁର ୟୁନିଟ୍ ୫ର ବୁଦ୍ଧିଆ ପାତ୍ର (୨୬) ଓ ନୂଆପଲ୍ଲୀ ନୂଆ ସାହିର ଅଭିଷେକ ସାହୁ (୨୧)। ଘଟଣାରେ ସମ୍ପୃକ୍ତ ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରାଯାଇଛି।

ପୁଲିସ ପୁଲିସ ସୂଚନା, ମଙ୍ଗଳବାର ଅପରାହ୍ଣରେ ଧଉଳି ଥାନା ନୂଆଗାଁ ଅଞ୍ଚଳର ଛାତ୍ରୀ ଶ୍ରଦ୍ଧା ସୁମନ କଲେଜରୁ ଘରକୁ ଫେରୁଥିଲେ। କଲ୍ ଆସିବାରୁ ପାୱାର ହାଉସ ଛକ ନିକଟରେ ଫୋନରେ କଥା ହେଉଥିବା ବେଳେ ବୁଦ୍ଧିଆ ଓ ତାର ସହଯୋଗୀ ଏକ ସ୍କୁଟିରେ ଆସି ତାଙ୍କଠାରୁ ମୋବାଇଲ୍ ଫୋନ ଛଡ଼ାଇ ନେଇଥିଲେ। ଏନେଇ ସୁମନ୍ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ୟୁନିଟ୍-୪ ମାର୍କେଟରୁ ବୁଦ୍ଧିଆକୁ ଗିରଫ କରିବା ସହ ଲୁଟ୍ ମୋବାଇଲ ଜବତ କରିଥିଲା।

ସେହିପରି ଗତ ସୋମବାର ରାତିରେ ନୂଆପଲ୍ଲୀ ବେହେରା ବସ୍ତିର ନିରଦ କୁମାର ସ୍ୱାଇଁ ଘରକୁ ଫେରୁଥିବା ବେଳେ ଅଭିଷେକ ଓ ଜଣେ ନାବାଳକ ତାଙ୍କୁ ରାଜଧାନୀ ଗ୍ୟାସ ନିକଟରେ ଅଟକାଇ ୫୦୦ ଟଙ୍କା ମାଗିଥିଲେ। ନିରଦ ଟଙ୍କା ଦେବାକୁ ମନା କରିବାରୁ ଦୁଇ ଜଣ ଯାକ ଗାଳିକରି ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଅଭିଯୋଗ ପାଇବା ପରେ ନୂଆପଲ୍ଲୀ ଥାନା ପୁଲିସ ରେଣ୍ଟାଲ କଲୋନୀରେ ଚଢ଼ଉ କରି ଅଭିଷେକ ଓ ନାବାଳକକୁ କାବୁକରି ବାଇକ୍ ଜବତ କରିଥିଲା। ସେମାନେ ଅନ୍ୟ ଜଣେ ନାବାଳକକୁ ମୋବାଇଲ ବିକ୍ରି କରିଥିବା ଜାଣିବା ପରେ ୟୁନିଟ୍ ୫ ରେ ଚଢ଼ଉ କରିଥିଲା। ସେଠାରୁ ସମ୍ପୃକ୍ତ ନାବାଳକକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଜବତ କରିଥିଲା। ଅଭିଷେକକୁ କୋର୍ଟ ଚାଲାଣ କରିଥିବା ବେଳେ ଦୁଇ ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଛି ପୁଲିସ।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଧଉଳି, ୧୭।୧୨(ସମିସ): ଧଉଳି ଥାନା କାଣ୍ଡିସାହିରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନଥିଲେ ମଧ୍ୟ ପାରିବାରିକ କଳହରୁ ଏପରି ହୋଇଥିବା ଅନୁମାନ କରାଯାଉଛି। ଆତ୍ମହତ୍ୟା କରିଥିବା ଯୁବକ ହେଲେ ସମ୍ପୃକ୍ତ ଗ୍ରାମର ଶିବ ବେହେରାଙ୍କ ପୁଅ ସୋନୁ। ଖବରନେବାରେ ଜଣାପଡ଼ିଛି ସୋନୁ ବୁଧବାର ଦିନ ପ୍ରାୟ ଗୋଟାଏ ବେଳକୁ ନିଶାସକ୍ତ ଅବସ୍ଥାରେ ଘରେ ପାଟିତୁଣ୍ଡ କରିଥିଲେ। ପରେ ସୋନୁ ନିଜ ଶୋଇବା ଘରକୁ ଯାଇଥିଲା। ମାତ୍ର ସୋନୁ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଡାକିଥିଲେ। ଫଳରେ କବାଟ ଭାଙ୍ଗିଥିଲେ। ସେଠାରେ ସୋନୁଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଧଉଳି ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଶବଗାରରେ ରଖିଛନ୍ତି।

# କନ୍ଧମାଳରୁ ପିଛା କଲେ; ବାଲକାଟିରେ ଧରିଲେ

ଭୁବନେଶ୍ୱର, ୧୭।୧୨ (ସମିସ): ରାଜଧାନୀରେ ଛାଇ ଗଲାଣି କନ୍ଧମାଳ ଗଞ୍ଜେଇ। କେବଳ ଗଞ୍ଜେଇ ନୁହେଁ, ବ୍ରାଉନସୁଗର ବେପାରୀ ମଧ୍ୟ ପଛରେ ପଡ଼ିନାହାନ୍ତି। ସବୁଠାରୁ ସାଙ୍ଘାତିକ କଥାଟି ହେଉଛି, ନାବାଳକମାନେ ଏବେ ଗଞ୍ଜେଇ କାରବାର କଲେଣି। ବୁଧବାର ଅବକାରୀ ବିଭାଗ ୨ ନାବାଳକଙ୍କ ସମେତ ୪ ଜଣଙ୍କୁ ଗିରଫ କରି ଗଞ୍ଜେଇ ଜବତ କରିବା ପରେ ଏଭଳି କଥା ସ୍ପଷ୍ଟ ହୋଇଛି। ଏଥିସହିତ ଆଉ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ବସ୍ତିର ରାକେଶ ସାହୁ, ବ୍ରହ୍ମାନନ୍ଦ ପଣ୍ଡା ଓ ଜାହିର୍ ଅଲ୍ଲୀ।

**ଗଞ୍ଜେଇ କାରବାରରେ ନାବାଳକ**

- ଦୁଇଟି କାର୍‌ରୁ ୫୦ କିଲୋ ଗଞ୍ଜେଇ ଜବତ
- ଦୁଇ ନାବାଳକ ସମେତ ୪ ଗିରଫ
- ସିଆରପିରୁ ଧରାପଡ଼ିଲା ବ୍ରାଉନସୁଗର ବେପାରୀ
- ଜବତ ହେଲା ୧୬ ଲକ୍ଷର ଧଳାଜହର



ସୂଚନା ଅନୁଯାୟୀ, କନ୍ଧମାଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ହେବାକୁ ଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ଭୁବନେଶ୍ୱର ଭୁବନେଶ୍ୱର ଅବକାରୀ ରେଞ୍ଜ ୧ର ଗୋଟିଏ ଟିମ୍ ଗତକାଲିଠାରୁ କନ୍ଧମାଳରେ ଡେରା ପକାଇଥିଲା। ସେଠାରୁ ଦୁଇ ନାବାଳକ, ରାକେଶ, ବ୍ରହ୍ମାନନ୍ଦ ଓ ଜଣେ ସହଯୋଗୀ ଦୁଇଟି କାର୍‌ରେ ଗଞ୍ଜେଇ ଧରି ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଅବକାରୀ ଟିମ୍ ସେମାନଙ୍କୁ ପିଛା କରିବା ସହ ଖବର ପାଇ ଆଉ ଏକ ଅବକାରୀ ଟିମ୍ ବାଲକାଟି ହୀରାପୁର ରାସ୍ତାରେ ଛକି ରହିଥିଲା। ଦୁଇଟି ଯାକ କାର ହୀରାପୁର ନିକଟରେ ପାଇବା ବେଳେ ଆଗ ଓ ପଛରୁ ୨, ଟି ଟିମ୍ ମାଡ଼ି ବସିଥିଲେ। ହେଲେ ଜଣେ ଅଭିଯୁକ୍ତ ଅବକାରୀ ପୁଲିସକୁ ଚକମା ଦେଇ ଖସି ପଳାଇଥିଲା। ପୁଲିସ ଟିମ୍ ଦୁଇ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରିବା ସହ ୨ଟି କାର ଜବତ କରିଥିଲା। ଗୋଟିଏ କାରରୁ ୩୦ କିଲୋ ଓ ଅନ୍ୟ କାରରୁ ୨୦ କିଲୋ ଗଞ୍ଜେଇ ମିଳିଥିଲା। ମୋଟ ୫୦ କିଲୋ ଗଞ୍ଜେଇ ଜବତ କରିବା ସହ ରାକେଶ ଓ ବ୍ରହ୍ମାନନ୍ଦକୁ କୋର୍ଟ ଚାଲାଣ କରିଛି। ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରିଛି ଅବକାରୀ ବିଭାଗ। ଜବତ ଗଞ୍ଜେଇର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ କହିଛନ୍ତି।

ସେହିପରି ସିଆରପି ଅଞ୍ଚଳରେ ବ୍ରାଉନ୍‌ସୁଗର ବିକ୍ରି ହେଉଥିବା ଖବରପାଇ ଭୁବନେଶ୍ୱର ଅବକାରୀ ରେଞ୍ଜ-୨ର ଏକ ଟିମ୍ ଚଢ଼ଉ କରିଥିଲା। ମୁଣ୍ଡାସାହି ଛକରୁ ଜାହିରକୁ ଗିରଫ କରିବା ସହ ୧୬୦ ଗ୍ରାମ୍ ଓଜନର ବ୍ରାଉନସୁଗର ଜବତ କରିଥିଲା। ସେ ଦୀର୍ଘଦିନ ହେବ ନିୟମିତ ବ୍ୟବଧାନରେ ବାଲେଶ୍ୱରରୁ ବ୍ରାଉନସୁଗର ଆଣି ରାଜଧାନୀର ବିଭିନ୍ନ ବେପାରୀଙ୍କୁ ଯୋଗାଉଥିବା ସ୍ୱୀକାର କରିଥିଲା। ଏନେଇ ଅବକାରୀ ପୁଲିସ ଏକ ମାମଲା ରୁଜୁ କରି ଜାହିରକୁ କୋର୍ଟ ଚାଲାଣ କରିଛି। ଜବତ ହୋଇଥିବା ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ମହିଳାଙ୍କୁ ଦୁଷ୍କର୍ମ ଧମକ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୭।୧୨ (ସମିସ): ମହିଳାଙ୍କୁ ଦୁଷ୍କର୍ମ କରିବାକୁ ଧମକ ଦେଉଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଡ଼ଗଡ଼ ଥାନା ସୈନିକ ନଗରରେ ରହୁଥିବା ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଲୁଣିଆ ଗାଁର ଅଶୋକ କୁମାର ସାହୁ (୪୪)।



ପୁଲିସ ସୂଚନା ଅନୁସାରେ, ଅଶୋକ ଓ ତାର ସହଯୋଗୀ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜଗନ୍ନାଥ ନଗର ଅଞ୍ଚଳରେ ରହୁଥିବା ସଂଯୁକ୍ତା ମହଲଙ୍କୁ ନିୟମିତ ବିଳମ୍ବିତ ରାତିରେ ତାଙ୍କୁ ଫୋନ କରି ହଇରାଣ ହରକତ କରିବା ସହ ଗାଳିଗୁଲଜ କରୁଥିଲେ। ଏମିତିକି ଭବିଷ୍ୟତରେ ତାଙ୍କୁ ଦୁଷ୍କର୍ମ କରିବା ସହ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଉଥିଲେ। ସଂଯୁକ୍ତା ଭୟଭୀତ ହୋଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପ୍ରଜାପତି ମଣ୍ଡପ ନିକଟରୁ ଅଶୋକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୭୨ ଘଣ୍ଟାରେ ୪ ଆଇଆଇସିଙ୍କ ବଦଳି ବାତିଲ୍

# ଚାପରେ ଚେପା କମିସନରେଟ୍ ପୁଲିସ!

ଭୁବନେଶ୍ୱର, ୧୭।୧୨ (ସମିସ): ଦ୍ୱୈତନଗରୀର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ଲକ୍ଷ୍ୟରେ କମିସନରେଟ୍ ପୁଲିସ୍ ବ୍ୟବସ୍ଥା ଆରମ୍ଭ ହୋଇଥିଲା। କମିସନରେଟ୍ ପୁଲିସ୍‌କୁ ରାଜ୍ୟ ପୁଲିସର ଶ୍ରେଷ୍ଠ ପୁଲିସ ଭାବେ ମଧ୍ୟ ବିବେଚନା କରାଯାଏ। କେବଳ ଯେ ଶ୍ରେଷ୍ଠ ବିବେଚନା କରାଯାଏ, ତାହା ନୁହଁ, ବରଂ ଅଭିଜ୍ଞ ଓ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଏଠାକାର ମୁଖିଆ ଭାବେ ଦାୟିତ୍ୱ ମିଳେ। ହେଲେ ମାତ୍ର ୬ ଦିନ ମଧ୍ୟରେ ୪ ଜଣ ଥାନା ଅଧିକାରୀଙ୍କ ବଦଳି ବାତିଲ ହେବାପରେ ବରିଷ୍ଠ ଆଇପିଏସ୍ ତଥା କମିସନରେଟ ପୁଲିସର ମୁଖିଆଙ୍କ ନିଷ୍ପତ୍ତି ନେବାର କ୍ଷମତାକୁ ପଦାରେ ପକାଇଛି। କମିସନରେଟ ପୁଲିସରେ ଚାଲିଛି କ'ଣ? କାହା ଇଙ୍ଗିତରେ ପରିଚାଳିତ ହେଉଛି ରାଜ୍ୟର ଦକ୍ଷ ପୁଲିସ୍ ବ୍ୟବସ୍ଥା? ଏଭଳି ଅନେକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ନିଷ୍ପତ୍ତି ନେବାର ଅପରିପକ୍ୱତା ନା ଚାପରେ ଏଭଳି ନିଷ୍ପତ୍ତି ନିଆଯାଇଛି, ତାହା ମଧ୍ୟ ଏବେ ବଡ଼ ପ୍ରଶ୍ନ।





ଗତ ୧୨ ତାରିଖରେ ୧୦ ଜଣ ଇନ୍ସପେକ୍ଟର ଓ ୧୫ ତାରିଖ ଦିନ ୨ ଜଣ ଇନ୍ସପେକ୍ଟରଙ୍କର ବଦଳି ହୋଇଥିଲା। ପ୍ରଥମ ନିର୍ଦ୍ଦେଶନାମାରେ କଟକ ମହିଳା ଥାନା ଅଧିକାରିଣୀ ବିୟୁଟି ମହାନ୍ତିଙ୍କୁ ନନ୍ଦନକାନନ ଥାନା ଓ କଟକ ଡିସିଆରବିର ତେରେସ୍କୋଭା ମହାପାତ୍ରଙ୍କୁ କଟକ ମହିଳା ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଥିଲା। ସେହିପରି ଦ୍ୱିତୀୟ ବିଜ୍ଞପ୍ତିରେ ଜଟଣୀ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳଙ୍କୁ ନୂଆପଲ୍ଲୀ ଥାନା ଅଧିକାରୀ ଓ କ୍ୟାପିଟାଲ ଥାନାର ଇନ୍ସପେକ୍ଟର ମାନସ କୁମାର ସାହୁଙ୍କୁ ଜଟଣୀ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଥିଲା। ଏହାର କିଛି ଦିନ ବ୍ୟବଧାନରେ ଅର୍ଥାତ୍ ଗତ ସୋମବାର ଦୁଇ ଜଣ ଇନ୍ସପେକ୍ଟରଙ୍କ ବଦଳି ଆଦେଶକୁ ବାତିଲ କରି ଦିଆଯାଇଥିଲା। କଟକ ମହିଳା ଥାନା ଅଧିକାରିଣୀ ବିୟୁଟି ମହାନ୍ତି ଓ କଟକ ଡିସିଆରବିର ଇନ୍ସପେକ୍ଟର ତେରେସ୍କୋଭା ମହାପାତ୍ରଙ୍କ ବଦଳି ନିଷ୍ପତ୍ତି ପ୍ରତ୍ୟାହାର କରି ପୂର୍ବ ପଦବୀରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଉ ପାହାଳ ଥାନାର ଇନ୍ସପେକ୍ଟର ବିଭୂତି ଭୂଷଣ ମୁଦୁଲିଙ୍କୁ ନନ୍ଦନକାନନ ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଥିଲା। ଆଉ ଏହାର ଠିକ୍ ଦିନକ ପରେ ଅର୍ଥାତ୍ ଆଜି ଆଉ ଦୁଇ ଜଣ ଇନ୍ସପେକ୍ଟରଙ୍କର ମଧ୍ୟ ବଦଳି ପ୍ରତ୍ୟାହାର ହୋଇଛି। ଜଟଣୀ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳଙ୍କର ନୂଆପଲ୍ଲୀ ଥାନାକୁ ହୋଇଥିବା ବଦଳିକୁ ବାତିଲ କରି ପୂର୍ବବତ୍ ଜଟଣୀ ଥାନାରେ କାର୍ଯ୍ୟ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହିତ ଜଟଣୀ ଥାନା ଅଧିକାରୀ ଭାବେ ବଦଳି ହୋଇଥିବା କ୍ୟାପିଟାଲ ଥାନାର ଇନ୍ସପେକ୍ଟର ମାନସ କୁମାର ସାହୁଙ୍କୁ ନୂଆପଲ୍ଲୀ ଥାନା ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏସବୁ କଥା କାନକୁ ଶୁଣିବାକୁ ଅସହଜ ହେଉଥିଲେ ମଧ୍ୟ କମିସନରେଟ ପୁଲିସ ଏହି ଆଶ୍ଚର୍ଯ୍ୟକୁ ବାସ୍ତବ ରୂପ ଦେଇଛି। ଆଉ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ କମିସନରେଟ ପୁଲିସ୍‌ରେ ସବୁ କିଛି ଠିକ୍ ଚାଲିନି।

ସେପଟେ ବଦଳି ବାତିଲ ହୋଇଥିବା ପୁଲିସ ଅଧିକାରୀମାନେ ମଧ୍ୟ ବେଶ୍ ଦକ୍ଷ। ରାଜ୍ୟର ବିଭିନ୍ନ ଥାନା ତଥା ବିଶେଷକରି ଦ୍ୱୈତନଗରୀର ବିଭିନ୍ନ ଥାନାରେ କାମ କରିବାର ଅଭିଜ୍ଞତା ମଧ୍ୟ ରହିଛି। ନିଜ ନିଜର କ୍ୟାରିୟର ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ କରି ପ୍ରଶଂସିତ ହୋଇଛନ୍ତି। ସେହି ଦୃଷ୍ଟିରୁ ଦେଖିବାକୁ ଗଲେ ସେମାନେ ଥାନା ପରିଚାଳନା କରିବାରେ ବେଶ୍ ପାରଙ୍ଗମ। ହେଲେ ମାତ୍ର ୬ ଦିନ ମଧ୍ୟରେ ସେମାନଙ୍କ ବଦଳି ଓ ବାତିଲ କରାଯିବା କମିସନରେଟ୍ ପୁଲିସର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ସନ୍ଦେହ ସୃଷ୍ଟି କରିଛି।

### ଅବହେଳିତ ବିଜୁ ପଟ୍ଟନାୟକ ମାର୍ଗ

# ନିମ୍ନମାନର ରାସ୍ତା ସାଜିଛି ବିପଦସଙ୍କୁଳ

ଯଖପୁରା,୧୭।୧୨(ସମିସ):



କଳିଙ୍ଗନଗର ପ୍ରବେଶପଥରୁ ଆରମ୍ଭ ହୋଇ ସମସ୍ତ କାରଖାନାକୁ ସଂଯୋଗ କରୁଥିବା ବିଜୁ ପଟ୍ଟନାୟକ ମାର୍ଗ ଏବେ ଅବହେଳିତ ଓ ଦୟନୀୟ ଅବସ୍ଥାରେ। କଳିଙ୍ଗନଗର ଥିବା ସମସ୍ତ କାରଖାନାକୁ ପ୍ରତିଦିନ ଏହି ସଡ଼କ ମାଧ୍ୟମରେ ବଡ଼ ବଡ଼ ଭାରୀଯାନ ଯିବା ଆସିବା କରୁଥିବା ବେଳେ ରାସ୍ତାକୁ ଉନ୍ନତୀକରଣ ନକରି ତାହାରି ଉପରେ ପ୍ରତିବର୍ଷ ମରାମତି ପାଇଁ ବହୁ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ତାହା ଠିକ୍ ଭାବେ ମରାମତି ହେଉନଥିବାରୁ ଶୀଘ୍ର ନଷ୍ଟ ହୋଇଯାଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ଜୀବନରେଖା ଭାବେ ପରିଚିତ ବିଜୁ ପଟ୍ଟନାୟକ ମାର୍ଗ ରାସ୍ତା ଉନ୍ନତୀକରଣ ନାମରେ ମହାଦୁର୍ନୀତି ଓ ନିମ୍ନମାନର କାର୍ଯ୍ୟ କରାଯାଉଥିବାର ଅଭିଯୋଗ ଜୋର ଧରିଛି। ପଙ୍କପାଳ ବଙ୍ଗଳା ଠାରୁ ଦାନଗଦି ମିଲିଟାରୀ ଛକ ପର୍ଯ୍ୟନ୍ତ ୧୨ କିମି ଦୂରତାର ଏହି ରାସ୍ତା ମରାମତି କାମ ପାଇଁ ଆର୍ଥିକ ବର୍ଷ ୨୦୨୫-୨୬ରେ ୪୨ ଲକ୍ଷ ୧୬ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ବାସ୍ତବ କାମ ନିୟମ ବିରୋଧୀ ଓ ଅତ୍ୟନ୍ତ ନିମ୍ନମାନର ହେଉଥିବା ଗୁରୁତର ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ମିଲିଟାରୀ ଛକରୁ ପଙ୍କପାଳ ବଙ୍ଗଳା ଛକ ପର୍ଯ୍ୟନ୍ତ ରାସ୍ତା ମରାମତି କାମରେ ପୂର୍ତ୍ତ ବିଭାଗ ନିର୍ଦ୍ଧାରିତ ମାନଦଣ୍ଡକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି। ନିୟମ ଅନୁଯାୟୀ ବଡ଼ କମ୍ପ୍ରେସର ମାଧ୍ୟମରେ ଧୂଳି ଉଡ଼ାଇ ସଫା କରିବା, କ୍ରସର ଡଷ୍ଟ, ୪୦ ଏମଏମ୍, ମେଟାଲ ଓ ଡବ୍ଲୁବିଏମ ସମପରିମାଣରେ ପକାଇ ଭଲଭାବେ ରୋଲିଂ କରିବା, ତା'ପରେ ଝାଡୁ ମାରି ପ୍ରାଇମର କୋଟିଂ କରିବା ନିୟମ ଥିବାବେଳେ, ଏହାକୁ ଅଣଦେଖା କରି ଠିକାଦାର ଅନୁଯାୟୀ କାର୍ଯ୍ୟ ହେଉଥିବାର ଦେଖିବାକୁ ମିଳୁଛି। ଖରାପ ଅବସ୍ଥାରେ ଥିବା ରାସ୍ତା ମରାମତି କରିବା ପୂର୍ବରୁ ପୁରୁଣା, ଭାଙ୍ଗା ଓ ଅନୁପଯୋଗୀ ସ୍ତରକୁ କାଟି ସମ୍ପୂର୍ଣ୍ଣ ସଫା କରିବା ଅତ୍ୟାବଶ୍ୟକ। କିନ୍ତୁ ଏଠାରେ ସେହି ପ୍ରକ୍ରିୟାକୁ ଏଡ଼ାଇ ସିଧାସଳଖ ପିଚୁ ପକାଯାଉଥିବାରୁ ନୂଆ ରାସ୍ତା କିଛି ଦିନ ମଧ୍ୟରେ ରାସ୍ତାରୁ ଉଠି ଯିବ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ବିଜୁପଟ୍ଟନାୟକ ମାର୍ଗରେ ସବୁଠାରୁ ନିମ୍ନସ୍ତରର ମରାମତି କାର୍ଯ୍ୟ କରାଯାଉଥିବାର ଦେଖିବାକୁ ମିଳୁଛି। ନିୟମ ଅନୁଯାୟୀ ପିଚୁ ମରାମତିର ସର୍ବନିମ୍ନ ମୋଟାଇ ୩୫ ଏମ୍ଏମ ହେବାକୁ ପ୍ରାବଧାନ ଥିବାବେଳେ କେବଳ ୧୦ ଏମ୍ଏମ୍ କିମ୍ବା ତା'ଠାରୁ କମ ପିଚୁ ପକାଯାଉଥିବା ଅଭିଯୋଗ ହେଉଛି। ନିମ୍ନମାନର ପିଚୁ ଓ ବଜୁରୀ ବ୍ୟବହାର କରି ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି। ଗତ ୧୦ ବର୍ଷ ଧରି ଏହି ବ୍ୟସ୍ତବହୁଳ ବିଜୁ ପଟ୍ଟନାୟକ ମାର୍ଗ ଶିଳ୍ପ ରାସ୍ତାରେ ପ୍ରତିବର୍ଷ କେବଳ ନାମକୁ ମାତ୍ର ମରାମତି କରାଯାଉଛି। ବିଗତ ୩ ବର୍ଷରେ ପ୍ରାୟ ୧୨ କୋଟି ଟଙ୍କାରୁ ଅଧିକ ସରକାରୀ ଧନ ଖର୍ଚ୍ଚ ହୋଇଥିବା ସତ୍ତ୍ୱେ, ଯାତାୟାତ ସୁବିଧାରେ କୌଣସି ସୁଧାର ଆସିନାହିଁ। ବରଂ ଏହି ରାସ୍ତା ଦିନକୁ ଦିନ ଖରାପ ଅବସ୍ଥାକୁ ଆସୁଥିବାରୁ ଦୁର୍ଘଟଣାର ହାର ବଢି ଚାଲିଛି। ବିଜୁପଟ୍ଟନାୟକ ମାର୍ଗରେ କରାଯାଉଥିବା ମରାମତି କାର୍ଯ୍ୟକୁ ନେଇ ଠିକାଦାର ଓ ପୂର୍ତ୍ତ ବିଭାଗୀୟ କିଛି ଅଧିକାରୀଙ୍କ ଅସାଧୁ ମେଣ୍ଟ ଥିବାର ଅଭିଯୋଗ ଜୋର ଧରିଛି। ଗୁଣବତ୍ତା ମାପ ଓ ଯାଞ୍ଚ ବିନା କିପରି ମରାମତି କାର୍ଯ୍ୟ କରାଯାଉଛି ସେଥିପାଇଁ ସାଧାରଣ ଜନତା ପ୍ରଶ୍ନ ଉଠାଇଛନ୍ତି। ଏବେ ସ୍ଥାନୀୟ ବାସିନ୍ଦା, ଶିଳ୍ପ ସଂସ୍ଥା, ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀମାନେ ପୂର୍ତ୍ତ ବିଭାଗକୁ ଭିଜିଲାନ୍ସ ନିଜ ଅକ୍ତିଆରକୁ ଆଣି ତୁରନ୍ତ ସ୍ୱାଧୀନ ତଦନ୍ତ, କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀର ମାନ ପରୀକ୍ଷା କରି ଏବଂ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

## ୨୮୨ ଜଣ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା



**ବ୍ୟାସନଗର,୧୭।୧୨(ସମିସ):** ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଆଜି ଯାଜପୁର ରୋଡ୍ ସ୍ଥିତ ଯୁଗ୍ମ ଶ୍ରମ କମିଶନର କାର୍ଯ୍ୟାଳୟରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବଶଙ୍କର ମିଶ୍ର ଓ ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ ନିର୍ମାଣ ଶ୍ରମିକ ସୁର ଜେନା, ଭାଗୀରଥୀ ସାହୁ, ଶରତ ଦେହୁରୀ, ସୁଦର୍ଶନ ସାହୁଙ୍କୁ ଡମି ଚେକ ମାଧ୍ୟମରେ ସହାୟତା ପ୍ରଦାନ କରିଛନ୍ତି।

ସର୍ବମୋଟ ମୃତ୍ୟୁକାଳୀନ ସହାୟତା ବାବଦରେ ୬ ଜଣଙ୍କୁ ୧୭ ଲକ୍ଷ ଟଙ୍କା, ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୬ ଜଣଙ୍କୁ ୩୦ ହଜାର ଟଙ୍କା, ଶିକ୍ଷା ସହାୟତା ବାବଦରେ ୨୦୧ ଜଣଙ୍କୁ ୧୯.୯୭ ଲକ୍ଷ, ବିବାହ ସହାୟତା ବାବଦରେ ୬୭ ଜଣଙ୍କୁ ୩୩.୨୫ ଲକ୍ଷ ଏବଂ ପ୍ରସୂତି କାଳୀନ ସହାୟତା ବାବଦରେ ୨ ଜଣଙ୍କୁ ୨୦ ହଜାର ଟଙ୍କାର ସହାୟତା ରାଶି ଅନ୍‌ଲାଇନ ମାଧ୍ୟମରେ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ମୃତ୍ୟୁକାଳୀନ ସହାୟତା ବାବଦରେ ୪ ଜଣ ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଆନ୍ତଃ ଉଚ୍ଚ ମାଧ୍ୟମିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ



**ଯାଜପୁର,୧୭।୧୨(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷ୍ୟ ପରିଷଦ ଆନୁକୂଲ୍ୟରେ ଆନ୍ତଃ ଉଚ୍ଚ ମାଧ୍ୟମିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଇଣ୍ଡୋର ଷ୍ଟାଡିଅମରେ ନରସିଂହ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୨ ଗୋଟି ଦଳରୁ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇ ଥିଲେ। ଫାଇନାଲ ଖେଳରେ ବାଳକ ବିଭାଗରେ ନରସିଂହ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପରାସ୍ତ କରି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସିନ୍ଧୋଳ ବିଜୟୀ ହୋଇଛନ୍ତି। ବାଳିକା ବିଭାଗରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପରାସ୍ତ କରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାୟଗଡା ବିଜୟୀ ହୋଇଛନ୍ତି। ଉକ୍ତ ପ୍ରତିଯୋଗିତାକୁ ଖେଳ ଶିକ୍ଷକ ରଞ୍ଜନ ସୁତାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ନରସିଂହ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ପୁରସ୍କାର ବିତରଣ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଦିବ୍ୟଲୋଚନ ସିଂହ ଯୋଗ ଦେଇଥିଲେ। ପ୍ରକାଶ କୁମାର ଲାଲା, ସମୀର କୁମାର ସାହୁ ଚୟନକର୍ତ୍ତା, ଜ୍ୟୋତିର୍ମୟ ନାଥଶର୍ମା, ରିତେନ୍ଦ୍ର ବିଶ୍ୱାଳ, ଜିତେନ୍ଦ୍ର ମହାନ୍ତି, ଲୋକନାଥ ମହାପାତ୍ର, ସଞ୍ଜୀବ ଭଦ୍ର, କିଷାନ ପଣ୍ଡା, କ୍ଷୀରୋଦ ହାତୀ, ସସ୍ମିତା ରଣା ଓ ମହେଶ୍ୱର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଖେଳଶିକ୍ଷକ ରଞ୍ଜନ ସୁତାର ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଧାସାର ଭକ୍ତି ସରସ୍ୱତୀ ବାବାଙ୍କ ପୂଣ୍ୟତିଥି

**ବରୀ,୧୭।୧୨(ସମିସ):** ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ ଧାରପୁର ପଟଣା ମଠରେ ସିଦ୍ଧ ପୁରୁଷ ସୁଧାସାର ଭକ୍ତି ବାବା ସରସ୍ୱତୀ ଦାସଙ୍କ ୪୪ତମ ପୂଣ୍ୟତିଥି ଯାକ ଯମକରେ ପାଳିତ ହୋଇ ଯାଇଛି। ବରୀ, ବଡ଼ଚଣା, ବିଞ୍ଝାରପୁର ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ନାମ ସଂକୀର୍ତ୍ତନରେ ଭାଗ ନେଇଥିଲେ। ପ୍ରତିବର୍ଷ ବାବାଙ୍କ ମହାପରାୟଣ ଦିବସରେ ନାମଯଜ୍ଞ, ଚକ୍ଷୁ ଚିକିତ୍ସା ଶିବିର, ଆଧ୍ୟାତ୍ମିକ ପ୍ରବଚନ ପ୍ରଭୃତି କାର୍ଯ୍ୟକ୍ରମ ହୋଇଥାଏ। ବର୍ତ୍ତମାନର ମଠାଧିଶ ମହନ୍ତ ବାବା ଉତ୍ତମ ଚନ୍ଦ୍ର ଦାଶଙ୍କ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ଦଶ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ପାଇଁ ୨୧ ଗୋଟି ଚୁଲିରେ ପ୍ରାସାଦ ରନ୍ଧା ଯାଇଥାଏ। ଏଥିପାଇଁ କାହାରିକୁ ପାରିଶ୍ରମିକ ଦିଆଯାଉ ନଥିବା ବେଳେ କୌଣସି ସାମଗ୍ରୀ କିଣିବାକୁ ପଡ଼େ ନାହିଁ। ସବୁକିଛି ଭକ୍ତ ମାନଙ୍କ ସ୍ୱେଚ୍ଛାକୃତ ଦାନ ଓ ସହଯୋଗରେ ହୋଇଥାଏ।

## ୨୦ରେ ବରାହନାଥଜୀଉଙ୍କ ସ୍ୱର୍ଣ୍ଣକ୍ଷେତ୍ର ଦିବସ

**ଯାଜପୁର ଟାଉନ,୧୭।୧୨(ସମିସ):** ଯାଜପୁର ସହରର ପବିତ୍ର ବୈତରଣୀ ନଦୀ କୂଳେ ଅବସ୍ଥିତ ଶ୍ରୀଶ୍ରୀ ବରାହଜୀଉଙ୍କ ସ୍ୱନକ୍ଷତ୍ର ଉତ୍ସବ ଆସନ୍ତା ୨୦ ତାରିଖ ବକୁଳ ଅମାବାସ୍ୟାରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଯାଜପୁର ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଶେଷ ହୋଇଛି। ଏହି ସ୍ୱନକ୍ଷତ୍ର ଉତ୍ସବ ଦେଖିବା ଓ ବରାହଙ୍କ ଆଶୀର୍ବାଦ ନେବା ପାଇଁ ଯାଜପୁର ସମେତ, ଭଦ୍ରକ, କେନ୍ଦ୍ରପଡ଼ା, ବାଲେଶ୍ୱର, ମୟୂରଭଞ୍ଜ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଏବଂ ଓଡ଼ିଶା ବାହାରୁ ଭକ୍ତମାନେ ଆସିଥାନ୍ତି। ଏହି ପରିପ୍ରେକ୍ଷୀରେ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ବୈତରଣୀ ନଦୀରେ ସ୍ନାନ କରି ବରାହଙ୍କ ଦର୍ଶନ କରିଥାଆନ୍ତି। ପ୍ରସ୍ତୁତି ବୈଠକରେ ତହସିଲଦାର, ମନ୍ଦିର ମୁଖ୍ୟ ପୁରୋହିତ ହିମାଂଶୁ ଶେଖର ପତିମିଶ୍ର, ପୁରୋଧା ସରୋଜ କୁମାର ପତି, ସେବାୟତ ଦୁର୍ଯ୍ୟୋଧନ ପଣ୍ଡା, କାଳନ୍ଦୀ ଚରଣ ବଡୁ, ସୀତାରାମ ଦିକ୍ଷିତ୍, କାର୍ତ୍ତିକ ଚନ୍ଦ୍ର ବଡୁ, ଘନଶ୍ରାମ ବଡୁ, ଧନେଶ୍ୱର ବଡୁ, ଭୋଳାନାଥ ପଣ୍ଡା, ବାଙ୍କ ଦିକ୍ଷିତ, ରସାନନ୍ଦ ଦିକ୍ଷିତ ପ୍ରଭୃତିଙ୍କ ସମତେ ଅନ୍ୟାନ୍ୟ ସରକାରୀ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

## କୁଆଖିଆ ଲକ୍ଷ୍ମୀ ନାରାୟଣ ପୂଜା ଉତ୍ସବ ଆରମ୍ଭ



**କୁଆଖିଆ,୧୭।୧୨(ସମିସ):** ୭୧ତମ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ଉତ୍ସବ ମଙ୍ଗଳବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ଏହି ପୂଜାକୁ ବ୍ଲକ ଅଞ୍ଚଳର ଗଣପୂଜା ଉତ୍ସବ ଭାବରେ ପାଳିତ ହେଉଛି। ଏହି ଅବସରରେ ଲକ୍ଷ୍ମୀନାରାୟଣ ପୂଜା କମିଟିର ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଆୟୋଜିତ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଶତାଧିକ ଭକ୍ତ ଓ ମାନସିକଧାରୀଙ୍କ ଗହଣରେ ବଜାର ଅଞ୍ଚଳ ଲୋକାରଣ୍ୟ ହୋଇଉଠିଥିଲା। ଭକ୍ତମାନେ ପ୍ରଭୂ ଲକ୍ଷ୍ମୀନାରାୟଣ ଗଜଉଦ୍ଧାରଣ ବେଶରେ ଦର୍ଶନ କରିଛନ୍ତି। ପଣ୍ଡିତ ଓ ଜ୍ୟୋତିଷମାନଙ୍କ ଦ୍ୱାରା ମାହେନ୍ଦ୍ରବେଳାରେ ପୂଜାପୀଠରେ ଘଟ ସ୍ଥାପନ କରାଯାଇଥିଲା। ସ୍ଥାନୀୟ ଓରାଳି ପୁଷ୍କରଣୀ ଘାଟରୁ ଜଳାଭିଷେକ କରାଯାଇ କଳସ ଶୋଭାଯାତ୍ରା ବଜାର ପରିକ୍ରମା କରି ମନ୍ଦିର ନିକଟରେ ଘଟ ସ୍ଥାପନ ପରେ ପ୍ରଭୁଙ୍କ ଚକ୍ଷୁଦାନ, ଜୀବନ୍ୟାସ, ପ୍ରାଣପ୍ରତିଷ୍ଠା, ଉପଚାରପୂଜା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିସହ ପ୍ରଭୁଙ୍କ ଦର୍ଶନ ସକାଶେ ଭକ୍ତମାନଙ୍କ ପାଇଁ ଦ୍ୱାରା ଉନ୍ମୁକ୍ତ କରାଯାଇଥିଲା। ଏହି କ୍ରମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦିବସରେ ପ୍ରଭୁଙ୍କ ନିକଟରେ ପଞ୍ଚକର୍ମ, ସୂର୍ଯ୍ୟପୂଜା, ଗୋ-ପୂଜା, ପ୍ରଭୂଙ୍କ ମହାସ୍ନାନ, ହୋମଯଜ୍ଞ, ଚତୁର୍ଥ ଦିବସରେ ସତ୍ୟନାରାୟଣ ପୂଜା, ପଞ୍ଚମ ଦିବସରେ ଲକ୍ଷ୍ମୀନାରାୟଣଙ୍କ ରାଜଉପଚାର ପୂଜା, ଗୀତାଧ୍ୟାୟୀ, ସପ୍ତଶତ ମୂଳମନ୍ତ୍ର ହୋମ, ଷଷ୍ଠ ଦିବସରରେ କନକଧାରୀ ପୂଜା, କମଳାତ୍ମିକ ପୂଜା, ଶ୍ରୀସୂକ୍ତ ହୋମ, ପୁରୁଷସୂକ୍ତ ହୋମ, ଶାନ୍ତିସୂକ୍ତ ହୋମ, ଶେଷ ଅର୍ଥାତ ସପ୍ତମ ଦିବସରେ ପ୍ରଭୂ ଲକ୍ଷ୍ମୀନାରାୟଣଙ୍କ ସହସ୍ରାସପ୍ତାଙ୍ଗ ହୋମ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଏହି ଦିନ ଠାରୁ ପୂଜା ଆରମ୍ଭ ହୋଇ ଜାନୁଆରୀ ୫ ତାରିଖରେ ଉଦ୍‌ଯାପିତ ହେବ।

### ■ ବ୍ୟବସାୟୀଙ୍କୁ ଅପହରଣ

## କାର୍‌ସହ ଯୁବକ ଗିରଫ

**ସୁକିନ୍ଦା,୧୭।୧୨(ସମିସ):** କଟକ କାନପୁର ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ଅପହରଣ ଘଟଣାରେ ସୁକିନ୍ଦା ପୁଲିସ ସଂପୃକ୍ତ ବ୍ୟବସାୟୀଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକକୁ ଗିରଫ କରି କାର୍ ଜବତ କରିଥିବା ଜଣାପଡିଛି। ସୂଚନା ମୁତାବକ ଏକ ସ୍କର୍ପିଓ ଗାଡ଼ି କିଣାବିକାକୁ କେନ୍ଦ୍ରକରି କଟକ କାନପୁର ଥାନା ଅନ୍ତର୍ଗତ କାନପୁର ଅଞ୍ଚଳରୁ ବଡ଼ମ୍ବା ଅଞ୍ଚଳର ବ୍ୟବସାୟୀ ନାରାୟଣ କୁଅଁରଙ୍କ ପୁଅ ବୃନ୍ଦାବନ କୁଅଁରଙ୍କୁ କିଛି ଯୁବକ ଗତ ସୋମବାର ରାତିରେ ଏକ ଡିଜିଆର କାର୍‌ରେ ଅପହରଣ କରି ନେଇ ଯାଉଥିଲେ। ସେହି କାର୍ ସୁକିନ୍ଦା ଦେଇ ଭୁବନ ଯାଉଥିବା ସୂଚନା ପାଇ ସୁକିନ୍ଦା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ନିର୍ଦ୍ଦେଶରେ ଏକ ପୁଲିସ ଟିମ୍ କାର୍‌କୁ ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର ଅନ୍ତପୁର ଛକରେ କାବୁ କରିଥିଲେ। ସେହି ଗାଡ଼ିରୁ ଅପହୃତା ବୃନ୍ଦାବନ କଅଁରଙ୍କୁ ଉଦ୍ଧାର କରିବା ସହିତ ଏହି ଘଟଣାରେ ସମ୍ପୃକ୍ତ ଭୁବନ ଥାନା ନୀଳକଣ୍ଠପୁର ଗ୍ରାମର ବାମଦେବ ଓଝାଙ୍କ ପୁଅ ପ୍ରଦୀପ ଓଝାଙ୍କୁ ଗିରଫ କରିଥିଲେ। ଅପହରଣ କରିଥିବା ଅନ୍ୟ ଯୁବକମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ସୁକିନ୍ଦା ପୁଲିସ କ୍ରେନ୍ ସାହାଯ୍ୟରେ କାରକୁ ଥାନାକୁ ଆଣିବା ସହ ଉଦ୍ଧାର ହୋଇଥିବା ବ୍ୟବସାୟୀ ବୃନ୍ଦାବନ କଅଁର ଓ ଅପହରଣ କାରୀ ଯୁବକକୁ କଟକ କାନପୁର ଥାନା ଅଧିକାରୀ ତପନ ନାୟକଙ୍କୁ ହସ୍ତାନ୍ତର କରିଥିବା ସୁକିନ୍ଦା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବର୍ଷା ଜଳ ସଂରକ୍ଷଣ କର୍ମଶାଳା



**ଦାନଗଦି,୧୭।୧୨(ସମିସ):** ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରାଳୟ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ଅଧୀନସ୍ଥ କେନ୍ଦ୍ରୀୟ ଭୂମି ଜଳ ପରିଷଦ ଦକ୍ଷିଣପୂର୍ବ କ୍ଷେତ୍ର, ଭୁବନେଶ୍ୱର ଆନୁକୂଲ୍ୟରେ ଭୂତଳ ଜଳ ପରିଚାଳନା ଏବଂ ବର୍ଷାଜଳ ସଂରକ୍ଷଣ ସଂପର୍କରେ ଏକ ଜନସଂପର୍କ କାର୍ଯ୍ୟକ୍ରମ ଟମକା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଭୂତଳ ଜଳ ପରିଷଦର ଆଞ୍ଚଳିକ ନିର୍ଦ୍ଦେଶକ ବିକ୍ରମ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ରସାହୁ ଏବଂ ଦେଉଳକଣ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ଜେନା ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରି ଜଳ ସଂରକ୍ଷଣ ଦିଗରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ଆଗାମୀ ପିଢ଼ିର ସୁରକ୍ଷା ପାଇଁ ଭୂତଳ ଜଳର ସଂରକ୍ଷଣ ଓ ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୈଜ୍ଞାନିକ ମୌସୁମୀ ସାହୁ, ବିଭୂତି ଭୂଷଣ ସାହୁ, ସଞ୍ଜୟ କୁମାର ନାୟକ, ମୁନ୍ନା ସୂତ୍ରଧର ପ୍ରମୁଖ ଯୋଗ ଦେଇ ଭୂତଳ ଜଳର ସ୍ଥିତି, ଗୁଣବତ୍ତା ଏବଂ ପରିଚାଳନା ବିଷୟରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉପରୋକ୍ତ ବିଷୟକୁ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଭୂତଳ ଜଳ ପରିଷଦର ସର୍ବେକ୍ଷକ ସୁଜ୍ଞାନ କୁମାର ବେହେରା କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ବୈଜ୍ଞାନିକ ବିଭୂତି ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଶିଶୁ ପୁତ୍ର ଗୁରୁତର

**ସୁକିନ୍ଦା,୧୭।୧୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ କରଡ଼ାଗାଡ଼ିଆ ରାସ୍ତାରେ ଏକ ବାଇକ ଦୁର୍ଘଟଣାରେ ତିନି ବର୍ଷର ଶିଶୁ ପୁତ୍ର ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୋମବାର ସନ୍ଧ୍ୟାରେ ଶିଶୁଟି ଘର ସମ୍ମୁଖରେ ଖେଳୁଥିବା ସମୟରେ ଏକ ବାଇକ ସହ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଆହତ ଶିବ ମୁଣ୍ଡାଙ୍କ ଶିଶୁ ପୁତ୍ର କ୍ରିଷ୍ଣା ମୁଣ୍ଡା ଗୁରୁତର ଆହତ ହୋଇଥିଲା। ପରିବାର ଲୋକେ ଆହତ ଶିଶୁ ପୁତ୍ରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶିଶୁ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଶିକ୍ଷାବିତ୍ ପର୍ଶୁରାମ ସାମଲଙ୍କ ସ୍ମୃତିସଭା




**ବରୀ,୧୭।୧୨(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଳୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ପର୍ଶୁରାମ ସାମଲଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ପ୍ରବୋଧ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାମଲ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ଓଝା, ଅନ୍ୟତମ ଅତିଥି ସମିତିସଭ୍ୟ ସନ୍ତୋଷ କୁମାର ବେଉରିଆ, ପ୍ରବକ୍ତା ପିତ୍ତବାସ ଦାସ, ବ୍ରହ୍ମାନନ୍ଦ ସାମଲ, ଅବସରପ୍ରାପ୍ତ ଶିକ୍ଷାବିତ ରବି ପ୍ରସାଦ ସାମଲ, ସଂଜୀବ ସେନାର ଆବାହକ ସଞ୍ଜିବ ଜେନା, ପୂର୍ବତନ ବିଧାୟିକା ସୁନନ୍ଦା ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପର୍ଶୁରାମ ସାମଲଙ୍କ ବହୁମୁଖି ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ, ଶ୍ରୀବତ୍ସ ସାମଲ, ଗୋପିନାଥ ଦାଶ, ପ୍ରହଲ୍ଲାଦ ରାୟ, ଅଟଳ ବିହାରୀ ନାୟକ, ଡ. ଦେବପ୍ରସାଦ ସାମଲ, ପ୍ରଫୁଲ୍ଲ କୁମାର ସାମଲ, ପ୍ରତିଭା ସାମଲ, ପୀତବାସ ଦାସ, ବ୍ରହ୍ମାନନ୍ଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

### ଯାଜପୁର ରୋଡ୍-ଧାମରା ରେଳପଥ ପ୍ରକଳ୍ପ

# ସଂସଦ ଆଗରେ ସଂଗ୍ରାମ ପରିଷଦର ଧାରଣା

ଯାଜପୁର,୧୭।୧୨(ସମିସ):




ଯାଜପୁର ରୋଡ୍ ଧାମରା ନୂତନ ରେଳପଥ ନିର୍ମାଣ ଓ ଯାଜପୁରଠାରେ ରେଳ ପ୍ରତିଷ୍ଠା କରିବା ପାଇଁ ଦାବି କରି ଯାଜପୁର-ଧାମରା ରେଳପଥ ସଂଗ୍ରାମ ପରିଷଦ ତରଫରୁ ଗତ ୧୫ ତାରିଖ ଅପରାହ୍ନ ୧ ଘଟିକାରୁ ୪ ଘଟିକା ପର୍ଯ୍ୟନ୍ତ ସାଂସଦ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ଏହି ନୂତନ ରେଳପଥ ପାଇଁ ଆବଶ୍ୟକ ମଞ୍ଜୁରୀ ଓ ୨୯୫୦ କୋଟି ଟଙ୍କା ଅର୍ଥ ଅନୁଦାନକୁ ବ୍ୟୟବରାଦ କରିବା ଓ ଯାଜପୁର ଠାରେ ପୂର୍ବତନ ରେଳ ଜୋନାଲ କାର୍ଯ୍ୟାଳୟ ଅଧୀନରେ ଏକ ନୂତନ ଡିଭିଜନ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଦାବି କରି ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ଯାଜପୁର ଧାମରା ରେଳପଥ ହେଲେ ଏହା ଯାଜପୁର ଜିଲ୍ଲା ସଦର ମହକୁମା ସହିତ ଭାରତ ପ୍ରସିଦ୍ଧ ହିନ୍ଦୁମାନଙ୍କର ପିଣ୍ଡଦାନ ସ୍ଥାନ ଯାଜପୁର ନାଭିଗୟା, ବିରଜାକ୍ଷେତ୍ର, ଆଖଣ୍ଡଳମଣି ଶୈବ କ୍ଷେତ୍ର, ଧାମରାଶ୍ୱରୀ ଶକ୍ତିପୀଠ ଓ ଭିତରକନିକା ଭଳି ଏକ ଆର୍ନ୍ତଜାତିକ କୁମ୍ଭୀର ସଂରକ୍ଷଣ ଉଦ୍ୟାନକୁ ସଂଯୋଗ କରିବ। କେନ୍ଦୁଝର, ଯାଜପୁର, ଢେଙ୍କାନାଳ ଓ ଅନୁଗୁଳ ଅଞ୍ଚଳରୁ କ୍ରୋମାଇଟ୍, ନିକେଲ, ଲୁହାପଥର ଓ ଟାଟା ଜିନ୍ଦଲ, ନାଲ୍‌କୋ ଓ ମହାନଦୀ କୋଲ୍‌ଫିଲ୍ଡରୁ ଉତ୍ପାଦିତ ଖଣିଜ ଓ ଉତ୍ପାଦିତ ନିକେଲ, ଆଲୁମିନିୟମ ଷ୍ଟିଲ କମ୍ ସମୟରେ ଓ କମ୍ ବ୍ୟୟରେ ରପ୍ତାନୀ କରାଯାଇପାରିବ। ସେହିଭଳି ଉପକୂଳ ଅଞ୍ଚଳରୁ ଉତ୍ପାଦିତ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ମଧ ରପ୍ତାନୀ କରାଯାଇପାରିବ। ଫାଇନାଲ୍ ଲୋକେସନ ସର୍ଭେ ରିପୋର୍ଟ ଗଲା ପରେ ନୀତି ଆୟୋଗ ଓ ରେଲୱେ ବିଭାଗର ମଞ୍ଜୁରି ପାଇଁ ଏହା ଦୀର୍ଘଦିନ ପଡ଼ିରହିଛି। ୨୦୧୩ ମସିହାରେ ମଲ୍ଲିକାର୍ଜୁନ ଖର୍ଗେ ରେଳମନ୍ତ୍ରୀ ଥିବାବେଳେ ଏହାର ପ୍ରାଥମିକ ସର୍ଭେ ଓ ୨୦୨୩ ମସିହାରେ ଏହାର ସଂପୂର୍ଣ୍ଣ ସର୍ଭେ ଓ ବଜେଟ୍ ଅଟକଳ କରାଯାଇ ପୂର୍ବତଟ ରେଳପଥରୁ ଯାଇ ରେଳବିଭାଗରେ ମଞ୍ଜୁରୀ ଅପେକ୍ଷାରେ ଅଛି। ରେଳମନ୍ତ୍ରୀ ଗତଥର ସଂସଦ ସମ୍ମୁଖରେ ଧାରଣା ସମୟରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଏ ଅବଧି କାର୍ଯ୍ୟକାରୀ କରାଯାଇନାହିଁ। ଅନ୍ୟପକ୍ଷରେ ଏହାକୁ ରେଳବିଭାଗ ନ କରି ଏକ ଘରୋଇ କମ୍ପାନୀକୁ ଦେବା ପାଇଁ ଉଦ୍ୟମ ହେଉଥିବାରୁ ସର୍ବସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏହି ରେଳପଥକୁ ମଞ୍ଜୁରୀ ଓ ଅର୍ଥମଞ୍ଜୁରୀ ବିଳମ୍ବରେ ପ୍ରତିବାଦ କରି ଯାଜପୁର-ଧାମରା ରେଳପଥ ସଂଗ୍ରାମ ପରିଷଦର ଅଧ୍ୟକ୍ଷ, ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ସଂସଦ ନିକଟରେ ଯନ୍ତରମନ୍ତର ଠାରେ ଧାରଣା ଦିଆଯାଇଥିଲା। ତୁରନ୍ତ ଯାଜପୁର ରୋଡ୍ ରେଳପଥକୁ ମଞ୍ଜୁରୀ ଦେଇ ଅର୍ଥ ଅନୁଦାନ ନ ଦେଲେ ଏବଂ ଯାଜପୁର ଠାରେ ଉତ୍ତର ରେଳ ଡିଭିଜନ ପ୍ରତିଷ୍ଠା ନ ହେଲେ ଏହି ଆନ୍ଦୋଳନନକୁ ଆହୁରି ତୀବ୍ରତର କରାଯିବ ବୋଲି ସଂଗ୍ରାମ ପରିଷଦର ସଭାପତି ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଏହି ଧାରଣାରେ ପରିଷଦର ଉପସଭାପତି ମନୋଜ ରାଉତ, ସାଧାରଣ ସମ୍ପାଦକ ସନ୍ତୋଷ ନନ୍ଦ, ସଂଯୋଜକ ଦୁର୍ଯ୍ୟୋଧନ ବେହେରା, ସାଗର ରଂଜନ ପରିଡ଼ା, ମାଗୁଣୀ ଜେନା, ଚିନ୍ମୟ ସୁନ୍ଦର ଦାସ, ଆରତୀ ସ୍ୱାଇଁ, କନକଲତା ମଲ୍ଲିକ, ଆରତୀ ଦେଓ, ଜାନକୀ ମଲ୍ଲିକ, ଦୀପ୍ତି ପ୍ରଧାନ, ସ୍ୱପ୍ନା ବେହେରା, ଖଗେଶ୍ୱର ମଲ୍ଲିକ, ମିହିର ମିଶ୍ର, ସଂଗ୍ରାମ ସାହାଣୀ, ଉମାକାନ୍ତ ମଲ୍ଲିକ, ଉମେଶ ଜେନା, କଳ୍ପନା ପଣ୍ଡା, ଜିତୁ ପଣ୍ଡା, ତରୁଣ ମାଝୀ, ଦେବ ଦାସ, ସମୀର ସାହୁ ଓ ଯାଜପୁର ଅଞ୍ଚଳରୁ ଶତାଧିକ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଶାଘାଇ କଲେଜରେ ଅଭିଭାବକ-ଅଧ୍ୟାପକ ବୈଠକ



ମାର୍ଶାଘାଇ,୧୭ ।୧୨(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ନାତକ ଶ୍ରେଣୀର ଅଭିଭାବକ-ଅଧ୍ୟାପକ ବୈଠକ ଅନୁଷ୍ଠିତ ହୋଇଛି । ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଦୀପକ କୁମାର ମହାନ୍ତି, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ କୁମାର ଦାସ, ଶୈକ୍ଷିକ ଅଧିକାରୀ ପ୍ରାଧ୍ୟାପକ ଡ. ପ୍ରଭାତ ରଞ୍ଜନ ଲେଙ୍କା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ, ବୌଦ୍ଧିକ, ଶୃଙ୍ଖଳା, ଚରିତ୍ର ଗଠନ, ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ଅଭିଭାବକଙ୍କୁ ଅବଗତ କରାଇଥିଲେ । ଅଭିଭାବକଙ୍କ ମଧ୍ୟରୁ ପ୍ରମୋଦ କୁମାର ଦାସ, ମିନତି କୁମାରୀ ଲେଙ୍କା, ବଳରାମ ପଲାଇ ପ୍ରମୁଖ ଛାତ୍ରଛାତ୍ରୀଙ୍କ ବିବିଧ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରାଧ୍ୟାପକ ବିଜୟ କୁମାର ପାତ୍ର, ଅଧ୍ୟାପକ ଡ. ସତ୍ୟବ୍ରତ ମଲ୍ଲିକ, ବାନାମ୍ବର ବାରିକ, ଅଧ୍ୟାପିକା ଜନନୀମଣି ପାତ୍ର, ଲୁସିସ୍ମିତା ଜେନା, ଡ. ମଧୁସ୍ମିତା କର, ରୋହିନା ପରବିନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# କବି ପ୍ରମୋଦ ସେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ରାଜନଗର,୧୭ ।୧୨(ସମିସ): ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ହାଇସ୍କୁଲର ପ୍ରଧାନଶିକ୍ଷକ, କବି ପ୍ରମୋଦ କୁମାର ସେଠୀଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟ ଓ ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ




ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ର, ବରିଷ୍ଠ ନାଗରିକ କୃପାସିନ୍ଧୁ ସାମଲ, କବି ଅଭିରାମ ସାହୁ, ଭବାନୀ ପ୍ରସାଦ ମହାପାତ୍ର, ଶତ୍ରୁଘ୍ନ ତରାଇ, ଶିକ୍ଷାବିତ ସଞ୍ଜୟ କୁମାର ବାଗ, ବୈଲୋଚନ ଦାସ, ପ୍ରଶାନ୍ତ କୁମାର ଜେନା, ବରଦାକାନ୍ତ ଜେନା, ବିଜୟକୁମାର ଜେନା, ହେମନ୍ତ କୁମାର ବାରିକ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଯୁବନେତା ବୈବ୍ରତ ବିଶ୍ୱାଳ, ସାମ୍ବାଦିକ ଭାସ୍କର ରାଉତରାୟ, ବସନ୍ତ କୁମାର ହାତୀ, ଜଗନ୍ନାଥ ଦାସ, ଅଲେଖ ଚନ୍ଦ୍ର ପରିଡ଼ା, ବ୍ରଜ ମିଶ୍ର, ଅଭିରାମ ଦାସ, ରଞ୍ଜନ କୁମାର ପ୍ରଧାନ, ଜଗବନ୍ଧୁ ଖଟୁଆ, ବିଜୟ କୁମାର ଗୁପ୍ତା, ଆଇନଜୀବୀ ଦେବଦତ୍ତ ସେଠୀ ପ୍ରମୁଖ ଯୋଗଦେଇ ପ୍ରମୋଦ ସାରଙ୍କ ସ୍ମୃତିଚାରଣ କରିଥିଲେ । ସାମ୍ବାଦିକ ସୂର୍ଯ୍ୟନାରାୟଣ ଲେଙ୍କା, ତାପସ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗର ଆଲୋଚନାଚକ୍ର




ପଟ୍ଟାମୁଣ୍ଡାଇ,୧୭ ।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଶ୍ରେଣୀ କକ୍ଷରେ ପ୍ରଯୁକ୍ତି ବିଦ୍ୟାର ସମନ୍ୱିତ ଆହ୍ୱାନ ଓ ସମ୍ଭାବନା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ଅଧ୍ୟାପକ ଡ. ପ୍ରଭାକର ମଲ୍ଲିକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ଓ ବ୍ୟବହାର ଉପଯୋଗୀ ଜିନିଷଗୁଡ଼ିକର ଉଦ୍ଭାବନକୁ ବିଜ୍ଞାନ ଓ ଜ୍ଞାନକୌଶଳ ଦ୍ୱାରା ବ୍ୟବହାର ଓ କର୍ମ ଉପଯୋଗୀ କିପରି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ନିବେଦିତା ନାୟକ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଇକ୍ୟୁଏସି ସଂଯୋଜକ ଶୁଭାଶିଷ ମିଶ୍ର ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ସୂଚନା ଦେଇଥିଲେ । ଅଧ୍ୟାପିକା ନମିତା ବେହେରା ଧନ୍ୟବାଦ ଦେଇଥିଲେ ।

# ଗାଡ଼ି ଧକ୍କାରେ ୫ ଷଣ୍ଢ ମୃତ, ୨ ଗୁରୁତର

● ବଜରଙ୍ଗ ଦଳ ପକ୍ଷରୁ ଜାତୀୟ ରାଜପଥରେ ପ୍ରତିବାଦ

ମହାକାଳପଡ଼ା,୧୭ ।୧୨(ସମିସ): ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟରାଜପଥର ବାଲିସୁଆଁ ଛକ ନିକଟରେ ବୁଧବାର ଭୋର ସମୟରେ ଅଜଣା ଗାଡ଼ି ଧକ୍କାରେ ୫ଟି ଷଣ୍ଢଙ୍କ ମୃତ୍ୟୁ ହୋଇଛି । ୨ଟି ଷଣ୍ଢ ଗୁରୁତର ଆହତ ହୋଇଛନ୍ତି । ଏହି ଖବର ପ୍ରଚାର ହେବା ପରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ତଥା ସମାଜସେବୀ ସାଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ରାଜ୍ୟ ଆନିମଲ ହେଲ୍ପଲାଇନ ନମ୍ବର ୧୯୬୨ରେ ଫୋନ କରିବା ପରେ ମହାକାଳପଡ଼ା ବିଭିଓ ଡା. ମନୋଜ କୁମାର ଦାସ ଓ ପାଟୁଳିପଙ୍କ ପଶୁପାଳନ ପରିଦର୍ଶକ ମନୋଜ କୁମାର ଦାସ ପହଞ୍ଚି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେଇଥିଲେ । ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପ୍ରଶାସନର ବେପରୁଆ ଟ୍ରାଫିକ ପରିଚାଳନା ଯୋଗୁଁ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ପ୍ରତିବାଦରେ ଉତ୍ତ୍ୟକ୍ତ ଜନତା ରାସ୍ତାରୋକ କରିଥିଲେ । ଫଳରେ କିଛି ଘଣ୍ଟା ପାଇଁ ରାଜପଥରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା । ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକ ବୁଝାସୁଝା କରିବା ପରେ ବଜରଙ୍ଗଦଳ ସଦସ୍ୟଙ୍କ ପ୍ରଚେଷ୍ଟାରେ ମୃତ ଷଣ୍ଢଗୁଡ଼ିକୁ ପୋତାଯାଇଥିଲା । ଆହତ ଷଣ୍ଢଙ୍କୁ ପଟ୍ଟାମୁଣ୍ଡାଇ ଗୋଶାଳାକୁ ସ୍ଥାନାନ୍ତର କରାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ପ୍ରଶାସନ ଅଧିକ ଗୋଶାଳା ଖୋଲିବା ପାଇଁ ପଦକ୍ଷେପ ନେବାକୁ ବଜରଙ୍ଗଦଳ ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ କର ଦାବି କରିଛନ୍ତି ।

# ୩ ଟ୍ରଲର ଜବତ; ୨୩ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୭ ।୧୨(ସମିସ):








ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ୩ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୨୩ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଗହୀରମଥା ଦାୟିତ୍ୱରେ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ, ସଞ୍ଜୀବ କୁମାର ଦାଶ ଓ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ଓ ଏକକୁଳା ନିକଟରୁ ପାର୍ବତୀ ପତି, ଲକ୍ଷ୍ମୀ ନାରାୟଣ-୧୧ ଓ ଜଳଦେବୀ-୩ ନାମକ ୩ ଟ୍ରଲର ଜବତ କରିଥିଲେ । ଜବତ ଟ୍ରଲରଗୁଡ଼ିକରୁ ୭୭ କୁଇଣ୍ଟାଲ ୧୦ କେଜି ମାଛ, ୩ଟି ଜିପିଏସ, ୭ଟି ଭିଏଚଏଫ, ୨ଟି ଫିସ୍ ଫାଇଣ୍ଡର, ୨୫ଟି ଟ୍ରଲିଂ ନେଟ ଜବତ କରାଯାଇଛି । ଗିରଫ ମତ୍ସ୍ୟଜୀବୀମାନେ ହେଲେ ଅନନ୍ତ ମହାନ୍ତି, ସୁରେନ୍ଦ୍ର ସିଂ, ବିଚିତ୍ର ମଳିକ, ଭାଗବତ ଦାସ, ଅର୍ଜୁନ ମଳିକ, ରାଜେନ୍ଦ୍ର ଦାସ, କାର୍ତ୍ତିକ ମୁର୍ମୁ, ସୁମନ ମାଝୀ, ଦିବିରା ମୁର୍ମୁ, ବାଦଲ ସେନାପତି, ଚକ୍ରଧର ବେହେରା, ଜଗବନ୍ଧୁ ମାଝୀ, ବାପୁନ ଜେନା, ଗୟାଧର ନାଥ, ରତିକାନ୍ତ ସିଂ, ଜଗନ୍ନାଥ ମଳିକ, ବୀରେନ୍ଦ୍ର ଗୋଚ୍ଛାୟତ, ଭୀମା ସର୍ଦ୍ଦାର, ସୁଶାନ୍ତ ମଣ୍ଡଳ, ଶଙ୍କର ସିଂ, ପୁଲେନ୍ଦୁ ମାଇତି, ବଳରାମ ଦଳାଇ, ରାଜେନ୍ଦ୍ର ବେରା । ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଜଗତସିଂହପୁର ଅଞ୍ଚଳର ବୋଲି ଜଣାପଡ଼ିଛି ।

# ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ଉତ୍ସବ



ପଟ୍ଟାମୁଣ୍ଡାଇ,୧୭ ।୧୨(ସମିସ): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ଉତ୍ସବ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସଭାପତି ବିଜୟ କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟା ସଭାପତି ଅଶୋକ ପରିଡ଼ା ମୁଖ୍ୟବକ୍ତା, କାଉନସିଲର ଲାସ୍ୟମୟୀ ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି, ଜିଲ୍ଲା ଓଷ୍ଟା ଉପସଭାପତି ମଧୁଛନ୍ଦା ନାଥଶର୍ମା ଓ ସ୍କୁଲ ପରିଚାଳନା କମିଟି ସଭାପତି ଅନୁସୂୟା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ହେଲେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ମତପ୍ରକାଶ କରିଥିଲେ । ଓଷ୍ଟା ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ଟିଟିକାନ୍ତ ନାୟକ ସ୍ୱାଗତ ଭାଷଣ ଓ ଦିଲୀପ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେଷ ଶ୍ରଦ୍ଧାଞ୍ଜଳି ନାଥଶର୍ମା ଧନ୍ୟବାଦ ଦେଇଥିଲେ । ଏଥିରେ ବ୍ଲକର ବିଭିନ୍ନ ସ୍କୁଲରୁ ଆସିଥିବା ୧୮୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସଭାପତି ବିଜୟ କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, ବିଇଓ ଅଜିତ କୁମାର ବାରିକ ମୁଖ୍ୟବକ୍ତା, ଜିଲ୍ଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ, ପ୍ରାକ୍ତନ ସମ୍ପାଦକ ତପନ କୁମାର ସିଂହ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ପ୍ରାକ୍ତନ ସଭାପତି ଗୋକୁଳ ରାଉତ, ଜିଲ୍ଲା ଓଷ୍ଟା ଯୁଗ୍ମ ସମ୍ପାଦକ ଟିଟିକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବ୍ଲକ ଓଷ୍ଟା ସମ୍ପାଦକ ଅକ୍ଷୟ କୁମାର ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ଜିତେନ୍ଦ୍ର ଦଳାଇ ସ୍ୱାଗତ ଭାଷଣ ଓ ସସ୍ମିତା କର ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଣତଜ୍ୟୋତି ସାମଲ ଧନ୍ୟବାଦ ଦେଇଥିଲେ । ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ଇଟା ମାଫିଆଙ୍କୁ ସାବାଡ଼ କଲେ ତହସିଲଦାର

ଡେରାବିଶ,୧୭ ।୧୨(ସମିସ): ପରିବେଶ ପ୍ରଦୂଷଣ ରୋକିବା ପାଇଁ ସରକାର ମାଟି ପୋଡ଼ା ଇଟା ତିଆରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛନ୍ତି । ହେଲେ ଏହାକୁ ଡେରାବିଶର ଇଟା ମାଫିଆମାନେ ଫୁ କରି ଦେଇଛନ୍ତି । ପ୍ରଶାସନ ଯେତେ ତାଗିଦ କଲେ ମଧ୍ୟ ସେମାନେ ଖାତିର କରୁନାହାନ୍ତି । ଏ ସମ୍ପର୍କରେ ଅଭିଯୋଗ ହେବା ପରେ ବୁଧବାର ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ନାୟକ ଓ କାଉପଡ଼ା ରାଜସ୍ୱ ନିରୀକ୍ଷକ ତହସିଲ ଅଧୀନ ଥକେଇନେଉଳି ଗ୍ରାମରେ ହୋଇଥିବା ବିଭିନ୍ନ ଇଟାଭାଟିରେ ଚଢ଼ଉ କରି କଞ୍ଚା ଇଟାଗୁଡ଼ିକୁ ନଷ୍ଟ କରିବା ସହ ଭାଟିଗୁଡ଼ିକୁ ଭାଙ୍ଗି ଦେଇଥିଲେ । ତହସିଲଦାରଙ୍କ ଏହି ଅଚାନକ ଚଢ଼ଉ ଫଳରେ ଇଟା ମାଫିଆଙ୍କ ମଧ୍ୟରେ ଛନକା ପଶିଛି ।



# ଚଳଚ୍ଚିତ୍ର ପ୍ରଯୋଜକ ରବୀନ୍ଦ୍ର ସାହୁଙ୍କ ପରଲୋକ



କେନ୍ଦ୍ରାପଡ଼ା,୧୭ ।୧୨(ସମିସ): ବିଶିଷ୍ଟ ବ୍ୟବସାୟୀ, ଚଳଚ୍ଚିତ୍ର ପ୍ରଯୋଜକ ରବୀନ୍ଦ୍ର ମୋହନ ସାହୁଙ୍କ ୮୧ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ହୃଦଘାତରେ ପରଲୋକ ହୋଇଛି । ତାଙ୍କ ବିୟୋଗରେ କେନ୍ଦ୍ରପଡ଼ା ସହରରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀର କେନ୍ଦ୍ରାପଡ଼ାସ୍ଥିତ ବାସଭବନରେ ପହଞ୍ଚିବା ପରେ ସହର ତଥା ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଭୁବନେଶ୍ୱରସ୍ଥିତ ଡାକ୍ତରଖାନାରେ ସ୍ୱର୍ଗତ ସାହୁଙ୍କ ଶେଷଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ସାହୁ ବଳଦେବଜୀୟୁ ପ୍ରଡକ୍ସନ୍ସ ବ୍ୟାନରରେ ୧୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରି ସଫଳ ହୋଇଥିଲେ । ସେ ରାଜନୀତିରେ ଯୋଗଦେଇ କେନ୍ଦ୍ରାପଡ଼ା ପୌର ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ସହରର ଉନ୍ନତିମୂଳକ କାର୍ଯ୍ୟ କରିଥିଲେ । କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏଥିସହ ଶ୍ରୀବଳଦେବଜୀୟୁ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ, କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ନିର୍ଦ୍ଦେଶକ ଏବଂ ଭୂ-ଉନ୍ନୟନ ବ୍ୟାଙ୍କର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ବିଜେଡି ନେତା ରଞ୍ଜିତ ସାହୁ ମୁଖାଗ୍ନି ଦେଇଥିଲେ ।

■ ମାଟିତଳେ ପୋତି ହୋଇ ଘରମାଲିକଙ୍କ ମୃତ୍ୟୁ ଘଟଣା

# ପରିବାର ପକ୍ଷରୁ ଥାନାରେ ଅଭିଯୋଗ

କେନ୍ଦ୍ରାପଡ଼ା,୧୭ ।୧୨(ସମିସ): ଅନ୍ଧବିଶ୍ୱାସ ଯୋଗୁଁ ପୁଣି ଏକ ପରିବାର ଉଜୁଡ଼ିଯାଇଛି । ଗୁପ୍ତଧନ ପାଇବା ଆଶାରେ ଖୋଳାଯାଇଥିବା ଗାତରେ ପଡ଼ି ଘର ମାଲିକଙ୍କ ମୃତ୍ୟୁ ଘଟିଛି । କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ପାଳକଣା ଗାଁରେ ଏହି ଘଟଣା ଘଟିବା ପରେ ପୁଲିସ ପ୍ରଶାସନ ତତ୍ପର ହୋଇଉଠିଛି । ପାଳକଣାର ଜଗବନ୍ଧୁ ମହାରଣା ମଙ୍ଗଳବାର ରାତିରେ ଘର ଭିତରେ ପ୍ରାୟ ୧୦ ଫୁଟ ଗଭୀର ଗାତ ଖୋଳୁଥିବା ବେଳେ ହଠାତ୍ ମାଟି ଧସିଯିବାରୁ ସେ ଫସି ଯାଇଥିଲେ । ପ୍ରାୟ ଘଣ୍ଟାଏ କାଳ ୩ ଫୁଟ ମାଟି ତଳେ ଚାପି ହୋଇ ରହିବା ପରେ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ମାମଲାରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ମୁଖ୍ୟ ଗୁଣିଆ ଫେରାର ହୋଇଯାଇଥିବା ବେଳେ ପୁଲିସ ତାଙ୍କର ଦୁଇ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା କରୁଛି ।

### ମୁଖ୍ୟ ଗୁଣିଆ ଫେରାର, ୨ ସହଯୋଗୀ ଅଟକ

ସୂଚନା ଅନୁସାରେ, କଟକ ଜିଲ୍ଲା ନେମାଳ ଅଞ୍ଚଳରୁ ଆସିଥିବା ଜଣେ ଗୁଣିଆ ଜଗବନ୍ଧୁଙ୍କ ଘର ଭିତରେ ସୁନାରୁପା, ମୋତିମାଣିକ୍ୟ ପୋତି ହୋଇ ରହିଥିବା କହି ଅନ୍ଧବିଶ୍ୱାସରେ ଫସାଇଥିଲେ । ଗତ ଏକ ମାସ ଧରି ଘର କବାଟ ବନ୍ଦ କରି ପୂଜାର୍ଚ୍ଚନା ଚାଲିଥିବା ସହ ଗୁଣିଆ ୫୦ ହଜାର ଟଙ୍କାରୁ ଅଧିକ ନେଇଥିବା ଜଣାପଡ଼ିଛି । ସଂକ୍ରାନ୍ତି ଦିନ ସନ୍ଧ୍ୟା ୫ଟାରେ ଗୁଣିଆ ଓ ତାଙ୍କ ଦୁଇ ସହଯୋଗୀ ଜଗବନ୍ଧୁଙ୍କୁ ଗାତ ଖୋଳିବାକୁ ନିର୍ଦ୍ଦେଶ ଦେଇଥିଲେ । ଘଟଣା ଘଟିବା ପରେ ମୁଖ୍ୟ ଗୁଣିଆ ଘଟଣାସ୍ଥଳରୁ ଖସି ପଳାଇଥିବା ବେଳେ ଗାଁ ଲୋକଙ୍କ ହାତରେ ତାଙ୍କ ଦୁଇ ସହଯୋଗୀ ଧରାପଡ଼ିଥିଲେ । ସେମାନଙ୍କୁ ପୁଲିସ ଜିମା ଦିଆଯାଇଛି । ପଡ଼ୋଶୀ ପଦ୍ମଚରଣ ସୂତାର ଓ ତିଳୋତ୍ତମା ସାହୁ କହିଛନ୍ତି, ଅନ୍ଧବିଶ୍ୱାସ ହିଁ ଏହି ଦୁର୍ଘଟଣାର ମୂଳ କାରଣ । ଜଗବନ୍ଧୁଙ୍କ ଭାଇ ଚନ୍ଦ୍ରଭାନୁ ମହାରଣାଙ୍କ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି । ବଢ଼େଇ କାମ କରି ପରିବାର ପ୍ରତିପୋଷଣ କରୁଥିବା ଜଗବନ୍ଧୁଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି । ଜଗବନ୍ଧୁଙ୍କୁ ଉଦ୍ଧାର କରିଥିବା ରଞ୍ଜନ ବାରିକ ଓ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ପ୍ରସାଦ ଜେନା ଗୁଣିଗାରେଡ଼ି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ସଚେତନତା ସୃଷ୍ଟି ପାଇଁ ପ୍ରଶାସନକୁ ଦାବି କରିଛନ୍ତି ।

# ଡ୍ରେନେଜ୍ କଟ୍ ପୁନରୁଦ୍ଧାର ନାମରେ କାଟିଲେ ବଡ଼ ବଡ଼ ତାଳଗଛ

● ବନ ବିଭାଗ ଓ ତହସିଲ ପ୍ରଶାସନ ଜବତ କଲେ ଜେସିବି ମେସିନ୍



ଡେରାବିଶ,୧୭ ।୧୨(ସମିସ): ଡେରାବିଶ ବ୍ଲକ ଅଞ୍ଚଳରେ ପ୍ରତିବର୍ଷ ପରି ଏବେ ଡ୍ରେନେଜ୍ କଟ୍ ସଫେଇ ଚାଲିଛି । ଜେସିବି ମେସିନ୍ ସହାୟତାରେ ଡ୍ରେନେଜ୍ କଟ୍ ଭିତର ଓ ବନ୍ଧର ସଫେଇ କରାଯାଇ ବନ୍ଧକୁ ସୁଦୃଢ଼ ଓ ଏହା ଭିତରର ଦଳ ଇତ୍ୟାଦି ସଫେଇ ଚାଲିଛି । ତେବେ ଆଜି ୧୯ନଂ ଡ୍ରେନେଜ୍ କଟ୍ର ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଫକିରାବାଦ ନିକଟରେ ସଫେଇ ଚାଲିଥିବା ବେଳେ ଜେସିବି ଚାଳକ ଡ୍ରେନେଜ କଟ୍ ବନ୍ଧରେ ରହିଥିବା ଶହଶହ ତାଳଗଛ କାଟିଦେଇଥିବା ଦେଖିବାକୁ ମିଳିଥିଲା । ବଜ୍ରପାତରୁ ସୁରକ୍ଷା ପାଇଁ ସରକାର ଏବେ ତାଳଗଛ ରୋପଣ କରିବା ସହ ପୁରୁଣା ତାଳଗଛ ନ କାଟିବା ପାଇଁ ପରାମର୍ଶ ଦେଇଛନ୍ତି । ହେଲେ ଠିକାଦାର ଜଣକ ଜାଣିଶୁଣି ଡ୍ରେନେଜକଟ୍ ବନ୍ଧରେ ଥିବା ବହୁ ବଡ଼ ବଡ଼ ତଳଗଛ କାଟି ଫୋପାଡ଼ି ଦେଇଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପ୍ରତିବାଦ କରିଥିଲେ । ଖବର ପାଇ ତହସିଲଦାର ସରୋଜକାନ୍ତ ନାୟକ ଓ ବନବିଭାଗ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଳଗଛ ତାଡ଼ିଥିବା ଜେସିବିକୁ ଜବତ କରିଛନ୍ତି ।

# କ୍ଷୀରପ୍ରଭା ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୧୭ ।୧୨(ସମିସ): କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ମାଆ ତଥା ବିଧାୟକ ସୌଭିକ ବିଶ୍ୱାଳଙ୍କ ଜେଜେ ମାଆ କ୍ଷୀରପ୍ରଭା ବିଶ୍ୱାଳଙ୍କ ଚତୁର୍ଦ୍ଦଶାହ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ପେଣ୍ଠପାଳଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ପୂର୍ବତନ ବିଧାୟକ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ଅଣ୍ଡରା ସମବାୟ ସମିତି ସଭାପତି ବୃନ୍ଦାବନ ମଲ୍ଲିକ, ପେଣ୍ଠପାଳ ସମବାୟ ସମିତି ସଭାପତି ଧନେଶ୍ୱର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶିନୀ ତରାଇ, ସମାଜସେବୀ ରାଜେଶ ପଣ୍ଡା, ଅସିତ କୁମାର ସାହୁ, ପୂର୍ବତନ ସରପଞ୍ଚ ବସନ୍ତ ସ୍ୱାଇଁ, ବରିଷ୍ଠ ନେତା କେଦାର ବିଶ୍ୱାଳ, ଟୁକୁ ରାୟ, ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ତରଡ଼ିପାଳ ସମିତି ସଭ୍ୟ ନିରଞ୍ଜନ ବାରିକ, ମିଟୁ ମନୋଜ ନାୟକ, କ୍ଷମାନିଧି ସାମଲ ପ୍ରମୁଖ ଯୋଗଦେଇ କ୍ଷୀରପ୍ରଭାଙ୍କ ସ୍ମୃତିଚାରଣ କରିଥିଲେ । ହେମନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାପାଳଙ୍କ ଅଚାନକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ

● ରୋଗୀ ସେବା, ସଫେଇ ଓ ବ୍ୟବହାର ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୭ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ଗସ୍ତ କରିଥିଲେ । ଗସ୍ତ କାଳରେ ଜିଲ୍ଲାପାଳ ପ୍ରଥମେ ଓପିଡି ଓ ପଞ୍ଜୀକରଣ କାଉଣ୍ଟର ବୁଲି ସେଠାରେ ରୋଗୀଙ୍କୁ ମିଳୁଥିବା ସୁବିଧା, ଲମ୍ବା ଧାଡ଼ି ଓ ସେବା ପ୍ରଦାନ ପ୍ରଣାଳୀ ନିରୀକ୍ଷଣ କରିଥିଲେ । ପରେ ସେ ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କରିଥିଲେ । ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ଚିକିତ୍ସା, ଔଷଧ, ଖାଦ୍ୟ ଓ ସାଧାରଣ ବ୍ୟବହାର ସମ୍ପର୍କରେ ପଚାରି ବୁଝିବା ସହ ସମସ୍ୟାଗୁଡ଼ିକୁ ଗମ୍ଭୀରତାର ସହିତ ଶୁଣିଥିଲେ ଜିଲ୍ଲାପାଳ । ଏହି ଅବସରରେ ଦାୟିତ୍ୱରେ ଥିବା ଡାକ୍ତର ଓ କର୍ମଚାରୀଙ୍କୁ ରୋଗୀଙ୍କ ସହିତ ଉତ୍ତମ ବ୍ୟବହାର କରିବା ସହିତ ଉତ୍ତମ ଚିକିତ୍ସା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଚିକିତ୍ସାଳୟ ପରିସର ଓ ଟୟଲେଟ ସଫେଇ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ସମ୍ପୃକ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଆହାର କେନ୍ଦ୍ରରେ ରୋଗୀ ଓ ସହଯୋଗୀଙ୍କୁ ମିଳୁଥିବା ଖାଦ୍ୟର ଗୁଣମାନ ଓ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ । ଚିକିତ୍ସାଳୟର ଅନ୍ୟାନ୍ୟ ସମସ୍ୟା ଓ ଆବଶ୍ୟକତା ଉପରେ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।



# ଜିଲ୍ଲା ମହୋତ୍ସବ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୭ ।୧୨(ସମିସ):



ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ସ୍ୱଦେଶ ମେଳାର ସଫଳ ଆୟୋଜନ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଓରମାସର ଡେପୁଟି ସିଇଓ ନିରୋଧ ଜେନା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଡିପିସି ମିଶନ ଶକ୍ତି ଆରତୀ ସାହୁ, ସିଡିଭିଓ ମନୋଜ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହମନସିଂ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି, ପଲ୍ଲିଶ୍ରୀ ମେଳା, ଆତ୍ମନିର୍ଭର ସ୍ୱଦେଶ ମେଳା ଓ ଜିଲ୍ଲା ମହୋତ୍ସବ ଆସନ୍ତା ଜାନୁଆରୀ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ । ବୈଠକରେ କାର୍ଯ୍ୟକ୍ରମର ସଫଳ ଆୟୋଜନ, ସୁରକ୍ଷା, ସ୍ୱଚ୍ଛତା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ, ଷ୍ଟଲ୍ ବ୍ୟବସ୍ଥା, ପାର୍କିଂ ଓ ଦର୍ଶକ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରଖି ପ୍ରସ୍ତୁତିକୁ ଆହୁରି ଜୋରଦାର କରିବା ସହ କାର୍ଯ୍ୟକ୍ରମକୁ ସଫଳ ଓ ସ୍ମରଣୀୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।



# ଭୁବନେଶ୍ୱର ସିଟି

## ଆଗକୁ ମକର

# କୋଲକାତାରେ ତିଆରି; ଭୁବନେଶ୍ୱରରେ ବିକ୍ରି

ଭୁବନେଶ୍ୱର, ୧୭।୧୨(ସମିସ): ଆଗକୁ ମକର ସଂକ୍ରାନ୍ତି। ସେଥିପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି ଗୁଡି ବ୍ୟବସାୟ। ଭୁବନେଶ୍ୱରର ହାଟବଜାରଠାରୁ ଆରମ୍ଭକରି ରାସ୍ତାକଡ ସବୁଠି ଆରମ୍ଭ ହୋଇଗଲାଣି ଗୁଡିବିକ୍ରି। ହେଲେ ଭୁବନେଶ୍ୱର କିମ୍ବା ଓଡ଼ିଶାରେ ଗୁଡ଼ି ତିଆରି କରାଯାଉ ନ ଥିବାରୁ ଏଗୁଡ଼ିକ କୋଲକାତାରୁ ଆଣି ଏଠାରେ ବିକ୍ରି କରାଯାଉଛି। ଫଳରେ ବାହାର ରାଜ୍ୟର କାରିଗରମାନେ ଅଧିକ ଲାଭବାନ ହେଉଥିବା ବେଳେ ଓଡ଼ିଶାର ବ୍ୟବସାୟୀମାନେ ମାତ୍ର ଅଳ୍ପ କିଛି ଲାଭ ପାଉଛନ୍ତି।

ପୁରୁଣା ଭୁବନେଶ୍ୱରରେ ବିଭିନ୍ନ ଦୋକାନରେ ଗୁଡି ବିକ୍ରି ଆରମ୍ଭ ହେଲାଣି। ବର୍ଷ ବର୍ଷ ଧରି କଲିକତି ଗୁଡିର ଚାହିଦା ରହିଆସିଛି। କୋଲକାତା, ରାଜସ୍ଥାନ ଏବଂ ଦିଲ୍ଲୀରେ ଏହି ଡିଜାଇନ ଡିଜାଇନ ଗୁଡି ସବୁ ତିଆରି ହୋଇଥାଏ। ହେଲେ କୋଲକାତାରେ କମ ମୂଲ୍ୟରେ ଅଧିକ ଭେରାଇଟିର ଗୁଡ଼ି ମିଳୁଥିବାରୁ ପ୍ରତିବର୍ଷ କୋଲକାତାରୁ ଗୁଡି ଓଡ଼ିଶା ଆସିଥାଏ। ବ୍ୟବସାୟୀମାନେ ହୋଲସେଲ ଦରରେ କଟକ ଚୌଧୁରୀ ବଜାରକୁ ଆଣିଥାନ୍ତି। ପରେ କଟକରୁ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରକୁ ଯାଇଥାଏ। ଗତ ୮ରୁ ୯ ବର୍ଷ ହେବ ଭୁବନେଶ୍ୱରରେ ଗୁଡି ଉଡାକୁ ନେଇ ଅଧିକ ଆଗ୍ରହ ଦେଖିବାକୁ ମିଳୁଛି। ସାଧାରଣତଃ ରାଜଧାନୀ ବଜାରରେ ଜରି ଓ କାଗଜର ଗୁଡି ବିକ୍ରି ହୋଇଥାଏ। ଯେଉଁଥିରେ ଆଗା, ଟୋଇ, ଫୋନାର ଚାହିଦା ଅଧିକ ଥିବା ବ୍ୟବସାୟୀ କହିଛନ୍ତି। ଏହାର ମୂଲ୍ୟ ୪ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ଯାଏଁ ରହିଛି। ହେଲେ କିଛି ବର୍ଷ ହେବ ଦିଲ୍ଲୀରୁ ମଧ୍ୟ କିଛି ପରିମାଣର କପଡ଼ା ଗୁଡି ବଜାରକୁ ଆସୁଛି। ଯାହା ଅନ୍ୟ ଗୁଡି ତୁଳନାରେ ଅଧିକ ରହିଥାଏ। ଯାହାର ମୂଲ୍ୟ ଦେଢ଼ ଶହ ଟଙ୍କାରୁ ଆରମ୍ଭ ହେଉଛି। ପୂର୍ବରୁ ବ୍ୟବହାର ହେଉଥିବା କୁଣ୍ଡ, ଡାବା, ତ୍ରିରଙ୍ଗା, ହରେକ୍ ଲାଞ୍ଜ କାଗଜ ଗୁଡି ମଧ ବଜାରରେ କାଁ ଭାଁ ଦେଖିବାକୁ ମିଳୁଛି। ଏନେଇ ପୁରୁଣା ଭୁବନେଶ୍ୱରର ଗୁଡି ବ୍ୟବସାୟୀ ସରୋଜ ସାହୁ କୁହନ୍ତି, ଗତ ବର୍ଷ ଭଳି କିନ୍ତୁ ଏଥର କଟକ ବଜାରରେ ସେତେ ଗୁଡି ନାହିଁ। ଫଳରେ ବ୍ୟବସାୟୀମାନେ ଆଗ ଅପେକ୍ଷା କମ ପରିମାଣର ଗୁଡି ସାଙ୍ଗରେ ନେଇ ଆସିଛନ୍ତି। ସେ ପୁଣି ସୀମିତ ଦୁଇ ତିନିଟି ଭେରାଇଟି। ଅନ୍ୟ ବର୍ଷ ଅପେକ୍ଷା ଏଥର ଗୁଡିର ମୂଲ୍ୟ ବଢ଼ିଥିବାରୁ ଅଳ୍ପ ପରିମାଣର ବିକ୍ରି ହେଉଛି। ଯାହାର ଦାମ ୪ ଟଙ୍କା ଥିଲା ତାହା ୬ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ସବୁଥିର ମୂଲ୍ୟ କୋଲକାତା ମାର୍କେଟରେ କାରିଗର ବଢେଇ ଦେଇଛନ୍ତି। ତେଣୁ ଚଳିତ ବର୍ଷ କମ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ ଆକଳନ କରିଛନ୍ତି।

**■ ଏଥର ବଜାରରେ କମିଛି ଗୁଡ଼ିର ଭେରାଇଟି, ବିକ୍ରି କମିବା ଆଶାରେ ବ୍ୟବସାୟୀ**



### ଗୁଡ଼ି ଉଡ଼ାଇବାକୁ ଜାଗା ନାହିଁ

ସାଧାରଣତଃ ଗୁଡି ପଡ଼ିଆ କିମ୍ବା ନଦୀ ପଠାରେ ଉଡାଯାଇଥାଏ। ହେଲେ ରାଜଧାନୀ ଭୁବନେଶ୍ୱରରେ ବର୍ତ୍ତମାନ ଫାଙ୍କା କିଛି ପଡ଼ିଆ ଦେଖିବାକୁ ମିଳୁନି। ଯୁଆଡେ ଚାହିଁଲେ ମାଳ ମାଳ କୋଠା ସାଙ୍ଗକୁ କଂକ୍ରିଟ ରାସ୍ତା। ସେଥିପାଇଁ ଲୋକ ଗୁଡି କେଉଁଠି ଉଡାଇବେ ଚିନ୍ତାରେ ଅଛନ୍ତି। କାରଣ ପଡ଼ିଆରେ ଗୁଡି ଉଡାଇବା ଓ କୋଠା ଛାତରେ ଉଡାଇବା ଭିତରେ ଫରକ ଅଛି। କଟକରେ ନଦୀ ପଠା ଅଛି ହେଲେ ଭୁବନେଶ୍ୱରରେ ନଦୀ ପଠା ଥିଲେ ବି କଟକ ଭଳି ବିସ୍ତୀର୍ଣ୍ଣ ନୁହେଁ। ଫଳରେ କେଉଁଠି ଉଡାଇବେ ତାକୁ ନେଇ ଲୋକ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି ପୁରୁଣା ଭୁବନେଶ୍ୱରର ଜଣେ ବାସିନ୍ଦା ଶୁଭମ ପଣ୍ଡା କହିଛନ୍ତି।

## ଘରୋଇ ହିଂସା ସଂକ୍ରାନ୍ତ ଆଲୋଚନାଚକ୍ର




ଭୁବନେଶ୍ୱର, ୧୭ ।୧୨(ସମିସ): ସୋସାଇଟ୍ ଫର୍ ନେଚର ଏଜୁକେସନ ଆଣ୍ଡ ହେଲଥ୍ (ସ୍ନେହ) ପକ୍ଷରୁ ବୁଧବାର ରେଡ୍‌କ୍ରସ ଭବନ ଠାରେ ଘରୋଇ ହିଂସା ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ମହିଳା କମିସନର ସଭ୍ୟା କଳ୍ପନା ମଲ୍ଲିକ, କମିଶନର ସଭ୍ୟା ଏବଂ ଶିଶୁ ସୁରକ୍ଷା ଆୟୋଗର ପୂର୍ବତନ ଅଧକ୍ଷ୍ୟା କସ୍ତୁରୀ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା କୋର୍ଟର ମୁଖ୍ୟ ପରାମର୍ଶଦାତା ଡ. ମଧୁମିତା ଦାଶ, ସାମ୍ବାଦିକା ସୁପ୍ରିୟା ଦାସ, ସ୍ତମ୍ଭକାର ଶ୍ୱେତାକୃତ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ନେହ ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସ୍ନେହଦ୍ୱାରା ସାଲିଆ ସାହି ବସ୍ତିରେ ଗଠିତ 'ରେଷ୍ଟୋରେଟିଭ୍ ଜଷ୍ଟିସ' ଗୋଷ୍ଠୀର ସଭ୍ୟାମାନେ ଯଦି କିଛି ବି ହିଂସା ସଂକ୍ରାନ୍ତ ଘଟଣା ଆସେ ତେବେ କେଉଁଭଳି ଭାବରେ ଏହାର ସମାଧାନ ହୋଇପାରିବ ଏହା ଉପରେ ଏକ ଡ଼େମୋ ପ୍ରଦର୍ଶନ କରିଥିଲେ। ଦିବାକର ମାହାଳୀ ପରିଚାଳନା କରିଥିବା ବେଳେ ସ୍ୱସ୍ତିକା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ପୋଖରୀପୁଟ ଡିଏଭି ସ୍କୁଲରେ 'ବସ୍ତାନି' ଉଦ୍‌ଯାପିତ



ଭୁବନେଶ୍ୱର, ୧୭ ।୧୨(ସମିସ): ଡିଏଭି ପବ୍ଲିକ୍ ସ୍କୁଲ ପୋଖରୀପୁଟରେ ବାର୍ଷିକ ଉତ୍ସବ 'ବସ୍ତାନି' ଉଦ୍‌ଯାପିତ ହୋଇଯାଇଛି। ପାରମ୍ପରିକ ରୀତିରେ ବେଦମନ୍ତ୍ର ପାଠ ସହ ଡିଏଭିଗାନପୂର୍ବକ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ଡ଼. ଅରୁଣ କୁମାର ରଥ ଅତିଥିମାନଙ୍କର ସ୍ୱାଗତ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଯୋଗ ଦେଇ ବିଦ୍ୟାର୍ଥୀ, ଅଭିଭାବକ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଞ୍ଚସୂତ୍ରୀ ପରାମର୍ଶ ପ୍ରଦାନ କରିଥିଲେ। ଡିଏଭି କଳିଙ୍ଗନଗରର ଚେୟାରମ୍ୟାନ ମଦନ ମୋହନ ପଣ୍ଡା ଏବଂ ଡିଏଭି ଓଡ଼ିଶା ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିଥିଲେ। ଡିଏଭି ଜୋନ୍ ଏଫ୍‌ର ସହ ଆଞ୍ଚଳିକ ଅଧିକାରୀ ତଥା ବିଦ୍ୟାଳୟର ଅଧକ୍ଷ ବିପିନ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତିତ୍ୱଧାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସାଂସ୍କୃତିକ ବିଭାଗର ସହ ସଂଯୋଜିକା ସ୍ମିତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମକୁ ଉପସ୍ଥିତ ଦର୍ଶକମାନେ ପ୍ରଶଂସା କରିଥିଲେ।

## ସ୍ୱାସ୍ଥ୍ୟସେବା ଓ ଶୀତବସ୍ତ୍ର ପ୍ରଦାନ

ଭୁବନେଶ୍ୱର, ୧୭।୧୨(ସମିସ): ରୋଟାରୀ କ୍ଲବ ଏବଂ ସେବା ପ୍ରତିନିଧି ଅନୁଷ୍ଠାନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଓ ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରୋଟାରୀ କ୍ଲବ ୩୨୬୨ ସଭାନେତ୍ରୀ ନଳିନୀ ମହାନ୍ତି, ଚ୍ୟାରପରସନ୍ କମ୍ୟୁନିଟି ସରଭିସ୍ ଡ. କାଜଲ୍ ରକ୍ଷିତ୍, ରୋଟାରୀଆନ୍ ସସ୍ମିତା ବେହେରା, ବାସନ୍ତୀ ରଥଙ୍କ ସମେତ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ବ୍ଲକର ହୁଡା ସାହିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ହୁଡା ସାହିର ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଥିଲା। ଏହା ସହ ସାହିର ସମସ୍ତଙ୍କୁ ଶୀତ ବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଛି। ଏଥିରେ ସଭାନେତ୍ରୀ ନଳିନୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ଆଗାମୀ ସପ୍ତାହରେ ସୁନ୍ଦରପଦାରେ ସ୍ୱାସ୍ଥ୍ୟ ସେବା ଶିବିର ଓ ଶୀତ ବସ୍ତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ନିକଟରେ ଜାଆଁଳାରେ ଥିବା ମିଶନ ଆଶ୍ରାରେ ରୋଟାରୀ ୩୨୬୦ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଯେଉଁଠି ଔଷଧ ଓ ନୂତନ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା।

## ଆମ୍ବେଦକର ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ



ଭୁବନେଶ୍ୱର, ୧୭।୧୨(ସମିସ): ଡୁମୁଡୁମାସ୍ଥିତ ଆମ୍ବେଦକର ଶିକ୍ଷାକେନ୍ଦ୍ର ବିଦ୍ୟାଳୟର ୨୦ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅକ୍ଷୟ କୁମାର ଜେନା ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ସଭାପତି ସୟଦ ନେସାର୍ ଅଲ୍ଲୀ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସୁରେଶ୍ୱରୀ ନାୟକ ଯୋଗ ଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅଖିଳେଶ୍ୱରୀ ନାୟକ ଏବଂ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀମାନେ କାର୍ଯ୍ୟ ପରିଚାଳନା କରିଥିଲେ।

## ସେଣ୍ଟ୍ ଜାଭିଅର୍ସ ହାଇସ୍କୁଲ ଖଣ୍ଡଗିରିର ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୧୭ ।୧୨(ସମିସ): ଖଣ୍ଡଗିରିସ୍ଥିତ ସେଣ୍ଟ୍ ଜାଭିଅର୍ସ୍ ହାଇସ୍କୁଲର ବାର୍ଷିକ ଉତ୍ସବ ଚଳିତ ବର୍ଷ ଦୁଇଦିନ ଧରି ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଅତିଥି ଭାବେ ଆୟକର ବିଭାଗର ପୂର୍ବତନ ପ୍ରଧାନ ମୁଖ୍ୟ କମିସନର ପରିମିତା ଶତପଥୀ ଉପସ୍ଥିତ ରହିଥିଲେ। ସେହିଭଳି ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଓଡ଼ିଶା ହାଇକୋର୍ଟର ନ୍ୟାୟମୂର୍ତ୍ତି ବି ପି ଶତପଥୀ ଉପସ୍ଥିତ ରହିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରାଜକମଲ ଚୌହାନ, ସମ୍ପାଦକ ବିବେକ ଭୂୟାର, ପରିଚାଳନା ସମିତିର ସଭ୍ୟ ଅନୁରାଧା ଭୂୟାର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତା ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାଂସ୍କୃତିକ ଓ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୭।୧୨(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଉଭୟ ସାଂସ୍କୃତିକ ଓ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ସିକ୍କିମ ବିଶ୍ୱବିଦ୍ୟାଳୟ ସହ ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିକ୍କିମ୍ ବିଶ୍ୱବିଦ୍ୟାଳୟର ସଙ୍ଗୀତ ବିଭାଗୀୟ ମୁଖ୍ୟ ଡ. ବିଲମ୍ବିତା ବାଣୀସୁଧା ଓ ସହକାରୀ ପ୍ରଫେସର ସମିଧା ବେଦବାଲାଙ୍କ ନିର୍ଦ୍ଦେଶନାରେ ସିକ୍କିମ୍ କଳାକାରମାନେ ସିତାର ଓ ବେହେଲାର ଯୁଗଳବନ୍ଦୀ, ଭକ୍ତିସଙ୍ଗୀତ ଓ ସିକ୍କିମର ଲୋକପ୍ରିୟ ଲୋକସଙ୍ଗୀତ ପରିବେଷଣ କରିଥିବା ବେଳେ ଓଡ଼ିଶାର ଲୋକପ୍ରିୟ ଛଉନୃତ୍ୟ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ବିଶ୍ୱବିଦ୍ୟାଳୟ ଓ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଓ ଟେକ୍ନୋଲୋଜିର ମିଳିତ ଆନୁକୂଲ୍ୟରେ ଏକ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଓଡ଼ିଶାର କଳା ଓ କାରିଗରୀର ମୂଲ୍ୟ ଦୃଷ୍ଟି : ଆହ୍ୱାନ ଓ ସୁଯୋଗ' ଶୀର୍ଷକ ବିଶେଷଜ୍ଞ ଅଧିବେଶନରେ ସୃଷ୍ଟି ଏକାଡେମୀର ଅଧକ୍ଷ ପ୍ରଫେସର ଉମାକାନ୍ତ ଦାଶ ଓଡ଼ିଶାର କଳାକୃତିଗୁଡିକ କେମିତି ବିଶ୍ୱସ୍ତରରେ ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସହଯୋଗୀ ପ୍ରଫେସର ଡ. ଶିଶିର ରଞ୍ଜନ ଦାଶ ତାଙ୍କ ବକ୍ତବ୍ୟରେ ଓଡ଼ିଶାର କାରିଗରୀ କଳାକୃତିଗୁଡିକର ଡିଜିଟାଲ ମାର୍କେଟିଂର ଆବଶ୍ୟକତା ଓ ସୁଯୋଗ ସମ୍ପର୍କରେ ତଥ୍ୟଭିତ୍ତିକ ବକ୍ତବ୍ୟ ରଖିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସାଂସ୍କୃତିକ ଓ ଶୈକ୍ଷିକ କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ସ୍ୱାଗତ ଭାଷଣ ଦେବା ସହ ସିକ୍କିମର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ପ୍ରଫେସର ଡ. ଶାରଦା ପ୍ରସନ୍ନ ଦାଶ ଓ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



## କବିତା ପୁସ୍ତକ 'ନମ୍ରିୟତେ' ଲୋକାର୍ପିତ

ଭୁବନେଶ୍ୱର, ୧୭।୧୨(ସମିସ): ସପ୍ତମ ରାଜ୍ୟ ପୁସ୍ତକ ମହୋତ୍ସବରେ ବାଜି ରାଉତ ମଞ୍ଚରେ ପକ୍ଷୀଘର ପ୍ରକାଶନୀ ପ୍ରକାଶିତ କବି ପ୍ରଶାସକ ରଞ୍ଜନ କୁମାର ଦାସଙ୍କ କବିତା ପୁସ୍ତକ 'ନମ୍ରିୟତେ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ କବି ଓ ଚିନ୍ତକ ହରପ୍ରସାଦ ଦାସ। ଅନ୍ୟତମ ଅତିଥି ଭାବେ କବି ଭଗବାନ ଜୟସିଂ ଏବଂ ଲେଖକ ରଞ୍ଜନ କୁମାର ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ବହିର ଚିତ୍ରକର ଚିନ୍ତାମଣି ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପକ୍ଷୀଘରର ମୁଖ୍ୟ ବନୋଜ ତ୍ରିପାଠୀ ପରିଚାଳନା କରିଥିଲେ।

## ପୁସ୍ତକ ଉନ୍ମୋଚନ ଓ ସମ୍ମାନ ପ୍ରଦାନ ସମାରୋହ

ଭୁବନେଶ୍ୱର, ୧୭।୧୨(ସମିସ): ବିଦ୍ୟା ପବ୍ଲିଶିଙ୍ଗ୍ ଇଙ୍କ୍ ଦ୍ୱାରା ୭ମ ରାଜ୍ୟ ପୁସ୍ତକ ମହୋତ୍ସବ ବାଜିରାଉତ ମଞ୍ଚରେ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ୧୨ ଜଣ ସ୍ରଷ୍ଟାଙ୍କର ସ୍ୱରଚିତ ପୁସ୍ତକ ଲୋପର୍କଣ ସହ ପାଣ୍ଡୁଲିପି ଆହ୍ୱାନ କାର୍ଯ୍ୟକ୍ରମରେ ଯୁବ ଲେଖିକାଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା। ଏଥିରେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ, ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଶିଷ୍ଟ ସାହିତ୍ୟିକା ସାରଳା ପୁରସ୍କାର ବିଜୟିନୀ ବନଜ ଦେବୀ, ସାହିତ୍ୟିକା ପ୍ରଫେସର ସଂଘମିତ୍ରା ମିଶ୍ର, ସାହିତ୍ୟିକା ଡ. ଜୟନ୍ତୀ ରଥ, ବିଶିଷ୍ଟ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟା ପବ୍ଲିଶିଙ୍ଗ୍ ଇଙ୍କ୍ ପ୍ରକାଶନ ସଂଯୋଜିକା ଅଧ୍ୟାପିକା ଡ. ସରୋଜିନୀ ପାଣି ପରିଚାଳନା କରିଥିବା ବେଳେ ଧନ୍ୟବାଦ ଜ୍ଞାପନ କରିଥିଲେ ସାହିତ୍ୟିକା ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ। ଏହି ଉପଲକ୍ଷେ ବେଦପାଠ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ବ୍ୟଙ୍ଗ ବରିଷ୍ଠ ସମ୍ମାନ ସମାରୋହ

ଭୁବନେଶ୍ୱର, ୧୭।୧୨(ସମିସ): ନାସନାଲ ହ୍ୟୁମାନ ୱେଲଫେୟାର ବୋର୍ଡ ଟ୍ରଷ୍ଟ ତରଫରୁ ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାର କବି ରମାକାନ୍ତ ରଥ ମଞ୍ଚରେ ମଙ୍ଗଳବାରିଆ ସାହିତ୍ୟ ସଭାରେ ବ୍ୟଙ୍ଗ ବରିଷ୍ଠ ସମ୍ମାନ ସମାରୋହ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ବରିଷ୍ଠ ସ୍ନାୟୁଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର, କବି ଡ. ରକ୍ଷକ ନାୟକ, ଅନୁଷ୍ଠାନର ଅଧକ୍ଷ ଡ. ଶାରଦା ପ୍ରସାଦ ମହାପାତ୍ର, ନିର୍ଦ୍ଦେଶକ ଡ. ସୌଭାଗ୍ୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଶିଷ୍ଟ ବ୍ୟଙ୍ଗକାର ଉମାପଦ ବୋଷ ଏବଂ ବ୍ୟଙ୍ଗଚିତ୍ର ବିଭାଗରେ ସୁନାରାମ ସିଂଙ୍କୁ 'ବ୍ୟଙ୍ଗ ବରିଷ୍ଠ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ଏହାପରେ 'ହସ ମହୌଷଧୀ' ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ରମାକାନ୍ତ ମିଶ୍ର, ସିନେ ପ୍ରଯୋଜକ ଅକ୍ଷୟ ପରିଜା, ଫ୍ରାଙ୍କ୍‌ଲିନ୍ ଗ୍ରୁପର ଅଧକ୍ଷ ଡ. ଆଲୋକ କୁମାର କର, ବ୍ୟଙ୍ଗ ଲେଖକ ଡ. ପୀତବାସ ରାଉତରାୟ, ବିଶିଷ୍ଟ ବ୍ୟଙ୍ଗ ଚିତ୍ରଶିଳ୍ପୀ କେ.କେ ରଥ ଏବଂ ସଂସ୍ଥାର ଅଧକ୍ଷ ଡ. ଶାରଦା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଡ. ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ଶେଷରେ ହାସ୍ୟ କଳାକାର ଡ. କୁଳାଙ୍ଗାର ଏବଂ ବିଭୂ ମିଶ୍ରଙ୍କ ହାସ୍ୟ ବ୍ୟଙ୍ଗ କବିତା ଯୁଗଳବନ୍ଦୀ ଉପସ୍ଥିତ ଶ୍ରୋତାଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଶେଷରେ ଅନୁଷ୍ଠାନର ଅଧକ୍ଷ ଶାରଦା ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାତ୍ରପଡ଼ା-ଭଗବାନପୁର ହାଇସ୍କୁଲ୍‌ର କ୍ରୀଡ଼ା ଉତ୍ସବ



ଭୁବନେଶ୍ୱର, ୧୭।୧୨(ସମିସ): ବୁଧବାର ସରକାରୀ ଉଚ୍ଚ ବିଦ୍ୟାଳୟ ପାତ୍ରପଡ଼ା-ଭଗବାନପୁରର ୫୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାପତି ରବୀନ୍ଦ୍ର ନାଥ ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଜ୍ୟୋତିର୍ମୟୀ ସ୍ୱାଇଁ ଓ ବରିଷ୍ଠ ଶିକ୍ଷୟିତ୍ରୀ ଲିପିକା ଦାସ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଏନସିସି, ରେଡକ୍ରସ, ସ୍କାଉଟ୍ ଓ ଇକୋ କ୍ଲବ୍‌ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଭିବାଦନ ପ୍ରଦର୍ଶନ କରାଯାଇଥିଲା। ଏହି ଉତ୍ସବ ତିନି ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଶେଷ ଦିନ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ କରାଯିବ। ବିଦ୍ୟାଳୟରୁ ରାଜ୍ୟସ୍ତରକୁ ବିଭିନ୍ନ କ୍ରୀଡ଼ା ପାଇଁ ବଛାଯାଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଏମପିଇଡି ଛାତ୍ର ଲିପୁନ୍ ନାୟକ ଓ ଶିଶିର ଗୁରୁଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରିଡ଼ା ଗୁରୁ ରତ୍ନ ପୂର୍ଣ୍ଣା ସାହୁ ଓ ବିଭୁ ରଞ୍ଜନ ଚମ୍ପତିଙ୍କୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଜିର ଅଭିବାଦନ ପ୍ରଦର୍ଶନ ପାଇଁ ଧନ୍ୟବାଦ୍ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ମାନିନୀ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ ବୀଣାପାଣି ପ୍ରଧାନ ଧନ୍ୟବାଦ୍ ଦେଇଥିଲେ।

**● ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍**

## ପ୍ରଥମ ସେମିଫାଇନାଲ୍‌କୁ ଗଲା ଜଗା ୟୁନାଇଟେଡ




ବଡ଼ରଘୁନାଥପୁର, ୧୭।୧୨ (ସମିସ): ଭୁବନେଶ୍ୱର ଉପକଣ୍ଠ ମଦନପୁର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୧୪ ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍‌ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍‌ରେ ଜଗା ୟୁନାଇଟେଡ ୨-୦ ଗୋଲ୍‌ରେ ବକ୍ସର ୱାରିଅର୍ସ ବିହାରକୁ ହରାଇ ପ୍ରଥମ ସେମିଫାଇନାଲ ମ୍ୟାଚରେ ପ୍ରବେଶ କରିଛି। ଏହି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଜଗା ୟୁନାଇଟେଡ ଭୁବନେଶ୍ୱର ପକ୍ଷରୁ ମୁନା ସିଂହ ୨୧ ମିନିଟରେ ଏବଂ ହାମ୍ବ୍ରା ହେମ୍ବ୍ରମ ୩୬ ମିନିଟ୍ ରେ ଗୋଲ୍ ସ୍କୋର କରି ଜଗା ୟୁନାଇଟେଡ ଭୁବନେଶ୍ୱରକୁ ବିଜୟୀ କରିଛନ୍ତି। ଆଜିର ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜଟଣୀ ନିର୍ବାଚନ ମଣ୍ଡଳୀର ସମାଜସେବୀ ସୁରଜ୍ ପାଇକରାୟ ଯୋଗ ଦେଇ ଥିଲେ। ଏଥି ସହ ଶିବଶଙ୍କର ପଣ୍ଡା, ଶିବ ସାମନ୍ତରାୟ, ଶିବ ଦେହୁରୀ, ସୁଜିତ୍ ପାତ୍ର ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଆସନ୍ତାକାଲି ଜଗା ୟୁନାଇଟେଡ ଭୁବନେଶ୍ୱର ଓ ରାଜଧାନୀ ଏଫ୍‌ସି ଜଗତସିଂହପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି।

## ଆକର୍ଷଣ ହରାଉଛି ରାଜଧାନୀର ସେଲ୍‌ଫି ପଏଣ୍ଟ

# ସୌନ୍ଦର୍ଯ୍ୟକରଣ ଏବେ ବିପଦର କାରଣ

ଭୁବନେଶ୍ୱର, ୧୭।୧୨(ସମିସ): ରାଜଧାନୀର ପ୍ରମୁଖ ଆକର୍ଷଣସ୍ଥଳୀ ଏବେ ତାର ସୌନ୍ଦର୍ଯ୍ୟ ହରାଇବାକୁ ବସିଲାଣି। ଯେଉଁଠି ଦିନେ ରିଲ୍‌ସ ପାଇଁ ଭିଡ ହେଉଥିଲା, ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଉପକରଣଗୁଡିକ ନଷ୍ଟ ହେବାକୁ ବସିଲାଣି। ବିଶେଷକରି ମାଷ୍ଟରକ୍ୟାଣ୍ଟିନ ନିକଟରେ ଥିବା ଆଇ ଲଭ ଭୁବନେଶ୍ୱର ଏବେ ତାର ଆକର୍ଷଣ ହରାଇବାକୁ ବସିଛି। ଫଳରେ ଏସବୁ ଭଙ୍ଗା ସାମଗ୍ରୀଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଯାଇଛି। ଯାହା ସହରକୁ ସୌନ୍ଦର୍ଯ୍ୟ କରିବା ପରିବର୍ତ୍ତେ ବିକୃତ କରୁଛି।

ରାଜଧାନୀର ସୌନ୍ଦର୍ଯ୍ୟୀକରଣ ବଢ଼ାଇବାକୁ ବିଭିନ୍ନ ସ୍ଥାନରେ ବା ଛକରେ ନିର୍ମିତ ହୋଇଥିଲା ସେଲଫି ପଏଣ୍ଟ, ଥିମ୍ ବେସଡ୍ ଷ୍ଟାଚ୍ୟୁ ଏବଂ ମୂର୍ତ୍ତି ଇତ୍ୟାଦି। ଗୋଟିଏ ସମୟରେ ତାହା ଆକର୍ଷଣରେ କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଯେଉଁଠି ପ୍ରତିଦିନ ଲୋକ ଫଟୋ ଉଠାଇବା ଏବଂ ରିଲସ କରିବାକୁ ଭିଡ ଲଗାଇଥାନ୍ତି। ୫ରୁ ୬ ବର୍ଷ ତଳେ ମାଷ୍ଟର କ୍ୟାଣ୍ଟିନ ଛକରେ ନିର୍ମାଣ କରାଯାଇଥିଲା 'ଆଇ ଲଭ ଭୁବନେଶ୍ୱର' ସେଲଫି ପଏଣ୍ଟ। ତାର ଚାରିପାଖକୁ ମଧ ଲାଇଟ ମାଧ୍ୟମରେ ସୁସଜ୍ଜିତ କରାଯାଇଥିଲା। ହେଲେ ବର୍ତ୍ତମାନ କାହାର ଲାଇଟ ଜଳୁନି ତ କେଉଁ ଲେଖାରେ କଳଙ୍କି ଲାଗି ଭାଙ୍ଗିବା ଅବସ୍ଥାକୁ ଆସିଲାଣି। ସନ୍ଧ୍ୟା ସମୟରେ ଏହାର ଦୃଶ୍ୟ ଅଧିକ ଆକର୍ଷଣୀୟ କରିବାକୁ ରଙ୍ଗବେରଙ୍ଗର ଲାଇଟ ମଧ ତାର ଚାରିପାଖରେ ଲଗାଯାଇଥିଲା। କେବଳ ସେହି ସ୍ଥାନ ନୁହଁ ଶିଶୁ ଭବନ ଛକ ନିକଟରେ ଥିବା 'ଏକାମ୍ରକ୍ଷେତ୍ର' ଲେଖା ଚାରିପାଖ ଅବସ୍ଥା ବି ସମାନ। କେଉଁଠି ଲାଇଟ ଜଳୁନି ତ କେଉଁଠି ଅଳିଆ ଆବର୍ଜନାରେ ଭର୍ତ୍ତି ହେଲାଣି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ସେହିଭଳି ଭଙ୍ଗା ସାମଗ୍ରୀଗୁଡ଼ିକ ରାସ୍ତାକଡ଼ରେ ବିପଦର କାରଣ ପାଲଟିଛି। ସେହିଭଳି ଭଙ୍ଗା ସାମଗ୍ରୀଗୁଡ଼ିକ ଅବର୍ଜନା ଭାବେ ପଡ଼ି ରହିଥିବା ବେଳେ ସେଠାରେ ଅନାବନା ସାମଗ୍ରୀ ରାସ୍ତା ଅବରୋଧ କରୁଛି। ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଭୁବନେଶ୍ୱରରୁ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏସବୁ ସାମଗ୍ରୀ ପଡ଼ି ରହିବା ଯୋଗୁଁ ସେଠାରେ ବିଭିନ୍ନ ଜୀବଜନ୍ତୁ ରହୁଛନ୍ତି। ପାଣି ଜମି ରହିବା ଦ୍ୱାରା ମଶାଙ୍କ ଏନ୍ତୁଡ଼ିଶାଳ ପାଲଟିଛି ଏବଂ ତାହା ବିଭିନ୍ନ ରୋଗର କାରଣ ପାଲଟୁଛି।







# ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ




**ଦେବଗଡ଼, ୧୭।୧୨(ସମିସ):** ଜିଲ୍ଲା ପ୍ରଶାସନ ଓ ଘରୋଇ ବସ ମାଲିକ ସଂଘ ପକ୍ଷରୁ ନୂଆ ବାଲିରୋଇ ଠାରେ ନବନିର୍ମିତ ବସଷ୍ଟାଣ୍ଡ ଦୀର୍ଘଦିନ ପ୍ରତୀକ୍ଷା ପରେ ବୁଧବାର କାର୍ଯ୍ୟକ୍ଷମ ହୋଇଛି। ଆଜି ଭୋର ୫.୧୫ରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ୍ ମିଶ୍ର, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ ଓ ଘରୋଇ ବସ୍ ମାଲିକ ସଂଘ ସଭାପତି ରାଜକିଶୋର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ନୂତନ ବସଷ୍ଟାଣ୍ଡକୁ ତଦାରଖ ପରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ସବୁଜ ପତାକା ଦେଖାଇ ବସ୍ ଚଳାଚଳର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଘରୋଇ ବସ ମାଲିକ ସଙ୍ଘ ସମ୍ପାଦକ ପୂର୍ଣ୍ଣାନନ୍ଦ ପାଣି, ସଦସ୍ୟ ଉମା ଶଙ୍କର ସାହୁ, ସୋମନାଥ ଦାସ, ଇଂ.ସୁଜିତ୍ ପ୍ରଧାନ, ସୁଧୀର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଘରୋଇ ବସ୍ ମାଲିକ ସଂଘ ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା



**ଝାରସୁଗୁଡ଼ା, ୧୭।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅଧୀନ ତାଳମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ଗାଁ ମଝିରେ ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀମାନେ କ୍ୟାମ୍ପେନ ସଙ୍ଗୀତରେ ନୃତ୍ୟ ପରିବେଷଣ କରି 'ଆସ ସ୍କୁଲ ଯିବା'ର ବାର୍ତ୍ତା ଦେଇଥିଲେ। ପ୍ରଧାନଶିକ୍ଷକ ସୁଧୀର ଡନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳର ସୁନାମଧନ୍ୟ କଳାକାର ତଥା ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ସୁରେଶ ଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ କ୍ଲଷ୍ଟର ସିଆରସିସି ମନୋରଞ୍ଜନ କଣ୍ଟା, ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟକର୍ମୀ ଶୈଳେନ୍ଦ୍ର ରାୟ ଏବଂ ଏସଏମସି ସଭାପତି ଯେମନ୍ତ କୁମୁରା ପ୍ରମୁଖ ଯୋଗ ଦେଇଥିଲେ। ମାମିନା ପଟେଲ ମୁଖ୍ୟ ସ୍ରୋତରେ ସାମିଲ କରାଯାଇଥିବା ତେନ୍ତଳାମାଲ ଗାଁର ଗଣେଶ୍ୱର କିଷାନଙ୍କ ସଫଳ କାହାଣୀ ପଠନ କରିଥିଲେ। ମହେଶ ଚନ୍ଦ୍ର ଲେହେରି ମଞ୍ଚ ପରିଚାଳନା କରିଥିବା ବେଳେ ବୀରେନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ କୋଣ ଯଥା, ଶିଶୁ ବଟିକା ଶିକ୍ଷଣ କୋଣ, ସଂଖ୍ୟା ଜ୍ଞାନକୋଣ, ମୌଳିକ ସାକ୍ଷରତା କୋଣ, ବିଜ୍ଞାନ ପ୍ରଦର୍ଶନୀ କୋଣ, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରାମର୍ଶ କୋଣ ଗୁଡିକୁ ଉପସ୍ଥିତ ପିତାମାତା ତଥା ଅଭିଭାବକ ମାନେ ପରିଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ମମତା ଧୂରୁଆ ଏବଂ ରଞ୍ଜିତା ମିଶ୍ରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା।

# ସାହାସପୁର କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା' ଶିକ୍ଷାସଭା

**ଝାରସୁଗୁଡ଼ା, ୧୭।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅଧୀନ ସୁଡୁଙ୍ଗ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସାହାସପୁର କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଭା ଆଞ୍ଚଳିକ ସାଧନ ସଂଯୋଜକ ପ୍ରଦୀପ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଆସ ସ୍କୁଲ ଯିବା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସୁଡୁଙ୍ଗ ଗାଁ ମଝିରେ ନୃତ୍ୟ ପରିବେଷଣ କରାଯାଇଥିଲା ଓ ସମସ୍ତ ଅଭିଭାବକ ମାନଙ୍କୁ ନିମନ୍ତ୍ରଣ କରି ସ୍କୁଲକୁ ଅଣାଯାଇଥିଲା। ସମସ୍ତ ନିମନ୍ତ୍ରିତ ଅତିଥି ଓ ଅଭିଭାବକ ମାନେ ବିଦ୍ୟାଳୟର ଶିଶୁବାଟିକା କୋଣ, ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ କୋଣ ଓ ବିଜ୍ଞାନଗାର ପରିଦର୍ଶନ କରିଥିଲେ। ତାପରେ ସମସ୍ତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରେ ପ୍ରଧାନଶିକ୍ଷକ ପ୍ରଦୀପ ମେହେର ସ୍ୱାଗତ ଅଭିଭାଷଣ ରଖିଥିଲେ। ସିଆରସିସି ପ୍ରଦୀପ ନାଏକ ସଭାର ମୁଖ୍ୟ ଉଦ୍ଦେଶ୍ୟ ଯଥା ବିଦ୍ୟାଳୟ ବାହାରେ ଥିବା ୬ରୁ ୧୪ ବର୍ଷ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା, ୧୪ରୁ ୧୮ ବର୍ଷ ପିଲାଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ମାଗଣାରେ ନାମ ଲେଖାଇ ମୁଖ୍ୟ ସ୍ରୋତରେ ସାମିଲ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଉଦବୋଧନ ଦେଇଥିଲେ। ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ରିଙ୍କି କିଷାନଙ୍କ କାହାଣୀ ଜାମଡିହିର ସ୍କୁଲର ଶିକ୍ଷକ କୈଳାଶ ଚୌଧୁରୀ ପାଠ କରିଥିଲେ। ଖୁଣ୍ଟାମାଲ ସରପଞ୍ଚ



ସବ୍ୟସାଚି ସାହୁ ମୁଖ୍ୟ ଅତିଥି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜନ୍ମାଜୟ ନାଏକ ମୁଖ୍ୟ ବକ୍ତା, ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସୁଡୁଙ୍ଗ ସ୍କୁଲର ସଂସ୍କୃତ ଶିକ୍ଷକ ଭୁବନେଶ୍ୱର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ମୁଣ୍ଡେରବାହାଲ ସ୍କୁଲର ପ୍ରଧାନଶିକ୍ଷକ ଛାତ୍ର ଲାଲ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଗଡ଼ ବନ୍ଦକୁ ବିପୁଳ ସମର୍ଥନ

ଦେବଗଡ଼, ୧୭।୧୨(ସମିସ)





**ସ୍ୱତଃ ବନ୍ଦ ରହିଲା ଦୋକାନ ବଜାର, ଅଖଚକ ସମ୍ପୂର୍ଣ୍ଣ ବନ୍ଦ**

**ମହିଳା ଆନ୍ଦୋଳନକାରୀଙ୍କୁ ବଳପୂର୍ବକ ଉଠାଇନେଲା ପୁଲିସ**

**ଆନ୍ଦୋଳନକାରୀ ଓ ଜିଲ୍ଲାପାଳଙ୍କ ମଧ୍ୟରେ ଆଲୋଚନା ବିଫଳ**

**ସାଂସଦ ଧର୍ମେନ୍ଦ୍ରଙ୍କ ସମେତ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ କୁଶପୁତ୍ତଳିକା ଦାହ**

ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବି ନେଇ ମହିଳା ଏକତା ମଞ୍ଚ ପକ୍ଷରୁ ଆହୁତ ୧୨ ଘଣ୍ଟିଆ ଦେବଗଡ଼ ବନ୍ଦ ଡାକରା ଜନସାଧାରଣଙ୍କ ସମର୍ଥନରେ ସଫଳ ହୋଇଛି। ଆଜି ସକାଳୁ ସହରରେ ଦୋକାନ ବଜାର ଓ ଯାତ୍ରୀବାହୀ ଯାନବାହାନ ଚଳାଚଳ ସ୍ୱତଃସ୍ଫୁର୍ତ୍ତ ଭାବେ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚର ସଦସ୍ୟ ମାନେ ସହର ମଧ୍ୟରେ ଥିବା ପୁରୁଣା ପୋଷ୍ଟ ଅଫିସ ଛକ, ନୀଳବେର୍ଣ୍ଣି ସାହି ସ୍ଥିତ ବିର୍ସା ମୁଣ୍ଡା ଛକ ଓ ରଜାମୁଣ୍ଡା ସ୍ଥିତ ଆମ୍ବେଦକର ଛକ ଠାରେ ଏକତ୍ରିତ ହୋଇଥିଲେ। ଆନ୍ଦୋଳନକାରୀ ଦାବି ପୂରଣ ପାଇଁ ବିଭିନ୍ନ ସ୍ଲୋଗାନ ଦେବାସହ ୪୯ ନମ୍ବର ଜାତୀୟ ରାଜପଥ ଉପରେ ବସି ରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହାନ ଅଟକି ରହିଥିଲା। ଅପରାହ୍ଣରେ ରାସ୍ତାରୋକ ଆନ୍ଦୋଳନ ସ୍ଥଳୀକୁ ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପହଞ୍ଚିଥିଲା। ଡାକବାଜି ଯନ୍ତ୍ର ସାହାଯ୍ୟରେ ଅତିରିକ୍ତ ଏସ୍‌ପି ଧୀରଜ ଚୋପଦାର ଆନ୍ଦୋଳନକୁ ବେଆଇନ ଘୋଷଣା କରିଥିଲେ। ଏହାପରେ ରାସ୍ତାରେ ବସି ଆନ୍ଦୋଳନ କରୁଥିବା ମହିଳାଙ୍କୁ ବଳପୂର୍ବକ ଘୋଷାଡ଼ି ପୁଲିସ ଭ୍ୟାନକୁ ଉଠାଇ ନେଇଥିଲା। ଏହି ସମୟରେ କିଛି ଉତ୍ୟକ୍ତ ଆନ୍ଦୋଳନକାରୀ ସେଠାରେ ଉପସ୍ଥିତ ଥିବା ଉପଜିଲ୍ଲାପାଳଙ୍କ ଗାଡି ଉପରକୁ ଆକ୍ରମଣ କରିବା ଦେଖିବାକୁ ମିଳିଥିଲା। ସରକାରୀ ଚାପରେ ପୁଲିସ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚେଷ୍ଟା କରୁଥିବା ଆନ୍ଦୋଳନକାରୀ ମାନେ ଅଭିଯୋଗ କରିଥିଲେ।

ଆନ୍ଦୋଳନକାରୀଙ୍କୁ ପୁଲିସ ବଳପୂର୍ବକ ଉଠାଇ ନେଉଥିବା ସୂଚନା ପାଇ ଆନ୍ଦୋଳନ ସ୍ଥଳରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପହଞ୍ଚିଥିଲେ। ବନ୍ଦ ଡାକରାରେ ସାମିଲ ହୋଇ ଆମ୍ବେଦକର ଛକ ସ୍ଥିତ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାୟକ ଶ୍ରୀ ବିଶ୍ୱାଳ ତଥା ଜିଲ୍ଲା ମହିଳା ଏକତା ମଞ୍ଚ ଓ ବିଜେଡି କର୍ମୀ ଧାରଣାରେ ବସିଥିଲେ। ପୁଣି ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିବାରୁ ପୁଲିସ ବିଧାୟକ ଶ୍ରୀ ବିଶ୍ୱାଳଙ୍କ ସମେତ ମଞ୍ଚର ସଦସ୍ୟାଙ୍କୁ ଉଠାଇ ନେଇ ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ଅଟକ ରଖିଥିଲା। ଅପରାହ୍ଣରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ସେଠାକୁ ଯାଇ ବିଧାୟକଙ୍କ ଉପସ୍ଥିତିରେ ମଞ୍ଚର ସଦସ୍ୟ ଓ ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ହେଲେ ଜିଲ୍ଲାପାଳ ଓ ଅଟକ ଆନ୍ଦୋଳନକାରୀଙ୍କ ମଧ୍ୟରେ କଥା କଟାକଟି ହେବାରୁ ଆଲୋଚନା ପାଇଁ ଯାଇଥିବା ସମସ୍ତେ ଅଧାରୁ ଉଠି ଚାଲି ଆସିଥିଲେ। ଫଳରେ ଆଲୋଚନା ବିଫଳ ହୋଇଥିଲା। ପରେ ଅଟକ ଆନ୍ଦୋଳନକାରୀଙ୍କୁ ପୁଲିସ ଛାଡିଥିଲା। ଏହାପରେ ସମସ୍ତେ ପଦଯାତ୍ରାରେ ଆସି ମୁଖ୍ୟ ବଜାର ଗୋପବନ୍ଧୁ ଛକ ଠାରେ ଏକତ୍ରିତ ହୋଇଥିଲେ। ଦେବଗଡ଼ ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଆଜିର ଦେବଗଡ଼ ବନ୍ଦ ଡାକରାରେ ଆଇନଶୃଙ୍ଖଳା ଦୃଷ୍ଟିରୁ ଏସପିଙ୍କ ତତ୍ତ୍ୱାବଧାନରେ ଜଣେ ଅତିରିକ୍ତ ଏସପି, ତିନିଜଣ ଡିଏସପି, ୭ ଇନ୍ସପେକ୍ଟରଙ୍କ ସମେତ ୧୪ ସବ ଇନ୍ସପେକ୍ଟର ଓ ୫ ପ୍ଲାଟୁନ ପୁଲିସ ବଳଙ୍କୁ ନିୟୋଜିତ କରାଯାଇଥିଲା।

# ସୀମା ଟପିଲାଣି ଧାନ କିଣା ଅବ୍ୟବସ୍ଥା

**ଇବଥର୍ମାଲ, ୧୭।୧୨(ସମିସ):** ଧାନ ଉଠାଣ ନେଇ ସାରା ରାଜ୍ୟରେ ଅବ୍ୟବସ୍ଥା ଦେଖା ଦେଇଛି। ସରକାର ମଣ୍ଡି ଖୋଲିବା ଘୋଷଣା କରିବା ପରେ ମଧ ଚାଷୀ ସୂଚାରୁ ରୂପେ ଧାନ ବିକ୍ରି କରିବା ଦୂର ଟୋକନ ସମସ୍ୟାରେ ଛନ୍ଦି ହୋଇଛନ୍ତି। ଫଳରେ ସବୁଠି ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଲଖନପୁର ବ୍ଲକରେ ମଧ ଚାଷୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ବାଧ ହୋଇ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା କରି ସରକାରଙ୍କୁ ଦାବିପତ୍ର ଦେବା ସହ ଆଗାମୀ ଦିନରେ ବଡ଼ ଆନ୍ଦୋଳନ ପାଇଁ ସଜବାଜ ହେବାର ସୂଚନା ମିଳିଛି।

ଲଖନପୁର ବ୍ଲକରେ ୩୩ଟି ପଞ୍ଚାୟତରେ ୧୪ଟି କୃଷି ସେବା ସମବାୟ ସମିତି ରହିଛି। ସମଗ୍ର ବ୍ଲକରେ ଖରିଫ ଫସଲ ଉପରେ ଚାଷୀ ନିର୍ଭରଶୀଳ। ଗତ ୯ ତାରିଖରୁ ଝାରସୁଗୁଡ଼ା ଜିଲ୍ଲାରେ ମଣ୍ଡି ଖୋଲା ହୋଇଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଲଖନପୁର ବ୍ଲକରେ କୌଣସି ଠାରେ ଧାନ ବିକ୍ରି ଆରମ୍ଭ ହୋଇ ନଥିବା ଅଭିଯୋଗ ହୋଇଛି। ଟୋକନ ସମସ୍ୟା ବଡ ସମସ୍ୟା ଭାବେ ଉଭା ହୋଇଛି। ଅନେକ ଚାଷୀ ଏଯାଏଁ ଟୋକନ ପାଇ ନାହାନ୍ତି। ଯେଉଁ ଚାଷୀଙ୍କୁ ଟୋକନ ମିଳିଛି ତାହାର ପରିମାଣ ଢେର କମ୍। ଏ ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଗତ ୧୫ ତାରିଖ ଚାଷୀ ନେତା ଓ ଚାଷୀଙ୍କ ଏକ ପ୍ରତିବାଦ ସଭା ସିଂହାରପୁର ଶିବ ମନ୍ଦିର ପ୍ରାଙ୍ଗଣରେ ହୋଇଛି। ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଲଖନପୁର ତହସିଲଦାରଙ୍କ ମାଧ୍ୟମରେ ଚାଷୀ ଦେଇଛନ୍ତି। ସେହିଭଳି ତିଳିଆ କୃଷି ସେବା ସମବାୟ ସମିତି ଅଧୀନ ତିଳିଆ, ରମ୍ପେଲା, କୁମ୍ଭାରବନ୍ଧ



**ଆନ୍ଦୋଳନ ପାଇଁ ଲଖନପୁର ଚାଷୀଙ୍କ ସଜବାଜ**

ଓ ପିପିଲିକାନି ପଞ୍ଚାୟତର ଚାଷୀଙ୍କୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମାଁ ସମଲେଇ କୃଷକ ସଙ୍ଗଠନ ସଭାପତି ପ୍ରସନ୍ନ ସେନାପତିଙ୍କ ଅଧ୍ୟକ୍ଷତାରେ ରମ୍ପେଲା ବସଷ୍ଟାଣ୍ଡ ଠାରେ ଅନୁଷ୍ଠିତ ସଭାରେ ମଧ ଧାନ କିଣାବିକାରେ ଦେଖାଦେଇଥିବା ଅବ୍ୟବସ୍ଥା ଉପରେ ୪ଟି ପଞ୍ଚାୟତର ଚାଷୀ ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା ଜଣା ପଡ଼ିଛି। ଚାଷୀ ନିଜ ଦାବିପତ୍ରରେ ବୁଧବାର ପର୍ଯ୍ୟନ୍ତ ସମୟ ଦେଇଥିଲେ। ଆଜି ସଂଘର ଆବାହକ ବିରଞ୍ଚି ସାହୁ, ତିଳିଆ ସମବାୟ ସମିତି ସଭାପତି ଭୋଳାନାଥ ବଡ଼େଇ, ହିମାଂଶୁ ପ୍ରଧାନ, ଅଭିନୟ ମାଝୀ, ଡିଲେଶ୍ୱର ପ୍ରଧାନ ସମେତ କିଛି ବରିଷ୍ଠ ଚାଷୀ ଅନେକ ମଣ୍ଡି ବୁଲି ଧାନ କିଣା ସମ୍ପର୍କରେ ପଚାରି ବୁଝିଥିଲେ। ସମଗ୍ର ଲଖନପୁର ବ୍ଲକ ଅଞ୍ଚଳରେ ଧାନ କିଣା ଆରମ୍ଭ ହୋଇ ନଥିବା ଜାଣିବାକୁ ପାଇଥିଲେ। ଆସନ୍ତା ୧୯ ତାରିଖ ଲଖନପୁର ବେହେରା ଗୁଡା ଠାରେ ଚାଷୀ ବହୁ ସଂଖ୍ୟାରେ ଯୋଗଦେଇ ଶୋଭାଯାତ୍ରାରେ ଲଖନପୁର ତହସିଲ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପରେ ତହସିଲଦାରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ। ଯଦି ସରକାର ସମସ୍ୟାର ସମାଧାନ ନକରନ୍ତି ତା'ହେଲେ ବ୍ଲକର ଚାଷୀ ବାଧ ହୋଇ ବିରାଟ ଆନ୍ଦୋଳନକୁ ଓହ୍ଲାଇବେ। ସେଥିପାଇଁ ଜିଲ୍ଲା ପ୍ରଶାସନ ତଥା ସରକାର ଦାୟୀ ରହିବେ ବୋଲି ଆବାହକ ବିରଞ୍ଚି ସାହୁ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ

**ଦେବଗଡ଼, ୧୭।୧୨ (ସମିସ):** କୁଟୁରାପୋସି ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିପିନ ବିହାରୀ ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡଛାପଲ ପଞ୍ଚାୟତର ସରପଞ୍ଚ ସୁନିତା ଅମାନ୍ତ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲ୍ଲୀପ ଦେହୁରୀ, ଗାଙ୍ଗନଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟିକେଶ୍ୱର ଦେହୁରୀ, ଗାଙ୍ଗନଣ କ୍ଲଷ୍ଟରର ସିଆରସିସି କ୍ଷିତୀଶ ପ୍ରଧାନ, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଖିଳ ସାହୁ ଓ ବିଦ୍ୟାଳୟ ପଞ୍ଚଶିକ୍ଷା ସେତୁ ସଭାପତି କିଶୋର ଚନ୍ଦ୍ର ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଚତୁର୍ଭୁଜ କରଙ୍କ ତତ୍ତ୍ୱାବଧାନରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅତିଥି ମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଡଂରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦେବଗଡ଼, ୧୭।୧୨(ସମିସ):** ବାରକୋଟ ବ୍ଲକ ସଦର ମହକୁମା ସ୍ଥିତ ଡଂରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ହେମନ୍ତ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନଙ୍କ ସଭାପତିତ୍ୱରେ ସାଂସ୍କୃତିକ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିଜୟ ମହାରଣା, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ରୁଦ୍ର ନାରାୟଣ ସାହୁ, ପ୍ରତିଷ୍ଠାତା ସଦସ୍ୟ କ୍ଷୀରୋଦ ବିହାରୀ ସାହୁ ଓ ଡଂରା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ବାଳକ ବିଭାଗରେ ଲିଙ୍ଗରାଜ ପେଣ୍ଡେଇ ଓ ସରୋଜ ସାହୁ ଯୁଗ୍ମ ଚାମ୍ପିଅନ ହୋଇଥିଲେ। ବାଳିକା ବିଭାଗରେ କାଜୋଲ ବେହେରା ଚାମ୍ପିଅନ ହୋଇଥିଲେ।




ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଯୁବ ଅଧ୍ୟାପକ ଶଶୀକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବିଜାଗୁଡ଼ା ଉପାନ୍ତ ଅଞ୍ଚଳରେ କମ୍ବଳ ବଣ୍ଟନ



**ଝାରସୁଗୁଡ଼ା/କିର୍ମିରା, ୧୭।୧୨ (ସମିସ):** ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ନବ୍ଦାପାଲି ପଞ୍ଚାୟତ ବିଜାଗୁଡା ଏକ ଉପାନ୍ତ ଅଞ୍ଚଳ। ବୁଧବାର ଏଠାରେ ଗରିବ ଆଦିବାସୀ ଶ୍ରେଣୀର ଲୋକଙ୍କୁ ଶୀତ ଦାଉରୁ ରକ୍ଷା ପାଇଁ କମ୍ବଳ ବଣ୍ଟନ କରାଯାଇଛି। ଭାରତୀୟ ମାନବ ଅଧିକାର କମିଶନର ଷ୍ଟେଟ ଫାଉଣ୍ଡର ଡ.ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଆତିଥ୍ୟ ଓ ଷ୍ଟେଟ ଲେଗାଲ ଆଡଭାଇଜର ଅଶୋକ ମଲ୍ଲିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଜିଲ୍ଲା ସଭାପତି ଧନଞ୍ଜୟ, ଉପସଭାପତି ଲକ୍ଷ୍ମଣ ତଣ୍ଡିଆ, ଝାରସୁଗୁଡ଼ା ଇନଚାର୍ଜ ରବି ରାଉତ, ସମ୍ବଲପୁର ଜିଲ୍ଲା ଉପସଭାପତି ସମୀର ନାଗ ଓ ଜିଲ୍ଲା ଇନଚାର୍ଜ ଅଶୋକ କରାଲୀ, ମହିଳା ସେଲ୍‌ଫ ଅଧ୍ୟକ୍ଷ ତପସ୍ୱିନୀ ମୁଣ୍ଡା, ସଦସ୍ୟ ରାଧେଶ୍ୟାମ ଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ। ଗାଁ ତଥା ଆଖପାଖ ଅଞ୍ଚଳରୁ ଫୁଲ, ଲକ୍ଷ୍ମୀ, ମାଳତୀ, ତୁଳାରାମ, କାର୍ତ୍ତିକ, ପଡରୀ, କାରମୀ, ଖତୁ, ମହରଗୀ, ବୈଦେହୀ, ଜୁଗୁନୁ, ଶୁକମାର, ସୀତା, ନାନକୀ, ବାସୁ, ସୁଖ, ବୁଧୁ, ଗୁରୁବାରୀ, ଯଜ୍ଞସିନୀ, ଦ୍ୱିତିୟା, ମଞ୍ଜୁ, ପ୍ରକାଶ, ପରମେଶ୍ୱର, ମିଟୁ, ବିଶିଲା, ରମେଶ, ମାଳତୀ, କିଶୋର, ସୋମ୍ୟା, ତୁଳା, ଭଜ, ନୃପ, ପ୍ରସାଦି, ସାବିତ୍ରୀ, ସୁନିତା ସମେତ ସମୁଦାୟ ୭୦ ଜଣ କମ୍ବଳ ଗ୍ରହଣ କରି କମିଶନର ଓ ବଣ୍ଟନକାରୀ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

# ଭାରୀଯାନ ଚଳାଚଳରୁ ରାସ୍ତା ଶୋଚନୀୟ

# ରାସ୍ତାରେ ବସି ଛାତ୍ରୀଙ୍କ ପ୍ରତିବାଦ

ଝାରସୁଗୁଡ଼ା, ୧୭।୧୨(ସମିସ)

ବିଭିନ୍ନ କମ୍ପାନୀର ଭାରୀଯାନ ଚଳାଚଳ ଫଳରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। କିନ୍ତୁ ଏହା ଉପରେ ପ୍ରଶାସନ କିମ୍ବା କମ୍ପାନୀ ଗୁଡ଼ିକର କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ଫଳରେ ଜନସାଧାରଣଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସମସ୍ୟାର ସମାଧାନ ପାଇଁ ଛାତ୍ରୀ ଏବଂ ଗ୍ରାମବାସୀଙ୍କୁ ଧାରଣା ଦେବାକୁ ପଡ଼ିଛି।

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ବିଜୁ ଏକ୍ସପ୍ରେସ ୱେ ଠାରୁ ଜମେରା ମରାକୁଟା ଗାଁକୁ ଯାଇଥିବା ପ୍ରାୟ ୫ କିମି ରାସ୍ତାରେ ପ୍ରତିଦିନ ବିଭିନ୍ନ କମ୍ପାନୀର ଭାରୀଯାନ ଗୁଡିକ ଯାତାୟାତ କରୁଛି। ଯାହାଦ୍ୱାରା ରାସ୍ତାରେ ଖାଲଖମା ସୃଷ୍ଟି ହେବା ସହିତ ଆଗରୁ ରାସ୍ତା ନିର୍ମାଣ ପାଇଁ ପକାଯାଇଥିବା ଗୋଡି ଗୁଡିକ ଉପରକୁ ଉଠି ଆସିଛି। ଏହାଦ୍ୱାରା ପ୍ରତିଦିନ ଜମେରା, ମରାକୁଟା ପଞ୍ଚାୟତରୁ ଛାତ୍ରଛାତ୍ରୀ, ଜନସାଧାରଣ ପାଠପଢ଼ା ସହିତ ବିଭିନ୍ନ କାମ ପାଇଁ ଝାରସୁଗୁଡ଼ା ଆସୁଥିବା ବେଳେ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେବା ସହିତ ବହୁ କଲବଲ ହେଉଛନ୍ତି। ବୁଧବାର ପୂର୍ବାହ୍ନରେ ଜମେରା, ମରାକୁଟାର କିଛି ଛାତ୍ରୀ ପାଠ ପଢ଼ିବା ପାଇଁ ଝାରସୁଗୁଡ଼ା ଯାଉଥିବା ବେଳେ ରାସ୍ତାରେ ପଡ଼ିଯାଇଥିଲେ ଏବଂ କିଛି ଭାରୀଯାନ ଏପରି ଧୂଳି ଉଡାଇ ଥିଲେ ଯେ ଛାତ୍ରୀ ମାନେ ଅଣ ନିଶ୍ୱାସୀ ହୋଇ ଯାଇଥିଲେ। ଏହାପରେ ଛାତ୍ରୀ ମାନେ ସେଠାରେ ରାସ୍ତାର ଦୁଇ ପାର୍ଶ୍ୱରେ ପଥର ଦେଇ ରସି ଟାଣି ରାସ୍ତା ମଝିରେ ଧାରଣାରେ ବସି ପଡ଼ିଥିଲେ। ଛାତ୍ରୀଙ୍କ ଧାରଣା ପରେ ଜମେରା, ମରାକୁଟା ଗାଁର ମହିଳା ଓ ପୁରୁଷ ମାନେ ମଧ ଧାରଣାରେ ବସିଥିଲେ। କିନ୍ତୁ କୌଣସି ସରକାରୀ ଅଧିକାରୀ ନ ଆସିବାରୁ ଅପରାହ୍ଣ ୫ଟାରେ ସମସ୍ତେ ଧାରଣାରୁ ଉଠିଯାଇଥିଲେ। ପରିତାପର ବିଷୟ ଛାତ୍ରୀଙ୍କ ଧାରଣା ଦେବା ପରେ ମଧ ପ୍ରଶାସନ କିମ୍ବା କୌଣସି କମ୍ପାନୀର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିଲେ। ଜମେରା ଓ ମରାକୁଟା ଗ୍ରାମବାସୀ ଓ ଛାତ୍ରୀ ମାନଙ୍କ କହିବା ମୁତାବକ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି। ଏହି ରାସ୍ତାରେ ଭାରୀଯାନ ଚଳାଚଳକୁ ବନ୍ଦ କରାଯାଉ ନାହିଁ। ଏହାର ଯଦି କୌଣସି ପ୍ରକାର ସମାଧାନ ନ ହୁଏ ତେବେ ନିଶ୍ଚିତ ଭାବେ ଆଗାମୀ ଦିନରେ ଏହା ଏକ ବଡ ଆନ୍ଦୋଳନର ରୂପ ନେବ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି।



# ବେଲପାହାଡ଼ ପୌର ପରିଷଦର କୀର୍ତ୍ତନ ମଣ୍ଡଳୀଙ୍କ ବୈଠକ



**ଝାରସୁଗୁଡ଼ା, ୧୭।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌର ପରିଷଦ ଅଧୀନ ଗୁମାଡେରା ଶିବ ମନ୍ଦିର ପ୍ରାଙ୍ଗଣରେ ବେଲପାହାଡ ପୌର ପରିଷଦର ସମସ୍ତ କୀର୍ତ୍ତନ ଦଳର ଭକ୍ତ ବୃନ୍ଦଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଭାବେ ଚନ୍ଦନ ପ୍ରଧାନ, ଉପସଭାପତି ଲିଙ୍ଗରାଜ ନାୟକ, ସମ୍ପାଦକ ନିର୍ମଳ ପାତ୍ର, ସହସମ୍ପାଦକ ମନୋଜ ପ୍ରଧାନ, କୋଷାଧ୍ୟକ୍ଷ ଭାବେ ବିରଞ୍ଚି ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ନାମଯଜ୍ଞ ସମ୍ବନ୍ଧୀୟ ଚର୍ଚ୍ଚା, କୀର୍ତ୍ତନ ଦଳ ରେଜିଷ୍ଟ୍ରେସନ, ଆଦାନ ପ୍ରଦାନ ଓ ନଗର ଭ୍ରମଣ, ସାଉଣ୍ଡ ସେଟ ଆଦିକୁ ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ଡିସେମ୍ବର ୨୯ରେ ଆଞ୍ଚଳିକ କୀର୍ତ୍ତନ ମଣ୍ଡଳୀ ଗୁଡିକୁ ନେଇ ବେଲପାହାଡ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୈଠକ କରାଯିବା ନେଇ ସ୍ଥିର କରାଯାଇଥିଲା।

## ଟୋକନ ସମସ୍ୟାକୁ ନେଇ ହନ୍ତସନ୍ତ ଅନ୍ନଦାତା

# ସମ୍ବଲପୁର ବନ୍ଦ ପାଇଁ ଚାଷୀଙ୍କ ବାଇକ୍ ରାଲି ଆଜି

ସମ୍ବଲପୁର, ୧୭।୧୨ (ସମିସ)

ଆସନ୍ତା ୧୯ ତାରିଖ ଚାଷୀମାନଙ୍କ ସମ୍ବଲପୁର ବନ୍ଦ ପୂର୍ବରୁ ଗୁରୁବାର ସକାଳେ ଚାଷୀମାନଙ୍କ ପକ୍ଷରୁ ଏକ ବାଇକ୍ ରାଲି କରାଯିବ। ଏହି ରାଲି କରିବାସହ ଚାଷୀମାନେ ସମସ୍ତ ସମ୍ବଲପୁରବାସୀଙ୍କୁ ବନ୍ଦରେ ସହଯୋଗ ପାଇଁ ଅନୁରୋଧ କରିବେ। ଚାଷୀ ସଙ୍ଗଠନର ସୂଚନା ଅନୁଯାୟୀ, ବାଇକ୍ ରାଲି ବରେଇପାଲିଠାରୁ ବାହାରି ରେମେଡ, କ୍ଷେତରାଜପୁର, ସମଲେଶ୍ୱରୀ ମନ୍ଦିର, ବଡ଼ସଡ଼କ ଦେଇ ପୀରବାବା ଛକ, ଗୋଲବଜାର, ମୁଦିପଡ଼ା, ଧନୁପାଲି ଛକ, ଅଶୋକା ଟକିଜ ଛକ, ଲକ୍ଷ୍ମୀଟକିଜ ଛକ ଦେଇ ଅଇଁଠାପାଲିରେ ଶେଷ ହେବ ବୋଲି ଜଣାପଡ଼ିଛି। ସମ୍ବଲପୁର ବନ୍ଦରେ ରେଳ ଚଳାଚଳ ବ୍ୟାଘାତ କରାଯିବ ନାହିଁ ବୋଲି କୁହାଯାଉଥିବାବେଳେ ଜାତୀୟ ରାଜପଥ ଅବରୋଧକୁ ନେଇ ଗୁରୁବାର ପୂର୍ବାହ୍ନରେ ବୈଠକରେ ଚାଷୀ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯିବ।



ସମ୍ବଲପୁର ଜିଲ୍ଲାରେ ମାସେ ବିଳମ୍ବରେ ଖୋଲିଛି ମଣ୍ଡି। ଜୁଲାଇରେ ଖରିଫ୍ ଧାନ ବିକ୍ରୟ ପଞ୍ଜିକରଣ ସମୟରେ ଚାଷୀମାନେ ନଭେମ୍ବର ୧ରୁ ଧାନବିକ୍ରୟ କରିବେ ବୋଲି ଉଲ୍ଲେଖ କରିଥିଲେ। ତେବେ ଡିଏଲପିସି ବୈଠକରେ ନଭେମ୍ବର ୨୮ ତାରିଖ ଘୋଷଣା କଲା ପ୍ରଶାସନ। ଏହାପରେ ବି ମିଲର୍‌ମାନେ ରେଜିଷ୍ଟ୍ରେସନ ଓ ସିକ୍ୟୁରିଟି ଡିପୋଜିଟ୍ ନକରିବାରୁ ଧାନକିଣା ଆରମ୍ଭ ହୋଇପାରିଲା ନାହିଁ। ଡିସେମ୍ବର ୧ ତାରିଖରେ ସିନ୍ଦୂରପଙ୍କସ୍ଥିତ ତୁମ୍ବେସିଂହାରେ ଚାଷୀମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହାପରେ ସରକାରଙ୍କ ଚେତା ପଶିଲା ଏବଂ ରାତାରାତି ମିଲରଙ୍କ ରେଜିଷ୍ଟ୍ରେସନ କରି ପରଦିନଠାରୁ ଧାନ ଉଠିଲା। ଏହାପରେ ସୃଷ୍ଟିହେଲା ଟୋକନ ସମସ୍ୟା। ଜିଲ୍ଲାସ୍ତରରେ ଡିଏଲପିସିରେ ଟୋକନ ଇସ୍ୟୁ କରାନଯାଇ ଭୁବନେଶ୍ୱରଠାରୁ କରାଯାଉଥିବାରୁ ହଜାର ହଜାର ଚାଷୀ ଟୋକନ ପାଇଲେ ନାହିଁ। ପୁଣି କେତେକ ପ୍ରଥମ ପର୍ଯ୍ୟାୟ ଟୋକନ ପାଇଥିବାବେଳେ ଦ୍ୱିତୀୟ ଓ ତୃତୀୟ ଟୋକନ ପାଇନଥିବାରୁ ୭୫ କ୍ୱିଣ୍ଟାଲ ଧାନ ବିକ୍ରୟ ପରେ ବଳକା ଧାନ ଜଗି ବସିରହିଲେ। ଟୋକନ ପାଇଁ ପୁଣି ଚାଷୀମାନେ ୧୨ ତାରିଖ ରେମେଡ ଛକ, ତୁମ୍ବେସିଂହା ଛକ ଓ ଧମା-ହୁମାଠାରେ ଜାତୀୟ ରାଜପଥ ଅବରୋଧ କଲେ। ସବୁ ସମୟରେ ଜିଲ୍ଲା ପ୍ରଶାସନ ଅସହାୟତା ପ୍ରକାଶ କଲା। ଚାଷୀମାନଙ୍କୁ ପୁଲିସ ଗିରଫ କଲା କିନ୍ତୁ ଟୋକନ ଆସିଲା ନାହିଁ। ଗତ ରବିବାର ବୈଠକରେ ଚାଷୀମାନେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନେଲେ। ୧୬ ତାରିଖ ଚାଷୀମାନେ ରାସ୍ତାରେ ଧାନ ବିକି ଟୋକନ ସମସ୍ୟାକୁ ନେଇ ସରକାରଙ୍କ ଆଭିମୁଖ୍ୟର ପ୍ରତିବାଦ କରିବାସହ ୧୯ ତାରିଖ ସମ୍ବଲପୁର ବନ୍ଦ କରିବାକୁ ଦୃଢ଼ତା ପ୍ରକାଶ କଲେ। ଆଜି ସନ୍ଧ୍ୟାରେ ଜିଲ୍ଲାପାଳ ଚାଷୀମାନଙ୍କୁ ଡାକି ବନ୍ଦ ଡାକରା ପ୍ରତ୍ୟାହାର କରିବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଦ୍ୱିତୀୟ ଟୋକନ ଆସିଯାଇଥିବାବେଳେ ତୃତୀୟ ଓ ଚତୁର୍ଥ ଟୋକନ ଶୀଘ୍ର ଆସିଯିବ ବୋଲି ଜିଲ୍ଲାପାଳ କହିଥିଲେ। ତେବେ, ଚାଷୀମାନେ ତାହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଶେଷ ଟୋକନ ନଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ଓ ସମ୍ବଲପୁର ବନ୍ଦ ପ୍ରତ୍ୟାହାର କରାଯିବ ନାହିଁ ଚାଷୀମାନେ ଜିଲ୍ଲାପାଳଙ୍କୁ କହିଥିବା ସୂଚନା ମିଳିଛି। ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ସଂଘ ପକ୍ଷରୁ ଶେଷ ଟୋକନ ନଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ନିରନ୍ତର ଜାରି ରହିବ ବୋଲି ପୂର୍ବରୁ ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। କେବଳ ସମ୍ବଲପୁର ବନ୍ଦ ନୁହେଁ, ଅନ୍ୟ ଆନ୍ଦୋଳନାତ୍ମକ ପନ୍ଥା ମଧ୍ୟ ଅବଲମ୍ବନ କରାଯିବ। ଏଣୁ ସମ୍ବଲପୁର ବନ୍ଦ ନିଶ୍ଚିତ କରାଯିବ ବୋଲି ଶ୍ରୀ ଠାକୁର କହିଛନ୍ତି। ବଳକା କିଛି ପ୍ରତିଶତ ଚାଷୀଙ୍କ ଟୋକନ ବାକି ଅଛି, ସେହି ଚାଷୀମାନେ କ'ଣ ଚାଷୀ ନୁହଁନ୍ତି। ଯଦି କିଛିଦିନ ପରେ ସରକାର ଟୋକନ ଦେବେ, ତେବେ ଏବେଠାରୁ ପରବର୍ତ୍ତୀ ତାରିଖରେ କାହିଁକି ଟୋକନ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

### ସରକାରୀ ତଥ୍ୟ : ଦିଆଗଲାଣି ୭୩୨୯୧ ଟୋକନ

ସମ୍ବଲପୁର ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ୭୩, ୨୯୧ ଟୋକନ ଦିଆଗଲାଣି ବୋଲି ଯୋଗାଣ ବିଭାଗ ପକ୍ଷରୁ ତଥ୍ୟ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୪୯, ୩୩୩ ଟୋକନ, ଦ୍ୱିତୀୟ ପର୍ଯ୍ୟାୟରେ ୪୫୩୮ ଏବଂ ଗତ କେଇଦିନ ମଧ୍ୟରେ ୧୯, ୪୨୦ ଟୋକନ ଦିଆଯାଇଛି। ଏହିପରି ଜିଲ୍ଲାରେ ଚାଷୀଙ୍କୁ ମୋଟ ୭୩, ୨୯୧ଟି ଟୋକନ ଦିଆଯାଇଛି। ୧୮୯୯ ଜଣ ପ୍ରଥମ ପର୍ଯ୍ୟାୟ ଟୋକନ ପାଇନାହାନ୍ତି। ସେମାନଙ୍କ ଇ-କେୱାଇସି ହୋଇନଥିବାରୁ କ୍ଷେତ୍ରୀୟ ସ୍ତରରେ ତଦନ୍ତ ଚାଲିଥିବା କୁହାଯାଇଛି। ଅନ୍ୟପକ୍ଷରେ ଚଳିତ ଖରିଫ୍‌ରେ ୬୫, ୧୪୩ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୬୪, ୩୩୭ ଯାଞ୍ଚ ସରିଛି ଏବଂ ୮୦୬ ଜଣ ଚାଷୀଙ୍କ ପଞ୍ଜୀକରଣ ବିଭିନ୍ନ ଜମି ଓ ଅନ୍ୟ ବିବାଦ ପାଇଁ ବାକି ରହିଛି। ଧାନ ବିକ୍ରୟ କରିଥିବା ପ୍ରାୟ ସମସ୍ତ ଚାଷୀ ପ୍ରାପ୍ୟ ପାଇସାରିଲେଣି ଏବଂ ଏହି ବିଷୟକ କୌଣସି ଅଭିଯୋଗ ଏପର୍ଯ୍ୟନ୍ତ ଆସିନାହିଁ ବୋଲି ସିଏସଓ ମିଳନ ମାଝି କହିଛନ୍ତି। ଚଳିତ ଖରିଫ୍ ୨୦୨୫-୨୬ରେ ଏଯାବତ୍ ୧୬, ୯୭୦ ଜଣ ଚାଷୀଙ୍କଠାରୁ ୭୮, ୫୫୬ ମେଟ୍ରିକ ଟନ୍ ଧାନ କ୍ରୟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ସମ୍ବଲପୁର ସହରକୁ ଢାଙ୍କିଦେଇଛି କୁହୁଡ଼ି

## ସ୍ୱାମୀକୁ ସ୍ତ୍ରୀ ହତ୍ୟା କରିଥିବା ଅଭିଯୋଗ

**ସମ୍ବଲପୁର, ୧୭।୧୨(ସମିସ):** ବୁର୍ଲା ଥାନା ଅନ୍ତର୍ଗତ ଜଣେ କମ୍ପାନୀ କର୍ମଚାରୀକୁ ତାଙ୍କ ସ୍ତ୍ରୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଝାରସୁଗୁଡ଼ା ଲଖନପୁର ଅଞ୍ଚଳର ଆକାଶ ମୁଣ୍ଡା(୨୫)। ସୂଚନା ଅନୁସାରେ ଆକାଶ ବୁର୍ଲାରେ ଏକ କମ୍ପାନୀରେ କାମ କରୁଥିଲେ। ସେ ତାଙ୍କ ସ୍ତ୍ରୀ ଓ ଛୋଟ ଛୁଆ ସହ କ୍ୱାର୍ଟରରେ ରହୁଥିଲେ। ଗତ କାଲି ଆକାଶଙ୍କୁ ବୁର୍ଲା ମେଡିକାଲ୍ ନିଆ ଯାଇଥିଲା। ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ତ୍ରୀ ଆକାଶଙ୍କୁ ହତ୍ୟା କରିଥିବା ପୁଅ ଘର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଗତକାଲି ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା ଲାଗିଥିଲା। ପରେ ସ୍ତ୍ରୀ ଉତ୍ୟକ୍ତ ହୋଇ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଦେହରେ କ୍ଷତ ଚିହ୍ନ ରହିଛି। ଶବ ବ୍ୟବଚ୍ଛେଦ ଆଜି କରାଯାଇଛି। ଆସନ୍ତା କାଲି ରିପୋର୍ଟ ଆସିବ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି ବୁର୍ଲା ଥାନା ଅଧିକାରୀ କହିଛନ୍ତି।

## ରାଖାଲଗୁଡ଼ା ହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

**ସମ୍ବଲପୁର, ୧୭।୧୨ (ସମିସ) :** ଜମି ବିବାଦକୁ କେନ୍ଦ୍ର କରି ମାଲକାନଗିରି ଜିଲ୍ଲା ମାରିଗୁଡା ପଞ୍ଚାୟତ ଅଧୀନ ରାଖାଲଗୁଡା ଗ୍ରାମର ଲେକେ ପଡିଆମୀକଙ୍କୁ ହତ୍ୟା ଘଟଣାରେ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସମ୍ବଲପୁରର ପୂର୍ବତନ ଉପାଧକ୍ଷା ରାକ୍ଷୀ ମୁଣ୍ଡା। ସେ ଉଲ୍ଲେଖ କରିଛନ୍ତି ଯେ, ଆମ ରାଜ୍ୟରେ ଆଦିବାସୀଙ୍କ ପ୍ରତି ଅତ୍ୟାଚାର ଓ ଅନ୍ୟାୟ ବଢ଼ିଚାଲିଛି। ବର୍ତ୍ତମାନର ରାଖାଲଗୁଡା ଗ୍ରାମର ଆଦିବାସୀ ମହିଳାଙ୍କୁ ନିର୍ମମ ହତ୍ୟା ଅତ୍ୟନ୍ତ ନିନ୍ଦନୀୟ ଏବଂ ସ୍ୱର୍ଶକାତର। ଏଣୁ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଅତ୍ୟନ୍ତ ସମ୍ବେଦନଶୀଳ ଭାବରେ ବିଚାରକୁ ନେଇ ତୁରନ୍ତ ଦୋଷୀକୁ ଦଣ୍ଡପ୍ରଦାନ କରି ଆଦିବାସୀ ପ୍ରତି ନ୍ୟାୟ କରିବା ନିମନ୍ତେ ଆମ୍ଭେ ସରକାରଙ୍କ ନିକଟରେ ଦାବି ପ୍ରଦାନ କରୁଛୁ ଏବଂ ଏଭଳି ଘଟଣାକୁ ଦୃଢ଼ଭାବରେ ନିନ୍ଦା କରୁଛି। ଆଗାମୀ ଦିନରେ ଯେପରି ଏଭଳି ନିନ୍ଦନୀୟ ଘଟଣାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ଉଚିତ୍ ପଦକ୍ଷେପ ଗ୍ରହଣ ନିମନ୍ତେ ଆମ୍ଭେ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରୁଛୁ। ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱ ଦେଇ ସରକାର ଯଥାଶୀଘ୍ର ଦୋଷୀକୁ ଦଣ୍ଡ ଦେବାକୁ ଦାବି କରୁଛୁ। ଯଦି ଦୋଷୀକୁ ଉଚିତ୍ ଦଣ୍ଡ ତଥା ଉକ୍ତ ନିରୀହ ମହିଳାକୁ ନ୍ୟାୟ ନମିଳେ, ତେବେ ସମସ୍ତ ଆଦିବାସୀ ସମ୍ପ୍ରଦାୟ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଶ୍ରୀମତୀ ମୁଣ୍ଡା କହିଛନ୍ତି।

## ଷ୍ଟେସନରୁ ଗଞ୍ଜେଇ ଜବତ, ୨ ଗିରଫ



**ସମ୍ବଲପୁର, ୧୭।୧୨(ସମିସ):** ରେଳବାଇ ପୁଲିସ ସମ୍ବଲପୁର ଷ୍ଟେସନରୁ ଗଞ୍ଜାଇ ଜବତ କରିଛି। ପାଟ୍ରୋଲିଂ ସମୟରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଦୁଇ ଜଣକୁ ଗିରଫ କରିଛି। ସେମାନେ ହେଲେ ରାହୁଲ ନିଶାଦ(୨୭) ଓ ଅରୁଣ ନିଶାଦ(୨୨)। ଉଭୟଙ୍କ ଘର ଉତ୍ତରପ୍ରଦେଶ ଗୋରଖପୁର ଜିଲ୍ଲାରେ। ସେମାନଙ୍କ ନିକଟରୁ ୧୩ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ସମଲେଶ୍ୱରୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ସମ୍ବଲପୁର, ୧୭।୧୨ (ସମିସ):** ସମଲେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସଙ୍ଗୀତା ପୁରୋହିତ ପ୍ରଥମେ ସମଲେଶ୍ୱରୀ ମନ୍ଦିରରୁ କ୍ରୀଡ଼ାବିତ ମାନେ ଆଣିଥିବା ମଶାଲକୁ ସ୍ଥାପନ କରିଥିଲେ। କ୍ରୀଡ଼ା ଶିକ୍ଷକ ଆନନ୍ଦ ଚନ୍ଦ୍ର ପତିଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ପାଢ଼ୀ, ଡିଲେଶ୍ୱର ସିଂ, ୱାଲଟର ଡୁଙ୍ଗଡୁଙ୍ଗ ପ୍ରମୁଖ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ ସେନାରେ ପୂର୍ବତନ ହକି ଖେଳାଳି ଜିତେନ୍ଦ୍ର ଶର୍ମା ଯୋଗ ଦେଇଥିଲେ। ବାଳକ ବିଭାଗରେ ଅଜୟ ଖଡ଼ିଆ ଏବଂ ବାଳିକା ବିଭାଗରେ ମୀନା କିସପଟା ଚାମ୍ପିଅନ ହୋଇଥିଲେ। ଏହି ପ୍ରତିଯୋଗିତାକୁ ସୋନାଲି ପୁରୋହିତ, ରାମେଶ୍ୱର ପୁରୋହିତ, ଅର୍ଜୁନ ନାଗ, ଅକ୍ଷୟ ଦାସ, ଭୂଷଣରଞ୍ଜନ ମେହେର, ଅଶୋକ ଚାନ୍ଦ, ସୂର୍ଯ୍ୟକାନ୍ତ ପଟେଲ, ସୁଶାନ୍ତ କୁମାର ପତି, ଲକ୍ଷ୍ମଣ ବର୍ଗତି ପ୍ରମୁଖ ସହଯୋଗ କରିଥିଲେ।

## ଦୂତିକା ସାହୁ ମହାବିଦ୍ୟାଳୟରେ ସ୍ୱଦେଶୀ ସଂକଳ୍ପ



**ସମ୍ବଲପୁର, ୧୭।୧୨ (ସମିସ):** ଲଇଡ଼ାସ୍ଥିତ ଦୂତିକା ସାହୁ ମହାବିଦ୍ୟାଳୟରେ ଆତ୍ମନିର୍ଭର ଭାରତ ଅଭିଯାନର ସ୍ୱଦେଶୀ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଶାନ୍ତ ପଟେଲଙ୍କ ସଭାପତିତ୍ୱରେ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ପାଇଁ ସମସ୍ତଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସ୍ୱଦେଶୀ ଦ୍ରବ୍ୟ ଓ ଭାରତୀୟ ଭାଷାର ବ୍ୟବହାର କରିବାପାଇଁ ମିଳିତ ଭାବରେ ଶପଥ ପାଠ କରିଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ଷାଣ୍ଢ ସଂଯୋଜନା କରିଥିବା ବେଳେ ଅଧ୍ୟାପକ କୈଳାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ସମ୍ପର୍କିତ କ୍ଷୁଦ୍ର ଭିଡିଓ/ରିଲ୍ସ ପ୍ରସ୍ତୁତି ପ୍ରତିଯୋଗିତାର ନିୟମ ସମ୍ପର୍କରେ ସୂଚନା ଦେବା ସହ ଏଥିରେ ସମସ୍ତେ ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା।

## ସିନ୍ଦୁରପଙ୍କ ଏକତା ମଞ୍ଚର କମ୍ବଳ ବଣ୍ଟନ



**ସମ୍ବଲପୁର, ୧୭।୧୨(ସମିସ):** ସିନ୍ଦୁରପଙ୍କ ଏକତା ମଞ୍ଚ ପକ୍ଷରୁ ସ୍ଥାନୀୟ ଏକତା ମଞ୍ଚ ପଡ଼ିଆରେ ଗରିବ, ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ମଞ୍ଚ ତରଫରୁ ସର୍ଭେ କରି ସିନ୍ଦୁରପଙ୍କ, ଦଣ୍ଡେଇପାଲି ଏବଂ ଆଖପାଖ ପ୍ରାୟ ୩୦ ଗ୍ରାମରୁ ଯୋଗ୍ୟ ବୃଦ୍ଧ ଓ ବୃଦ୍ଧାମାନଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବରେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରି ନାୟକଙ୍କ ଧର୍ମପତ୍ନୀ ମମତା ନାଏକ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ବିଜେପି ନେତା ତଥା ମାନବାଧିକାର ରାଜ୍ୟ ସେକ୍ରେଟାରୀ ମୋତିଲାଲ ତନ୍ତୀ, ବରିଷ୍ଠ ଚାଷୀ ନେତା ରାମସାଗର ସାହୁ, ସମ୍ମାନିତ ଅତିଥି ଭାବେ ଭଗତ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ଏକତା ମଞ୍ଚର ମୁଖ୍ୟ ତଥା ସମାଜସେବୀ ସୁବାସ ସାହାଣୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ମାନସ ବୁଶ ପରିଚାଳନା କରିଥିଲେ। ଆରପିଏସ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟର ଚେୟାରମ୍ୟାନ ଜଗନ୍ନାଥ ତ୍ରିପାଠୀ, ପ୍ରମୋଦ ନାୟକ୍, ସୁଧାକର ନାଥ, ତ୍ରିଲୋଚନ ମହାନନ୍ଦ, ମେଘୁ ମୁଣ୍ଡା, ମାନସ ବୁଶ, ବିଜୟ ଶଙ୍କର ମହାଲି, ମିନାକ୍ଷୀ ରାଉତ, ରାଜେଶ ପ୍ରଧାନ, ରାଜେନ୍ଦ୍ର କୁମାର ଧର, କୁମୁଦ ଚନ୍ଦ୍ର ସାହୁ, ସୁରଜ ନାଥ, ସ୍ୱାଗତ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କୃଷି ସମବାୟ ସମିତିରେ ଋଣ ନାମରେ ଅର୍ଥ ଆତ୍ମସାତ୍ ଅଭିଯୋଗ

**ସମ୍ବଲପୁର, ୧୭।୧୨ (ସମିସ) :** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ବାଟଗାଁ କୃଷି ସମବାୟ ସମିତିରେ ଭୂତ ଚାଷୀଙ୍କ ନାମରେ ଋଣ ଏବଂ ଚାଷୀମାନଙ୍କ ନାମରେ ଅଧିକ ଋଣ କରି ଅର୍ଥ ଆତ୍ମସାତ କରାଯାଇଥିବା ବୁଧବାର ଚାଷୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ,



ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ ପ୍ରାଥମିକ କୃଷି ସମବାୟ ସମିତିରେ ପଦପଦବୀରେ ଥିବା ଦୁଇଜଣ କିଛି ଅସାଧୁ କର୍ମଚାରୀଙ୍କୁ ହାତକରି କମ୍ ପରିମାଣର ଜମିଥିବା ଚାଷୀ ଏବଂ ଅନ୍ୟ କେତେକ ଚାଷୀଙ୍କ ଦସ୍ତଖତ ଜାଲିଆତି କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରିଛନ୍ତି। ଏପରିକି ସମବାୟ ସମିତି ଅଧିନରେ ଥିବା ବିଭିନ୍ନ ଗାଁରେ ସେଭଳି ନାମରେ କେହି ନ ଥିବା ଭୂତ ଚାଷୀଙ୍କ ନାମରେ କିସାନ କ୍ରେଡିଟ୍ କାର୍ଡ ଖାତା ଖୋଲାଯାଇ ଲକ୍ଷ ଲକ୍ଷ ଟଙ୍କା ଉଠାଯାଇଥିବା ଅଭିଯୋଗ କରିଛନ୍ତି। ଏପରିକି ସମବାୟ ସମିତି ପଦପଦବୀରେ ଦୁଇଜଣ ଋଣ କରାଇଦେବି କହି ଚାଷୀଙ୍କଠାରୁ ଲାଞ୍ଚ ମଧ୍ୟ ନେଉଛନ୍ତି। ଚାଷୀମାନେ ଏହାର ପ୍ରତିବାଦ କଲେ ତୁମେ ଯାହାକୁ ଅଭିଯୋଗ କଲେ ବି ଆମର କେହି କିଛି କରିପାରିବେ ନାହିଁ ବୋଲି ଧମକ ଦେଉଥିବା ଚାଷୀମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ସେମାନଙ୍କୁ ସୁହାଇଲା ଭଳି ଋଣ ଖିଲାପି ଲୋକଙ୍କୁ ପରିଚାଳନା କମିଟିରେ ରଖିବାସହ କୌଣସି କାରଣ ଦର୍ଶାଅ ନୋଟିସ୍ ଜାରି କରାନଯାଇ ଜଣେ କର୍ମଚାରୀଙ୍କୁ ବହିଷ୍କାର କରିଥିବା ଅଭିଯୋଗ କରାଯାଇଛି। ଚାଷୀମାନେ ପୂର୍ବରୁ ଗତ ୯ ତାରିଖ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ହୋଇ ଦାବିପତ୍ର ପ୍ରଦାନ କରିଥିଲେ। ବାଟଗାଁ ସମବାୟ ସମିତିରେ ହୋଇଥିବା ଦୁର୍ନୀତିର ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଚାଷୀମାନେ ଜିଲ୍ଲାପାଳଙ୍କଠାରେ ଆଜି ଦାବି ଜଣାଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କୁ ସେମାନେ ଦାବିପତ୍ର ପ୍ରଦାନ କରିଥିଲେ।

### ମାନ୍ଧାତା ବାବା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

## ବାଜି ମାରିଲେ ସ୍ୱାଗତ ଓ ସୁପ୍ରୀତି



**ସମ୍ବଲପୁର, ୧୭।୧୨ (ସମିସ) :** ସମ୍ବଲପୁର ଜିଲ୍ଲା ମାନେଶ୍ୱରସ୍ଥିତ ମାନ୍ଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୮ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୌଡ଼କୁଦ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଜାଭେଲିନ ଥ୍ରୋ, ଡିସକସ୍ ଥ୍ରୋ, ସଟପୁଟ୍ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ବାଳକବର୍ଗରେ ସ୍ୱାଗତ କାଲୋ ଏବଂ ବାଳିକା ବର୍ଗରେ ସୁପ୍ରୀତି ଓରାମ୍ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାକୁ ଅନୁଷ୍ଠାନର ପୂର୍ବତନ ସମ୍ପାଦକ ଯତୀନ ବାରିକ ଉଦ୍‌ଘାଟନ କରିଥିଲାବେଳେ ଉଦ୍‌ଯାପନୀ ସମାରୋହରେ ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଗଣ୍ଡାରାମ ଘଡିଏଲଙ୍କ ସଭାପତିତ୍ୱ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

### ଗଙ୍ଗାଧର ଯୁକ୍ତଦୁଇ କଲେଜର ବାର୍ଷିକ ଉତ୍ସବ

## ଅଧ୍ୟୟନକୁ ଜୀବନର ବ୍ରତ ରୂପେ ମାନିବାକୁ ପରାମର୍ଶ

**ସମ୍ବଲପୁର, ୧୭।୧୨ (ସମିସ):** ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର କୁଲଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର



ବଳିରାମ ବୋନ୍ଦର୍ ଯୋଗ ଦେଇଥିଲେ। ଅଧ୍ୟୟନକୁ ଜୀବନର ବ୍ରତ ରୂପେ ମାନିବାକୁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ମୁରଲୀଧର ମାଝୀ ସମ୍ମାନିତ ଅତିଥି ଛାତ୍ରଛାତ୍ରୀଙ୍କୁ ଯୁଗପୋଯୋଗୀ ହୋଇ କଳା ଓ ସଂସ୍କୃତିକୁ ଜୀବିତ ରଖିବା ପାଇଁ ଉପଦେଶ ଦେଇଥିଲେ। ନେତାଜୀ ସୁବାସ ବୋଷ ଚନ୍ଦ୍ର ମହାବିଦ୍ୟାଳୟର ଓଡ଼ିଆ ସହକାରୀ ପ୍ରାଧ୍ୟାପକ ଶ୍ୟାମ ଭୋଇ ମୁଖ୍ୟବକ୍ତା ଥିଲେ। ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଆକୃତି ' ଉନ୍ମୋଚିତ ହୋଇଥିଲା। ଚଳିତ ଶିକ୍ଷା ବର୍ଷର ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ହାସଲ କରିଥିବା କଳା ବିଭାଗର ବିଷ୍ଣୁ ପ୍ରସାଦ ନାୟକ, ବାଣିଜ୍ୟ ବିଭାଗର ସାଏବା ପରୱିନ୍ ଓ ବିଜ୍ଞାନରେ ତୃପ୍ତା ହାତୀଙ୍କୁ ପୁରସ୍କୃତ କରାଯାଇଥିଲା। ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ରମାଶିଷ୍ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ସ୍ୱୟମ୍ବର ନାଟକଟି ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନର ଛାତ୍ର ପରେଶ ସୁନାନୀ ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ଅଭିନେତ୍ରୀ ଦିବ୍ୟଜ୍ୟୋତି ବାରିକ ଏବଂ କଳା ବିଭାଗର ଛାତ୍ର ମୁକେଶ ସାହୁ ମୁଖ୍ୟ ଖଳନାୟକ ଭାବେ ପୁରସ୍କୃତ ହୋଇଥିଲେ। ସାଂସ୍କୃତିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରାଚୀ ହୋତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଜ୍ଞା ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସାଂସ୍କୃତିକ ସଂଘ ଓ ନାଟ୍ୟ ସଂଘ ଦ୍ୱାରା କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ

# ୧୬ ରାଜ୍ୟର ୫୫ ବିଶ୍ୱବିଦ୍ୟାଳୟର ଅଂଶଗ୍ରହଣ

ସମ୍ବଲପୁର, ୧୭।୧୨ (ସମିସ)






ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବୁର୍ଲା ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିଅମ, ଜ୍ୟୋତିବିହାରଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବୁଧବାର ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା (ପୁରୁଷ ଓ ମହିଳା) ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପୁରୁଷ ବିଭାଗର ମ୍ୟାଚ୍ ଗୁଡ଼ିକ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ମହିଳା ବିଭାଗର ମ୍ୟାଚ୍ ଗୁଡ଼ିକ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହା ଦଳଗତ ପ୍ରତିଯୋଗିତା ହୋଇଥିବାରୁ ସିଙ୍ଗିଲ୍‌ସ ଏବଂ ଡବଲ୍‌ସ ମ୍ୟାଚ ମାଧ୍ୟମରେ ମ୍ୟାଚ୍ ଗୁଡିକ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପୂର୍ବାଞ୍ଚଳ ଓ ଉତ୍ତର ପୂର୍ବାଞ୍ଚଳର ୧୬ଟି ରାଜ୍ୟର ୫୫ଟି ବିଶ୍ୱବିଦ୍ୟାଳୟରୁ ୩୫୦ ଜଣ ବ୍ୟାଡମିଣ୍ଟନ ଖେଳାଳି ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଛନ୍ତି।

ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ତୁଷାରକାନ୍ତି ଦାସ, କୁଳସଚିବ ଅଶୋକ କୁମାର ବେହେରା, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ, ସ୍ପୋର୍ଟ୍ସ କାଉନସିଲର ସଚିବ ପ୍ରଫେସର ଦେବେନ୍ଦ୍ର ମହାଳିକ ଓ ଟୁର୍ଣ୍ଣାମେଣ୍ଟ ମ୍ୟାଚ ରେଫରୀ ସୁଧୀର ମିଶ୍ର ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ମହାଳିକ ସଞ୍ଚାଳନ କରିଥିବାବେଳେ କ୍ରୀଡ଼ା ଅଧିକାରୀ ଡଃ ଅବିନାଶ କର ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରୁ ପୁରୁଷ ବିଭାଗରୁ ଶ୍ରେଷ୍ଠ ୪ଟି ଦଳ ଏବଂ ମହିଳା ବିଭାଗରୁ ଶ୍ରେଷ୍ଠ ୪ଟି ଦଳ ଜାତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଆଜି ଆରମ୍ଭ ହୋଇଥିବା ପୁରୁଷ ବିଭାଗର ମ୍ୟାଚ୍‌ଗୁଡ଼ିକୁ ଓଡ଼ିଶା ବ୍ୟାଡମିଣ୍ଟନ ସଂଘର ଟେକ୍‌ନିକାଲ ଅଫିସିଆଲ ମ୍ୟାଚ ରେଫରୀ ସୁଧୀର ମିଶ୍ର, ବବୁଲୁ ସାହୁ, ଅନିଶ ହାଁସଦା, ସୂର୍ଯ୍ୟ ପାଣିଗ୍ରାହୀ, ହେମାନନ୍ଦ ଥପା, ବିଶ୍ୱମୋହନ ଅଚାରୀ, ଦେବେନ୍ଦ୍ର ତାଣ୍ଡିଆ, ବିକ୍ରମ କେଶରୀ ପଣ୍ଡା ଓ ଅଂଶୁମାନ ପାତ୍ର ପରିଚାଳନା କରୁଛନ୍ତି। ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ପୁରୁଷ ବିଭାଗର ମ୍ୟାଚ୍ ଗୁଡ଼ିକ ଆରମ୍ଭ ହୋଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ମହିଳା ବିଭାଗର ମ୍ୟାଚ୍ ଗୁଡିକ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

■ ଟ୍ୱିଟର ଗାର୍ଲ ଦୀପା ବାରିକଙ୍କ ଉଦ୍ୟମ

# ତେଲେଙ୍ଗାନାରୁ ପ୍ରବାସୀ ଶ୍ରମିକ ଉଦ୍ଧାର

**ବରଗଡ଼, ୧୭।୧୨(ସମିସ):** ବାହାର ରାଜ୍ୟରେ ଫସି ରହିଥିବା ପ୍ରବାସୀ ଶ୍ରମିକ ମାନଙ୍କୁ ଉଦ୍ଧାର କରି ଟ୍ୱିଟର ଗାର୍ଲ ଦୀପା ବାରିକ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଅଧୀନ ବିଭିନ୍ନ ଗାଁର ୭ ଜଣ ଦାଦନ ଶ୍ରମିକ ତେଲେଙ୍ଗାନା ରାଜ୍ୟ କାମାରେଡି ଜିଲ୍ଲାର ଏକ ଇଟାଭାଟିରେ ନିର୍ଯାତନାର ଶିକାର ହେଉଥିଲେ। ଏନେଇ ତାଙ୍କ ପରିବାରବର୍ଗ ଟେମରି ଗାଁର ସ୍ୱେଚ୍ଛାସେବୀ ଦୀପା ବାରିକଙ୍କ ଘରକୁ ଯାଇ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଦୀପା ତାଙ୍କ ବିଷୟରେ ଅବଗତ ହୋଇ ସାମାଜିକ ଗଣମାଧ୍ୟମ ଏକ୍ସ (ଟ୍ୱିଟର) ମାଧ୍ୟମରେ ତେଲେଙ୍ଗାନା ପୁଲିସଙ୍କୁ ପ୍ରବାସୀ ଶ୍ରମିକ ମାନଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ। ଦୀପାଙ୍କ ଅନୁରୋଧ ରକ୍ଷା କରି ତେଲେଙ୍ଗାନା ପୁଲିସ ପକ୍ଷରୁ କାମାରେଡି ଏସପି ସ୍ଥାନୀୟ ପୁଲିସକୁ ପଠାଇ ପ୍ରବାସୀ ଶ୍ରମିକ ମାନଙ୍କୁ ଉଦ୍ଧାର କରିଥିଲେ। ଦୀପାଙ୍କ ଏହି ସାହସିକତା ପୂର୍ଣ୍ଣ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ବରଗଡ଼ ଜିଲ୍ଲାର ପାଇକମାଲ ବ୍ଲକ ଏକ ଦାଦନ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା, ଏଠାରୁ ଅନେକ ଲୋକମାନେ ବାହାର ରାଜ୍ୟକୁ କାମ ଅନ୍ୱେଷଣ ପାଇଁ ଯାଇଥାନ୍ତି। ପରବର୍ତ୍ତୀ ସମୟରେ ସେମାନେ ନିର୍ଯାତନାର ଶିକାର ହୋଇଥାନ୍ତି। ଏଭଳି ହଜାର ହଜାର ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ଦୀପା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।



# ରାସ୍ତା ବଖାଣୁଛି ବିକାଶର ଚିତ୍ର

**ବରଗଡ଼, ୧୭।୧୨(ସମିସ)**

ପଦ୍ମପୁର ବ୍ଲକ ଅଧୀନ ମେଲଛାମୁଣ୍ଡା ବସଷ୍ଟାଣ୍ଡରୁ ବସ୍ତି ଭିତରକୁ ସଂଯୋଗ କରୁଥିବା ଆରଡି ରାସ୍ତା ଦୀର୍ଘ ବର୍ଷ ହେବ ମରାମତି ନ ହୋଇ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଗାଡି ମଟରରେ ଯିବା ଦୂର ଖାଲି ପାଦରେ ବି ଚାଲି କି ଯିବା ମୁସ୍କିଲ ହୋଇଛି। ପ୍ରତିଦିନ ଏହି ରାସ୍ତାରେ ଛୋଟ ବଡ ଦୁର୍ଘଟଣା ମାନ ଘଟି ବହୁ ଲୋକ ଆହତ ହେଉଛନ୍ତି। ଗାଁ ମୁଣ୍ଡରୁ ରାସ୍ତା ଅବସ୍ଥା ଏମିତି ଯେ, ଯିଏ ବି ଦେଖିବ ବିଗତ ଦୁଇ ବର୍ଷ ମଧ୍ୟରେ କଣ ବିକାଶ ହୋଇଛି ବେଶ୍ ଜାଣି ପାରିବ।

**ମେଲଛାମୁଣ୍ଡା ବସ୍ତି ଭିତର ରାସ୍ତାର ଦୁରାବସ୍ଥା**

ରାସ୍ତା ନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗେଟି, ମେଟାଲ ଉଠି ଯାଇ ସ୍ଥାନେ ସ୍ଥାନେ ଖାଲଖମାରେ ରାସ୍ତାଟି ଭର୍ତ୍ତି ହୋଇଛି। ଏହିରାସ୍ତା ମେଲଛାମୁଣ୍ଡା ବସଷ୍ଟାଣ୍ଡରୁ ବସ୍ତି ଭିତର, ଝୁନୁଙ୍ଗାପାଲି, ପଣ୍ଡରିପାଣୀ ଦେଇ ବେଲମୁଣ୍ଡା ଗାଁକୁ ମଧ୍ୟ ସଂଯୋଗ କରୁଛି। ପ୍ରତ୍ୟହ ସ୍କୁଲ କଲେଜ ଛାତ୍ରଛାତ୍ରୀ, ହସ୍ପିଟାଲ୍‌କୁ ରୋଗୀ ମାନେ ଏହିରାସ୍ତାରେ ଯିବା ଆସିବା କରୁଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ପଞ୍ଚାୟତ ଅଫିସ୍, ମନ୍ଦିର ଆଦିକୁ ଏହା ଏକମାତ୍ର ରାସ୍ତା। ବର୍ତ୍ତମାନ ଧାନ କିଣା ବିକା ସମୟ ହୋଇଥିବାରୁ ଏହି ରାସ୍ତାରେ ଶହଶହ ଟ୍ରାକ୍ଟର, ଟ୍ରକ ଯାତାୟତ କରୁଥିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ମେଲଛାମୁଣ୍ଡା ହେଉଛି ଏ ଅଞ୍ଚଳର ଏକ ପ୍ରମୁଖ ସ୍ଥାନ। ନିର୍ବାଚନ ସମୟରେ ନେତା ମନ୍ତ୍ରୀ ମାନେ ଏଠି ଡେରା ପକାଇ ବିକାଶର ଅନେକ ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିର୍ବାଚନ ସରିଗଲା ପରେ ଆଉ କାହାରି ବି ଦେଖା ଦର୍ଶନ ନାହିଁ।



ପ୍ରଶାସନିକ ଅଧିକାରୀ ଆସୁଛନ୍ତି ନିଜ ଆଖିରେ ରାସ୍ତାର ଅବସ୍ଥା ଦେଖୁଛନ୍ତି ହେଲେ ଆଜି ପର୍ଯ୍ୟନ୍ତ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ନାହିଁ। ସନ୍ଧ୍ୟା ହେଲେ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧକାର ହେଉଛି। ଏପରିସ୍ଥଳେ ଏହି ରାସ୍ତାରେ ଯିବା ଏକ ପ୍ରକାର ମରଣକୁ ଡାକିବା। ବିଭାଗୀୟ ଅଧିକାରୀ ମାନେ ତୁରନ୍ତ ଏହିରାସ୍ତାକୁ ନୂତନ ଭାବେ ନିର୍ମାଣ କରିବା ସହ ରାସ୍ତା ପାର୍ଶ୍ୱରେ ଲାଇଟର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଯୁଦ୍ଧକାଳୀନ ଭିତ୍ତିରେ ଏହିରାସ୍ତା ନିର୍ମାଣ ଆଉ ଲାଇଟ୍ ବ୍ୟବସ୍ଥା ନ ହେଲେ ଆଗାମୀ ଦିନରେ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଦାବି କରୁଛନ୍ତି।

## ଅଞ୍ଚଳ ମହାବିଦ୍ୟାଳୟରେ ଆତ୍ମନିର୍ଭର ଭାରତ ସଂକଳ୍ପ ସମାରୋହ

**ବରଗଡ଼, ୧୭।୧୨ (ସମିସ):** ଅଞ୍ଚଳ ମହାବିଦ୍ୟାଳୟ ପରିସରରେ 'ଆତ୍ମନିର୍ଭର ଭାରତ' ଅଭିଯାନ ଅଧୀନ ଏକ ଭବ୍ୟ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇଯାଇଛି। 'ଆତ୍ମନିର୍ଭର ଭାରତ ଦିଗରେ ଏକ ପଦକ୍ଷେପ' ଶୀର୍ଷକ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ୱଦେଶୀ ଜ୍ଞାନକୌଶଳର ପ୍ରସାର ଓ ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ହିଁ ଏକ ସମୃଦ୍ଧ ଭାରତ ଗଠନର ମୂଳଦୁଆ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷକ କର୍ମଚାରୀ ସଂଘର ସମ୍ପାଦକ ସନ୍ତୋଷ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସମସ୍ତଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ। ଦେଶକୁ ଆର୍ଥିକ ଓ ଶିଳ୍ପ କ୍ଷେତ୍ରରେ ସ୍ୱୟଂ ସମ୍ପୂର୍ଣ୍ଣ କରିବା ପାଇଁ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପକ, ଅଧ୍ୟାପିକା ଏବଂ ଶତାଧିକ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଏକ ସାମୂହିକ ଶପଥ ପାଠ କରିଥିଲେ। ଶେଷରେ ଶିକ୍ଷକ କର୍ମଚାରୀ ସଂଘର ସଭାପତି ପ୍ରମୋଦ ତ୍ରିପାଠୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଭାରତକୁ ବିଶ୍ୱସ୍ତରରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗଢ଼ିତୋଳିବା ପାଇଁ ଯୁବପିଢ଼ିର ଦୃଢ଼ ସଙ୍କଳ୍ପ ଓ ନିଷ୍ଠା ଅପରିହାର୍ଯ୍ୟ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଲୋଇକେରା ଚାମ୍ପିଅନ



**କୁଚିଣ୍ଡା, ୧୭।୧୨ (ସମିସ):** ଗୋବିନ୍ଦପୁର ଖେଳପଡ଼ିଆରେ ଚାଲିଥିବା ପଞ୍ଚଦିବସୀୟ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗୋବିନ୍ଦପୁର କ୍ରିକେଟ୍ କ୍ଲବ୍ ପକ୍ଷରୁ ଗତ ପାଞ୍ଚଦିନ ଧରି ଚାଲିଥିବା ଉକ୍ତ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ବଳଦମାଲ ଦଳକୁ ପରାସ୍ତ କରି ଲୋଇକେରା ଦଳ ବିଜେତା ହୋଇ ଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ମଙ୍ଗଲି ନାଏକ ଓ ଅରବିନ୍ଦ ସାହୁ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଭୋଜପୁର ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜମନକିରା, ୧୭।୧୨(ସମିସ):** ସରକାରୀ ଏସଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୁଚିଣ୍ଡା ଅନିଭା ନାୟକ, ମୁଖ୍ୟ ବକ୍ତା ଭାବରେ ଦେବଗଡ଼ ମୋଡେଲ ଡିଗ୍ରୀ କରେଜ ଅଧ୍ୟକ୍ଷ ବିଜୟ କୁମାର ମହାରଣା, ସମ୍ମାନିତ ଅତିଥି ଭାବରେ ମଳୟ ବେହେରା, ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମେନ ବାସନ୍ତୀ ବେହେରା, ପ୍ରତାପ କୁମାର ମହାକୁଲ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ରଣା ଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ରୋହିତ ନାଥ ପରିଚୟ ପ୍ରଦାନ କରିଥିବା ବେଳେ ଚକ୍ରଧର ମାଝୀ ସଭା ପରିଚାଳନା କରିଥିଲେ। ଆଦିତ୍ୟ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଜାତା ତ୍ରିପାଠୀ, ସଂଯୁଲତା ବାଗ, ପଙ୍କଜିନି ବାରିକ, ଅମିୟ ନାୟକ, ରୁବି ଦାଶ, ପୂଜା ପଟେଲ, ସୁଧୀର ଛତ୍ରିଆ, ସୁଶାନ୍ତ ଚୌଧୁରୀ ଓ ଅମରିଶ ପ୍ରଧାନ ସହିତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଚକ୍ରଧର ମାଝୀ ସଭା ପରିଚାଳନା କରିଥିଲେ।

ଭୁକ୍ତା ମୁଖ୍ୟ ଡାକ୍ତରଖାନା

# ପ୍ରାଣ ନେଉଛି ଡାକ୍ତର ଅଭାବ

**ଅମ୍ବାଭୋନା, ୧୭।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକରେ ଡାକ୍ତର ଅଭାବ ଯୋଗୁଁ ସାଧାରଣ ଜନତାଙ୍କ ଜୀବନ ଅସୁରକ୍ଷିତ ହୋଇପଡ଼ିଛି। ଗତ ରବିବାର ରାତିରେ ଏକ ସାଙ୍ଘାତିକ ବାଇକ ଦୁର୍ଘଟଣା ଘଟିଥିଲା। ଏଥିରେ ଆହତ ବ୍ୟକ୍ତିଙ୍କୁ ଅମ୍ବାଭୋନା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। କିନ୍ତୁ ସେ ସମୟରେ ଡାକ୍ତର ଉପସ୍ଥିତ ନଥିବାରୁ ଫାର୍ମାସିଷ୍ଟଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଆହତଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା (ଡିଏଚଏଚ)କୁ ସ୍ଥାନାନ୍ତର କରାଯାଇଥିଲା। ରାତିରେ ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ ସିଡିଏମଓଙ୍କୁ ଫୋନ ଯୋଗେ ପଚାରାଯିବାରୁ, "ଡାକ୍ତର ରହିପାରୁ ନାହାନ୍ତି, ମୁଁ କଣ କରିପାରିବି" ବୋଲି ଉତ୍ତର ମିଳିଥିବା ଅଭିଯୋଗ ହୋଇଛି। ଏହାର ପରଦିନ ସୋମବାର ଅମ୍ବାଭୋନା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ରହିଥିବା ବେଳେ ସେଠାରେ ମଧ୍ୟ ଡାକ୍ତର ଅଭାବ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜନଶୁଣାଣି ସମୟରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.କୁବେର ମହନ୍ତ ବରଗଡ଼ ଜିଲ୍ଲାରେ ୫୩୫ ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ କେବଳ ୧୩୫ ଜଣ ଡାକ୍ତର ଉପଲବ୍ଧ




ଅଛନ୍ତି। ଏଥିରେ ମୁଁ କଣ କରିପାରିବି ବୋଲି ପାଲଟା ପ୍ରଶ୍ନ କରିଥିଲେ। ଏହା ପରେ ପୁଣି ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ରୁଚିଦା ନିବାସୀ ଗଣପତ ନାୟକ (୬୦) ଙ୍କ ଅବସ୍ଥା ସଙ୍କଟପନ୍ନ ହେବାରୁ ତାଙ୍କୁ ଭୁକ୍ତା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେହିଦିନ ମଧ୍ୟ ଡାକ୍ତର ଉପସ୍ଥିତ ନଥିବାରୁ ଯଥାସମୟରେ ଚିକିତ୍ସା ମିଳି ନ ଥିଲା। ତାହାର ପରିଣାମରେ ତାଙ୍କ ଜୀବନ ଯାଇଥିବା ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାକୁ ନେଇ ରାତ୍ରି ସମୟରେ କିଛି ସମୟ ପାଇଁ ଉତ୍ତେଜନା ମଧ୍ୟ ଦେଖା ଦେଇଥିଲା। ଭୁକ୍ତା ମୁଖ୍ୟ ଡାକ୍ତରଖାନା ଉପରେ ଅମ୍ବାଭୋନା ବ୍ଲକର ୧୦୪ଟି ଗାଁ ସହ ସୀମାନ୍ତ ଛତିଶଗଡ଼ ରାଜ୍ୟର ଅନେକ ଲୋକ ନିର୍ଭର କରିଥାନ୍ତି। ଏପରି ପରିସ୍ଥିତିରେ ଡାକ୍ତର ଅଭାବ ଗୁରୁତର ସଙ୍କଟ ସୃଷ୍ଟି କରୁଥିବାରୁ ଉଚ୍ଚ ପଦସ୍ଥ ଅଧିକାରୀ ଓ ବିଭାଗୀୟ ପ୍ରଶାସନ ଭୁକ୍ତା ମୁଖ୍ୟ ଡାକ୍ତରଖାନା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକମାନେ ବାରମ୍ବାର ଦାବି କରୁଛନ୍ତି।

## ସମଲେଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ





**ସମ୍ବଲପୁର, ୧୭।୧୨ (ସମିସ) :** ସମ୍ବଲପୁର ଉପକଣ୍ଠସ୍ଥ ଗୋଶାଳା ବୈଜାମୁଣ୍ଡାଠାରେ ଥିବା ମାନସିକ ଅନଗ୍ରସର ଶ୍ରଦ୍ଧାଗୃହରେ ଆଜି ମାଁ ସମଲେଇ ଚାରିଟେବଲ ଟ୍ରଷ୍ଟ ତରଫରୁ କମ୍ବଳ ବଣ୍ଟନ କରାଗଲା। ଟ୍ରଷ୍ଟ ସଦସ୍ୟମାନେ ଶ୍ରଦ୍ଧାଗୃହକୁ ଯାଇ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟବସ୍ଥା, ସୁବିଧା ଅସୁବିଧା ଏବଂ ଆବଶ୍ୟକତା ବିଷୟରେ ପଚାରି ବୁଝିଥିଲେ। ଏହାପରେ ପ୍ରବଳ ଶୀତ ହେଉଥିବାରୁ ସେମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏହି ଅବସରରେ କବିତା ପୁରୋହିତ, ନିଶିକାନ୍ତ ବିଶ୍ୱାଳ, ଆଲୋକ ମହାକୁର, ସୁବର୍ଣ୍ଣା ନାୟକ, କାହ୍ନୁଚରଣ ଷଡ଼ଙ୍ଗୀ, ଦୀପ୍ତି ଦାଶ, ଲିଲିମା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି 'ସ୍ୱଇଚ୍ଛା ପରିବାର' ପକ୍ଷରୁ ଆସନ୍ନ ଶୀତର ପ୍ରକୋପକୁ ଆଖି ଆଗରେ ରଖି ଯୁଯୋମୁରା ବ୍ଲକ ଅନ୍ତର୍ଗତ ଛାମୁଣ୍ଡା ପଞ୍ଚାୟତରେ ୫୦ ଜଣ ଗରିବ ଓ ଅସହାୟ ବ୍ୟକ୍ତିବିଶେଷଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବର୍ତ୍ତମାନ ଶୀତ ଯେମିତି ବଢ଼ିଚାଲିଛି, ଶୀତବସ୍ତ୍ରର ଆବଶ୍ୟକତା ମଧ୍ୟ ସେତିକି ରହିଛି। ଏପରିସ୍ଥଳେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ କଥା ନ କହିବା ଭଲ। ଆବଶ୍ୟକତାକୁ ହୃଦୟଙ୍ଗମ କରି 'ସ୍ୱଇଚ୍ଛା'ର ଦିଲୀପ ପଣ୍ଡା, ଆର୍ତ୍ତତ୍ରାଣ ଶତପଥୀ, ମାନସ ଶତପଥୀ, ଧର୍ମେନ୍ଦ୍ର ପଟ୍ଟନାୟକ, ଘନଶ୍ୟାମ ସାହୁ, ସୂର୍ଯ୍ୟ ପଣ୍ଡା, କାଳିଚରଣ ସାମନ୍ତ, ତନ୍ମୟ ମେହେର ପ୍ରମୁଖ ଛାମୁଣ୍ଡାରେ ପହଞ୍ଚି ପୁରୁଷ ଓ ମହିଳାଙ୍କୁ କମ୍ବଳ ବଣ୍ଟନ କରିଛନ୍ତି।

## ଦନ୍ତା କବଳରୁ ବଞ୍ଚିଗଲେ ଯୁବକ

**କୁଚିଣ୍ଡା, ୧୭। ୧୨(ସମିସ):** ବୁଧବାର ଅପରାହ୍ଣରେ କୁଟୁରାଚୁଆଁ ଖଡ଼ିଆ ପଡ଼ାର ଯୁବକ ତିଳକ ବାଗ (୩୬) ପାଖରେ ଥିବା ଜାମଚୁଆଁ ଗ୍ରାମକୁ ଯାଇ ନିଜ ଘର ଖଡ଼ିଆ ପଡ଼ାକୁ ଫେରୁଥିବାବେଳେ ହାତୀ ପଲ ସମ୍ମୁଖରେ ପଡ଼ି ଯାଇଥିଲେ। ତିଳକ ତଳେ ପଡ଼ିଯାଇଥିବାବଳେ ହାତୀ ଲାତ ମାରି ଗର୍ଜନ କରି ପୁଣି ଫେରି ଯାଇଥିଲା। ତିଳକଙ୍କ ପିଠିରେ ଆଘାତ ଲାଗିଥିବାବେଳେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନା ନିଆଯାଇଥିଲା। ପ୍ରକାଶ ଯ, ହାତୀ ପଲକୁ ଗ୍ରାମବାସୀ ଘଉଡାଉଥିବାବଳେ ତିଳକ ହାବୁଡ଼ରେ ପଡ଼ିଯାଇଥିଲେ।

## ବକ୍ସମା ପଞ୍ଚାୟତରେ ହାତୀ ଉପଦ୍ରବ



**କୁଚିଣ୍ଡା, ୧୭।୧୨(ସମିସ):** କୁଚିଣ୍ଡା ବ୍ଲକ ଅଧୀନ ବକ୍ସମା ପଞ୍ଚାୟତରେ ଦୁଇଦିନ ଧରି ଏକ ୩୦ ଟିକିଆ ହାତୀ ଦଳ ଉପଦ୍ରବ କରୁଛନ୍ତି। ଫଳରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ସୂଚନାରୁ ପ୍ରକାଶ ଯେ, ଗତ ଦୁଇ ଦିନ ହେବ ଜଙ୍ଗଲରୁ ଆସି ଏକ ୩୦ ଟିକିଆ ହାତୀ ପଲ ବକ୍ସମା ପଞ୍ଚାୟତର ବିଭିନ୍ନ ସ୍ଥାନରେ ରହୁଛନ୍ତି। ହାତୀଙ୍କ ଚଳାଚଳ ସମୟରେ ସେମାନଙ୍କ ପ୍ରତି ବିପଦ ଥିବାରୁ ଦୁଇ ରାତି ହେଲା ସମ୍ପୂର୍ଣ ଭାବେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଉଛି। ଏହା ସହିତ ବନ ବିଭାଗ କର୍ମଚାରୀ ଏବଂ ଗ୍ରାମବାସୀ ବାଣ ଫୋଟାଇ ଓ ନିଆଁ ହୁଲା ଜାଳି ହାତୀଙ୍କୁ ଜଙ୍ଗଲ ଭିତରକୁ ପଠାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ହାତୀମାନେ ମଙ୍ଗଳବାର ରାତ୍ରିରେ ପ୍ରଥମେ ହଲକାଡ଼ିପା ଓ ଦେମୁଲଡ଼ିପାରେ ରହି ପରେ ଠାକୁର ନିକ୍ତମାଲ ଗ୍ରାମ ଦେଇ ଜଙ୍ଗଲକୁ ଯାଇଛନ୍ତି। ମଙ୍ଗଳବାର ରାତିରେ ସେମାନେ ଚାଷୀଙ୍କ ଧାନ ଏବଂ ପନିପରିବା ଖାଇବା ସହ ମାଡ଼ି ଦଳି ନଷ୍ଟ କରିଛନ୍ତି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ହାତୀପଲ ଦେମୂଳଡିପା ଠାରେ କୌଶିକ ମାଝୀଙ୍କ ଏବଂ ଜିବର୍ଦ୍ଧନ ବାଗଙ୍କ ବିଲରୁ ଧାନ ଫସଲ ଖାଇବା ସହ ମାଡ଼ିଦଳି ନଷ୍ଟ କରିଛନ୍ତି, ସେହିପରି ଠାକୁର ନିକ୍ତିମାଲ ଗ୍ରାମର ଯୁଧିଷ୍ଠିର ଠାକୁରଙ୍କ ପରିବା ବଗିଚାରୁ ପୋଟଳ, କୋବି ଗଛ ଖାଇବା ସହିତ ତାକୁ ମଧ ମାଡ଼ି ଦଳି ନଷ୍ଟ କରିଛନ୍ତି। ସମସ୍ତ ଚାଷୀ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଅର୍ଥ ପ୍ରଦାନ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

## କୂଅରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**ରେଢ଼ାଖୋଲ, ୧୭।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ କଦଳୀଗଡ଼ ପଞ୍ଚାୟତ ଅଧୀନ ଆମ୍ବଝୁରି ଗ୍ରାମର ଜଣେ ବୃଦ୍ଧ ଖୋଲା ପରିତ୍ୟକ୍ତ କୂଅରେ ପଡ଼ି ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ବୃଦ୍ଧ ଜଣଙ୍କ ହେଲେ ଉକ୍ତ ଗ୍ରାମର ଚମ୍ପେସର ପ୍ରଧାନ। ବୃଦ୍ଧ ବ୍ୟକ୍ତି ଜଣକ ଗତ ବିଳମ୍ବିତ ରାତିରେ ଶୌଚ ହେବାପାଇଁ ଘର ପଛପଟକୁ ଯାଉଥିଲେ। ସେହି ସମୟରେ କୂଅରେ ପଡ଼ି ଯାଇଥିଲେ। ରାତିରେ ପରିବାର ଲୋକେ ବହୁ ଖୋଜାଖୋଜି ପରେ ନପାଇବାରୁ ବୁଧବାର ସକାଳ ପାଖରେ ଥିବା କୂଅରେ ବୃଦ୍ଧ ଜଣକ ପଡ଼ିଥିବା ଦେଖି ରେଢ଼ାଖୋଲ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ରେଢ଼ାଖୋଲ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦାବି ପୂରଣ ନ ହେଲେ ଡାକ୍ତରଙ୍କ ସମୂହ ଇସ୍ତଫା ଚେତାବନୀ

**କୁଚିଣ୍ଡା, ୧୭।୧୨(ସମିସ):** ଆସନ୍ତା ୨୬ରୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ୍ (ଓମ୍‌ସା) ଅନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇବ। ରାଜ୍ୟର ସମସ୍ତ ହସ୍ପିଟାଲ୍‌ରେ ଡାକ୍ତରମାନେ ପୂର୍ବାହ୍ଣ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଓପିଡି ସେବା ବନ୍ଦ ରଖିବେ। ଏହାପରେ ଯଦି ରାଜ୍ୟ ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ ନ କରନ୍ତି, ତାହେଲେ ଜାନୁଆରୀରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଓମ୍‌ସା ସଂଘ ନିଷ୍ପତ୍ତି ନେଇଛି। ସଂଘର ଆହ୍ୱାନ କ୍ରମେ କୁଚିଣ୍ଡାରେ ମଧ୍ୟ ଡାକ୍ତରମାନେ ୧୦ ଦଫା ଦାବି ନେଇ ଗତ ନଭେମ୍ବର ୨୦ରୁ ଡାକ୍ତର କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। ଏହାପରେ ବି ଯଦି ସରକାର ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ୍କରନ୍ତି ତେବେ ଜାନୁଆରୀ ୧୫ରୁ ସମୂହ ଇସ୍ତଫା ଦେବେ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଆନ୍ଦୋଳନରେ କୁଚିଣ୍ଡା ଡାକ୍ତରଖାନାର ସୁପରିଟେଣ୍ଡେନ ଡା.ସୁବୋଧ କୁମାର ନାୟକ, ଡା.ସୁଶାନ୍ତ ମିଶ୍ର, ଡା. ସିଦ୍ଧାର୍ଥ ମିଶ୍ର, ଡା.ସୁଦୀପ୍ତ ନାଏକ, ଡା.ଅନିତା ଓରାମ, ଡା.ଚିତ୍ତରଞ୍ଜନ ଦାସ ସମର୍ଥନ ଜଣେଇ ଆନ୍ଦୋଳନ ସାମିଲ ହେଇଛନ୍ତି।

# ବିଭିନ୍ନ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ







### କନବାର ହାଇସ୍କୁଲ

**ବରପାଲି, ୧୭।୧୨(ସମିସ):** ବରପାଲି ବ୍ଲକ କନବାର ଉଚ୍ଚବିଦ୍ୟାଳୟର ଦ୍ୱିଦିବସୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅଧିକାରୀ ବାରିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ୧୦୦, ୨୦୦ ମିଟର ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ, ସର୍ଟ ପୁଟ, ଡିସ୍କସ ଥ୍ରୋ ପ୍ରଭୃତି କ୍ରୀଡା ମାନ ସାମିଲ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବରିଷ୍ଠ କ୍ରୀଡାବିତ୍ ମନୋଜ ସାହୁ, ଅଭିଭାବକ କମିଟି ସଭାପତି ଅମୂଲ୍ୟ ପ୍ରଧାନ, ଯୋଗେଶ୍ୱର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷକ, ପ୍ରଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସେବା ବିନିମୟି ଯୁକ୍ତା ବାରିକ ସ୍ୱାଗତ ଜଣାଇଥିଲେ। ହିନ୍ଦୀ ଶିକ୍ଷକ ବଳରାମ ସାହୁ ସଭା ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ାବିତ୍ ସାନନ୍ଦ ଭୋଇ, ବିଜୟ ବାରିକ, କପିଳେନ୍ଦ୍ର ପଧାନ ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।

### ଗୋପାଳପୁର ଆଶ୍ରମ ବିଦ୍ୟାଳୟ

**ଭଟଲି:** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ଗୋପାଳପୁର ଆଶ୍ରମ ସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମ ହନୁମନ୍ତ ରେ‡ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପଧାନ, ସମ୍ମାନିତ ଅତିଥି ଭାବେ ସିଆରସିସି ଲୋକନାଥ ମେହେର, ସଫେଦ ପଧାନ, ସତ୍ୟବାନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ାରେ ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ରଶି ଡିଆଁ, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସ୍ୱତନ୍ତ୍ର ଅତିଥି ଭାବେ ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଯୋଗ ଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରି ଆଗାମୀ ବାର୍ଷିକ ଉତ୍ସବରେ ମାନପତ୍ର ସହ ଟ୍ରଫି ପ୍ରଦାନ କରିବା ପାଇଁ ସ୍ଥିରୀକୃତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଆଶ୍ରମ ସ୍କୁଲର ଶିକ୍ଷୟିତ୍ରୀ ଦୀପ୍ତି ତ୍ରିପାଠୀ, ମମତା ସାହୁ, ପଞ୍ଚମୀ ନାଏକ, ତୁଳସୀ ସା, ଜୟନ୍ତୀ ମୁନା, ଶିକ୍ଷକ ଅଷ୍ଟମନ୍ୟୁ ବାରିକ, ରାଜୀବ ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅନନ୍ତ ସାହୁ, ସଦସ୍ୟ ପଞ୍ଚୁଲାଲ ନାଏକ, କ୍ଷେତ୍ରମୋହନ ସାହୁ, ଅନ୍ତର୍ଯ୍ୟାମୀ ପଧାନ, ଅଶୋକ ସାହୁ, ଈଶ୍ୱର ଭୁଏ, ସଦସ୍ୟା ପଦ୍ମିନୀ ପ୍ରଧାନ, ସୁଦେଷ୍ଣା ସାହୁ, ପଦ୍ମିନୀ ବାଗ, ମହିଳା ସ୍ୱେଚ୍ଛାସେବୀ ମାନସୀ ଷଣ୍ଢ, ସାବିତ୍ରୀ ଭୁଏ, ସବିତା ବାଗ, ସାବିତ୍ରୀ ବାଡା ଏବଂ ଶିକ୍ଷାର୍ଥୀମାନଙ୍କ ସହ ସେମାନଙ୍କ ପିତାମାତା ଉପସ୍ଥିତ ଥିଲେ। ଶିକ୍ଷକ ଉଚ୍ଛବ ଭୁଏ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଦିଲ୍ଲୀପ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଲଖମରା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ

**ପଦ୍ମପୁର:** ଲଖମରା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ସମାରୋହ ଅଧ୍ୟକ୍ଷ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମହେଶ୍ୱର ବଢ଼େଇ ଓ ଧର୍ମେନ୍ଦ୍ର ଖମାରୀ ଯୋଗ ଦେଇ କୃତୀ ପ୍ରତିଭା ମାନଙ୍କୁ ପୁରସ୍କୃତ କରିଥିଲେ। ରାଜ୍ୟସ୍ତରୀୟ କ୍ରୀଡାବିତ୍ ମାନଙ୍କୁ ସମ୍ମାନିତ କରାଯାଇଥିଲା। କୁମୁଦିନୀ ଭୋଇ ପରିଚୟ ପ୍ରଦାନ କରିଥିବା ବେଳେ ତିଳୋତ୍ତମା କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ଥର ଗତିରେ ଚାଲୁଛି କୋମନା ପାକ୍ସ ଧାନମଣ୍ଡି



**କୋମନା,୧୭ ।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ସମବାୟ ସମିତି ଦ୍ୱାରା ପରିଚାଳିତ ଦୁଇଟି ଧାନମଣ୍ଡି ମନ୍ଥର ଗତିରେ ଚାଲୁଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି । ଉକ୍ତ ପାକ୍ସର ଦୁଇଟି ଧାନମଣ୍ଡି କୋମନା ଓ ଉଦ୍ୟାନବନ୍ଧରେ ମୋଟ ଭାବରେ ୧୫୬୧ ଜଣ ଚାଷୀଙ୍କ ନାମ ପଞ୍ଜିକରଣ ହୋଇଥିବାବେଳେ ମଣ୍ଡି ଚାଲିବା ଦିନଠୁଁ ମାତ୍ର ୭୪ ଜଣ ଚାଷୀଙ୍କ ୩ ହଜାର ୩୫୧ କିଣ୍ଟାଲ ଧାନକ୍ରୟ ହୋଇଥିବା କର୍ମଚାରୀଙ୍କ ତଥ୍ୟରୁ ଜଣାପଡ଼ିଛି । ଅପରପଟରେ ଏଠାରୁ ଦୈନିକ ୨ ହଜାରରୁ ଊର୍ଦ୍ଧ୍ୱ କିଣ୍ଟାଲ ଧାନକ୍ରୟ କରିବାର ଧାର୍ଯ୍ୟ ଥିଲେ ହେଁ ମିଲର୍ସମାନେ ଆବଶ୍ୟକ ଗାଡ଼ି ପଠଉ ନ ଥିବାରୁ ଧାନ ଠିକ୍ ଭାବେ କ୍ରୟ ହୋଇପାରୁନି । ବର୍ତ୍ତମାନ ଅଞ୍ଚଳରେ ଶୀତରଲହରି ଚାଲିଥିବାବେଳେ ଚାଷୀମାନେ ବାଧହୋଇ ଧାନ ଜଗି ରହିଛନ୍ତି । ଅଦ୍ୟାବଧି ଅନେକଙ୍କ ଚାଷୀଙ୍କ ଟୋକନ ଆସି ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ଏଣୁ ପ୍ରଶାସନ ଆବଶ୍ୟକ ଗାଡି ପଠେଇବାକୁ ମିଲର୍ସମାନଙ୍କୁ ନିର୍ଦ୍ଦେଶ କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି ।

# ନୂଆପଡ଼ାରେ ବିଜେପି ନୁହେଁ, ପ୍ରଶାସନ ନିର୍ବାଚନ ଲଢୁଥିଲା: ସ୍ନେହାଙ୍ଗିନୀ

ଭୁବନେଶ୍ୱର,୧୭।୧୨(ସମିସ)

ନୂଆପଡ଼ାରେ ବିଜେପି ପ୍ରଶାସନ ସହଯୋଗରେ ନୂଆପଡ଼ାରେ ବୁଥ ରିଗିଂ କରିଛି । ନୂଆପଡ଼ାରେ ବିଜେପିର ବିଜୟରେ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ସହ ବହୁ ବଡ଼ବଡ଼ ଅଧିକାରୀ ସାମିଲ ଅଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି । ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ନୂଆପଡ଼ା ବିଜେଡି ନେତାମାନେ ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ାରେ ବିଜେପି ଜାଲିଆତି କରି ବିଜୟୀ ହୋଇଥିବା କହିଛନ୍ତି । ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ନୂଆପଡା ଉପନିର୍ବାଚନରେ ୯୧ଟି ବୁଥ୍‌ରେ ପ୍ରଶାସନ ସହଯୋଗରେ ଶାସକ ବିଜେପି ବୁଥ୍ ରିଗିଂ କରିଥିଲା ବେଳେ ୪୧ଟି ବୁଥ୍‌ରେ ୯୦ ପ୍ରତିଶତରୁ ଅଧିକ ଭୋଟ କିପରି ପଡିଛି।



ନୂଆପଡ଼ାରେ ବିଜେପି ଉପନିର୍ବାଚନ ଲଢୁ ନ ଥିଲା; ସେଠାରେ ନିର୍ବାଚନ କମିଶନ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ମିଳିତ ଭାବରେ ବିଜେପି ଚିହ୍ନରେ ଲଢୁଥିଲେ ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ବିଜେଡିର ବରିଷ୍ଠ ନେତା ମନୋଜ ମିଶ୍ର, ରାଜେଶ ନିଗମ, ଦୀପିକା ଦୀପ୍, ଭାନୁ ପ୍ରତାପ ସିଂ ମାଝୀ, ମୁରଲୀଧର ଭୋଇ, ଉମା ଠାକୁର, କ୍ଷମା ସିଂ ନିଆଲ, ଟିଟୁ ପଣ୍ଡା, ଚୁରଣ ସିଂ ମାଝୀ, ରାଜୁ ଚୌହ୍ୱାନ, କାର୍ତ୍ତିକ ଦୀପ୍, ହେମନ୍ତ କର, ବୁନୁ ଖମାରୀ, ଭବାନୀ ପାଣିଗ୍ରାହୀ, ଦେବୀ ରଞ୍ଜନ ଖମାରୀ, ଗଇନ୍ଦରାମ ସାହୁ, ହେମନ୍ତ କୁମ୍ଭାର, ରାଜକିଶୋର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିଶୁ ଶ୍ରମିକ ନିରାକରଣ ପାଇଁ ବୈଠକ



**ନୂଆପଡ଼ା,୧୭ ।୧୨(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ସମଗ୍ର ଜିଲ୍ଲାରେ ପଞ୍ଚାୟତସ୍ତରରୁ ଜିଲ୍ଲାସଦର ମହକୁମା ପର୍ଯ୍ୟନ୍ତ ବ୍ୟାପକ ସଚେନନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ନିଷ୍ପତ୍ତି ଗୃହୀତ ହୋଇଛି । ସବୁ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ ଶିଶୁ ଶ୍ରମିକ ନିରାକରଣ ଉପରେ ସଚେନନତା ଶିବିରର ଆୟୋଜିତ ହେବ । ଉକ୍ତ ସଚେତନତା ନିମନ୍ତେ ଜିଲ୍ଲାପାଳ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ସମସ୍ତ ପ୍ରକାରର ପଦକ୍ଷେପ ଯଥା ଶୀଘ୍ର ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ୨୪ତାରିଖ ଦିନ ନୂଆପଡ଼ା ସଦରମହକୁମା ଠାରେ ଏଥିପାଇଁ ଏକ ରାହାଗିରି ଆୟୋଜନ କରିଯିବ । ଏହା ମାଧ୍ୟମରେ ବ୍ୟାପକ ଭାବରେ ଜନସଚେତନତା ସୃଷ୍ଟି କରାଯିବ । ରାହାଗିରି କାର୍ଯ୍ୟକ୍ରମରେ ଶିଶୁଶ୍ରମିକ ନିରାକରଣ ଉପରେ ନୃତ୍ୟ, ସଙ୍ଗୀତ, କଳା ଓ ଯୋଗ ଆୟୋଜିତ ହେବ । ଜିଲ୍ଲାର ସମସ୍ତ ଜନ।ଧାରଣଙ୍କୁ ଉକ୍ତ ଉତ୍ସବରେ ଭାଗ ନେବା ନିମନ୍ତେ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ଉକ୍ତ ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ, ସହ ନିର୍ଦ୍ଦେଶକ ଶ୍ରମ ବିଭାଗ, ଜିଲ୍ଲା କ୍ରିଡା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

# ପଣ୍ଡରାମାଳି ସେବା ସଂଘର ସାଧାରଣ ସଭା

**କୋକସରା,୧୭ ।୧୨(ସମିସ):** କୋକସରା ବ୍ଲକ୍ ସୁନାମାଲ ଠାରେ ବ୍ଲକ୍ ପଣ୍ଡରାମାଳି ସେବାସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଛି । କେଶବ ନାଏକଙ୍କ ସଭାରେ ସଭାପତିତ୍ୱ କରିଥିଲେ । କଳାହାଣ୍ଡି ଜିଲ୍ଲା ସଭାପତି ଉମାକାନ୍ତ ମାଝୀ,କୁଳପତି ବିଦ୍ୟାଧର ନାଏକ, ସମ୍ପାଦକ ବିରଞ୍ଚି ବଣିଆ, ସହସମ୍ପାଦକ କନ୍ଦର୍ପ ନାଏକ, କୋଷାଧକ୍ଷ ମନୋଜ ନାଏକ,ସଂଯୋଜକ ସୁମେଶ ବୋଡ଼କିଆ, କୋକସରା ବ୍ଲକ ସଭାପତି ଭଜମନ ନାଏକ, ଉପସଭାପତି ଅମିନ ରଣା, ସମ୍ପାଦକ କ୍ଷୀରସିନ୍ଧୁ ବୋଡ଼କିଆ, ସହସମ୍ପାଦକ ଗୋବର୍ଦ୍ଧନ ନାଏକ, କୋଷାଧକ୍ଷ ସୁବାଷ ନାଏକ ପ୍ରମୁଖ ଯୋଗଦେଇ ଥିଲେ । ସଭାରେ ସାମାଜିକ ବିବାହର ନିୟମାବଳୀ



ପ୍ରଣୟନ କରାଯିବା ସହ ନାରୀ ଶିକ୍ଷାକୁ ଗୁରୁତ୍ୱ ଏବଂ କମ ବୟସରେ ବିବାହକୁ ନିଷେଧ । ସମାଜର ନିୟମାବଳୀ ୨୦୨୫କୁ ସବୁ ଗାଁରେ କେମିତି ପାଳନ କରାଯିବ ତାହା ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ସଭାକୁ ସୁବାସ ନାଏକ ପରିଚାଳନା କରିଥିଲେ । କ୍ଷୀରସିନ୍ଧୁ ବୋଡ଼କିଆ ସମାଜର ନିୟମାବଳୀ ପଠନ କରିଥିବା ବେଳେ କୋକସରା ବ୍ଲକ୍ ସଭାପତି ଭଜମନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । କୋକସରା ବ୍ଲକର ସମସ୍ତ ଗ୍ରାମ୍ୟକମିଟି, ଧର୍ମଗଡ଼ ବ୍ଲକ, ଗୋଲାମୁଣ୍ଡା ବ୍ଲକ୍,ଜୁନାଗଡ଼ ବ୍ଲକ୍, କଳମପୁର, କେସିଙ୍ଗା,ଚନ୍ଦାହାଣ୍ଡି ବ୍ଲକ୍ ଓ ନବରଙ୍ଗପୁର ଜିଲ୍ଲାର ଅନେକ ଲୋକ ସଭାରେ ଅଂଶ ଗ୍ରହଣ କରିଥିଲେ ।

# ମୁକେଶ ଅଗ୍ରୱାଲ ଜିଲ୍ଲା ବିଜେପି ଉପସଭାପତି

**ଜୁନାଗଡ଼,୧୭ ।୧୨(ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ମଙ୍ଗଳବାର କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଡ଼ ଜିଲ୍ଲାର ବିଭିନ୍ନ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ଏହି କ୍ରମରେ ଜିଲ୍ଲାର ବରିଷ୍ଠ ନେତା ମୁକେଶ ଅଗ୍ରୱାଲଙ୍କୁ ପୁଣି ଥରେ ଜିଲ୍ଲା ଉପସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହା ପୂର୍ବରୁ ମୁକେଶ ବିଜେପି ଜିଲ୍ଲା ଉପସଭାପତି, ଜିଲ୍ଲା ଯୁବ ମୋର୍ଚ୍ଚାର ଉପ ସଭାପତି, ସାଧାରଣ ସମ୍ପାଦକ ରହିଥିବାବେଳେ ଜୁନାଗଡ଼ ଏନ୍‌ଏସି ନିର୍ବାଚନରେ ବିଜେପିରୁ ପ୍ରତ୍ୟକ୍ଷ ଭାବେ ସିଧାସଳଖ ଲୋକଙ୍କ ଭୋଟପାଇ ନଗରପାଳ ଭାବେ ନିର୍ବାଚିତ ହୋଇଥିଲେ ।

# ଟ୍ରକ୍ ଚାପାରେ ଯୁବକ ମୃତ

**ଜୁନାଗଡ଼,୧୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅଧୀନ ଘଣ୍ଟ ବାହିଲି ଏନ୍‌ଏଚ୍ ୨୬ ନିକଟରେ ଟ୍ରକ୍ ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ଜୁନାଗଡ଼ ବ୍ଲକ୍ ଅଧୀନ ଚିଲିଗୁଡା ଗ୍ରାମର ପିଣ୍ଟୁ ରଣା କୌଣସି କାମରେ ନିଜ ଗ୍ରାମରୁ ଭବାନୀପାଟନା ଯାଉଥିବାବେଳେ ଜୁନାଗଡ ଥାନା ଅଧୀନ ଘଣ୍ଟ ବାହିଲି ଜାତୀୟ ରାଜପଥ ୨୬ ନିକଟରେ ଏକ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ପିଣ୍ଟୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିବାବେଳେ ଜୁନାଗଡ ପୁଲିସ ପହଞ୍ଚି ଶବ ଜବତ୍ କରିବା ସହ ଟ୍ରକ୍‌କୁ ଜୁନାଗଡ ଥାନାରେ ଅଟକ ରଖିଥିବା ଜୁନାଗଡ଼ ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

● କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଗ୍ରୀଣ୍ଡୋଲକୁ ହରାଇ ମାନଝରୀ ଚାମ୍ପିଅନ



**ଗୋଲାମୁଣ୍ଡା,୧୭ ।୧୨(ସମିସ):** ଗୋଲାମୁଣ୍ଡା ବ୍ଲକ ଅଧୀନ ଗ୍ରୀଣ୍ଡୋଲ ଗ୍ରାମରେ ମାଁ ଧାମନପୁରେନ କ୍ରିକେଟ୍ କ୍ଲବ ତରଫରୁ ଲୋଚନ ମାଝୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥି ଭାବରେ ମାନଝରୀ ସରପଞ୍ଚ ଜଗଜୀବନ ଅଗ୍ରିଆ, ନାଏବ ସରପଞ୍ଚ ପ୍ରତିନିଧି ରଜିନ ଭାଟି ଉପସ୍ଥିତ ଥିଲେ । ଫାଇନାଲ ମ୍ୟାଚରେ ମାନଝରୀ ଏକାଦଶ ସହିତ ଗ୍ରୀଣ୍ଡୋଲ ଏକାଦଶ ମଧ୍ୟରେ ମୁକାବିଲା ହୋଇଥିଲା । ପ୍ରଥମେ ଟସ୍ ଜିତି ମାନଝରୀ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ଦୁଇ ୱିକେଟରେ ୧୩୬ ରନ୍ ଲକ୍ଷ୍ୟ ଦେଇଥିଲେ । ଗ୍ରୀଣ୍ଡୋଲ ଏକାଦଶ ଜବାବରେ ୧୨ ଓଭରରେ ୯ ୱିକେଟରେ ୯୦ ରନ୍ ସଂଗ୍ରହ କରି ରନସ୍‌ଅପ୍ ହୋଇଥିଲା ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**କୋକସରା,୧୭ ।୧୨(ସମିସ):** କୋକସରା ବ୍ଲକ୍ ଆମପାଣି ବୁଢ଼ାରଜା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି । ବିଦ୍ୟାଳୟର ଅଧକ୍ଷ ସୁରଜ କୁମାର ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କୋକସରା ବିଡିଓ ହିମାଞ୍ଚଳ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ନବରଙ୍ଗପୁର କୋଡୀଙ୍ଗାର ଇଂରାଜୀ ଅଧ୍ୟାପକ ପଞ୍ଚାନନ ଦୁରିଆ ମୁଖ୍ୟବକ୍ତା, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ଋତୁରାଜ ମାଝୀ, ଜିତେନ୍ଦ୍ର ପଣ୍ଡା, (ଏସଏମସି) ଅଧକ୍ଷା ଦେବକୀ ରାଉତ, ବିଶ୍ୱମ୍ବର ଧଙ୍ଗଡ଼ାମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ । ଶିକ୍ଷକ ଭାଗ୍ୟବାନ ବାଗ ଓ ଲୋକନାଥ ରାଉତ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମକୁ ବିନୀତ ମିଶ୍ର, ମନ୍ଦାକିନୀ ନାଏକ, ନମିତା ରାଣୀ ବାଗ, ଜଗତ ଜିତା ନାଏକ, ପ୍ରଶାନ୍ତ ପଣ୍ଡା, ରଜତ ଶତପଥୀ, ତପନ କୁମାର ମେହେର, ଭୁତରାମ ହଂସ, ସରୋଜ କୁମାର ପଢ଼ିହାରି, ଲିଜାୟନନ୍ଦ ସାହୁ ଓ ବିଦ୍ୟାଳର ସମସ୍ତ ଶିକ୍ଷକ ତଥା କର୍ମଚାରୀ ସହଯୋଗ କରିଥିଲେ ।

# ଡକାୟତି ମାମଲାରେ ତିନି ଗିରଫ; ବନ୍ଧୁକ ସହ ଗୁଳି ଜବତ

**ଜୁନାଗଡ଼,୧୭ ।୧୨(ସମିସ):** ଜୁନାଗଡ଼ ଥାନା ଅଞ୍ଚଳରେ ସୋମବାର ଏକ ଡକାୟତି ମାମଲାରେ ଜୁନାଗଡ଼ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଗୋଲାମୁଣ୍ଡ ବ୍ଲକର ଅନ୍ତର୍ଲା ଗ୍ରାମର କାହ୍ନୁ ବରିହା (୩୩), ପୁରାଗାଁ ଗ୍ରାମର ଦେବେନ୍ଦ୍ର ସାହୁ (୩୮) ଓ ଗୋଲାମୁଣ୍ଡା ଅଞ୍ଚଳର ବସନ୍ତ ଚାଲାନ । ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର କଲମପୁର ଚକ ନିକଟସ୍ଥ ଏନ୍‌ଏଚ ୨୬ ରାସ୍ତାରେ ରାତିରେ ଗୋଟିଏ ପିକ୍‌ଅପ୍



ଖରାପ ହୋଇ ଅଟକିଥିଲା । ସେତିକି ବେଳେ ଦୁଇ ଜଣ ଯୁବକ ଆସି ପିକ୍‌ଅପ୍‌ରେ ବସିଥିବା ଯୁବକକୁ ମାଡ଼ ମାରି ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ । ତାଙ୍କ ପାଖରେ ଥିବା ସମସ୍ତ ଟଙ୍କାନେଇ ପଳାଇଥିଲେ । କୌଣସି ମତେ ଗାଡ଼ିରେ ଥିବା ଲୋକେ ଜୁନାଗଡ଼ ପୁଲିସକୁ ଖବର ଦେଇଥିଲେ । ଜୁନାଗଡ ପୁଲିସ ପହଞ୍ଚି ଜୁନାଗଡ଼ ଥାନାର ଏଏସଆଇରାମ ଲାଲ ଜୁରୀୟାଙ୍କ ନେତୃତ୍ୱରେ ଡକାୟତକୁ ଘଟଣାସ୍ଥଳରୁ କିଛି ଦୂରରେ କାବୁ କରିଥିଲେ । ଦୁଇ ଜଣଙ୍କ ଠାରୁ ଗୋଟିଏ ଆପାଚି ବାଇକ୍, ଗୋଟିଏ ଇଂଲଣ୍ଡ ତିଆରି ରିଭଲଭର ଓ ଦୁଇଟି ଅଫୁଟା ଗୁଳି ଓ ଗୋଟିଏ ଖୋକା ଜବତ୍ କରିଥିଲେ । ଅଭିଯୁକ୍ତଙ୍କ ନାମରେ ଜୁନାଗଡ଼ ଥାନାରେ ବିଭିନ୍ନ ଦଫାରେ ମାମାଲା ରୁଜୁ ହୋଇଥିଲା । ଗୁରୁବାର ଅପରାହ୍ଣରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ପ୍ରକାଶ କରିଛନ୍ତି ।

# ଆହତ ହାତୀ ଛୁଆର ଚିକିତ୍ସାକଲା ବନ ବିଭାଗ

**କେସିଙ୍ଗା,୧୭ ।୧୨(ସମିସ):** ଖାଦ୍ୟ ଅନ୍ୱେଷଣରେ ଏବେ ଗାଁ ମୁହାଁ ହାତୀପଲ । ଏହି ପଲରୁ ଏକ ଛୁଆ ହାତୀ ଅଲଗା ହୋଇ ଯାଇଥିଲା । ଖବର ପାଇ କସ୍ତୁପଡ଼ା ଫରେଷ୍ଟର ବିଶିକେସନ କରୁଆଁ ସଦଳବଳ ଯାଇଲ ପହଞ୍ଚିଥିଲେ । ପରେ ଫରେଷ୍ଟର ସଙ୍ଗେସଙ୍ଗେ ଉତ୍ତର ବନଖଣ୍ଡ ଅଧିକାରୀ ରମେଶ ବିସ୍ନୋଇଙ୍କୁ ଜଣାଇଲା ପରେ କେସିଙ୍ଗା ରେଞ୍ଜ ଅଧିକାରୀ ସିଗ୍ଧାସରିତା ବଳିଆରସିଂ, ଦକ୍ଷିଣ ଜିଲ୍ଲା ବନ ଅଧିକାରୀ ଆର. କଲଇ ଭନନ୍, ଏ ସି ଏଫ ପ୍ରଭାକର ବର୍ମା, ରେପିଡ ରେସପନସ ଟିମ ଓ ଭେଟ ନେଇ ଟିମ ଘଟଣାସ୍ଥଳରେ ପହଞ୍ଚି ହାତୀ ଛୁଆକୁ ଉଦ୍ଧାର କରିଥିଲେ । ଉଦ୍ଧାର ଛୁଆ ହାତୀଟି ମାତ୍ର ୩ ରୁ ୪ ମାସର ବୋଲି ଜଣାପଡ଼ିଛି । ବନବିଭାଗ ପକ୍ଷରୁ ପଶୁ ଡାକ୍ତରଖାନାରୁ ସ୍ୱତନ୍ତ୍ର ଏକ ଟିମ୍‌କୁ ଡକାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଅଧିକ ଚିକିତ୍ସା ନିମନ୍ତେ ହାତୀକୁ ଭବାନୀପାଟଣା ଜିଲ୍ଲା ପଶୁ ଚିକିତ୍ସାଳୟକୁ ନିଆଯାଇଛି । ଅଞ୍ଚଳର ଫରେଷ୍ଟର କରୁଆଁଙ୍କ କହିବା ଅନୁଯାୟୀ ବଲାଙ୍ଗିର ଜିଲ୍ଲା ପଟୁ ଏକ ୩୫ ଟିକିଆ ହାତୀ ପଲ ମଙ୍ଗଳବାର ରାତିରେ କଳାହାଣ୍ଡି ଜିଲ୍ଲାରେ ପ୍ରବେଶ କରିଥିଲେ । ଅନୁମାନ କରାଯାଉଛି କୌଣସି ଏକ ନାଳ ଡେଉଁଥିବା ବେଳେ କିମ୍ବା କୌଣସି କାଠ ହାତୀ ଛୁଆର ନାଭିରେ ଲାଗି ଯିବାରୁ ନାଭି ପାଖରେ ଗଭୀର କ୍ଷତ ଅଛି । ତେଣୁ ହାତୀଟି ଚାଲି ନ ପାରି ରହିଯାଇଥିଲା । ହାତୀ ଛୁଆଟି ସୁସ୍ଥହେଲେ ଜିଲ୍ଲା ଅଧିକାରୀଙ୍କ ନିର୍ଦ୍ଦେଶ ପରେ ପୁଣି ତା ମାଆ ପାଖରେ ଛାଡ଼ି ଦିଆଯିବ ବୋଲି କହିଛନ୍ତି । ବର୍ତ୍ତମାନ ହାତୀପଲ ନୁନମାଠ ଜଙ୍ଗଲରେ ହିଁ ଅଛନ୍ତି । ହାତୀ ପଲ ଉପରେ ବିଭାଗ ପକ୍ଷରୁ ନଜର ରଖାଯାଇଛି ।



# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି

**ମ.ରାମପୁର,୧୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ନିକଟସ୍ଥ ରେଗେଡା, ଖଲିଆପାଲିଠାରେ ଆସନ୍ତା ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ମହାସମାରୋହରେ ପାଳନ ହେବ । ଏହି କ୍ରମରେ ଆୟୋଜକ କମିଟି ତରଫରୁ କଳାହାଣ୍ଡି ର ବିଭିନ୍ନ ଅଞ୍ଚଳରେ ପ୍ରସ୍ତୁତି ବୈଠକ ଚାଲିଛି । ମ,ରାମପୁର ବ୍ଲକ ମୋହନ ଗିରି ଧବଳେଶ୍ୱର ପୀଠରେ ମ, ରାମପୁର ରାଜା ବୁଧେନ୍ଦ୍ର ପ୍ରତାପ ସିଂହ ଦେଓଙ୍କ ଆବାହକତ୍ୱରେ ଏହି ବୈଠକରେ ଆୟୋଜକ କମିଟି ମୁଖ୍ୟ ଚିତ୍ରସେନ ଦାଶ ଉପସ୍ଥିତ ଥିଲେ । ରାଜ୍ ପୁରୋହିତ ତ୍ରିଲୋଚନ ଦାଶ, ଧବଳେଶ୍ୱର ମନ୍ଦିର ପରିଚାଳନା କମିଟି ର ବୈଦ୍ୟ ନାରାୟଣ ଭୋଇ, ଗୋକୁଳାନନ୍ଦ ବିଶ୍ୱଳ, ଶୁକ ଦେବ ସାହୁ ପ୍ରମୁଖ ଉପସ୍ଥତ ଥିଲେ ।

# ଦାଦନ ସମସ୍ୟା ନେଇ ଜିଲ୍ଲାପାଳ ଅଫିସ ଘେରିଲା ଆପ୍

**ନୂଆପଡ଼ା,୧୭ ।୧୨(ସମିସ):** ନୂଆପଡ଼ା ଜିଲ୍ଲାରେ ସବୁବେଳେ ଦାଦନ ସମସ୍ୟା ଲାଗି ରହୁଛି । ଏହି ସମସ୍ୟାକୁ ମୁଳୋତ୍ପାଟନ କରାଯିବ ବୋଲି ସରକାର ସବୁବେଳେ ବାହାସ୍ଫୋଟ ମାରୁଛନ୍ତି ହେଲେ, ଦିନକୁ ଦିନ ଉତ୍କଟ ରୂପ ଧାରଣ କରୁଛି ସିନା ଥମିବାର ନାଁ ନେଉନାହିଁ । ଜିଲ୍ଲାକୁ ଦାଦନ ମୁକ୍ତ କରାଯାଉ ବୋଲି ଆଜି ଆମ ଆଦମୀ ପାର୍ଟି ତରଫରୁ ଏକ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିବାବେଳେ ଜିଲ୍ଲାପାଳ ଅଫିସ ଘେରଉ କରାଯାଇଛି । ସଭାପତି ହିତେଶ ପାଣ୍ଡେଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଓ ସମର୍ଥକ ଏକ ଶୋଭାଯାତ୍ରାରେ ବାହାରି ନୂଆପଡା ସହର ପରିକ୍ରମା କରିବା ପରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାର ସହ ଜିଲ୍ଲା ପ୍ରଶାସନର ବିଫଳତାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ନୂଆପଡ଼ା ଜିଲ୍ଲାରେ ଦାଦନ ସମସ୍ୟା ସହ ଚାଷୀଙ୍କ ସମସ୍ୟା ବି ବଢିଛି । ଧାନମଣ୍ଡିରେ କଟନି ଛଟନି ଚାଲିଥିବାବେଳେ ମିଲର୍ସ ଓ ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଚାଷୀଙ୍କୁ ଦାଉ ସାଧୁଛି । ସରକାର ୩୦କୁଇଣ୍ଟାଲ ଧାନବିକ୍ରି କରିବା ଚାଷୀଙ୍କ ରାସନକାଡର୍ ବନ୍ଦ କରିବାକୁ ଘୋଷଣା କରିଛନ୍ତି । ଏହାକୁ ବିଚାର କରି ଘୋଷଣା ରଦ୍ଦ କରିବାକୁ ଦାବି କରାଯାଇଛି । ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ୬ଦଫା ଦାବିପତ୍ର ଦିଆଯାଇଛି । ଏସବୁ ଦାବିପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି । ନୂଆପଡ଼ା ପ୍ରଭାରୀ ବାଲ୍ମିକୀ ନାୟକ, ଉପସଭାପତି ଗଗନ ମାଝି, ସାଧାରଣ ସମ୍ପାଦକ ଲାବନ ଦୁରିଆ, ପ୍ରେମ ତାଣ୍ଡି, କୁଶଳ ସତନାମୀ, ମଙ୍ଗଲୁ ହେଣ୍ଡା, ଚୈତନ ଧରୁଆ ପ୍ରମୁଖ ସାମିଲ ଥିଲେ ।




# ନୂଆପଡ଼ା- ବଲାଙ୍ଗିର ସୀମାନ୍ତରେ ହାତୀ ଉପଦ୍ରବ

ନୂଆପଡ଼ା,୧୭ ।୧୨(ସମିସ)

ଆଜିକୁ ତିନିସପ୍ତାହ ତଳେ ନୂଆପଡ଼ା ଜିଲ୍ଲା ଦେଇ ଛତିଶଗଡ଼ ଅଞ୍ଚଳରୁ ତିରିଶ ଟିକିଆ ହାତୀ ପଲ ପଡ଼ୋଶୀ ବଲାଙ୍ଗିର ଜିଲ୍ଲାକୁ ଯାଇଥିଲା । ହେଲେ ଆଜିଯାଏଁ ସେଠାରେ ବିଭିନ୍ନ ଅଞ୍ଚଳରେ ଘୁରି ବୁଲୁଛନ୍ତି । ବର୍ତ୍ତମାନ ପୁଣିଥରେ ନୂଆପଡ଼ା ଜିଲ୍ଲାମୁହାଁ ହେବାରେ ଲାଗିଛନ୍ତି । ସୀମାନ୍ତରେ ଥିବା ଭୋଜପୁର ପଞ୍ଚାୟତ ଅଞ୍ଚଳରେ ରାତି ଅଧିଆ ଆସି ଚାଷୀଙ୍କ ଧାନ ଫସଲ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି । ମଙ୍ଗଳବାର ରାତିରେ ଭୋଜପୁର ଗାଁ ଅଞ୍ଚଳରେ ପ୍ରବେଶ କରି ଧାନଖଳାରେ ସଂଗ୍ରହ କରାଯାଇ ରଖାଯାଇଥିବା ଧାନକୁ ଖାଇଯାଇଥିଲେ । ଭୋଜପୁର ଗାଁର ଆମପଡ଼ାର ଚାଷୀ



ସତ୍ୟ ନାରାୟଣ ଭୋଇ, ଚିତ୍ରି ଭୋଇ, ନିମାନ ଭୋଇ ଏବଂ ଭୋଜପୁର ଶଗରିଆ ପଡ଼ାର କୁଶ ଶଗରିଆଙ୍କ ଡାଲି ଚାଷକୁ ମାଡ଼ି ଦଳି ନଷ୍ଟ କରିଥିବାବେଳେ କେଶରୀ ଶଗରିଆଙ୍କ ଆଖୁ କିଆରିରେ ପଶି ଦଳି ଚକଟି ଦେଇ ନଷ୍ଟ କରିଥିବା ଅଭିଯୋଗ ଆଣିଛନ୍ତି । ବନ ବିଭାଗ ନିକଟରେ ମଧ ଖବର ରହିଥିବାବେଳେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ କହିଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ ପ୍ରତିବର୍ଷ ହାତୀପଲ ପଡ଼ୋଶୀ ଛତିଶଗଡ଼ର ଉଦନ୍ତୀ ଅଭୟାରଣ୍ୟରୁ ନୂଆପଡା ଜିଲ୍ଲା ଦେଇ ଆସି ବଲାଙ୍ଗିରକୁ ଯାଇଥାନ୍ତି । ପୁଣି ଡିସେମ୍ବର ମାସ ଶେଷ ବେଳକୁ ଏହି ନିର୍ଦ୍ଦିଷ୍ଟ ରାସ୍ତା ଦେଇ ଛତିଶଗଡ଼କୁ ଫେରିଯାଇଥାନ୍ତି । ଏହି ସମୟତକ ସୀମାନ୍ତରେ ଥିବା ଚାଷୀ ପରିବାର ପାଇଁ କାଳ ହୋଇଥାଏ । ଏଥିପାଇଁ ସବୁବେଳେ ବନବିଭାଗ ତରଫରୁ ତତ୍ପରତା ସହ ପହରା ଦେବା ଜରୁରୀ ହୋଇପଡ଼ିଛି । ନହେଲେ ବଡ଼ ଧରଣର ବିପଦକୁ ଏଡାଇ ଦିଆଯାଇ ନ ପାରେ ।

# ଜିଲ୍ଲା ହସ୍ପିଟାଲକୁ ସୁପର ସ୍ପେଶାଲିଟି ମେଡିକାଲ କରିବାକୁ ସାଂସଦଙ୍କ ଦାବି

ବରଗଡ଼,୧୭।୧୨(ସମିସ)

ବରଗଡ଼ ସରକାରୀ ଜିଲ୍ଲା ହସ୍ପିଟାଲକୁ ଏକ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରିବାକୁ ନିତାନ୍ତ ଆବଶ୍ୟକତା ରହିଥିବା ଦର୍ଶାଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡାଙ୍କୁ ଚିଠି ଲେଖିଛନ୍ତି। ଏହାସହ ଜିଲ୍ଲା ହସ୍ପିଟାଲ ପରିସରରେ ୧୦୦ ଏମ୍‌ବିବିଏସ୍ ସିଟ୍ କ୍ଷମତା ବିଶିଷ୍ଟ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଅନୁମୋଦନ ପାଇଁ ଅନୁରୋଧ କରିଛନ୍ତି।

ବରଗଡ଼ ଜିଲ୍ଲା, ବିଶେଷ କରି ପଦ୍ମପୁର ଉପ ବିଭାଗ ପଶ୍ଚିମ ଓଡ଼ିଶାର ସବୁଠାରୁ ପଛୁଆ ଏବଂ ଅନୁନ୍ନତ ଅଞ୍ଚଳ ମଧ୍ୟରୁ ଗୋଟିଏ। ମୁଖ୍ୟତଃ କୃଷିପ୍ରଧାନ ଜନସଂଖ୍ୟା ଏବଂ ସୀମିତ ସ୍ୱାସ୍ଥ୍ୟସେବା ସହିତ ଜିଲ୍ଲାରେ ଉନ୍ନତ ଚିକିତ୍ସା ପାଇବା କାଠିକର। ଗୁରୁତର ରୋଗୀ ମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ କଟକ, ଭୁବନେଶ୍ୱର, ରାୟପୁର କିମ୍ବା ବିଶାଖାପାଟଣାକୁ ୪ ରୁ ୫ ଶହ କିମି ଯାତ୍ରା



କରିବାକୁ ବାଧ୍ୟ କରାଯାଏ। ଫଳରେ ପ୍ରାୟତଃ ବିଳମ୍ବ ଚିକିତ୍ସା, ଭାରୀ ଆର୍ଥିକ ବୋଝ ଜୀବନହାନିର କାରଣ ହୋଇଥାଏ। ଡାକ୍ତରୀ କର୍ମଚାରୀଙ୍କ ପ୍ରୟାସ ସତ୍ତ୍ୱେ ଜିଲ୍ଲା ହସ୍ପିଟାଲଟି ଅତ୍ୟନ୍ତ ଭାରଗ୍ରସ୍ତ ଏବଂ ଉନ୍ନତ ବିଶେଷଜ୍ଞ ସେବା, ଉଚ୍ଚମାନର ରୋଗ ନିର୍ଣ୍ଣୟ ସୁବିଧା ଏବଂ ଅନ୍ୟାନ୍ୟ ବିଭାଗର ଅଭାବ ରହିଛି। ପଦ୍ମପୁର, ଝାରବନ୍ଧ, ପାଇକମାଲ, ବିଜେପୁର, ଭଟଲି, ଗାଇସିଲେଟ, ଭେଡେନ, ଅମ୍ବାଭୋନା, ଏବଂ ଅନେକ ବ୍ଲକ୍‌ର ଲୋକ ମାନେ ଏହି ହସ୍ପିଟାଲ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ତେଣୁ ଏହାର ଉନ୍ନତିକରଣ ଏକ ଆବଶ୍ୟକତା ପାଲଟିଛି। ଜିଲ୍ଲା ହସ୍ପିଟାଲକୁ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରାଗଲେ ପଶ୍ଚିମ ଓଡ଼ିଶାର ପ୍ରାୟ ୨୨ ଲକ୍ଷ ଲୋକଙ୍କୁ ଉନ୍ନତ ତୃତୀୟ ସ୍ତରୀୟ ଚିକିତ୍ସା ଯୋଗାଇ ହେବ।

ଏହାସହ ଦୂରଗାମୀ ଚିକିତ୍ସା ଯାତ୍ରା ଏବଂ ସୁପାରିଶ ହ୍ରାସ କରିବା, ଜରୁରୀକାଳୀନ ଏବଂ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବାକୁ ସୁଦୃଢ଼ କରିବା, ଦୀର୍ଘକାଳୀନ ଏବଂ ଅଣସଂକ୍ରାମକ ରୋଗର ନିର୍ଣ୍ଣୟ ଏବଂ ଚିକିତ୍ସାରେ ଉନ୍ନତି ଆଣିବା ଆଦି ଆଧୁନିକ ସ୍ୱାସ୍ଥ୍ୟ ସେବାର ସୁବିଧା ରାଜ୍ୟର ସବୁଠାରୁ ପଛୁଆ ଅଞ୍ଚଳରେ ସୁନିଶ୍ଚିତ କରିହେବ। ଏହା ସହିତ, ବର୍ତ୍ତମାନର ଜିଲ୍ଲା ହସ୍ପିଟାଲ କ୍ୟାମ୍ପସ ମଧ୍ୟରେ ୧୦୦ ଏମବିବିଏସ ସିଟ୍ ସହିତ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସାଂସଦ ଶ୍ରୀ ନଡ୍ଡାଙ୍କୁ ଅନୁରୋଧ କରିଛନ୍ତି। ଏହା କେବଳ ଡାକ୍ତରୀ ଶିକ୍ଷାରେ ଆଞ୍ଚଳିକ ପାର୍ଥକ୍ୟକୁ ପୂରଣ କରିବ ନାହିଁ ବରଂ ଆଗାମୀ ଦଶନ୍ଧି ପାଇଁ ବିଶେଷଜ୍ଞ ଡାକ୍ତର, ପ୍ରଶିକ୍ଷିତ ପାରାମେଡିକ୍ସ ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବାର ଏକ ସ୍ଥାୟୀ ଇକୋସିଷ୍ଟମ ସୁନିଶ୍ଚିତ କରିବ। ଏଠାରେ ଏକ ମେଡିକାଲ କଲେଜ ଅଧିକ ନିବେଶକୁ ଆକର୍ଷିତ କରିବ, ନିଯୁକ୍ତି ସୃଷ୍ଟି କରିବ ଏବଂ ସମଗ୍ର ଅଞ୍ଚଳର ସାମଗ୍ରିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବେ ସୁଦୃଢ଼ କରିବ। ବରଗଡ଼ ଜିଲ୍ଲାବାସୀଙ୍କ ପ୍ରକୃତ ଆବଶ୍ୟକତା ଏବଂ ଦୀର୍ଘକାଳୀନ ଦାବିକୁ ଦୃଷ୍ଟିରେ ରଖି, କେନ୍ଦ୍ରୀୟ ପ୍ରାୟୋଜିତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଯୋଜନା ଅଧୀନରେ କିମ୍ବା ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର ଆବଣ୍ଟନ ମାଧ୍ୟମରେ ଉଭୟ ପ୍ରସ୍ତାବକୁ ଅନୁମୋଦନ କରିବା ପାଇଁ ଶ୍ରୀ ପୁରୋହିତ କେନ୍ଦ୍ରୀୟନେତୃତ୍ୱଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏହି ସମୟରେ ତାଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ।

## ୩୧ରେ ରାଜ୍ୟସ୍ତରୀୟ ବୀରତା ଦିବସ

- ମୁଖ୍ୟମନ୍ତ୍ରୀଙ୍କ ଘେଁସ ଗସ୍ତ ପାଇଁ କ୍ଷେତ୍ର ପରିଦର୍ଶନ

ମେଲଛାମୁଣ୍ଡା,୧୭।୧୨(ସମିସ): ରାଜ୍ୟ ସ୍ତରୀୟ ବୀରତା ଦିବସ ଆସନ୍ତା ଡିସେମ୍ବର ୩୧ରେ ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ଘେଁସ ଠାରେ ପାଳିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା ନିମିତ୍ତ ଜିଲ୍ଲା ଆଦିବାସୀ ମହାସଂଘ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପ୍ରାୟତଃ ନିଶ୍ଚିତ ହୋଇଛି। ଏଥି ନିମିତ୍ତ ଆଜି ସୋହେଲା ବ୍ଲକ୍ ପ୍ରଶାସନ ବିଡିଓ କରିସ୍ମା ବେସ୍ରା, ତହସିଲଦାର ଶୁଭ୍ରରଞ୍ଜନ ନାୟକ ଘେଁସ ପହଞ୍ଚିଥିଲେ। ସରପଞ୍ଚ ଗୋକୁଳ ଚନ୍ଦ୍ର ଦାସ, ଜମିଦାର ଲୋକେଶ୍ୱର ସିଂ ବରିହା, ମୁରଲୀ ଭୋଇ, ପ୍ରେମରାଜ ସାହୁ, ପ୍ରଭାତ ସାହୁ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କ ସହିତ ସାକ୍ଷାତ କରି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଗତବର୍ଷ ବୀରତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଘେଁସ ଗସ୍ତ କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗ କାରଣରୁ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ତେବେ ଆସନ୍ତା ଡିସେମ୍ବର ୩୧ରେ ଘେଁସ ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ବୀରତା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦେବା କାର୍ଯ୍ୟକ୍ରମ ନେଇ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହିତ ଥିବା ଜଣାପଡିଛି।

## ଦିଲ୍ଲୀରେ ଜଗନ୍ନାଥ କୁମ୍ଭାରଙ୍କୁ ଜାତୀୟ ସମ୍ମାନ

ବିଜେପୁର,୧୭।୧୨(ସମିସ): ଦିଲ୍ଲୀ ଠାରେ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ତରଫରୁ ଅନୁଷ୍ଠିତ ୪୧ତମ ରାଷ୍ଟ୍ରୀୟ ଦଳିତ ସାହିତ୍ୟକାର ସମ୍ମିଳନୀରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ଚାରପାଲି ଗାଁର ଜଗନ୍ନାଥ କୁମ୍ଭାର ସମ୍ମାନିତ ହୋଇଛନ୍ତି। ଏହି ସମ୍ମିଳନୀ ମଞ୍ଚରେ 'ଭଗବାନ ବୁଦ୍ଧ ଜାତୀୟ ଆୱାର୍ଡ ୨୦୨୫' ସହିତ ତାଙ୍କୁ ଉପଢୌକନ, ଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏକାଡେମୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ.ସୋହାନପାଲ ସୁମନକ୍ଷକର, ସାଧାରଣ ସମ୍ପାଦକ ଜୟ ସୁମନକ୍ଷର, ସାଂସଦ ନିରଞ୍ଜନ ବିଶି, ଓଡ଼ିଶା ରାଜ୍ୟ ସଭାପତି ନିହାଲ ସିଂ, ଉପସଭାପତି ମୋମିନା ଖାତୁନ, ଗଦାଧର ନିଆଲ, ବିପ୍ରଚରଣ ଜୟପୁରିଆ ସମେତ ବିଶିଷ୍ଟ



ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜଣେ କବି, ଲେଖକ, ଗାୟକ ତଥା ସାମ୍ବାଦିକ ଭାବେ ଜଗନ୍ନାଥଙ୍କ ପରିଚୟ ରହିଛି। ଏହି ସମ୍ମାନ ତାଙ୍କୁ ଅଧିକ ନିଷ୍ଠା ଓ ସମର୍ପଣ ଭାବ ନେଇ କାମ କରିବା ସୁଯୋଗ ସୃଷ୍ଟି କରିଛି ବୋଲି ସେ କହିଛନ୍ତି।

## ବୁଦ୍ଧଦେବ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ମେଳା

ଗାଇସିଲେଟ,୧୭।୧୨(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ଗନିଆପାଲି ଠାରେ ଦୁଇଦିନ ଧରି ପିଏମଶ୍ରୀ ବୁଦ୍ଧଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଗଣିତ ଓ ବିଜ୍ଞାନ ମେଳା ପାଳିତ ହୋଇଯାଇଛି। ଷଷ୍ଠରୁ ଦଶମ ଶ୍ରେଣୀର ପିଲାମାନେ ଗଣିତ ଓ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟବକ୍ତା ରୂପେ ଗନିଆଁପାଲି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ବିଷ୍ଣୁ ପ୍ରସାଦ ହଂସ ସଭାକାର୍ଯ୍ୟରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଗୁଦେରପାଲି ବାପୁଜୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, କମଳାପଦର ଉପ୍ରା ବିଦ୍ୟାଳୟର ଗଣିତ ଶିକ୍ଷକ ବିଶ୍ୱେଶ୍ୱର ବିଶି, ଆଦିବାସୀ ଉଚ୍ଚ ବିଦ୍ୟାଳୟ ସର୍ଗିବାହାଲର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବରିହା, ସିନ୍ଦୁରପଙ୍କ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହୀପାଳ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଆଶୁତୋଷ ନାଗ ପ୍ରମୁଖ ସମ୍ମାନିତ ଅତିଥି



ଓ ବିଚାରକ ଭାବେ ଯୋଗ ଦେଇଥିଲେ। ଅଙ୍କୁଶ ବିଶ୍ୱାଳ ଓ ରିକେଶ ମାଝୀ ବିଜ୍ଞାନ ମେଳାରେ ଯଥାକ୍ରମେ ସିନିୟର ଓ ଜୁନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅଙ୍କୁଶ ବିଶ୍ୱାଳ ଓ ଡୋଲାନେତ୍ରୀ ନାଗ ଗଣିତ ମେଳାରେ ଯଥାକ୍ରମେ ସିନିୟର ଓ ଜୁନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପଠାଣି ସାମନ୍ତ ଓ ଭାସ୍କର ଦଳ ଗଣିତ ମେଳାରେ ଯଥାକ୍ରମେ ସିନିୟର ଓ ଜୁନିୟର ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ। ଜେସି ବୋଷ ଓ ସିଭି ରମଣ ଦଳ ବିଜ୍ଞାନ ମେଳାରେ ଯଥାକ୍ରମେ ସିନିୟର ଓ ଜୁନିୟର ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ଯଶୋବନ୍ତ ଚୌହାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବରପାଲି କଲେଜରେ ସ୍ୱଦେଶୀ ସଙ୍କଳ୍ପ ପତ୍ର ପାଠୋତ୍ସବ



ବରପାଲି,୧୭।୧୨(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ-ସ୍ୱଦେଶୀ ଅଭିଯାନ ଅଧୀନ ସ୍ୱଦେଶୀ ସଙ୍କଳ୍ପ ପତ୍ର ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ସୁଶୀଳ ଶତପଥୀ, ଅଧ୍ୟାପକ ଅଲେଖ ମହାନନ୍ଦ, ଅଧ୍ୟାପକ ଧୀରୋଜ ତ୍ରିପାଠୀ ଓ ଅଧ୍ୟାପକ ଉତ୍ତର ଗଡତିଆ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କୁ ସ୍ୱଦେଶୀ ଉତ୍ପାଦିତ ସାମଗ୍ରୀର ବ୍ୟବହାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ମିଳିତ ଭାବେ ସମୂହ ସଙ୍କଳ୍ପ ପତ୍ର ପଠନ କରାଯାଇଥିଲା। ଶେଷରେ ଅଧ୍ୟାପକ ଡ.ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ଅଶୋକ ଦାଶ, ଅଧ୍ୟାପିକା ଡ.ନୀଲମ ଦେବତା, ଅଧ୍ୟାପକ ଅରୁଣ ବାରିକ, ଅଧ୍ୟାପକ ଗୌରଚନ୍ଦ୍ର ପଧାନ, ଭଗବାନ ମହାନନ୍ଦ, ଡ.ବାଳକୃଷ୍ଣ ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ଶତାଧିକ ଛାତ୍ରଛାତ୍ରୀ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଥିଲେ।

## ନିଜସ୍ୱ ଖର୍ଚ୍ଚରେ ବାଲିବନ୍ଧ କଲେ ଗ୍ରାମବାସୀ

### ସ୍ଥାୟୀ ଚ୍ୟାକ୍ ଡ୍ୟାମ୍ ପାଇଁ ଦାବି



ଦହିତା,୧୭।୧୨(ସମିସ): ଗ୍ରୀଷ୍ମ ଆଗମନ ପୂର୍ବରୁ ଜଳର ସଙ୍କଟ ବିଭିନ୍ନ ସ୍ଥାନରେ ଦେଖାଦେଇଥାଏ। କେତେବେଳେ ପାନୀୟ ଜଳ ସମସ୍ୟା ତ କେତେବେଳେ ଗାଧୋଇବା ପାଇଁ ସମସ୍ୟା।

କଥାରେ ଅଛି ପାଣି ଥାଉ ଥାଉ ବନ୍ଧ ବାନ୍ଧରେ କୁମର। ସେହିପରି ଆଜି ପଦ୍ମପୁର ବ୍ଲକ୍ ଅଧୀନ ବୁବୁଡା ଗାଁର ଗ୍ରାମବାସୀ ନିଜସ୍ୱ ଗ୍ରାମ୍ୟ ପାଣ୍ଠିରୁ ବାଲିବନ୍ଧ ନିର୍ମାଣ କରିଛନ୍ତି। ଗାଧୋଇବା ପାଇଁ ପାଣିର ବାରମ୍ବାର ସମସ୍ୟା ଦେଖା ଯାଉଥିବାରୁ ଯଥାଶୀଘ୍ର କୁମୁଡି ନାଳରେ ଏକ ଚ୍ୟାକ୍ ଡ୍ୟାମ୍ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀ କହିବା ଅନୁସାରେ ଗ୍ରୀଷ୍ମ ପୂର୍ବରୁ ଗାଧୋଇବା ପାଇଁ ପାଣିର ସମସ୍ୟା ଦେଖାଯାଏ। ତେଣୁ ଚ୍ୟାକ୍ ଡ୍ୟାମ୍ ଶୀଘ୍ର ନିର୍ମାଣ କରିବାକୁ ସେମାନଙ୍କର ଦାବି ରହିଛି।

## ବରଗଡ଼ ପୁଲିସ ପ୍ରିମିୟର ଲିଗ୍



ବରଗଡ଼,୧୭।୧୨(ସମିସ): ନୂଆଁ ରିଜର୍ଭ ପୁଲିସ ପଥର୍ଲା ଖେଳ ପଡିଆ ଠାରେ ବରଗଡ଼ ପୁଲିସ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲା ପୁଲିସର ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଦଳ ଗୁଡିକ ହେଲା, ରିଜର୍ଭ ସୁପର କିଙ୍ଗ, ଗନ୍ଧମାର୍ଦ୍ଦନ ୱାରିୟର୍ସ, ହୋମଗାର୍ଡ ଫାଇଟର, ପିଏସଓ ଏକାଦଶ, ଆର୍ମି ଏଭେନଜର୍। ଲିଗ୍ କମ୍ ନକ ଆଉଟ୍ ମ୍ୟାଚ୍ ହୋଇଥିଲା। ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଗନ୍ଧମାର୍ଦ୍ଦନ ୱାରିୟର୍ସ ଏବଂ ଆର୍ମି ଏଭେନ୍ଜର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗନ୍ଧମାର୍ଦ୍ଦନ ୱାରିୟର୍ସ ଦଳ ପାଞ୍ଚ ୱିକେଟରେ ଆର୍ମି ଏଭେନ୍ଜର ଦଳକୁ ପରାସ୍ତ କରି ଦ୍ୱିତୀୟ ବରଗଡ଼ ପୁଲିସ କ୍ରିକେଟ ପ୍ରିମିୟର ଲିଗ୍ ବିଜେତା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସାହାୟ ମୀନା ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ନିରୀକ୍ଷକ ସାନ୍ତାନୁ ପଧାନୀ ଯୋଗ ଦେଇଥିଲେ। ବିଜେତା ଏବଂ ଉପବିଜେତା ଦଳଗୁଡ଼ିକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଏହି ମ୍ୟାଚ୍ ଗୁଡିକୁ ଅଜିତ ପଧାନ, ସନ୍ତୋଷ ପଧାନ, ମଧୁସୂଦନ ନାଏକ, ଏବଂ ରାଧାକାନ୍ତ ସାହୁ ପରିଚାଳନା କରିଥିଲେ। ଜିଲ୍ଲା ପୁଲିସ ହାବିଲଦାର ଓ କନେଷ୍ଟବଳ ସଂଘର ସଭାପତି ସନତ ହୋତା, ସମ୍ପାଦକ ଉମାକାନ୍ତ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ପଧାନ, ମେଜର କପିଳ ଦେବ ଛୁରା, ଡିଲୁ ମହାପାତ୍ର ଏବଂ ରିଜର୍ଭର ସମସ୍ତ ପୁଲିସ କର୍ମଚାରୀ, ଓଏପିଏଫ, ଏବଂ ହୋମଗାର୍ଡ ଭାଇ ମାନେ ପ୍ରତିଯୋଗିତା କାର୍ଯ୍ୟରେ ସହଯୋଗ କରିଥିଲେ। ଉଦୟ ମହାପାତ୍ର ସ୍କୋର ଏବଂ କାର୍ଯ୍ୟ ପରିଚାଳନା କରିଥିବା ବେଳେ ହାବିଲଦାର ମେଜର କପିଳ ଦେବ ଛୁରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଫାଇଲେରିଆ ନିରାକରଣ ନିମନ୍ତେ ବୈଠକ

ବରଗଡ଼,୧୭।୧୨(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ବରଗଡ଼ ଜିଲ୍ଲାସ୍ତରୀୟ ଫାଇଲେରିଆ ନିରାକରଣ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ବରଗଡ଼ ଜିଲ୍ଲା ସ୍ତରୀୟ ଫାଇଲେରିଆର ନିରାକରଣ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାର ବରପାଲି ବ୍ଲକ୍‌ର ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଫାଇଲେରିଆ ରୋଗର ନିୟନ୍ତ୍ରଣ ଓ ତା'ର ନିରାକଣ ପାଇଁ ବୈଠକରେ ଆଲୋଚନା କରାଗଲା। ଆସନ୍ତା ୨୦୨୬ ବର୍ଷରେ ଫେବୃଆରୀ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ବରପାଲି ଠାରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଫାଇଲେରିଆ ନିରାକରଣ ନିମିତ୍ତ ଜନସାଧାରଣରେ ସାମୂହିକ ଭାବେ ଔଷଧ ସେବନ କରାଯିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଗଲା। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶା ଦିଦି ମାନେ ଏବଂ ତାଲିମ ପ୍ରାପ୍ତ ଶିକ୍ଷାସେବୀ ମାନେ ଘର ଘର ଯାଇ ଫାଇଲେରିଆ ଔଷଧ ଖୁଆଇବେ। ୨ ବର୍ଷ, ଗର୍ଭବତୀ ମହିଳା ଏବଂ ଅତିଶୟ ଗୁରୁତର ରୋଗୀଙ୍କ ବ୍ୟତୀତ ସମସ୍ତଙ୍କୁ ଔଷଧ ସେବନ କରାଯିବ। ଜିଲ୍ଲାର ପ୍ରତ୍ୟେକ ବିଭାଗ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ଜିଲ୍ଲାକୁ ଆଗାମୀ ଦିନରେ ଫାଇଲେରିଆ ମୁକ୍ତ କରିବା ଦିଗରେ ଜନସାଧାରଣଙ୍କୁ ଯତ୍ନବାନ ହେବାକୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଆହ୍ୱାନ କରିଛନ୍ତି। ଔଷଧ ସେବନ କରାଇବା ନିମନ୍ତେ ୬୭୩ ଜଣ କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏହାର ତଦାରଖ ପାଇଁ ୬୭ ଜଣ ସୁପରଭାଇଜର ରହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜୋନାଲ ସଂଯୋଜକ ଡ.ଶ୍ୟାମ ରଥ କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ମାସିକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିଶୁମାନଙ୍କର ପ୍ରମାଣ ପତ୍ର ଠିକ୍ ଭାବେ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମହନ୍ତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମହାନ୍ତି, ଡିପିଏମ, ଏନଏଚଏମ, ଦୀପକ ସାହୁ, ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଆଲୋକ ପଟେଲ, ଜିଲ୍ଲା ଫାଇଲେରିଆ ସଂଯୋଜକ ଜବକିମସନ୍ ପ୍ରଧାନ ସମେତ ବିଭିନ୍ନ ଜିଲ୍ଲା ତଥା ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲାପାଳ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଜୀବନ ଯନ୍ତ୍ରଣାରେ ଛଟପଟ ମୋହନ

**ଜାଣି ଅଜଣା ଜନ ମଙ୍ଗଳ ବିଭାଗ** | **ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀଙ୍କ ବେଖାତିର**

ଝାରବନ୍ଧ,୧୭।୧୨(ସମିସ): ଜୀବନ ଜୀବିକା ପାଇଁ ମଣିଷ କାର୍ଯ୍ୟ କରି ନିଜ ପରିବାର ପରିପୋଷଣ କରିଥାଏ। ହେଲେ ମୋହନ କୁମ୍ଭାର କାର୍ଯ୍ୟରତ ଥିବା ସମୟରେ ହଠାତ୍ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ହେବା ପରେ ବିଭାଗ ତରଫରୁ ସରକାରୀ ସୁବିଧା ସୁଯୋଗ ମିଳିବା ସ୍ଥଳେ ବେସାହାରା ହୋଇଥିବା ଅଭିଯୋଗ କରିଛନ୍ତି।

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ବିଜାଢ଼ୋଲରେ ଥିବା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିଭାଗ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ (ଏସଏସଡି) ବିଜାଢ଼ୋଲରେ ଗାଁର ଅନୁସୂଚିତ ଜାତିର ମୋହନ କୁମ୍ଭାର ୨୦୧୨ରେ ରୋଷେୟା ତଥା ଆଣ୍ଟେଣ୍ଡାଣ୍ଟ ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରିଆସୁଥିଲେ। ହେଲେ ୨୦୧୯ରେ ସ୍କୁଲ ହଷ୍ଟେଲରେ ଛାତ୍ରଛାତ୍ରୀଙ୍କୁ ଜଗିଥିବା ଅବସ୍ଥାରେ ରାତିରେ ମୋହନ ପକ୍ଷାଘାତ (ପାରାଲେସିସ) ରୋଗର ଶିକାର ହୋଇଥିଲେ। ସେଥିରେ ତାଙ୍କ ଶରୀରର ବାମ ପାର୍ଶ୍ୱ ଅଚଳ ହୋଇ ପଡିଥିଲା। ତାଙ୍କୁ ବିଦ୍ୟାଳୟର ଶିକ୍ଷକ ଏବଂ ଅନ୍ୟ କର୍ମଚାରୀ ଘରକୁ ଆଣି ଚିକିତ୍ସା ପାଇଁ ଛାଡି ଯାଇଥିଲେ। ଯାହା ସଞ୍ଚିତ ଅର୍ଥ ଥିଲା ସବୁ ଚିକିତ୍ସାରେ ଲଗାଇଲେ। ଅର୍ଥ ଅଭାବରୁ ନିଜ ଚାଷ ଜମିକୁ ବନ୍ଧକ ରଖି ଚିକିତ୍ସିତ ହେଲେ। ଶରୀର ସୁସ୍ଥ ହେବା ଆଶାରେ ସାହୁକାରଙ୍କ ଠାରୁ ଟଙ୍କା କରଜ ଆଣି ଚିକିତ୍ସା ପାଇଁ ଡାକ୍ତରଖାନାକୁ ଗଲେ। ହେଲେ ଭାଗ୍ୟର ବିଡମ୍ବନା ବାମ ପାର୍ଶ୍ୱର ଗୋଡ, ହାତ ଠିକ ସେ କାମ କରୁନାହିଁ। ଫଳରେ ସାରା ପରିବାର ଭାଙ୍ଗି ପଡିଛି। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଏପରି ଅବସ୍ଥାରେ ସାରା ପରିବାର ବର୍ଗ ଚିନ୍ତାରେ



କାଳାତିପାତ କରୁଛନ୍ତି। ଅନ୍ୟ ପଟେ ଦେହ ଅସୁସ୍ଥ ଅଛି କହି ମୋହନଙ୍କୁ ନ ଜଣାଇ ତାଙ୍କୁ ଚାକିରିରୁ ବାହାର କରିଦେବାକୁ ତତ୍କାଳୀନ ପ୍ରଧାନଶିକ୍ଷକ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲା ଜନ ମଙ୍ଗଳ ଅଧିକାରୀ ଆଦେଶ କଲେ। ଏହି ସମସ୍ୟା ଏବଂ ଅସୁବିଧା ସମ୍ପର୍କରେ ତତ୍କାଳୀନ ଜିଲ୍ଲାପାଳଙ୍କୁ ମୋହନ ଲିଖିତ ଅଭିଯୋଗ କରିଥିଲେ। ପରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ମୋହନଙ୍କ ଝିଅଙ୍କୁ ବିଦ୍ୟାଳୟରେ ରୋଷେୟା ଭାବେ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଦିନ ମାସ ବର୍ଷ ବିତି ୨୦୨୫ ଶିକ୍ଷା ବର୍ଷ ଶେଷ ହେବାକୁ ବସିଛି କିନ୍ତୁ କୌଣସି ସୁଫଳ ମିଳି ପାରି ନାହିଁ। ଏଚଆରଏମଏସରେ ମୋହନଙ୍କ ନାମ ବର୍ତ୍ତମାନ ମଧ୍ୟ ରହିଛି। ଯେଉଁଥି ପାଇଁ ତାଙ୍କ ପରିବାର ଏବଂ ମୋହନ କୌଣସି ସରକାରୀ ସୁବିଧା ପାଇ ପାରୁନାହାନ୍ତି। ଏମିତି କି ସୁଭଦ୍ରା, ସିଏମ କିଷାନ, ପିଏମ କିଷାନ ଯୋଜନାରୁ ବାଦ ପଡିଛନ୍ତି ବୋଲି ମୋହନ ଅଭିଯୋଗ କରିଛନ୍ତି। ୨୦୨୪ ମସିହାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଝାରବନ୍ଧରେ ପୁନର୍ବାର ଜିଲ୍ଲାପାଳଙ୍କୁ ଏ ବିଷୟରେ ଅଭିଯୋଗ କରିଥିଲେ। ମୋହନଙ୍କ ସୁବିଧା କରିବା ପାଇଁ ଜିଲ୍ଲା ଜନ ମଙ୍ଗଳ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରା ନଯିବାରୁ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଆର୍ଥିକ ବୋଝ ତଥା ଅସୁସ୍ଥ ଥିବାରୁ ତାଙ୍କ ପୁଅକୁ ବିଦ୍ୟାଳୟରେ ନିଯୁକ୍ତି କରିବା ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।

## ଯୌତୁକଜନିତ ହତ୍ୟା ମାମଲା

# ସ୍ୱାମୀ ଓ ଶାଶୂକୁ ୭ ବର୍ଷ ଜେଲ୍

ବାଲେଶ୍ୱର,୧୭ ।୧୨(ସମିସ)

ଅଧିକ ଯୌତୁକ ପାଇଁ ୨୦୧୫ ମସିହାରେ ଖନ୍ତାପଡା ଥାନା ଅର୍ନ୍ତଗତ କଲ୍ୟାଣୀଠାରେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାକୁ ଆଜି ଓପିଆଇଡି କୋର୍ଟ ଜଜ୍ ମୋହନ ରାଓ ଡୋରା ବିଚାର କରି ମୃତ ରୀପ୍ସାରାଣୀ ଦାସ(ଜେନା)ଙ୍କ ସ୍ୱାମୀ ପ୍ରଶାନ୍ତ କୁମାର ଜେନା(୩୬) ଏବଂ ଶାଶୂ ହୀରାବତି ଜେନା(୬୦)ଙ୍କୁ ୭ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଉଭୟଙ୍କୁ ୧୪ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଉଭୟ ଅଧିକ ୨ବର୍ଷ ୮ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମୃତ ରୀପ୍ସାଙ୍କ ଭାଇ ତାପସ ରଞ୍ଜନ ଦାସ ଥାନାରେ କରିଥିବା ଅଭିଯୋଗ ଅନୁସାରେ,୨୦୧୪ ମେ ୯ରେ କଲ୍ୟାଣୀ ଗ୍ରାମର ପ୍ରଶାନ୍ତଙ୍କ ସହ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହ ସମୟରେ ଯୌତୁକ ବାବଦକୁ ୧ଲକ୍ଷ ଟଙ୍କା ସହ ସୁନାଗହଣା ଓ ଅନ୍ୟାନ୍ୟ ଆସବାସପତ୍ର ଦେଇଥିଲେ। ବାହାଘର ପରେ ରୀପ୍ସା ସ୍ୱାମୀଙ୍କ ଘରେ କିଛି ଦିନ ଭଲରେ ରହିଥିଲା। ହେଲେ ସ୍ୱାମୀ ବେକାର ଥିବାରୁ କୌଣସି କାମ ପାଇଁ ଅଧିକ ୫୦ହଜାର ଟଙ୍କା ଯୌତୁକ ଆଣିବା ପାଇଁ ରୀପ୍ସାକୁ ବାଧ କରିଥିଲେ। ହେଲେ ରୀପ୍ସାଙ୍କ ପରିବାର ଗରିବ ଶ୍ରେଣୀରେ ହୋଇଥିବାରୁ ସେମାନେ ଅକ୍ଷମତା ପ୍ରକାଶ କରିଥିଲେ। ଶାଶୂଘର ଲୋକେ ଅଧିକ ଯୌତୁକ ଆଣିବା ପାଇଁ ରୀପ୍ସାଙ୍କୁ ପିଟାମରା କରିଥିଲେ। ୨୦୧୫ ଅଗଷ୍ଟ ୧୬ରେ ରୀପ୍ସା କୁଆଡେ ପଳାଇଯାଇଥିବା ନେଇ ତାଙ୍କ ବାପଘର ଲୋକଙ୍କୁ ଶାଶୂଘର ଲୋକେ ଖବର ଦେଇଥିଲେ। ବାପଘର ଲୋକେ ଖୋଜିବା ମଧ୍ୟରେ ସ୍ୱାମୀ କୌଣସି ପ୍ରକାର ଆଗ୍ରହ ଦେଖାଉ ନ ଥିବାରୁ ସେମାନଙ୍କ ମନରେ ସନ୍ଦେହ ଉପୁଜିଥିଲା। ଏପରିକି ତାଙ୍କ ଶାଶୁଘର ଲୋକେ ତାଙ୍କ ଭଉଣୀକୁ ମାରି କେଉଁଠାରେ ଲୁଚାଇ ଦେଇଛନ୍ତି ବୋଲି ସେମାନେ ଥାନାରେ ଅଭିଯୋଗ କରିଥିଲେ। ତେବେ ଉକ୍ତ ଦିନ ୪ଟା ସମୟରେ ପୁଣିଥରେ ଖୋଜା ଖୋଜି କରୁଥିବା ବେଳେ ତାଙ୍କ ଘର ଆଗରେ ଥିବା ଏକ ଗଡିଆରେ ତାଙ୍କ ଭଉଣୀଙ୍କ ମୃତଦେହ ଭାସୁଥିବା ଦେଖିବା ସହ ଥାନାକୁ ଜଣାଇଥିଲେ। ଅଧିକ ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଗଡିଆକୁ ଫିଙ୍ଗି ଦେଇଛନ୍ତି ବୋଲି ବାପଘର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଖନ୍ତାପଡା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ବିଚାରପତି ୧୧ଟି ସାକ୍ଷୀ ଏବଂ ୩୨ଟି ଦସ୍ତାବିଜ ଆଧାରରେ ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ପ୍ରହ୍ଲାଦ ପତି ଏବଂ ପ୍ରଣବ ପଣ୍ଡା ପରିଚାଳନା କରୁଥିଲେ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ସିମୁଳିଆ,୧୭।୧୨(ସମିସ): ସିମୁଳିଆ ବ୍ଲକ ରଘୁନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ପଡିଆରେ ଏକ ଦୁଇ ଦିନିଆ ସାଂସଦ ଖେଳ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ପତାକା ଉତ୍ତୋଳନ କରି ଶୁଭ ଉଦଘାଟନ କରିଥିଲେ। ବ୍ଲକ ସଭାପତି ନୀଳମାଧବ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ବିଆରସିସି ଅଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା, ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ଉପାଧକ୍ଷ ହିମାଦ୍ରି ନନ୍ଦିନୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଭାରପ୍ରାପ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ସରପଞ୍ଚ କାମଳାକାନ୍ତ ନାୟକ, ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମାଝି, ମଣ୍ଡଳ ସଭାପତି ଅବିନାଶ ବେହେରା, ରଘୁନନ୍ଦନ ମିଶ୍ର, ବିଜେପି ନେତ୍ରୀ ଭାରତୀ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ରବିନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ

# ଓଡ଼ିଶା ଲୋକସେବା ଅଧିକାର ଆଇନ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୧୭।୧୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାନୁସାରେ ଏନଏସଏସ ବ୍ୟୁରୋ ପକ୍ଷରୁ ଓଡ଼ିଶା ଲୋକସେବା ଅଧିକାର ଆଇନ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଭୁବନେଶ୍ୱରସ୍ଥ ସିୱାଇଏସଡି ଅନୁଷ୍ଠାନର ସହଯୋଗରେ ଆୟୋଜିତ ହୋଇଥିଲା। ଏନଏସଏସର ପ୍ରୋଗ୍ରାମ ଅଫିସର ଓ ସ୍ୱେଚ୍ଛାସେବକମାନଙ୍କ ମଧ୍ୟରେ ନାଗରିକ କେନ୍ଦ୍ରିକ ଶାସନ, ସରକାରୀ ସେବା ପ୍ରଦାନ ବ୍ୟବସ୍ଥା ଏବଂ ସକ୍ରିୟ ନାଗରିକ ଭାବେ ଯୁବମାନଙ୍କ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସେ ତାଙ୍କ ଉଦବୋଧନରେ ସଚେତନ ନାଗରିକତାର ଗୁରୁତ୍ୱ ଉପରେ ଆଲୋକପାତ କରି ଏନଏସଏସ ସ୍ୱେଚ୍ଛାସେବକମାନେ ଗ୍ରାମ୍ୟ ସ୍ତରରେ ଲୋକସେବା ଅଧିକାର ସମ୍ପର୍କିତ




ସୂଚନା ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିପାରିବେ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହଭାଗୀତାମୂଳକ ଶାସନର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇ ଏନଏସଏସ ସ୍ୱେଚ୍ଛାସେବକମାନେ ସମୁଦାୟ ସହ ସକ୍ରିୟ ଭାବେ ଯୋଡି ହୋଇ ଲୋକସେବା ଆଇନର କାର୍ଯ୍ୟକାରୀ ରୂପାୟଣରେ ସହଯୋଗ କରିବାକୁ ପ୍ରୋତ୍ସାହିତ କରିଥିଲେ। ସକ୍ରିୟ ନାଗରିକତା ଓ ସହଭାଗୀତାମୂଳକ ଶାସନ ବିଷୟରେ ସିୱାଇଏସଡି ଭୁବନେଶ୍ୱରର ବିଶେଷଜ୍ଞ ଶ୍ରେୟା ପାତ୍ର ଯୁବମାନେ କିପରି ନାଗରିକ ଓ ଶାସନ ସଂସ୍ଥାମାନଙ୍କ ମଧ୍ୟରେ ସେତୁ ଭୂମିକା ନିଭାଇପାରିବେ ସେଥିନେଇ ଆଲୋକପାତ କରିଥିଲେ। ଓଡ଼ିଶା ଲୋକସେବା ଅଧିକାର ଆଇନ ଓ ନିୟମ, ସେଣ୍ଟ୍ରାଲ ମନିଟରିଂ ସିଷ୍ଟମ ଏବଂ "ଆମ ସାଥି' ସମ୍ପର୍କରେ ସିଏମଜିଆଇର ଜିଲ୍ଲା ପ୍ରକଳ୍ପ ସମନ୍ୱୟକ ସରିତା କାନୁନଗୋଙ୍କ ଦ୍ୱାରା ଏକ ପ୍ରାୟୋଗିକ ଓ ସୂଚନାମୂଳକ ଅଧିବେଶନ ଅନୁଷ୍ଠିତ କରାଯାଇଥିଲା। ଆରମ୍ଭରେ ଏନଏସଏସ ବ୍ୟୁରୋର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ପ୍ରୋଗ୍ରାମ ଅଫିସର ପ୍ରତିମା ପ୍ରଧାନ ସଂଚାଳନ କରିଥିଲେ। ବାଲେଶ୍ୱର ଜିଲ୍ଲା ଏନଏସଏସ ଅଧିକାରୀ ଗୌରାଙ୍ଗ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମାଣ୍ଡିଆ କ୍ରୟ ସମ୍ପର୍କିତ ଜିଲ୍ଲାସ୍ତରୀୟ କମିଟି ବୈଠକ

ବାଲେଶ୍ୱର,୧୭।୧୨(ସମିସ): ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଖରିଫ ମାର୍କେଟିଂ ସିଜନ ୨୦୨୫-୨୬ ପାଇଁ ମାଣ୍ଡିଆ କ୍ରୟ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରୋକ୍ୟୁରମେଣ୍ଟ କମିଟି ବୈଠକ, ଓଡ଼ିଶା ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ସହରାଞ୍ଚଳରେ ମିଲେଟ ଶକ୍ତି କାଫେ ସ୍ଥାପନା ସମ୍ପର୍କିତ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ, ରବି ୨୦୨୫୨୬ ପାଇଁ ଡାଲି ଓ ତେଲବୀଜ ଫସଲ କ୍ରୟ ସମ୍ପର୍କିତ ବୈଠକ ଏବଂ ରବି ୨୦୨୫୨୬ ପାଇଁ ଜିଲ୍ଲା କୃଷି ରଣନୀତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ନୀଳଗିରି ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଦୀପ କୁମାର




ବଳ, ସହକାରୀ ସମିତି ଉପନିବନ୍ଧକ ସରୋଜିନୀ ନାଏକ, ବିବିସିସିବି ସିଇଓ କୈଳାଶ ଶବର, ଡିପିଏମୟୁ ଅଧିକାରୀ ହେମନ୍ତ କୁମାର ପାତ୍ର, ମାଇନର ଇରିଗେସନ ସୁଶୀଲ କୁମାର ବିଶ୍ୱାଳ ସହିତ କୃଷି ଓ ସଂଲଗ୍ନ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମିଲେଟ ଶକ୍ତି କାଫେ ସମ୍ପର୍କରେ ଆଲୋଚନାରେ ମିଲେଟ ଉପଭୋଗ ବୃଦ୍ଧି, ମିଲେଟ ଆଧାରିତ ଉଦ୍ୟୋଗ ଓ ବ୍ୟବସାୟ ମଡେଲ ପ୍ରଚାର, ଉତ୍ପାଦକତା ବୃଦ୍ଧି, ପ୍ରୋସେସିଂ ସୁବିଧା ବିକାଶ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉଦ୍ୟୋଗ ମାଧ୍ୟମରେ ବଜାରକରଣ ଏବଂ ରାଜ୍ୟ ପୋଷଣ କାର୍ଯ୍ୟକ୍ରମରେ ମିଲେଟ ସମ୍ମିଳନ ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ଖୋଲାଯିବା ସମସ୍ତ ଷ୍ଟୋରକୁ 'ମିଲେଟ ଶକ୍ତି କାଫେ' ଭାବରେ ମିଶନ ଶକ୍ତି ସହାୟତାପ୍ରାପ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ପରିଚାଳିତ କରାଯିବ ବୋଲି ଆଲୋଚନା କରାଯାଇଥିଲା।

## ● ଆଦିବାସୀ ପରିବାରକୁ ଧର୍ମାନ୍ତୀକରଣ ବିବାଦ

# ଅଭିଯୋଗକୁ ଖଣ୍ଡନ ଓ ଗୁଜବ କହିଲେ କାଉନସିଲର

ବାଲେଶ୍ୱର,୧୭ ।୧୨(ସମିସ): ଚଳିତ ମାସ ୧୪ତାରିଖ ଅପରାହ୍ନରେ ବାଲେଶ୍ୱର ପୌରପରିଷଦ ଅଧୀନ ୫ନମ୍ବର ୱାର୍ଡ ଅର୍ନ୍ତଗତ ଆଖଡାଶାଳ ବସ୍ତିରେ କିଛି ଆଦିବାସୀ ପରିବାରକୁ ଧର୍ମାନ୍ତରୀକରଣ କରାଯିବା ଉଦ୍ୟମ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏଥିରେ ୫ନମ୍ବର ୱାର୍ଡ କାଉନସିଲରଙ୍କ ହାତ ରହିଥିବା ନେଇ ଅଭିଯୋଗ ହୋଇଥିଲା। ବୁଧବାର ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ କାଉନସିଲର ମୀତା ପଟ୍ଟନାୟକ ଏବଂ ତାଙ୍କ ସ୍ୱାମୀ ରୀତିକ ଜୀଙ୍କ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗକୁ ଖଣ୍ଡନ କରାଯିବା ସହ



ଏହା ଏକ ଗୁଜବ ବୋଲି କହିଛନ୍ତି।

କାଉନସିଲରଙ୍କ ସ୍ୱାମୀ ରିତିକ କହିଛନ୍ତି ଯେ, ୫ନମ୍ବର ୱାର୍ଡ ଆଖଡା ଶାଳରେ ବହୁଦିନ ଧରି ବସବାସ କରିଆସୁଥିବା ରବୀନ୍ଦ୍ର ଗାରୁଙ୍କ ଘରେ ଧର୍ମାନ୍ତୀକରଣ ପାଇଁ କିଛି ଲୋକ ଏକାଠି ହୋଇଥିବା ଅଭିଯୋଗ କରି ସାରଗାଁ ଅଞ୍ଚଳର ବିଜୟ କିଶୋର ଦାସଙ୍କ ନେତୃତ୍ୱରେ କିଛି ଅସାମାଜିକ ଯୁବକ ପହଁଚି ହୋ ହାଲ୍ଲା କରୁଥିବାର ଖବର ପାଇ ସେ ପିସିଆରକୁ ଖବର ଦେଇଥିଲେ। ଏପରିକି ପୁଲିସ ପହଁଚି ସେଠାରେ ତଦନ୍ତ କରିବା ସହ ରବୀନ୍ଦ୍ର ଗାରୁଙ୍କୁ ମଧ୍ୟ ପଚରା ଉଚରା କରିବା ପରେ ସେଠାରେ ଧର୍ମାନ୍ତୀକରଣ ହେଉଥିବା ନେଇ କୌଣସି ସୂଚନା ପାଇ ନ ଥିଲେ। ଏପରିକି ସାରଗାଁ ଅଞ୍ଚଳର ବିଜୟ ସାମାଜିକ ଗଣମାଧ୍ୟମରେ ସ୍ଥାନୀୟ କାଉନସିଲର ଏବଂ ତାଙ୍କ ସ୍ୱାମୀ ଧର୍ମାନ୍ତୀକରଣ କରାଉଥିବା କହିଥିଲେ। ଯାହାକି ସମ୍ପୂର୍ଣ୍ଣ ମିଛ । ଘଟଣା ସ୍ଥଳରେ କୌଣସି ପ୍ରକାର ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ନ ହେଉ ସେଥିପାଇଁ ସେ ତୁରନ୍ତ ପୁଲିସକୁ ଡାକିଥିଲେ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ତାଙ୍କ ନାମରେ ଯେଉଁ ଗୁଜବ କରାଯାଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି। ଏହାଛଡା ସେ ବିଜୟଙ୍କ ନାମରେ ଟାଉନଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି।

## ଦେଶୀମଦ ଜବତ, ୩ ଗିରଫ

ସୋର, ୧୭।୧୨(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବାଇକ ସହ ଦେଶୀମଦ ଜବତ କରିଥିବା ବେଳେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ ସହ ନଦୀଗାଁ ଛକରେ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ୭୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ମଦ ସହ ବେଲଦା ଗ୍ରାମର ସୁରେନ୍ଦ୍ର ହାଁସଦାକୁ ଗିରଫ କରିଥିଲେ। ସେହିପରି ଏହି ଟିମ ଆଟପୁର ଗ୍ରାମର ବୃନ୍ଦାବନ ଶିଅଳ ନିକଟରୁ ୩୦ ଲିଟର ଦେଶୀମଦ ଏବଂ ରଣପୁର ଗ୍ରାମର ଉଦ୍ଧବ ପ୍ରଧାନ ନିକଟରୁ ୩୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଏବଂ ମିନତୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଜାତୀୟ ପେନସନ ଦିବସ

ବାଲେଶ୍ୱର,୧୭ ।୧୨(ସମିସ): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଜାତୀୟ ପେନସନ ଦିବସ ପାଳିତ ହୋଇଯାଇଛି। ଇଂ ବନମାଳୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ କୋଷାଗାର ଅଧିକାରୀ ରାମଚନ୍ଦ୍ର ଧଳ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ବାଲେଶ୍ୱରର ମୁଖ୍ୟ ପରିଚାଳକ ସତ୍ୟାଶିଷ ପଟ୍ଟନାୟକ ଓ ମୁଖ୍ୟ ଏସୋସିଏଟ ସୁଦର୍ଶନ ଦାଶ ଯୋଗ ଦେଇଥିଲେ। ସଭାପତି ଇଂ ନାୟକ ଏହି ଦିବସ ପାଳନ ସମ୍ପର୍କରେ ମତ ରଖିଥିଲେ। ସାଧାରଣ ସମ୍ପାଦକ ଦାମୋଦର ନାୟକ କେନ୍ଦ୍ର ସରକାରଙ୍କ ଭେଲିଡେସନ ଆଇନ,ଅଷ୍ଟମ ବେତନ କମିଶନଙ୍କୁ ସରକାରଙ୍କ ପ୍ରଦତ ମାର୍ଗଦର୍ଶିକା ସମ୍ବନ୍ଧରେ ସୂଚନା ଦେବା ସହିତ ଏହି ପରିପ୍ରେକ୍ଷୀରେ




ବର୍ତ୍ତମାନ ପେନସନଭୋଗୀମାନଙ୍କର ପେନସନର ରିଭିଜନ ହେବା ନେଇ ଆଶଙ୍କା ଥିବା ପ୍ରକାଶ କରିଥିଲେ। ଏଥିପାଇଁ ବିଭିନ୍ନ କେନ୍ଦ୍ରୀୟ,ରାଜ୍ୟ ଓ ଜିଲ୍ଲା ସଂଘ ସଚେତନ ରହି ପଦକ୍ଷେପ ନେଉଛି ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ରନାଥ ଚୌଧୁରୀ ଓ ବାସନ୍ତୀ ପାଣି ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ସଙ୍ଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ଅର୍ଥ ସମ୍ପାଦକ ଯୁଧୀଷ୍ଠିର ନନ୍ଦ, ବରିଷ୍ଠ ଉପଦେଷ୍ଟା ବସନ୍ତ କୁମାର ନାୟକ, ପଦ୍ମଲୋଚନ ଦତ୍ତ, ବୀରେନ୍ଦ୍ର ମହନ୍ତ, ଜ୍ଞାନେନ୍ଦ୍ର ସାହୁ, ବେଣୁଧର ସାହୁ, ଉମେଶ ଚନ୍ଦ୍ର ଗୋଛାୟତ, ଇଂ ରାମଚନ୍ଦ୍ର ସେଠୀ, କାର୍ଯ୍ୟକାରୀ କମିଟି ସଦସ୍ୟ କ୍ଷିତୀଶ୍ୱର ଦାଶ, ହୃଷୀକେଶ ସାହୁ, ଯୋଗେନ୍ଦ୍ରନାଥ ସିଂହ ପ୍ରମୁଖ ପେନସନରମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ।

# ବିଜିବିଓ ପ୍ରକଳ୍ପ ଚୟନରେ ଅନିୟମିତତା

ବାଲେଶ୍ୱର,୧୭ ।୧୨(ସମିସ): ୨୦୨୪-୨୫ବର୍ଷରେ ବିଜିବିଓ ପ୍ରକଳ୍ପରେ ଅନିୟମିତତାର ସୁଧାର ଆଣିବା ନେଇ ରେମୁଣା ପଞ୍ଚାୟତ ସମିତି ଅର୍ନ୍ତଗତ ନିର୍ବାଚିତ ପ୍ରତିନିଧିମାନେ ରେମୁଣା ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ,୨୦୨୪-୨୫ ଆର୍ଥିକ ବର୍ଷରେ ବିଜିବିଓ ପ୍ରକଳ୍ପ ଚୟନରେ ଅନିୟମିତତା ଏବଂ ପକ୍ଷପାତିତା କରାଯାଇଥିଲା। ଯାହା ବିରୋଧରେ ଚଳିତ ବର୍ଷ ସେପ୍ଟେମ୍ବର ୧୨ରେ ଅନୁଷ୍ଠିତ ହୋଇଥିବା ପଂଚାୟତ ସମିତି ବୈଠକରେ ଆଲୋଚନା କରାଯାଇ ଏହାର ବିରୋଧରେ ସମିତି ବୈଠକରେ ରଦ୍ଦ କରିବାକୁ ଚେଷ୍ଟା କରାଯାଇଥିଲା। ତତ୍କାଳୀନ ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରସ୍ତାବ ଅନୁସାରେ ରାଜି ହୋଇଥିଲେ। ଯାହାକି ୨୦୨୫-୨୬ ଆର୍ଥିକ ବର୍ଷରେ ବିଜିବିଓ ପ୍ରକଳ୍ପ ଚୟନରେ ପ୍ରଥମେ ପିଆରଆଇ ସଭ୍ୟ,ସଭ୍ୟାଙ୍କ ପ୍ରସ୍ତାବିତ ପ୍ରକଳ୍ପକୁ ଅଗ୍ରାଧିକାର ଦିଆଯିବ। କିନ୍ତୁ ଦୁଃଖର ବିଷୟ ଯେ ବର୍ତ୍ତମାନ ଏହାର ବିପରିତ ଦେଖିବାକୁ ମିଳୁଛି ଯାହାକି ପିଆରଆଇ ସଭ୍ୟ,ସଭ୍ୟାଙ୍କ ସ୍ୱାଭିମାନରେ ଆଂଚ ଆଣିଛି। ଏଣୁ ଚଳିତ ବର୍ଷର ବିଜିବିଓ ପ୍ରକଳ୍ପରେ ପିଆରଆଇ ସଭ୍ୟ,ସଭ୍ୟାଙ୍କ ପ୍ରସ୍ତାବିତ ପ୍ରକଳ୍ପକୁ ଅଗ୍ରାଧିକାର ଦିଆଯିବା ସହ ଅନୁମୋଦନ ହେଉଥିବା ପ୍ରକଳ୍ପକୁ ପରିବର୍ତ୍ତନ କରାଇ ଆସନ୍ତା ୭ଦିନ ମଧ୍ୟରେ ଜିଲ୍ଲା ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବାକୁ ଦାବି କରାଯାଇଛି। ନଚେତ ଆସନ୍ତା ୨୩ତାରିଖରେ ରେମୁଣା ବ୍ଲକରେ ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ରେମୁଣା ପଞ୍ଚାୟତ ସମିତି ଅଧକ୍ଷ ରାଜେନ୍ଦ୍ର ରାଉତ, କୁରୁଡା ସରପଞ୍ଚ ତାପସ କୁମାର ପାଣିଗ୍ରାହୀଙ୍କ ସମେତ ମୋନାଲିସା ସାହୁ, ମଙ୍ଗଳପୁର ପିଏସ ମେମ୍ବର ଅନ୍ନପୂର୍ଣ୍ଣା ସାହୁ, ପିଏସ ମେମ୍ବର ହରିମୋହନ ମାଝୀ, ସେରଗଡ ସରପଞ୍ଚ ଦୟାନିଧି ମହାପାତ୍ର, ସସ୍ମିତା ମହାପାତ୍ରଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

**ସୁଧାର ଆଣିବା ନେଇ ବିଡିଓଙ୍କୁ ଦାବିପତ୍ର**

# ଲୁଟ୍ ଉଦ୍ୟମବେଳେ ଅଭିଯୁକ୍ତକୁ ମାଡ଼ି ବସିଲା ପୁଲିସ

ସୋର, ୧୭।୧୨(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟରେ ଲୁଟ ଉଦ୍ୟମ କରୁଥିବା ବେଳେ ଜଣେ ଲୁଟେରାକୁ ସୋର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ବିଳମ୍ବିତ ରାତିରେ ଏହି ସ୍ଥାନରେ ବାସୁଦେବପୁର ଥାନା ନେଉଣ୍ଡିଆସାହି ଗ୍ରାମର ଯୁଧିଷ୍ଠିର ସେଠୀ (୨୪) ଜାତୀୟ ରାଜପଥରେ ଲୁଟ ଉଦ୍ୟମ କରୁଥିବା ଖବର ପାଇ ସୋର ପୁଲିସ ଚଢ଼ଉ କରିଥିଲା। ଫଳରେ ଯୁଧିଷ୍ଠିର ସେଠାରୁ ଖସି ପଳାଇ ଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ତାକୁ ଏକ ତେଲେଙ୍ଗା କଟୁରୀ ସହିତ କାବୁ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପୁଲିସ ତାକୁ ଥାନାକୁ ଆଣି ପଚରା ଉଚରା କରିବା ପରେ ସେ ଲୁଟ



ଉଦ୍ୟମ କରୁଥିବା ସ୍ୱୀକାର କରିଥିଲା। ଫଳରେ ପୁଲିସ ଏକ ମାମଲା ରୁଜୁ କରି ଆଜି ସକାଳେ ତାକୁ ଗିରଫ କରିଥିଲା। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରିଛି। ତେବେ ପୁଲିସ ପୂର୍ବରୁ ସବିରା ବଜାରରେ ହୋଇଥିବା ଏଟିଏମ ଲୁଟ ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ସୂଚନା ଦେଇଛି।

## ସ୍ନୋଫେଷ୍ଟର ୮ମ ସଂସ୍କରଣ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୧୭।୧୨(ସମିସ): ସାଂସ୍କୃତିକ ସଂଗଠନ ସ୍ନୋଫେଷ୍ଟର ଅଷ୍ଟମ ସଂସ୍କରଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ୟାସ କବିଙ୍କ ମାଟିରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତି କମି ଥିବା ଆଗ୍ରହକୁ ଲକ୍ଷ୍ୟ କରି ଏବଂ ଡିଜିଟାଲ ଯୁଗରେ ଯୁବଗୋଷ୍ଠୀ ମାନଙ୍କୁ ପୁସ୍ତକ ପ୍ରତି ଆକର୍ଷିତ କରିବାକୁ ପ୍ରଥମ ଥର ପାଇଁ ପୁସ୍ତକ ମେଳା ଅୟୋଜନ କରିବ ବୋଲି ସ୍ନୋଫେଷ୍ଟ କମିଟି ନିଷ୍ପତ୍ତି ନେଇଛି। ଖାଲି ସେତିକି ନୁହଁ ଛାତ୍ର ଛାତ୍ରୀ ମାନଙ୍କର ମନରେ ବୈଜ୍ଞାନିକ ମନୋବୃତ୍ତି ଜାଗ୍ରତ କରିବାକୁ ଏବଂ ଲୁକ୍କାୟିତ ପ୍ରତିଭାକୁ ଆବିଷ୍କାର କରିବାକୁ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ମଧ୍ୟ ପ୍ରତିଯୋଗିତାରେ ସାମିଲ କରିବାକୁ ଅନୁଷ୍ଠାନ କର୍ମୀ ଜଣାଇଛନ୍ତି। ଏହି ବର୍ଷ ସ୍ନୋଫେଷ୍ଟ୍ ୬ ଦିନ ଧରି ପାଳନ କରାଯିବ ବୋଲି ସ୍ନୋ ଫେଷ୍ଟ କର୍ମ କର୍ତ୍ତା ପ୍ରକାଶ କରିଛନ୍ତି । ଉଦଘାଟନୀ ଉତ୍ସବରେ "ମାଟି ବଞ୍ଚାଅ" ଅଭିଯାନ ପାଇଁ ଏକ ମିନି ମାରାଥନ ର ଆୟୋଜନ ମଧ୍ୟ କରାଯିବ। ଓଡ଼ିଆ ପର୍ବପର୍ବାଣି ସହ ଅଙ୍ଗାଅଙ୍ଗି ଭାବେ ଜଡ଼ିତ ଆମ ପିଠାପଣାକୁ ସଜାଗ ଓ ଲୋକ ଲୋଚନକୁ ଆଣିବା ପାଇଁ ଏଥର ମଧ୍ୟ "ଉତ୍କଳୀୟ ପିଠା ର ପସରା' ନାମକ ପ୍ରତିଯୋଗିତା ରେ ଗ୍ରୁପ ପିଠା ପ୍ରତିଯୋଗିତା କରାଯିବ ବୋଲି ସାଧାରଣ ସମ୍ପାଦକ ଶୁଭମ୍ ସାଇ ମହାପତ୍ର ଜଣାଇଛନ୍ତି। ପୂର୍ବ ବର୍ଷ ଭଳି ଏ ବର୍ଷ ମଧ୍ୟ ଲାଇଭ ରନ୍ଧା ଖାଦ୍ୟ ପ୍ରତିଯୋଗିତା କରାଯିବ ଯେଉଁଥିରେ ପୁରୁଷ ଏବଂ ମହିଳା ଉଭୟ ଭାଗ ନେଇ ପାରିବେ। ସ୍ନୋଫେଷ୍ଟର ସମସ୍ତ ପ୍ରତିଯୋଗିତା ନିଶୁଳ୍କ ରହିଛି ଏବଂ ପ୍ରତିଯୋଗିତାରେ ଜିତିବା ସମସ୍ତ ପ୍ରତିଯୋଗୀ ଙ୍କୁ ୫୦ ହଜାର ରୁ ଅଧିକ ଟଙ୍କା ମୂଲ୍ୟର ଉପହାର ପ୍ରଦାନ କରାଯିବ। ସୁନ୍ଦର ମୂର୍ତ୍ତିକଳା ତଥା ଶିଳ୍ପୀତ୍ୱକୁ ସମ୍ମାନ ଏବଂ ପ୍ରୋତ୍ସାହନ ଦେବା ପାଇଁ ଗତ ଗଣେଶ ପୂଜା ରେ ହୋଇଥିବା ୫ "ଶ୍ରେଷ୍ଠ ପ୍ରତିମା' ପାଇଁ କ୍ଲବ୍‌ମାନଙ୍କୁ ସମ୍ମାନିତ ମଧ୍ୟ କରାଯିବ ବୋଲି କୁହାଯାଇଛି।

# ୨୨ରୁ ଜିଲ୍ଲା ସ୍ୱଦେଶୀ ମେଳା ଓ ଜାତୀୟ ପଲ୍ଲିଶ୍ରୀ ମେଳା

ବାଲେଶ୍ୱର,୧୭।୧୨(ସମିସ)

ଓରମାସ୍ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ୱଦେଶୀ ମେଳା ଏବଂ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଆସନ୍ତା ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ରିଜର୍ଭ ପୁଲିସ ପଡ଼ିଆରେ ଆୟୋଜିତ ହେବ। ପ୍ରାୟ ୨୦୦ଟି ଗ୍ରାମୀଣ ଉତ୍ପାଦକ/କଳାକାର/ସ୍ୱୟଂସାହାୟକ ଗୋଷ୍ଠୀ/ଉତ୍ପାଦକ ଗୋଷ୍ଠୀ ସେମାନଙ୍କ ଉତ୍ପାଦ ସାର୍ବଜନୀନ ପ୍ରଦର୍ଶନୀ ମାଧ୍ୟମରେ ବଜାରକରଣ କରିବେ। ଏହି ମେଳାରେ ସମୁଦାୟ ୩୫୦ ଟି ଷ୍ଟଲ ରହିବ। ଏଥିମଧ୍ୟରୁ ୪୦ଟି ଖାଦ୍ୟ ଷ୍ଟଲ ରହିବ୍। ଏହି ମେଳାରୁ ଅନ୍ୟୁନ ୬ କୋଟି ଟଙ୍କାରୁ ଅଧିକ ବିକ୍ରୟ ଲକ୍ଷ୍ୟ ରଖାଯାଇଛି। ବିଶେଷକରି ଚଳିତ ବର୍ଷ ନୂଆ ଭାବେ ପୁସ୍ତକ ପ୍ରେମୀଙ୍କ ପାଇଁ ଇନୋଭେଟିଭ ବୁକ୍ କାଫେ ଖୋଲିବ। ଏଥିଲାଗି ପଞ୍ଜୀକୃତ ପ୍ରକାଶନ ସଂସ୍ଥା ମଧ୍ୟ ଆବେଦନ କରିପାରିବେ ବୋଲି



ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସୂଚନା ଦେଇଛନ୍ତି।

ସରକାରଙ୍କ ନିର୍ଦ୍ଦେଶାନୁସାରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା- କୋଶମ୍ବ ୨୫ ସହ ସମନ୍ୱୟରେ ଜିଲ୍ଲା ସ୍ୱଦେଶୀ ମେଳା ଆୟୋଜିତ ହେବ। ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା- କୋଶମ୍ବ ୨୫ ସହ ଜିଲ୍ଲା ସ୍ୱଦେଶୀ ମେଳା ଆୟୋଜନର ଉଦ୍ଦେଶ୍ୟ ଦେଶୀ ଓ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀଙ୍କୁ ପ୍ରୋତ୍ସାହନ ଦେବା, ଏସ୍‌ଏଚଜି, କଳାକାର ଓ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ବଜାରକରଣ ପାଇଁ ଏକ ମଞ୍ଚ ପ୍ରଦାନ କରିବ୍। 'ଭୋକାଲ୍ ଫର୍ ଲୋକାଲ୍' ଭାବନାକୁ ଉତ୍ସାହିତ କରିବା, ଜୀବିକା ସୁଯୋଗ ବୃଦ୍ଧି କରିବା ଏବଂ ବିଶାଳ ଜାତୀୟ ସ୍ତରୀୟ ପ୍ରଦର୍ଶନୀ ମାଧ୍ୟମରେ ସ୍ୱଦେଶୀ ଓ ପଲ୍ଲିଶ୍ରୀ ଉତ୍ପାଦ ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏଥିରେ ରାଜ୍ୟ ବାହାରରୁ ମଧ୍ୟ ଷ୍ଟଲ୍ ପଡିବ। ହସ୍ତତନ୍ତ, ହସ୍ତଶିଳ୍ପ ଓ ପ୍ରସ୍ତୁତ ଖାଦ୍ୟ ସହ ପ୍ରାୟ ୨୫୦ଟି ଷ୍ଟଲ (ପ୍ରସ୍ତାବିତ), ୪୦ଟି ଖାଦ୍ୟ ଷ୍ଟଲ ଯଥା ପାରମ୍ପରିକ ଓଡ଼ିଆ, ଚାଇନିଜ, କଣ୍ଟିନେଣ୍ଟାଲ, ବାରିପଦା ମଟନ ମୁଢ଼ି, ରାଜସ୍ଥାନୀ ଓ ପଞ୍ଜାବୀ ଖାଦ୍ୟ, ଫାର୍ମ ମେକାନାଇଜେସନ ମେଳା ପାଇଁ ୪୫ଟି ଷ୍ଟଲ, ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଓଡ଼ିଶୀ, ସମ୍ବଲପୁରୀ, ଶାସ୍ତ୍ରୀୟ ନୃତ୍ୟ, ଓଡ଼ିଶାର ପ୍ରସିଦ୍ଧ କଳାକାର, ବଲିଉଡ୍ ଗାୟକ ଓ ବାଲେଶ୍ୱର ଜିଲ୍ଲାର ସ୍ଥାନୀୟ କଳାକାର, ସବାଇ, ଲାଖ, ଜୁଟ, ଆପ୍ଲିକ୍, ଟସର ରେଶମ, ପଥର ଆଦି ବାଲେଶ୍ୱର ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନ, ବିଭିନ୍ନ ସରକାରୀ ବିଭାଗଙ୍କ ଆଇଇସି ଷ୍ଟଲ ଓ ଯୋଜନା ପ୍ରଚାର, ଶିଶୁମାନଙ୍କ ପାଇଁ ଡେଡିକେଟେଡ୍ କିଡସ୍ ଜୋନ ଓ ରିଙ୍ଗିଂ ଜୋନ, କୋଶମ୍ବ ସେଲଫି ଜୋନ୍, "ବାଲେଶ୍ୱର ଗତକାଲି, ଆଜି ଓ ଆଗାମୀ" ଫଟୋ ଗ୍ୟାଲେରୀ ସହ ପୁସ୍ତକ ପ୍ରେମୀମାନଙ୍କ ପାଇଁ ଇନୋଭେଟିଭ ବୁକ୍ କାଫେ ରହିବ। ବିହାରର ଟସର ରେଶମ, ଆସାମର କେନ୍ ଓ ବାଉଁଶ ଶିଳ୍ପ, ଜମ୍ମୁ ଓ କଶ୍ମୀରୀ ଶଲ୍, ପଶ୍ଚିମବଙ୍ଗର ଜୁଟ ଉତ୍ପାଦ ଓ ଡ୍ରାଏ ଫ୍ଲାୱାର, ପଶ୍ଚିମବଙ୍ଗ ହସ୍ତତନ୍ତ, କର୍ଣ୍ଣାଟକର ଅଗରବତୀ ଓ ସୁଗନ୍ଧ, ଓଡ଼ିଶାର ଟେରାକୋଟା, ଜନଜାତି ଗହଣା, ଡୋକରା କାଷ୍ଟିଂ, କପାସ ହସ୍ତତନ୍ତ, କେନ୍ଦୁଝରୀ ଫୁଲ ବଡି, ଶୁଖିଲା ମାଛ, ମସଲା ଓ ନନ୍ ବାଉଁଶ ଜଙ୍ଗଲ ଦ୍ରବ୍ୟରୁ ଉତ୍ପାଦ ଏବଂ ବାଲେଶ୍ୱର ସବାଇ ଶିଳ୍ପ, ଲାଖ କାରିଗରୀ, ଜୁଟ କାମ ଆଦି ବିଶେଷ ଉତ୍ପାଦ ପ୍ରଦର୍ଶିତ ହେବ ବୋଲି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଦୁଇ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ ଓ ସୁଧାକର ନାୟକ, ଉପ ଜିଲ୍ଲାପାଳ ଶିବ କୁମାର ମାଲବ୍ୟ, ଓରମାସ୍ ଡେପୁଟି ସିଇଓ ଶାନ୍ତନୁ ବାନାର୍ଜୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ୍ ପ୍ରମୁଖ ଉପସ୍ଥିତ ଥିଲେ।